# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଏପ୍ରିଲ ୨୯/୨୦୧୯ (୧୬ ପୃଷ୍ଠା) Sambalpur, Monday, April 29/ 2019 ★★

୧୫୪ଶ ଭାଗ ୧୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-












ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ରାତିରେ ଆୟୋଜିତ ଆଇନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଓଡ଼ିଶା ପୋଷ୍ଟ ଓ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। | ସମ୍ବର୍ଦ୍ଧିତ ହୋଇଥିବା ଅନ୍ୟମାନେ ହେଲେ ଆଇନଜୀବୀ କମଳ ପ୍ରସାଦ ମିଶ୍ର, ଭାଗବତ ପ୍ରସାଦ ନନ୍ଦ ଓ କପିଳେଶ୍ୱର ନାଏକ।

■ସମ୍ବଲପୁରରେ ଆଇନ ଦିବସ

# ଓକିଲଙ୍କ ମନରେ ରହିଛି ବ୍ୟବସ୍ଥା ବିରୋଧୀ ଭାବନା

**ସମ୍ବଲପୁର,୨୮।୪(ବ୍ୟୁରୋ)**

ଓକିଲମାନଙ୍କ ମନରେ ବ୍ୟବସ୍ଥା ବିରୋଧୀ ଭାବନା ରହିଛି। ଗରିବ, ନିରୀହ, ଖଟିଖିଆ ଲୋକଙ୍କ ପାଇଁ ଆଇନଜୀବୀମାନେ ଲଢେଇ କରନ୍ତି । ଜମିବାଡି, ଆଇନଗତ ସମସ୍ୟା ତଥା ବ୍ୟବସ୍ଥାରେ ପେଷି ହୋଇଥିବା ବ୍ୟକ୍ତିଙ୍କ ପାଇଁ ସେମାନେ କାମ କରନ୍ତି । ମନରେ ଭୟ ନ ଥିଲେ ସମ୍ମାନ ଆସେ ନାହିଁ। ଏଭଳି କାମ କରୁଥିବା ଯୋଗୁ ଦେଶ ଓ ଦେଶ ବାହାରେ ଆଇନଜୀବୀମାନଙ୍କୁ ସମ୍ମାନ ମିଳିଥାଏ । ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଆୟୋଜିତ ଆଇନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି।

ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତପଥୀ ପ୍ରଥମେ ମାଁ ସମଲେଶ୍ୱରୀଙ୍କ ପାଖରେ ସମ୍ବଲପୁରବାସୀଙ୍କ ମଙ୍ଗଳ କାମନା କରି ବକ୍ତବ୍ୟ ଆରମ୍ଭ କରିଥିଲେ । ସେ କହିଥିଲେ, ଏବେ କେହି ନିଜସ୍ୱ ନିଷ୍ପତ୍ତି ନେଇ ପାରୁ ନାହାନ୍ତି । ସମସ୍ତେ ଜାତୀୟ ସ୍ରୋତରେ ଭାସି ଯାଉଛନ୍ତି । ପଲିସି କମ୍, ପ୍ରୋଗ୍ରାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ପୂର୍ବରୁ ହଜାର ବର୍ଷ ହେଲା ରାଜା, ମହାରାଜା ତଥା ଇଂରେଜମାନେ ଶାସନ କରି ଆସିଛନ୍ତି। ସାଧାରଣ ଲୋକଙ୍କ ଦକ୍ଷତା ଥିଲେ ମଧ୍ୟ ସେମାନେ ନିର୍ଭରଶୀଳ ହୋଇ ରହି ଆସିଛନ୍ତି । ଏବେ ଦକ୍ଷତାକୁ ସଦ୍ ଉପଯୋଗ କରିବାର ଆବଶ୍ୟକ ତା ରହିଛି। ସମାଜରେ ସେବା କରିବାକୁ ହେଲେ କେବଳ ରାଜନୀତି ଏକମାତ୍ର ମାଧ୍ୟମ ନୁହେଁ। ଅନ୍ୟ ଦିଗରେ ମଧ୍ୟ ସେବା କରି ହେବ । ସତପଥୀ କହିଥିଲେ, ବ୍ୟକ୍ତିଗତ ଜୀବନରେ ସେ ଅନେକ ଶିଳ୍ପପତି, ବ୍ୟବସାୟୀ, ରାଜନେତାଙ୍କୁ ଅତି ନିକଟରୁ ଦେଖିଛନ୍ତି। ତେଣୁ ଏବେ ସେହି ସ୍ରୋତରୁ ଦୂରେଇ ଆସିଛନ୍ତି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ଉଦାହରଣ ଦେଇ କହିଥିଲେ ଯେ, ଜଣେ ମହିଳାଙ୍କ ଅଭିଯୋଗ ଉପରେ ତଦନ୍ତରେ ଶିଥିଳତା ଦେଖାଦେଇଛି । ଅନ୍ୟପକ୍ଷେ ଗୋଟିଏ ଫୋନ୍ କଲ୍‌ରେ ଦେଢ କୋଟି ଟଙ୍କା ଦେଇ ମିଥ୍ୟା ଅଭିଯୋଗ ହୋଇଥିବା ମାମଲାର ମଧ୍ୟ ତଦନ୍ତ କରାଯାଉଛି । ଅସଲ ଅଭିଯୋଗକୁ ଭୁଲି ଦିଆଯାଉଛି। ଭାରତ ବାହାରେ ଏମିତି ଅଭିଯୋଗ ଉପରେ ପୀଡିତା ମହିଳାଙ୍କ ସପକ୍ଷରେ ନ୍ୟାୟ ହୋଇ ତଦନ୍ତ ହୋଇଥିବା ଦୃଷ୍ଟାନ୍ତ ରହିଛି । ଏହି ଘଟଣାରେ କୌଣସି ଗଣମାଧ୍ୟମ ଗୁରୁତ୍ୱ ଦେଉନାହିଁ ବୋଲି ସତପଥୀ କହିଥିଲେ ।

ସଂଘର ସଭାପତି ପ୍ରଧାନ କହିଥିଲେ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଆସୁଛି । ଏଥିରେ ଜନସାଧାରଣଙ୍କ ସମର୍ଥନ ରହିଥିବା ସେ କହିଥିଲେ। ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ଉପସଭାପତି ସୁରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ଭାଗବତ ପ୍ରସାଦ ନନ୍ଦ, କପିଳେଶ୍ୱର ନାଏକ, କମଳ ପ୍ରସାଦ ମିଶ୍ରଙ୍କୁ ମୁଖ୍ୟ ଅତିଥି ସତପଥୀ ସମ୍ମାନିତ କରିଥିଲେ। ସେହିଭଳି ସଂଘ ପକ୍ଷରୁ ମୁଖ୍ୟଅତିଥି ସତପଥୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବନ୍ଦିତାରାଣୀ ମିଶ୍ର ସଭା ସଂଯୋଜନା କରିଥିଲା ବେଳେ ସୁଶ୍ରିତା ପାଣିଗ୍ରାହୀ ସଙ୍ଗୀତ ପରିବେଷଣ କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି, ଆଇନଜୀବୀ ଓ ବୁଦ୍ଧିଜୀବୀ।


ସୁଶ୍ରିତା ପାଣିଗ୍ରାହୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବାଣଫୁଟି ଜଳିଗଲା ୩ ବଖରା

■ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଧ୍ୱଂସ


ବାଣ ନିଆଁରେ ଘର ଜଳିଯାଇଛି।

**ବାହାନଗା, ୨୮।୪(ଡି.ଏନ.ଏ.)**

ଖନ୍ତାପଡ଼ା ଥାନା ରେମୁଣା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତର ମହାଳିକ ସାହିର ଜଣେ ବ୍ୟକ୍ତିଙ୍କ ଘର ଉପରେ ବିବାହ ଶୋଭାଯାତ୍ରା ବେଳେ ବାଣ ଫୁଟି ନିଆଁ ପଡ଼ିଯିବାରୁ ୩ ବଖରା ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଧ୍ୱଂସ ହୋଇଯାଇଛି ।

ରବିବାର ମଧ୍ୟାହ୍ନରେ ସୋର ବ୍ଲକ ଗୋଡ଼ ଅଞ୍ଚଳରୁ ଏକ ବରଯାତ୍ରୀ ଦଳ ସେହି ଗ୍ରାମର ଗୋପୀନାଥ ମହାଳିକଙ୍କ ଝିଅକୁ ବିବାହ କରିବାକୁ ଆସିଥିଲେ। ବରଯାତ୍ରୀ ଦଳ ଗ୍ରାମର ଏକ ପଡ଼ିଆରେ ବାଣ ଫୁଟାଉଥିବା ବେଳେ ବାଣର ନିଆଁ ଗ୍ରାମର ଦେବେନ୍ଦ୍ର ପାତ୍ରଙ୍କ ଚାଳ ଛପର ଉପରେ ଉଡି ପଡ଼ିଯାଇଥିଲା। ଫଳରେ ଦେବେନ୍ଦ୍ରଙ୍କ ୩ ବଖରା ଘର ବାଣ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଘର ଭିତରେ ଥିବା ସମସ୍ତ ଚାଉଳ, ଧାନ, ଆସବାବପତ୍ର, ଲୁଗାପଟା ଆଦି ପୋଡ଼ିଯାଇଛି। ଯାହାର ଆନୁମାନିକ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ବାଲେଶ୍ୱରରୁ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଠିକାଦାରଙ୍କୁ ହତ୍ୟାକଲେ ମାଓବାଦୀ

**ଫୁଲବାଣୀ ଅଫିସ/ ଫିରିଙ୍ଗିଆ, ୨୮।୪ (ଡି.ଏନ୍.ଏ.)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତରେ ପୁଣି ମାଓବାଦୀ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି। ଶନିବାର ରାତିରେ କିଲରପଙ୍ଗାଠାରେ ଜଣେ ଯୁବ ଠିକାଦାରଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରାଯାଇଛି। ସେ ହେଲେ ଡମାଙ୍ଗପଦରର କୈଳାସ ଦିଗାଲ। ହତ୍ୟାକାଣ୍ଡ ସ୍ଥାନରେ ମାଓବାଦୀମାନେ ଏକ ପୋଷ୍ଟର ଛାଡି ଯାଇଛନ୍ତି। ଏଥିରେ ଜେଲ୍ ଗଲେ ବେଲ୍ ମିଳିବ, ଚାଲାକି କଲେ ଗୁଳି ମିଳିବ ବୋଲି ଲେଖାଯାଇଛି। ସେହିପରି ବିଗତ ଦିନରେ

**ଆତ୍ମସମର୍ପିତ ମାଓବାଦୀଙ୍କୁ ନେଇ ଏସ୍‌ପିଙ୍କ ବୟାନ ମିଛ**

ଆତ୍ମସମର୍ପଣ କରିଥିବା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଜାର୍ଗିସରୁ ଗ୍ରାମର ସିଜୁ କହଁର ଓରଫ ରିପୁ/ପିଙ୍କି ଏବଂ ଗୋଚ୍ଛାପଡା ଥାନା ପାହିରାଜୁ ପଞ୍ଚାୟତ ବରହଳା ଗ୍ରାମର ଭରତ କହଁର ଓରଫ ରାକେଶଙ୍କୁ ନେଇ କନ୍ଧମାଳ ଏସ୍‌ପି ଦେଇଥିବା ବୟାନ ମିଛ ବୋଲି ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। କିଲରପଙ୍ଗା ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସେଠାରେ ପୋଲିସ ପହଞ୍ଚି ପାରିନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ଆଣି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ୧୦ରୁ ୧୫ ଜଣ ମାଓବାଦୀ ଏହି ଘଟଣାରେ ସାମିଲ ଥିବା ମୃତ କୈଳାସଙ୍କ ସାନ ଭାଇ କାଶୀନାଥ ଫିରିଙ୍ଗିଆ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୈଳାସ ଶନିବାର ଛେଳି ଚରାଇବାକୁ ଯାଇଥିଲେ। ସେଠାରୁ ତାଙ୍କୁ ମାଓବାଦୀମାନେ ଡାକି ନେଇ ଗୁଳିକରି ହତ୍ୟା କରିଥିଲେ। ରବିବାର ପୋଲିସ ଖବର ପାଇବା ପରେ ମୃତଦେହ ଆଣିବାକୁ ଏକ ଆମ୍ବୁଲାନ୍ସ ପଠାଇଥିଲା। ହେଲେ ଆମ୍ବୁଲାନ୍ସ ସାଡିଙ୍ଗିଆ ଯାଇ ନ ପାରି ଘଟଣାସ୍ଥଳଠାରୁ ୧୫କିମି ପୂର୍ବରୁ ଅଟକି ରହିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଅଟୋରେ ଘଟଣାସ୍ଥଳରୁ ମୃତଦେହ ଆଣିବାରେ ସକ୍ଷମ ହୋଇଥିଲା। ଏ ନେଇ ଥାନାରେ ନଂ.୩୯/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଚଳିତ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ମାଓବାଦୀମାନେ ଗତ ୧୭ ତାରିଖରେ ସୁମରବନ୍ଧ ପଞ୍ଚାୟତ ମିଣ୍ଡୁନୁପଦରଠାରେ ପୋଲିଂ ପାର୍ଟି ଗାଡି ଅଟକାଇ ପୋଡି ଦେଇଥିଲେ। ସେହିପରି ବାରାହାଲାଠାରେ ପୋଲିଂ ଚେକିଂ ପାର୍ଟି ଯାଉଥିବା ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ମାଓବାଦୀ ଗୁଳି ଚଳାଇବାରୁ ଜିଆରଏସ ତଥା ମେସେଞ୍ଜର ସଂଯୁକ୍ତା ଦିଗାଲଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ଝାରସୁଗୁଡ଼ା ବିମାନବନ୍ଦର

# ମାସକରେ ଯାତାୟାତ କରିଛନ୍ତି ୯୮୫୦ ଯାତ୍ରୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ।

**ଝାରସୁଗୁଡ଼ା ଅଫିସ/ ଲଖନପୁର, ୨୮।୪ (ଡି.ଏନ୍.ଏ.)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଗତ ୩୧ ତାରିଖରେ ସ୍ପାଇସ୍‌ଜେଟ୍ ବିମାନ ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ବ୍ୟବସାୟିକ ଉଡ଼ାଣ ଆରମ୍ଭ କରିଥିଲା। ଉଡ଼ାଣକୁ ଏକମାସ ପୂରିବାକୁ ଯାଉଥିବାବେଳେ ଏହାର ବ୍ୟବସାୟିକ ସଫଳତାକୁ ନେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନଙ୍କ ଅଧ୍ୟକ୍ଷତାରେ ରବିବାର ବିମାନବନ୍ଦର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ ଏଜିଏମ୍ ଉଦେକ୍ତା ତିଓାରୀ, ଡିଜିଏମ୍ ପି. କରୁଣାକରନ ପ୍ରମୁଖ ଉପସ୍ଥିତ ଥିଲେ। ବିମାନ ଚଳାଚଳକୁ ନେଇ ବିମାନବନ୍ଦର କର୍ତ୍ତୃପକ୍ଷ ସନ୍ତୁଷ୍ଟ ଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମାସକ ମଧ୍ୟରେ ଯାତାୟାତ କରିଥିବା ବିମାନ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୯୮୫୦। ଏହି ହାରରେ ପ୍ରତିଦିନ ଯାତାୟାତ କରୁଥିବା ଯାତ୍ରୀ ସଂଖ୍ୟା ୩୫୦ ରହିଛି। ଏହି ୩ ସହରକୁ ସ୍ପାଇଜ୍‌ଜେଟ୍ ବିମାନ ଚଳାଚଳ ଜାରି

**ଉଡ଼ିବ ଆଲାଏନ୍ସ ଏୟାର ବିମାନ**

ରହିଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଦ୍ୱିତୀୟ ଥର ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ଆଲାଏନ୍ସ ଏୟାର ବିମାନ ଚଳାଚଳ ପାଇଁ ସ୍ୱୀକୃତି ପାଇଛି। ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ କମ୍ପାନୀ ବିମାନ ଚଳାଚଳ ଆରମ୍ଭ କରିପାରି ନାହିଁ। ଆଚରଣବିଧି ଉଠିବା ପରେ କମ୍ପାନୀ ଖୁବ୍‌ଶୀଘ୍ର ବିମାନ ଚଳାଚଳ ଆରମ୍ଭ କରିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ରୁଟ୍ ପ୍ରସ୍ତୁତି ଚାଲିଥିବା ନିର୍ଦ୍ଦେଶକ ଚୌହାନ କହିଛନ୍ତି।

## ଆଜି କ'ଣ କେଉଁଠି

ବୀରମହାରାଜପୁର

- ବୀରମହାରାଜପୁର ଚମ୍ପାମାଳ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ୮୬ତମ ରାମଲୀଳା ମହୋତ୍ସବର ୧୫ତମ ଦିବସ(ତରଣୀସେନ ବଧ), ରଘୁନାଥ ନାଟ୍ୟ ମଣ୍ଡପ, ଚମ୍ପାମାଳ, ରାତି ୧୦ଟା।

ଉଲୁଣ୍ଡା

- କୋଟସମଲାଇ ରାମଲୀଳା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ରାମଲୀଳା ମଣ୍ଡପ, କୋଟସମଲାଇ, ରାତି ୮ଟା।

ବଲାଙ୍ଗୀର

- ଗାୟତ୍ରୀ ପରିବାର ପକ୍ଷରୁ କନ୍ୟା କୌଶଳ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଅଗ୍ରସେନ ଭବନ, ସକାଳ ୮ରୁ ୧୨ଟା।

ଖପ୍ରାଖୋଲ

- ଓଡିଆପାଲି ପଞ୍ଚାୟତ ବୁଢିବାହାଲ ଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଚବିଶ ପ୍ରହର ନାମଯଜ୍ଞ, ବୁଢିବାହାଲ, ସକାଳ ୭ଟା।

ନୂଆପଡା

- ଗୁରୁକୁଳ ଆଶ୍ରମ ଆମ ସେନାରେ ଯଜ୍ଞ, ଆମସେନା ଆଶ୍ରମ, ନୂଆପଡା, ପୂର୍ବାହ୍ନ ୯ଟା ।

ରାଉରକେଲା

- କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ ପକ୍ଷରୁ ଗ୍ରୀଷ୍ମକାଳୀନ ଫୁଟବଲ, କବାଡ଼ି କ୍ୟାମ୍ପ ଶୁଭାରମ୍ଭ, ବିର୍ସା ମୁଣ୍ଡା ଷ୍ଟାଡିୟମ, ଅପରାହ୍ନ ସାଢ଼େ ୪ଟା

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଏପ୍ରିଲ ୨୯/୨୦୧୯ Sambalpur, Monday, April 29/ 2019 ପୃଷ୍ଠା-୧



**ମାଧୁରୀଙ୍କ ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ**

ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ଫ୍ୟାନ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି।

୦୩

୧୩

**ହରପ୍ରୀତଙ୍କୁ ରୌପ୍ୟ**

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ହରପ୍ରୀତ ସିଂ ଗ୍ରୀକ୍-ରୋମାନ ୮୨କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି।






**ଆଜିର ସମ୍ପାଦକୀୟ**

କମ୍ପାନୀ ହାତରେ ଚାଷ

**ଆଜିର ମନ୍ତବ୍ୟ**

"ଭାଜପା ନେତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଚ୍ଚାରଣକୁ ନେଇ ନିର୍ବାଚନ କମିଶନ ନୀରବ ଦର୍ଶକ ସାଜିଛନ୍ତି।

-ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ୍‌ରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୭,୨୧୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି।

– ଷ୍ଟକ ବଜାର ଡିପୋଜିଟୋରୀ ଡାଟା

# ୨୩% ପ୍ରାର୍ଥୀଙ୍କ ନାଁରେ ସଙ୍ଗିନ ମାମଲା

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଏଥର ଓଡ଼ିଶାର ବିଧାନସଭା ନିର୍ବାଚନରେ ଆପରାଧିକ ମାମଲା ଥିବା ବହୁସଂଖ୍ୟକ ବ୍ୟକ୍ତିଙ୍କୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ୍ ୩୩୨ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ୨୩ ପ୍ରତିଶତ ଅର୍ଥାତ୍ ୨୫୭ଜଣଙ୍କ ନାମରେ ବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ଉପରେ ହିଂସା ଭଳି ସଙ୍ଗିନ ଆପରାଧିକ ମାମଲା ରହିଛି। ୨୦୦୯ ବିଧାନସଭା ନିର୍ବାଚନରେ ୧୨୬୧ ପ୍ରାର୍ଥୀଙ୍କ ମଧ୍ୟରୁ ୨୯୨(୨୩%)ଜଣ ଏବଂ ୨୦୧୪ ନିର୍ବାଚନରେ ୧୪୨୦ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୩(୨୩%)ଜଣଙ୍କ ☞ପୃଷ୍ଠା-୬

**ଏଡିଆର ରିପୋର୍ଟ**

- ଭାଜପାରେ ଆପରାଧିକ ମାମଲା ଥିବା ପ୍ରାର୍ଥୀ ଅଧିକ
- ବିଜେଡିରେ ସବୁଠୁ ଅଧିକ କୋଟିପତି
- ନବୀନଙ୍କଠାରୁ ବବି ଧନୀ




# ଆଜି ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

- ୬ ଲୋକ ସଭା, ୪୧ ବିଧାନସଭା ପାଇଁ ଭୋଟ
- ମତ ସାବ୍ୟସ୍ତ କରିବେ ୯୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର
- ୩୦୯୨ ବୁଥ୍ ସମ୍ବେଦନଶୀଳ
- ୭୨, ୩୬୩ ପୋଲିଂ କର୍ମଚାରୀ ନିୟୋଜିତ
- କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଗୁରୁତ୍ୱ

ରାଜ୍ୟରେ ସୋମବାର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ୮ ଜିଲାର ୬ ଲୋକ ସଭା ଏବଂ ୪୧ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଓଡ଼ିଶାର ପ୍ରାୟ ୯୫ ଲକ୍ଷ ୬୫୩ ଜଣ ଭୋଟର ମତଦାନ କରିବେ। ଏମାନଙ୍କ ମଧ୍ୟରେ ୪୯ ଲକ୍ଷ ୧୦୭୯ ପୁରୁଷ , ୪୫ ଲକ୍ଷ ୯୮ ହଜାର ୯୭୯ ମହିଳା ଏବଂ ୫୯୫ ଅନ୍ୟାନ୍ୟ ଭୋଟର ରହିଛନ୍ତି। କେବଳ କେନ୍ଦ୍ରାପଡ଼ା ଲୋକ ସଭା ଅନ୍ତର୍ଗତ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ☞ପୃଷ୍ଠା-୬

# ୪୬.୩ ଡିଗ୍ରୀରେ ରେକର୍ଡ ଭାଙ୍ଗିଲା ତାଳଚେର

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ୪୦ ଡିଗ୍ରୀ ଟପିଲା ୧୪ ଜିଲା
- ୫ ଜିଲାକୁ ହିଟ୍ ୱେଭ୍ ଜାରି



ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଉପକୂଳ ହେଉ କି ପଶ୍ଚିମ ଓଡ଼ିଶା, ସବୁଠି ତାତି ଅସହ୍ୟ ହେଉଛି। କ୍ରମାଗତ ଭାବେ ତାପମାତ୍ରା ବଢ଼ୁଛି। ରବିବାର ତାଳଚେରରେ ତାତି ରେକର୍ଡ ଭାଙ୍ଗିଛି। ଏଠାରେ ତାପମାତ୍ରା ୪୬.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ରବିବାର ରାଜ୍ୟର ୧୪ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଟିଟିଲାଗଡ଼ରେ ୪୪.୫, ଝାରସୁଗୁଡ଼ା ୪୩.୨, ଅନୁଗୋଳ ୪୩.୧, ସମ୍ବଲପୁର ଓ ବଲାଙ୍ଗୀର ୪୩, ଭବାନୀପାଟଣା ୪୨.୫, ହୀରାକୁଦ ୪୧.୯, ଫୁଲବାଣୀ ୪୧.୮, ସୋନପୁର ୪୧.୬, ମାଲକାନଗିରି ୪୧.୫, ସୁନ୍ଦରଗଡ଼ ୪୧, କେନ୍ଦୁଝର ୪୦.୬ ଓ ଚାନ୍ଦବାଲିରେ ୪୦.୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଭୁବନେଶ୍ୱରର ତାପମାତ୍ରା ୩୮.୮ ଡିଗ୍ରୀ ରହିଥିବା ବେଳେ କଟକର ୩୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆହୁରି ୩ଦିନ ଯାଏ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପୂର୍ବ, ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ମେ ୨ ଯାଏ ତାତିର ପ୍ରକୋପ ଅନୁଭୂତ ହେବ। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପରେ ପରେ ପାଗ ମେଘୁଆ ରହିବା ସହିତ ତାତି କମିବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଫନୀ' ଯୋଗୁ ରାଜ୍ୟରେ ଆର୍ଦ୍ରତା ବଢ଼ିଯାଇଛି। ଫଳରେ ତାତି ସହ ଗୁଳୁଗୁଳିରେ ଲୋକେ ସିଝୁଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ୫ ଜିଲାକୁ ହିଟ୍ ୱେଭ୍ ୟେଲୋ ୱାର୍ନିଂ ଦିଆଯାଇଛି। ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର ଓ ବରଗଡ଼ ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

# ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା ଆଜି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ମଇଦାନରେ ଅର୍ଥମନ୍ତ୍ରୀ, ପିସିସି ସଭାପତି
- ଦାମ ଭାଜପାରୁ, ପୁତ୍ର ସମ୍ବିତ ବିଜେଡିରୁ
- ବାଲେଶ୍ୱର ଲୋକ ସଭା ନେଇ ମଧ ଉତ୍କଣ୍ଠା
- ବୈଜୟନ୍ତ, ଅନୁଭବ, ଧରଣୀ ଚର୍ଚ୍ଚାରେ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଗ୍ରହଣ ହେବ। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ୪୧ ବିଧାନସଭା କ୍ଷେତ୍ର ନିମନ୍ତେ ଭୋଟ ଗ୍ରହଣ କରାଯିବ। ବରିଷ୍ଠ ବିଜେଡି ନେତା ବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ଯୋଗୁ ପାଟକୁରା ବିଧାନସଭା ଲାଗି ଭୋଟ ହେଉନାହିଁ।

ସମସ୍ତ ଆସନ ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ନେଇ ସାଧାରଣରେ ସର୍ବାଧିକ ଚର୍ଚ୍ଚା ରହିଛି। ଏହି ଆସନର ଫଳାଫଳ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ପୂର୍ବରୁ ବିଜେଡି ଟିକେଟରେ ଏହି ଆସନରୁ ବୈଜୟନ୍ତ ପଣ୍ଡା ବିଜୟୀ ହୋଇଥିଲେ। ଚଳିତଥର ସେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ପକ୍ଷରୁ ପୂର୍ବଭଳି ଆଇନଜୀବୀ ଧରଣୀଧର ନାୟକ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ତାହାର ସମସ୍ତ ବଳ ପ୍ରୟୋଗ କରି ଏହି ଆସନକୁ ହାତେଇବାକୁ ଚେଷ୍ଟା କରୁଛି। ଭାଜପା ମଧ୍ୟ ବିଜେଡିକୁ କଡ଼ା ଟକ୍କର ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କେନ୍ଦ୍ରାପଡ଼ାରେ ସଭା କରିଥିଲେ। ସେହି ସଭାରେ ମୋଦି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ସମାଲୋଚନା କରିଥିଲେ। ପୂର୍ବ ନିର୍ବାଚନଗୁଡ଼ିକରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଆସୁଥିଲା, ହେଲେ ଚଳିତଥର ମୁଖ୍ୟ ଲଢ଼େଇ ବିଜେଡି-ଭାଜପା ମଧ୍ୟରେ ହେବ ବୋଲି ଆଲୋଚନା ହେଉଛି। ରାଜ୍ୟ ରାଜନୀତିର ପ୍ରମୁଖ ଚେହେରା ବିଜୟ ମହାପାତ୍ର ମଧ୍ୟ ବୈଜୟନ୍ତଙ୍କ ପାଇଁ ପ୍ରଚାରକୁ ଜୋର୍ କରିଛନ୍ତି। ☞ପୃଷ୍ଠା-୬

ଏନ୍‌କାଉଣ୍ଟରରେ ମାଷ୍ଟରମାଇଣ୍ଡଙ୍କ ବାପା, ୨ ଭାଇ ନିହତ ........ ୨ ........

ସୁକତେଲ ଡ୍ୟାମ୍ ପରିଦର୍ଶନ କଲେ ବିଶେଷଜ୍ଞ ଦଳ ........ ୩ ........




NECC NATIONAL EGG CO-ORDINATION COMMITTEE 28.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 174 | 184 |
| CTC | 112 | 174 | 184 |
| DKL | 112 | 174 | 184 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 112 | 174 | 184 |

*Conditions Apply

Eggs Retail Price- 37/-Dozen
Issued in the Interest of Consumers

# ଗର୍ଭବତୀ ସ୍ତ୍ରୀଙ୍କ ଗଳାକାଟି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ସୋର, ୨୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ପାରମହଲା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ ଜଣେ ଯୁବକ ତାଙ୍କର ଗର୍ଭବତୀ ସ୍ତ୍ରୀଙ୍କ ଗଳାକୁ ଏକ ଧାରୁଆ ଛୁରିରେ କାଟିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାସ୍ଥଳରେ ଉକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପାରମହଲା ଗ୍ରାମରେ ସେକ ସାହାଜାନ (୩୦), ସ୍ତ୍ରୀ ବେବି ଖାତୁନ (୨୨) ଓ ତାଙ୍କ ମା' ନସବିନ ବିବି ରୁହନ୍ତି। ସାହାଜାନ ଓ ବେବି ଗୋଟିଏ ଘରେ ଶୋଇଥିବା ବେଳେ ମା' ନସବିନ ଅନ୍ୟ ଏକ ଘରେ ଶୋଇଥିଲେ। ହଠାତ୍ ଭୋର୍ ସମୟରେ ସ୍ୱାମୀ ସେକ ସ୍ତ୍ରୀଙ୍କ ବେକକୁ ଏକ ଧାରୁଆ ଛୁରିରେ କାଟି ଦେଇଥିଲେ। ସେ ଛଟପଟ ହେଉଥିବା ବେଳେ ପଡୋଶୀମାନେ ଦେଖି ସୋର ଥାନାକୁ ଜଣାଇଥିଲେ। ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ସାହାଜାନଙ୍କୁ କାବୁ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେ ଦୌଡ଼ି ପଳାଇଯାଇ ପୀରଙ୍କ ଆସ୍ଥାନ ମଧ୍ୟକୁ ପଶିଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କ ପିଛା କରିବାରୁ ସେ ଧାରୁଆ ଛୁରିରେ ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ମସ୍‌ଜିଦ ପରିସରରେ ଛୁରିରେ ନିଜ ବେକ ଓ ଦେହର ବିଭିନ୍ନ ସ୍ଥାନକୁ କାଟି ପକାଇଥିଲେ। ସୋର ଥାନା ଅଧିକାରୀ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସୋର ପୋଲିସ ସହାୟତାରେ ଶୋଇବା ଘରୁ ବେବିଙ୍କ ମୃତଦେହକୁ ଉଦ୍ଧାର କରିଛି। ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ସୋର ଥାନାରେ ମାମଲା (ନଂ. ୧୮୫/୨୦୧୯) ରୁଜୁ କରାଯାଇ ☞ପୃଷ୍ଠା-୬

# ଶକ୍ତିଶାଳୀ ହେଉଛି 'ଫନୀ'

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ୨ରୁ ଦକ୍ଷିଣ ଓଡ଼ିଶାରେ ବର୍ଷା
- ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳରେ ସୃଷ୍ଟ ବାତ୍ୟା 'ଫନୀ' ଧୀରେ ଧୀରେ ଶକ୍ତିଶାଳୀ ହେବାରେ ଲାଗିଛି। ୩୦ତାରିଖ ସୁଦ୍ଧା 'ଫନୀ' ଅତି ପ୍ରବଳ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଉପକୂଳରେ ଆସନ୍ତା ୨ରୁ ୩ତାରିଖ ଯାଏ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨ ଓ ୩ତାରିଖରେ ରାୟଗଡ଼ା, ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲାରେ ବର୍ଷା ହୋଇପାରେ। ସେହିଭଳି ୩ତାରିଖରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଛି। ତେଣୁ ସମୁଦ୍ରରେ ଆନ୍ଧ୍ର ଉପକୂଳ ଯାଏ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ଜାରି କରାଯାଇଛି। 'ଫନୀ'କୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ଚିଠି ଲେଖିଛନ୍ତି। ସ୍ଥିତି ଉପରେ ନଜର ରଖିବା ସହିତ ସତର୍କ ରହିବାକୁ ସେ କହିଛନ୍ତି। ଏଥିସହିତ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସହ ଯୋଗାଯୋଗ ବ୍ୟବସ୍ଥାକୁ ଯାଞ୍ଚ କରି ପ୍ରସ୍ତୁତ ରହିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ରବିବାର ଅପରାହ୍ନ ସାଢ଼େ ୨ଟା ସୁଦ୍ଧା 'ଫନୀ' ଚେନ୍ନାଇଠାରୁ ୧୦୮୦ କିଲୋମିଟର ଏବଂ ମଛିଲିପଟ୍ଟନମ୍ ଉପକୂଳରୁ ୧୨୬୫ କିଲୋମିଟର ଦୂରରେ ରହିଥିଲା। ଘଣ୍ଟାକୁ ଏହା ୩ କିଲୋମିଟର ବେଗରେ ଗତି କରୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ। ତା'ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଅତି ଭୟଙ୍କର ସାମୁଦ୍ରିକ ଝଡ଼(ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହେବ। ୩୦ତାରିଖ ପର୍ଯ୍ୟନ୍ତ 'ଫନୀ' ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ ଏବଂ ତା' ପରେ ଉତ୍ତର-ପୂର୍ବ ଆଡ଼କୁ ମୁହାଁଇବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧ ଓ ୨ତାରିଖରେ ଘଣ୍ଟା ପ୍ରତି ୧୪୫ରୁ ୧୫୫ କିଲୋମିଟର ବେଗରେ ପବନ ବହିପାରେ। ତେବେ ଓଡ଼ିଶାରେ ଏହାର ବିଶେଷ ପ୍ରଭାବ ରହିବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।




**ଆଇଏନ୍‌ସିଓଆଇଏସ୍‌ର ପୂର୍ବାନୁମାନ**

## ଛତ୍ରପୁର ନିକଟରେ ସ୍ଥଳଭାଗ ଛୁଇଁବ

'ଫନୀ' ଆସନ୍ତା ୧ତାରିଖରେ ଓଡ଼ିଶା ଆଡ଼କୁ ମୁହାଁଇବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହୁଥିବା ବେଳେ ଇଣ୍ଡିଆନ୍ ନ୍ୟାଶନାଲ ସେଣ୍ଟର ଅଫ୍ ଓସେନ୍ ଇନ୍‌ଫର୍‌ମେଶନ ସର୍ଭିସେସ୍(ଆଇଏନ୍‌ସିଓଆଇଏସ୍) ଆଉ ଏକ ତଥ୍ୟ ଦେଇଛି। ୩ତାରିଖ ସନ୍ଧ୍ୟାରେ ଏହା କଳିଙ୍ଗପାଟଣାମ୍ ଓ ପୁରୀ ମଧ୍ୟରେ ଛୁଇଁବ। ବିଶେଷକରି ଓଡ଼ିଶାର ଛତ୍ରପୁର ନିକଟରେ 'ଫନୀ' ସ୍ଥଳଭାଗ ଛୁଇଁବ ବୋଲି ଆଇଏନ୍‌ସିଓଆଇଏସ୍ ପୂର୍ବାନୁମାନ କରିଛି। ସେପଟେ ୩ତାରିଖ ଦିନ ଘଣ୍ଟା ପ୍ରତି ୧୩୦ରୁ ୧୪୦ ☞ପୃଷ୍ଠା-୬



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ..................................
ଜନ୍ମ ତାରିଖ: ............................


ସୋନାଲି ପରିବାରବର୍ଗ


ସୁପ୍ରିୟା ପରିବାରବର୍ଗ


ପମୋଦ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଂଶୁଘାତରେ ଜୀବନ ଗଲା

ତାଳଚେର,୨୮।୪(ନି.ପ୍ର.)

ତାଳଚେର ବ୍ଲକ ଜନ୍ଦାବାହାଳ ଗ୍ରାମର ସୁଭଦ୍ରା ଭୁକ୍ତା (୩୫)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ଅପରାହ୍ନରେ ବାହାରକୁ ଯାଇଥିବା ବେଳେ ବେହୋସ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଂଶୁଘାତ ଯୋଗୁ ସୁଭଦ୍ରାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି।

## ସଂକ୍ଷେପରେ

### ୧୨୭ନମ୍ବର ବୁଥ୍‌ରେ ପୁନଃ ଭୋଟିଂ ନେଇ ପ୍ରଶ୍ନ ଉଠାଇଲା ଭାଜପା

ଭୁବନେଶ୍ୱର, ୨୮।୪(ବ୍ୟୁରୋ): ଶାସକ ଦଳ ପ୍ରରୋଚନାରେ ଭୁବନେଶ୍ୱର ମଧ ନିର୍ବାଚନମଣ୍ଡଳୀର ୧୨୭ନମ୍ବର ବୁଥ୍‌ରେ ଭୋଟିଂ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହି ବୁଥରେ ବିଜେଡିର ଭୋଟିଂ କମ ହୋଇଛି। ତେଣୁ ଏହି ବୁଥ୍ ପୁଣିଥରେ ଭୋଟିଂ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି ବାହୁବଳ ଓ ଅର୍ଥବଳ ଲଗାଇ ଭୋଟ ହାତେଇବା ପାଇଁ ଷଡଯନ୍ତ୍ର ରଚିଛି ଏଥିପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାହାଯ୍ୟ କରୁଛନ୍ତି। କୌଣସି ଦଳର ପ୍ରାର୍ଥୀମାନଙ୍କ ବିନା ଅଭିଯୋଗରେ ଏହି ବୁଥରେ ପୁନଃ ଭୋଟ କାହିଁକି କରାଯାଉଛି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ବୁଥରେ ପୁନଃ ଭୋଟିଂ କାହିଁକି କରାଯିବ ସେନେଇ ସ୍ପଷ୍ଟ କରାଯାଉ ବୋଲି ଦାବି କରିଛନ୍ତି।

# କଂଗ୍ରେସ ମୁଖପାତ୍ର ଆର୍ଯ୍ୟଙ୍କ ଗାଡ଼ି ଉପରେ ଆକ୍ରମଣ

ଭଦ୍ରକ ଅଫିସ, ୨୮।୪


ଭଙ୍ଗାଯାଇଥିବା ଗାଡ଼ି

## ଭଦ୍ରକରେ ନିର୍ବାଚନୀ ହିଂସା

- ଭିଡିଓ, ସିସିଟିଭି ଫୁଟେଜ୍‌କୁ ନେଇ ପୋଲିସର ତଦନ୍ତ
- ଭଙ୍ଗାରୁଜା ହୋଇଥିବା ଗାଡ଼ି ଯାଞ୍ଚ କରିବାକୁ ଯାଇ ଖାଲି ହାତରେ ଫେରିଲା ଫ୍ଲାଇଂ ସ୍କ୍ୱାର୍ଡ
- ପୋଲିସ ମାମଲା ରୁଜୁ କରି ନ ଥିବାରୁ ପିସିସି ସଭାପତିଙ୍କ ଉଦ୍‌ବେଗ

ଭଦ୍ରକ ସହର ବନ୍ତ ଛକ ନିକଟରେ ରାଜ୍ୟ କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଗାଡି ଉପରେ ରବିବାର ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ ଆକ୍ରମଣ କରି ତାଙ୍କୁ ମାରଧର କରିବା ସହ ଗାଡି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଜ୍ଞାନେନ୍ଦ୍ରଙ୍କଠାରୁ ଫୋନ ଯୋଗେ ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ଗାଡିର ଡ୍ରାଇଭର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖା ସୁଦ୍ଧା ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ଘଣାସ୍ଥଳରେ ଲୋକଙ୍କ ଦ୍ୱାରା ରେକର୍ଡିଂ ହୋଇଥିବା ଭିଡିଓ ଫୁଟେଜ୍ ଏବଂ ନିକଟସ୍ଥ ଏକ ଦୋକାନର ସିସିଟିଭିକୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଟାଉନ ଥାନାଧିକାରୀ ସରୋଜିନୀ ସିଂ କହିଛନ୍ତି। ଅପରାହ୍ନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭଦ୍ରକ ଆସି ଏକ ଖବରଦାତା ସମ୍ମିଳନୀରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜନୈତିକ ଚାପରେ ପଡି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଏସପି ଅଫିସ ଘେରାଉ କରାଯିବ ବୋଲି ସେ କହିଛନ୍ତି। ଡ୍ରାଇଭର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ରବିବାର ପୂର୍ବାହ୍ନ ସାଢେ ୧୧ଟା ବେଳେ କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଏହି ଗାଡିରେ ସ୍ଥାନୀୟ ଏକ ହୋଟେଲକୁ ଯାଉଥିଲେ। ବନ୍ତ ଛକ ନିକଟରେ ଗାଡି ପହଞ୍ଚିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କୁ ଅଟକାଇ ଆର୍ଯ୍ୟକୁମାରଙ୍କୁ ପଦାକୁ ଘୋଷାରି ଆଣିଥିଲେ। ସେମାନେ ତାଙ୍କଠାରୁ ୪ ହଜାର ଟଙ୍କା ଓ ପିନ୍ଧିଥିବା ସୁନାଚେନ୍ ଝାମ୍ପି ନେଇ ପଳାଇଥିଲେ। ଯିବା ବେଳେ ସେମାନେ ତୁରନ୍ତ ଭୁବନେଶ୍ୱର ଫେରିଯାଅ ବୋଲି ଆର୍ଯ୍ୟକୁମାରଙ୍କୁ ଧମକ ଦେଇଯାଇଥିଲେ। ଉଲ୍ଲେଖନୀୟ ଯେ, ନିର୍ବାଚନ ପରିପ୍ରେକ୍ଷୀରେ ପିସିସି ମୁଖ୍ୟ ନିରଞ୍ଜନ ପଟ୍ଟନାୟକଙ୍କର ଏକ ଟିମ୍ ଭଦ୍ରକର ଏକ ହୋଟେଲରେ ରହୁଥିବାରୁ ଜ୍ଞାନେନ୍ଦ୍ର ସେଠାକୁ ଆସୁଥିଲେ। ଭଙ୍ଗାରୁଜା ହୋଇଥିବା ଗାଡି ଜଣେ ଘରୋଇ ବ୍ୟକ୍ତିଙ୍କର ହୋଇଥିବା ବେଳେ ସେଥିରେ 'ଗର୍ଭଣ୍ମେଣ୍ଟ ଅଫ ଇଣ୍ଡିଆ' ବୋଲି ଏକ ନମ୍ବର ପ୍ଲେଟ ମରାଯାଇଥିବା ନେଇ ଚର୍ଚ୍ଚା ହେଉଛି। କୌଣସି ସୂତ୍ରରୁ ଏସଂକ୍ରାନ୍ତରେ ସୂଚନା ପାଇ ୨ଟି ଫ୍ଲାଇଂ ସ୍କ୍ୱାର୍ଡର ଅଧିକାରୀ ଓ ପୋଲିସ ସମ୍ପୃକ୍ତ ହୋଟେଲରେ ପହଞ୍ଚି ଗାଡି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଡ୍ରାଇଭର ହୋଟେଲ ସାମ୍ନାରେ ଥିବା ଗାଡିକୁ ନେଇ ଅନ୍ୟତ୍ର ଚାଲି ଯାଇଥିଲେ। ସ୍କ୍ୱାର୍ଡ ଅଧିକାରୀମାନେ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ପଚାରିବାରୁ ଗାଡି ମରାମତି ହେବାକୁ ଯାଇଛି ବୋଲି କହିଥିଲେ। ଫଳରେ ଫ୍ଲାଇଂ ସ୍କ୍ୱାର୍ଡର ଅଧିକାରୀମାନେ ଖାଲି ହାତରେ ଫେରିଥିଲେ। ଏ ସମ୍ପର୍କରେ ଫ୍ଲାଇଂ ସ୍କ୍ୱାର୍ଡ ମୁଖ୍ୟ ତଥା ଭଦ୍ରକ ତହସିଲଦାର ପ୍ରଦୀପ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଭଙ୍ଗାରୁଜା ହୋଇଥିବା ଗାଡି ଯାଞ୍ଚ ପରିସରକୁ ଆସି ନ ଥିବାରୁ ଏହାର ନମ୍ବର ପ୍ଲେଟ ସମ୍ପର୍କରେ କୌଣସି ସୂଚନା ମିଳି ନାହି । ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏ ନେଇ ଥାନାରେ ଟାଉନ ଥାନାରେ ଶୀଘ୍ର ଏକ ଏତଲା ଦିଆଯାଉଥିବା ବୋଲି ସେ କହିଛନ୍ତି।

# ଏନ୍‌କାଉଣ୍ଟରରେ ମାଷ୍ଟରମାଇଣ୍ଡଙ୍କ ବାପା, ୨ ଭାଇ ନିହତ

କଲମ୍ବୋ,୨୮।୪

## ତାମିଲଭାଷୀ ଶିକ୍ଷକଙ୍କ ସମେତ ୧୦୬ ଗିରଫ

### ଶ୍ରୀଲଙ୍କା ବିସ୍ଫୋରଣ

ଶ୍ରୀଲଙ୍କା ଆତ୍ମଘାତୀ ବିସ୍ଫୋରଣର ମାଷ୍ଟରମାଇଣ୍ଡଙ୍କ ବାପା ଓ ଦୁଇଭାଇ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ସେମାନେ ରହୁଥିବା ଘର ଉପରେ ଶୁକ୍ରବାର ସୁରକ୍ଷା ବଳ ଚଢ଼ାଉ କରିଥିଲା। ଏହି ଏନ୍‌କାଉଣ୍ଟର ବେଳେ ୬ ଶିଶୁଙ୍କ ସମେତ ୧୫ ଜଣ ନିହତ ହୋଇଥିଲେ। ଅବିଶ୍ୱାସୀଙ୍କ ବିରୋଧରେ ଜିହାଦ ପାଇଁ ଆହ୍ୱାନ ଦେଉଥିବା ମାଷ୍ଟରମାଇଣ୍ଡଙ୍କ ଦୁଇଭାଇ ଜୈନି ହାଶିମ୍, ରିଲୱାନ ହାଶିମ୍ ଏବଂ ବାପା ମହମ୍ମଦ ହାଶିମ୍‌ଙ୍କ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ଇଷ୍ଟର ରବିବାରରେ ବିଭିନ୍ନ ଚର୍ଚ୍ଚ ଏବଂ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୨୫୩ ଜଣଙ୍କ ଜୀବନ ନେଇଥିବା ଆତଙ୍କବାଦୀ ଆକ୍ରମଣର ରିଙ୍ଗ୍ ଲିଡର ଜହରନ୍ ହାଶିମ୍‌ର ଭିଣୋଇ ନିୟାଜ ଶରିଫ୍ ବୋଲି ସନ୍ଦେହ କରାଯାଉଛି।

ଏହି ଆକ୍ରମଣ ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦୬ ଜଣଙ୍କୁ ଶ୍ରୀଲଙ୍କା ପୋଲିସ ଗିରଫ କଲାଣି। ସେମାନଙ୍କ ମଧ୍ୟରେ ଜଣେ ତାମିଲ ମିଡିୟମ ସ୍କୁଲ୍‌ର ଶିକ୍ଷକ ଅଛନ୍ତି। ତାଙ୍କ ପାଖରୁ ୫୦ଟି ସିମ୍‌କାର୍ଡ ଏବଂ ଅନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି। ଅପରାଧ ତଦନ୍ତ ବିଭାଗ ଶିକ୍ଷକ ତଥା ଅନ୍ୟମାନଙ୍କୁ ଜେରା କରୁଛି। ଅନ୍ୟ ସନ୍ଦିଗ୍ଧଙ୍କ ମଧ୍ୟରେ ଜଣେ ଡାକ୍ତର ଓ ଜଣେ ପ୍ରିନ୍ସିପାଲ ଥିବା ଜଣାପଡିଛି। ସେମାନେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀଲଙ୍କା ସରକାର ଏନଟିଜେ ଏବଂ ଆଇଏସ ସହ ସମ୍ପୃକ୍ତ ଅନ୍ୟ ଏକ ସଂଗଠନକୁ ବେଆଇନ ଘୋଷଣା କରିଛନ୍ତି। ଶୁକ୍ରବାର ଚଢ଼ାଉ ବେଳେ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିବା ୩ ଆତଙ୍କବାଦୀ ଆଇଏସ୍‌ର ସଦସ୍ୟ ବୋଲି ଉକ୍ତ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆକ୍ରମଣକୁ ଗୋଟିଏ ସପ୍ତାହ ବିତିଯାଇଥିଲାବେଳେ ଏହା ପଛରେ ଥିବା ସ୍ଥାନୀୟ ଆତଙ୍କବାଦୀ ସଂଗଠନ ନ୍ୟାଶନାଲ୍ ଥୋହ୍ୱିତତ ଜମାତ୍ (ଏନ୍‌ଟିଜେ) ସଦସ୍ୟଙ୍କୁ ଗିରଫ କରିବା ଲାଗି ପୋଲିସ ଓ ସୁରକ୍ଷାବଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଅବ୍ୟାହତ ରହିଛି। ଆତ୍ମଘାତୀ ବିସ୍ଫୋରଣ ପରେ ଶ୍ରୀଲଙ୍କା ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହୋଇଛି। ୧୫ଟି ଦେଶରୁ ଶ୍ରୀଲଙ୍କାରେ ରହିଥିବା ବିଭିନ୍ନ ଧର୍ମର ପାଖାପାଖି ୧୬୦୦ ଶରଣାର୍ଥୀଙ୍କ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନୀ ଖ୍ରୀଷ୍ଟିଆନ।

# ବୋଲେରୋରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

କାକଟପୁର, ୨୮।୪(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ-କାକଟପୁର ମୁଖ୍ୟରାସ୍ତାର ସିନେମାହଲ ଛକଠାରେ ଶନିବାର ବିଳମ୍ବିତ ରାତିରେ ଫ୍ଲାଇଂ ସ୍କ୍ୱାଡ୍-୩ ଗାଡ଼ିମୋଟର ଯାଞ୍ଚ କରୁଥିବାବେଳେ ଏକ ବୋଲେରୋ (ଓଆର୍‌୦୨ବିଏମ୍-୨୪୨୭)ରୁ ୩ ଲକ୍ଷ ୨ ହଜାର ୭୭୦ ଟଙ୍କା ଜବତ କରିଥିଲେ। ଅସ୍ତରଙ୍ଗ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ବିଡିଓ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଗାଡ଼ିଟିକୁ ଥାନାରେ ରଖି ଅଧିକ ତଦନ୍ତ ଜାରି ରଖିଛି। କୋଣାର୍କ ଅଞ୍ଚଳର ଜଣେ ଯୁବକ ଏହି ଟଙ୍କା ନିଜ ଭଉଣୀ ବାହାଘର ପାଇଁ ନେଇ ଯାଉଥିବା କହିଥିବାବେଳେ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମଲ୍ଲିକ କହିଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ଅନ୍ତର୍ଗତ କାକଟପୁର ବିଧାନସଭା ଆସନ ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିପୂର୍ଣ୍ଣ ଭାବେ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାକଟପୁର ବିଧାନସଭା ମଣ୍ଡଳୀର ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସର ମିଳିତ ସର୍ଚ୍ଚ ଅପରେଶନ ଜାରି ରହିଛି।

■ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

# କେନ୍ଦ୍ରାପଡ଼ାରୁ ହଟୁ ନାହାନ୍ତି ବିଜେଡି ନେତା: ଭାଜପା

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସମସ୍ତ ୬ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ୪୨ବିଧାନସଭା କ୍ଷେତ୍ରରେ ବିଜେଡିର ୯୭ଜଣ ବାହୁବଳି ମନ୍ତ୍ରୀ ଓ ବିଧାୟକ ଆସ୍ଥାନ ପକାଇ ନିର୍ବାଚନ ପ୍ରଚାରରେ ମାତିଛନ୍ତି। ଦେଶର ଆଦର୍ଶ ନିର୍ବାଚନ ଆଚରଣ ନିୟମ ବିଧି ଭାଗ ୮ ଅନୁଯାୟୀ, ନିର୍ବାଚନର ୪୮ଘଣ୍ଟା ପୂର୍ବରୁ ଯେଉଁମାନେ ଏହି ନିର୍ବାଚନମଣ୍ଡଳୀର ଭୋଟର ନୁହଁନ୍ତି ସେମାନେ ତୁରନ୍ତ ସେହି ଅଞ୍ଚଳକୁ ଛାଡନ୍ତୁ। ଏନେଇ ଗତ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଅଚନ ଅଧିକାରୀଙ୍କୁ ଭାଜପାର ଏକ ପ୍ରତିନିଧୀ ଟିମ୍ ଭେଟି ଅବଗତ କରାଇଥିଲେ। ହେଲେ ଏହି ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରି କିଛି ପଦକ୍ଷେପ ନେଉନାହାନ୍ତି । ବିଶେଷଭାବେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀର ପ୍ରତି ବିଧାନସଭା କ୍ଷେତ୍ରରେ ବିଜେଡିର ବାହୁବଳି ଓ କଳାଟଙ୍କାରେ ଧନୀ ବଳିୟାନ ନେତାମାନେ ପୁରା ପ୍ରଚାର ଦାୟୀତ୍ୱ ନେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରି ଭୟଭିତ କରାଇବା ସହ ଟଙ୍କା ବାଣ୍ଟିବା ଭଳି ବେନିୟମ କାମ କରି ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଏହି ବିଜେଡିର ଦଳର ନେତା ଓ କର୍ମୀମାନଙ୍କୁ କାଢିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କେଉଁ ଅଧିକାରୀମାନଙ୍କୁ କେଉଁଠି ଦାୟୀତ୍ୱ ଦେଇଛନ୍ତି ସେହି ତାଲିକା ପୂର୍ବରୁ ଦିଅନ୍ତୁ ବୋଲି କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ତାହା ପ୍ରସ୍ତୁତ କରାଯାଇନାହିଁ। ତୁରନ୍ତ ବିଜେଡିର ବାହୁବଳି ମନ୍ତ୍ରୀ, ବିଧାୟକ, ବିଜୁ ଯୁବ ବାହିନୀ କର୍ମୀଙ୍କୁ କେନ୍ଦ୍ରପଡା ନିର୍ବାଚନମଣ୍ଡଳୀରୁ ବାହାର କରାଯାଉ ବୋଲି ଭାଜପା ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ନିର୍ବାଚନ ଅଧିକାରୀ ଏବଂ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜି ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ଏହି ଘଟଣା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ସମୀର କହିଛନ୍ତି।

# ପ୍ରାକ୍ ମୌସୁମୀ ବର୍ଷା ୨୭% ହ୍ରାସ

ନୂଆଦିଲ୍ଲୀ,୨୮।୪(ପି.ଟି.)

## ବଢ଼ୁଛି ତାପମାତ୍ରା

ମାର୍ଚ୍ଚ-ଏପ୍ରିଲ୍ ଦୁଇ ମାସରେ ପ୍ରାକ୍ ମୌସୁମୀ ବର୍ଷା ୨୭ ପ୍ରତିଶତ ହ୍ରାସ ପାଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ତାପମାତ୍ରା କମାଇବାରେ ପ୍ରାକ୍ ମୌସୁମୀ ବର୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। କମ୍ ବର୍ଷା ଫଳରେ ଦେଶର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏହି ବର୍ଷା କେତେକ ଅଞ୍ଚଳରେ କୃଷି ପାଇଁ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ମାର୍ଚ୍ଚ ୧ରୁ ଏପ୍ରିଲ ୨୪ ମଧ୍ୟରେ ସାରା ଦେଶରେ ୪୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ)ଠାରୁ ୨୭ ପ୍ରତିଶତ କମ୍। ଏହି ସମୟ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୫୯.୬ ମିଲିମିଟର ରହିବା କଥା। ଉତ୍ତରପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶରେ ସର୍ବାଧିକ ୩୮ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଥିବାବେଳେ ଏହା ପଛକୁ ରହିଛି ଦକ୍ଷିଣ ଭାରତର ୫ ରାଜ୍ୟ। ସେଠାରେ ସ୍ୱାଭାବିକଠାରୁ ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ସେହିପରି ପୂର୍ବ ଏବଂ ଉତ୍ତରପୂର୍ବାଞ୍ଚଳରେ ୨୩ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ କେନ୍ଦ୍ରୀୟ ଭାରତରେ ସ୍ୱାଭାବିକ୍ ଠାରୁ ୫ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଛି। ପ୍ରାକ୍ ମୌସୁମୀ ବର୍ଷା ଓ ବଜ୍ରପାତରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ରାଜସ୍ଥାନରେ ଗୋଟିଏ ମାସରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଛି।

ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ପ୍ରାକ୍ ମୌସୁମୀ ବର୍ଷା କରାଇଥାଏ। ଆରବସାଗର ଏବଂ ବଙ୍ଗୋପସାଗରର ଜଳୀୟବାଷ୍ପପୂର୍ଣ୍ଣ ବାୟୁ କାଳବୈଶାଖୀ ବର୍ଷା କରାଇଥାଏ ବୋଲି ଆଇଏମ୍‌ଡିର ଅତିରିକ୍ତ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏହି ବର୍ଷା ବିଭିନ୍ନ ଅଞ୍ଚଳରେ ଆମ୍ବ, କପା ଓ ଉଦ୍ୟାନକୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଓଡିଶାରେ ଜମି ହଳ କରିବାରେ ଏହି ବର୍ଷା ସହାୟକ ହୋଇଥାଏ ବୋଲି ଆଇଏମ୍‌ଡିର ପୂର୍ବତନ ମହାନିର୍ଦ୍ଦେଶକ ଲକ୍ଷ୍ମଣ ସିଂ ରାଠୋର କହିଛନ୍ତି।


classifieds Everyday 0674-2580101, 2549302

automobile

HIRE

ଡେଲିଭରି ନିମନ୍ତେ ଅଟୋ ଏବଂ ମ୍ୟାଜିକ୍ (ଡ୍ରାଇଭର ସହ) ଭଡ଼ାରେ ଆବଶ୍ୟକ। Contact: 8018172594, 9078000108. D-66507

real estate

SALE

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

କଟକ- ଭୁବନେଶ୍ୱର Twincity ମଧ୍ୟରେ ନିର୍ମିତ ବୃହତ୍ତମ (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Pramod: 9124321519. D-66355

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundaryକୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

Gharabari plot sale Bhubaneswar, Sundarpada 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66367

astrology

କାଳୀ ଓ ବଗଳୀ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଜୀବନକୁ ଶାନ୍ତିପ୍ରଦ ରଖିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ଯଥାସାଧ୍ୟ ସାହାଯ୍ୟ କରି ଶ୍ରମ ଲାଘବ କରିବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ ଲାଭ କିଛିଉଣା ହେବନି। ସଭାସମିତି, ଗୃହ ନିର୍ମାଣ, ଜମିଜମା କାରବାର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିରେ ସଫଳତା ହାସଲ କରିପାରିବେ।

**ବୃଷ** ସପ୍ତମାଧିପତି ରାଶିରେ ଅବସ୍ଥାନ କରୁଥିବାରୁ ପ୍ରତିଦ୍ୱନ୍ଦ୍ୱୀହିଁ ଆପଣଙ୍କୁ ବୁଝାମଣା ଭିତ୍ତିରେ ସମାଧାନର ମାର୍ଗ ବତାଇ ପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ମାନି କାମ କଲେ ନିଶ୍ଚିତ ଉପକୃତ ହେବେ। ଆଜି ହାତକୁ ନେଇଥିବା କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କଳାତ୍ମକ ଦିଗରୁ ପ୍ରଶଂସିତ ହେବେ ଓ ସଭାସମିତିରେ ସମ୍ମାନିତ ହେବେ।

**ମିଥୁନ** ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଶୁଭ ଯୋଗ ସୃଷ୍ଟି କରୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। ନିଜର ଅନ୍ତରଙ୍ଗ ବନ୍ଧୁ ମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। କୌଣସି କ୍ଷେତ୍ରରେ ଦ୍ୱିଧାବୋଧ ନ କରି ମନର ଭାବକୁ ପ୍ରକାଶ କରିପାରିଲେ କାମ ହାସଲରେ ସମର୍ଥ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି କରିପାରେ।

**କର୍କଟ** ଚନ୍ଦ୍ର ଅଷ୍ଟମ ଭାବସ୍ଥ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ ପୂର୍ଣ୍ଣ ଆରୋଗ୍ୟ ଲାଭ ହୋଇନପାରେ। ଗତକାଲିଠାରୁ ଅଟକି ରହିଥିବା କାମଟି ଆଜିହିଁ ପୂର୍ଣ୍ଣାଙ୍ଗ ହୋଇଯିବ। ବହୁ ଦିନରୁ ବାକି ପଡିଥିବା ଅର୍ଥ ଲାଭ ଅବଶ୍ୟମ୍ଭାବୀ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ, କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ** ରବି ଉଚ୍ଚସ୍ଥ ରହିଥିବାରୁ ସମସ୍ତ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ଆବଶ୍ୟକ ଅର୍ଥ ଲାଭର ଯୋଜନା ଫଳପ୍ରଦ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କିନ୍ତୁ ସାମାଜିକ ସ୍ତରରେ ଲୋକାଚାରକୁ ଭୟ କରି କୌଣସି କାର୍ଯ୍ୟରେ ଆଗକୁ ବଢ଼ିପାରିବେ।

**କନ୍ୟା** ରାଶିର ତୃତୀୟସ୍ଥ ବୃହସ୍ପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ପାରନ୍ତି। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ ସମସ୍ୟା ସମାଧାନର ରାସ୍ତା ମଧ ଖୋଜି ପାଇବେ। ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବା ସାଙ୍ଗକୁ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା** ଷଷ୍ଠସ୍ଥ ଶୁକ୍ର ଉଚ୍ଚାବସ୍ଥାନ ଯୋଗୁଁ ଶୁଭଫଳ ସ୍ୱରୂପ ହସ, ଖୁସିରେ ସମୟ ଅତିବାହିତ କରିପାରନ୍ତି। ଆଜିର ସକାଳୁଆ ଯାତ୍ରା, ବନ୍ଧୁମାନଙ୍କ ସହ ଆଲୋଚନା, ସଭାସମିତି, ଚୁକ୍ତିପତ୍ର, ପ୍ରେସ୍ ଓ ପବ୍ଲିକେଶନର ସ୍ଥିତି ପ୍ରାୟତଃ ଠିକ୍ ରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ବିଛା** ସମୟର ଅନୁକୂଳତା ଆପଣଙ୍କୁ ନୂତନ କର୍ମର ଯୋଜନା ମାଧ୍ୟମରେ ବିଶ୍ରାମହୀନ କାର୍ଯ୍ୟ କରାଇପାରେ। ନିଜର ମନେ କରୁଥିବା ବ୍ୟକ୍ତିଟି ଛଳନାତ୍ମକ କଥା କହି ଫାଇଦା ହାସଲର ଚିନ୍ତା କରିପାରେ। କାମଗୁଡିକ ସହଜ ମନେହେବ ଏବଂ ବହୁତ ଦିନରୁ ରହିଆସିଥିବା ଅପୂରଣୀୟ ଅଭିଳାଷ ପୂରଣ ହୋଇପାରେ। ପାରିବାରିକ ସ୍ୱଚ୍ଛତା ଫେରିପାଇବାରୁ ମନ ଖୁସି ହୋଇଯିବ।

**ଧନୁ** ଆଜିର ଗ୍ରହସ୍ଥିତିରେ କୁପ୍ରଭାବରେ କୌଣସି ବନ୍ଧୁ କିମ୍ବା ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ପାରିବାରିକ ଅଶାନ୍ତି ଉପୁଜିଲା ଭଳି କାମ କରିବେ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ବିସ୍ତାର କରି କାମ ହାସଲରେ ସମର୍ଥ ହେବେ। ଆକସ୍ମିକ ଭାବରେ ଅର୍ଥ ସମ୍ପର୍କ, ବିବାଦୀୟ ଘଟଣା, ଫ୍ଲାଟ କାରବାର, ଧାତୁ, ଅଳଙ୍କାରାଦି କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିବ।

**ମକର** ଦ୍ୱିତୀୟସ୍ଥ ଚନ୍ଦ୍ର ପ୍ରଭାବରେ ଆପଣ ମନ ଖୁସି ହେତୁ ସହୃଦୟତାର ସହ କାମ କରିବା ସକାଶେ ମନ ବଳାଇବେ। ତଥାପି ଭୁଲ୍ ବୁଝାମଣା କାରଣରୁ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ପରୋକ୍ଷ ଭାବରେ ଶତ୍ରୁତା ଆଚରଣ କରିପାରନ୍ତି। ଆର୍ଥିକ ସ୍ଥିତି ମଧ ମନ୍ଦ ହେବନି। ବ୍ୟବସାୟୀମାନେ ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ** କର୍ମାଧିପତି କର୍ମସ୍ଥାନକୁ ଅବଲୋକନ କରୁଥିବାରୁ ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲା ଓ ସଭାସମିତିରେ ସୁଫଳ ପାଇବେ।

**ମୀନ** ଚତୁର୍ଥ କେନ୍ଦ୍ରରେ ବଳବାନ୍ ରାହୁ ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ଯାହା କିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ୍ ହେବେ। ସାମାଜିକ କ୍ଷେତ୍ରରେ, ରାଜନୈତିକ, ସାଙ୍ଗଠନିକ ସ୍ଥିତିରେ ବନ୍ଧୁମିଳନରୁ ଆନନ୍ଦିତ ହେବେ।

ଆଜି ବୈଶାଖ କୃଷ୍ଣ ଦଶମୀ ସୋମବାର, ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଅଦ୍ୟ ଗୃହପ୍ରବେଶ ପାଇଁ ପ୍ରଶସ୍ତ ଦିନ। ଦିବା ଘ୬।୫୨ମି. ମଧେ ଘ୧।୨୨ମି. ଗତେ, ଘ୨।୫୭ମି. ମଧେ ଘ୪।୩୨ମି. ଗତେ, ଘ୬।୦୭ମି. ମଧେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୩ମି. ମଧେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଏପ୍ରିଲ ୨୯/୨୦୧୯




“ ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଚଢ଼ାଉ ୩୨ କେଜି ଗଞ୍ଜେଇ, କାର୍ ଜବତ: ୩ ଗିରଫ

କଟକ ଅଫିସ, ୨୮।୪: କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ରବିବାର କଟକ ଲିଙ୍କରୋଡ ନିକଟରେ ଚଢ଼ାଉ କରାଯାଇ ଏକ କାର୍ (ନଂ. ଓଡି୦୨ଏୱାଇ-୬୮୩୦) ସହ ୩୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଅଞ୍ଚଳର ଆଶିଷ ଦିଗଲ, ମନୋମାଲିଆ ଦିଗଲ୍ ଓ ରଞ୍ଜନ ଦିଗଲ୍। ସେମାନେ ଏକ ଇଞ୍ଜିନିୟରିଂ କଲେଜର ଛାତ୍ର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ କନ୍ଧମାଳ ଅଞ୍ଚଳରୁ ଏକ କାରରେ ଗଞ୍ଜେଇ ନେଇ ବାଲେଶ୍ୱର ଯାଉଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉକ୍ତ ବିଭାଗର ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଲିଙ୍କରୋଡ ଛକରେ ଜଗି ରହିଥିଲା। ସେମାନେ କାର୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା।

# ମଧୁସୂଦନଙ୍କୁ ମରଣୋତ୍ତର ଭାରତରତ୍ନ ଦାବି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ‘ଭାରତରତ୍ନ’ ପ୍ରଦାନ କରିବାକୁ ଦାବି କରିଛନ୍ତି ଓଡ଼ିଶାର ସମସ୍ତ ଓକିଲ ସଂଘ। ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଅବସରରେ ରାଜ୍ୟରେ ଥିବା ସମସ୍ତ ଛୋଟବଡ଼ ଓକିଲ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ଦାବିରେ ଲୟର୍ସ ଗ୍ରୁପ୍ ପକ୍ଷରୁ ମଧୁବାବୁଙ୍କ ପ୍ରଥମ କର୍ମକ୍ଷେତ୍ର କୋଲକାତାରୁ ଦସ୍ତଖତ ଅଭିଯାନ ଆରମ୍ଭ ହେବା ପରେ ଆଣ୍ଡାମାନ, କର୍ନାଟକ ସମେତ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରେ ଏହି ଅଭିଯାନ କରାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ଯୋଗଦେଇଥିଲେ। ମଧୁବାବୁ କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱର ଅସ୍ମିତାର ପ୍ରତୀକ। ତାଙ୍କ କୃତିତ୍ୱ, ଅବଦାନ ପାଇଁ ସେ ଭାରତରତ୍ନ ନୁହେଁ, ବରଂ ବିଶ୍ୱରତ୍ନ ପାଇବାର ଯୋଗ୍ୟ।



ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଅବସରରେ

ଯଦି ସେଭଳି ସମ୍ମାନ ଥାଆନ୍ତା, ତା’ ହେଲେ ତାହା ବି ତାଙ୍କ ପାଇଁ ଛୋଟ ହୋଇଥାଆନ୍ତା ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେଶ ସତ୍ୟେନ୍ଦ୍ର ଜାଭେରୀ ଯୋଗଦେଇ ମଧୁବାବୁଙ୍କର ଓଡ଼ିଶା ପ୍ରତି ରହିଥିବା ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଚଳିତବର୍ଷ ଲାଗି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ‘ମଧୁସୂଦନ ଦାସ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଭଳି ଓଡ଼ିଶାର ସବୁ କୋର୍ଟରେ ମଧୁସୂଦନ ଦାସଙ୍କ ଫଟୋ ସ୍ଥାନିତ କରିବାକୁ ଭୁବନେଶ୍ୱର ବାର୍ ଆସୋସିଏଶନ ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ ଓ ସମ୍ପାଦକ ବିଶ୍ୱନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଉପସ୍ଥିତ ଆଇନଜୀବୀମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# କ୍ଷମତାର ଅହଙ୍କାର କେତେକଙ୍କୁ ଏକଚ୍ଛତ୍ରବାଦୀ କରାଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୪(ବ୍ୟୁରୋ)



ଦୀର୍ଘଦିନ କ୍ଷମତାର ଅହଙ୍କାର କିଛି ଲୋକଙ୍କୁ ଏକଚ୍ଛତ୍ରବାଦୀ ମାନସିକତାରେ ପହଞ୍ଚାଇଛି ବୋଲି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ମଧୁସୂଦନ ଦାସ ଆଧୁନିକ ଓଡିଶାର ପରିଚୟ, ସ୍ୱପ୍ନ ଓ କଳ୍ପନା ଦେଖିଥିବା ଏବଂ ଓଡିଶାକୁ ବିଶ୍ୱ ଦରବାରରେ ଏକ ବଡ ପରିଚୟ ଦେଇଥିବା ବ୍ୟକ୍ତି ଅଟନ୍ତି । ଓଡିଶା ଏକ ସାଂସ୍କୃତିକ ପ୍ରଦେଶ ହୋଇଥିବା ବେଳେ ଏଠାରେ ଭାଷା ଆଧାରିତ ରାଜ୍ୟର କଳ୍ପନା ମଧୁବାବୁ ଓ ତାଙ୍କ ସମସାମୟିକ ନେତୃତ୍ୱରେ କରାଯାଇଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କେବଳ ବ୍ୟବସାୟ ନୁହେଁ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଛାପ ଆଦି ସମ୍ପୂର୍ଣ୍ଣ ଦକ୍ଷିଣ ପୂର୍ବ ଏସିଆରେ ଓଡିଶାର ସାଧବ ପୁଅମାନଙ୍କ ଯୋଗୁ ହିଁ ଦେଖାଯାଉଛି । ସେମାନେ ହିଁ ବିଶ୍ୱ ଦରବାରରେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡାର ଯୁବକ ଓଡିଶାରୁ ଶ୍ରୀଲଙ୍କା ଯାଇ ବୌଦ୍ଧ ସଂସ୍କୃତିର ପ୍ରଚାର କରିଥିଲେ। ଶ୍ରୀଲଙ୍କାରେ ଏକ ସଂସ୍କୃତି ପ୍ରତିଷ୍ଠା କରିଥିବା ଏହି ଓଡିଆ ଯୁବକମାନେ କ’ଣ ଓଡିଶାର ପରିଚୟ ନୁହନ୍ତି। ଯେଉଁମାନେ ପ୍ରଜାତନ୍ତ୍ରରେ ଭାବନ୍ତି ଆମେ ଏକଚାଟିଆ ମନୋଭାବ ଦେଖାଇ ନିଜେ ଗୋଟିଏ ବିଚାର ବା କାଳଖଣ୍ଡକୁ ହାତରେ କରିନେବୁ,ଏହି ମାନସିକତା ଭୁଲ୍ ବୋଲି ପ୍ରମାଣିତ ହେବ। ଇତିହାସରେ ଏହାର ଅନେକ ନଜିର ଦେଖାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ସୁକତେଲ ଡ୍ୟାମ୍ ପରିଦର୍ଶନ କଲେ ବିଶେଷଜ୍ଞ ଦଳ

ଖପ୍ରାଖୋଲ,୨୮।୪(ଡି.ଏନ୍.ଏ.)

କେନ୍ଦ୍ର ଜଳ ସମ୍ପଦ ବିଭାଗର ଏକ ତିନି ଜଣିଆ ବିଶେଷଜ୍ଞ ଦଳ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅପର ସୁକତେଲ ଡ୍ୟାମ ପରିଦର୍ଶନ କରିଛନ୍ତି। ବିଶେଷଜ୍ଞ ଦଳରେ ଇ. ଅଶୋକ କୁମାର ଗଞ୍ଜୁଙ୍କ ନେତୃତ୍ୱରେ ଇ.ଟି.କେ ମେହେଟା, ଇ.ସୁନୀଲ କୁମାର ନାଏକଙ୍କ ସହ ଡ୍ୟାମ ସୁରକ୍ଷା ଇଞ୍ଜିନିୟର ସାମିଲ ଥିଲେ। ଏହି ଅବସରରେ ପ୍ରତିନିଧି ଦଳ ଡ୍ୟାମର ସ୍ଥିତି, ହିଡ, ଜଳ ସେଚନ ସହ ଡ୍ୟାମର ସୁରକ୍ଷା ଉପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏପରିକି ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କର୍ଲାକୁଟୁନା ଗାଁକୁ ସରପ୍ଲସ୍ ଉପରେ ଫୁଟ ବ୍ରିଜ୍, ହିଡ ସୁରକ୍ଷା, କେନାଲର ସମ୍ପ୍ରସାରଣ ନେଇ ଦାବି ହୋଇଥିଲା। ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଏସ୍.ଏନ୍. ଧଳ, ନିର୍ବାହୀ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ସହକାରୀ ଯନ୍ତ୍ରୀ ଡ୍ୟାମ ସେଫ୍ଟି ଇଂ.ରୋଜାଲିନୀ ପ୍ରିୟଦର୍ଶିନୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଡ୍ୟାମ ସେଫ୍ଟି ଇଂ.ମମତାରାଣୀ ମହାପାତ୍ର, ଅପର ସୁକତେଲ ଡ୍ୟାମ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରତିଭା ମାଝି, ଅବସର ପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଅରୁପାନନ୍ଦ ସାହୁ, ଚାଷୀ ପ୍ରତିନିଧି ଟୁଲୁ ପଧାନ, ନୀଳ ପାଣିଗ୍ରାହୀ, ଡଗରଜିତ ମାଝି, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଶେଷଜ୍ଞ ଦଳ ଓ ଅଧିକାରୀମାନେ ସୁକତେଲ ଡ୍ୟାମ୍ ପରିଦର୍ଶନ କରୁଛନ୍ତି।






# ବାଇକ୍-ବୋଲେରୋ ଧକ୍କା, ୩ ଛାତ୍ର ମୃତ

ରାମନାଗୁଡ଼ା,୨୮।୪(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସୁଣ୍ଡିଆସୁଣୀ ପଞ୍ଚାୟତର ରଙ୍ଗମାଟି ଗ୍ରାମ ନିକଟରେ ରବିବାର ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ନାଗେଶ୍ୱର କୁମ୍ବିରିକା(୧୪),ମହେଶ୍ୱର କୁମ୍ବିରିକା(୧୩) ଓ ବାଇକ ଚାଳକ ଗୋବିନ୍ଦ କୁମ୍ବିରିକା(୧୭) । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ବିଷମକଟକ ତାଣ୍ଡିକଣା ରାସ୍ତା ଅବରୋଧ କରିଛନ୍ତି ।

ଉକ୍ତ ୩ ଜଣ ତାଣ୍ଡିକଣା ଗ୍ରାମରୁ ଭୋଜିଖାଇ ବାଇକ(ଓଡ଼ି୧୮ଡ଼ି ୦୧୭୨)ରେ ବିଷମକଟ ବ୍ଲକ ଦୁର୍ଗୀ ପଞ୍ଚାୟତ କଣ୍ଡମପଦର ଗ୍ରାମକୁ ଫେରୁଥିଲେ । ରଙ୍ଗମାଟି ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ବୋଲେରୋ(ଓଆର୧୮ ବି ୨୮୧୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ନାଗେଶ୍ୱର ଓ ମହେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଥିବା ଗୋବିନ୍ଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବିଷମକଟକ-ତାଣ୍ଡିକଣା ରାସ୍ତା ଅବରୋଧ କରିଥିଲେ। ଖବରପାଇ ରାମନାଗୁଡ଼ା ଫାଣ୍ଡି ଅଧିକାରୀ ଏବଂ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ । ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି ।

# ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ମାଧୁରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ମୁମ୍ବାଇ

ବଲିଉଡ ଅଭିନେତ୍ରୀ ତଥା ନୃତ୍ୟ ପ୍ରବୀଣା ମାଧୁରୀ ଦୀକ୍ଷିତ ଏପ୍ରିଲ ୨୯ ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ତାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ସେ ଏକ ଡିଜିଟାଲ ପ୍ଲାଟଫର୍ମର ମିଳିତ ସହଯୋଗରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏଥିରେ ଉତ୍ସାହୀ ନୃତ୍ୟଶିଳ୍ପୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ। ମାଧୁରୀଙ୍କ ଅନ୍‌ଲାଇନ୍ ଡ୍ୟାନ୍ସ ଏକାଡେମୀ ‘ଡ୍ୟାନ୍ସ ଉଇଥ୍ ମାଧୁରୀ’ (ଡିଡବ୍ଲ୍ୟୁଏମ୍) ଏବଂ ୟୁଏଫ୍‌ଓ ମୁଭିଜ୍ ମିଳିତ ଭାବେ ଡିଜିଟାଲ୍ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ‘କଳଙ୍କ’ରେ ନିଜର ନୃତ୍ୟଦକ୍ଷତା ପ୍ରଦର୍ଶନ କରିଥିବା ମାଧୁରୀ କହନ୍ତି, ତାଙ୍କ ନୃତ୍ୟ ଏକାଡେମୀ ପ୍ରତ୍ୟେକ ଆଗ୍ରହୀ କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ୟୁଏଫ୍‌ଓ ମୁଭିଜ୍ ସହଯୋଗରେ ହେଉଥିବା କାର୍ଯ୍ୟକ୍ରମ ଦ୍ୱାରା ଲକ୍ଷାଧିକ ବ୍ୟକ୍ତି ନୃତ୍ୟଶିକ୍ଷାର ସୁଯୋଗ ପାଇପାରିବେ। ବର୍ତ୍ତମାନ ତାଙ୍କର ଡ୍ୟାନ୍ସ ଏକାଡେମୀ ପ୍ରତି ଜନସାଧାରଣଙ୍କ ଭଲପାଇବା ବୃଦ୍ଧିପାଇଛି। ତେଣୁ ସେ ନୃତ୍ୟରେ କିଛି ସ୍ୱତନ୍ତ୍ରତା ଦେଖାଇବାକୁ ପ୍ରୟାସ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାଗନେବାକୁ ଚାହୁଁଥିବା ଆଗ୍ରହୀ କଳାକାରମାନେ ମାଧୁରୀଙ୍କ ସଂଗୀତ ତାଳରେ ସେମାନଙ୍କର ସବୁଠୁ ଭଲ ନୃତ୍ୟର ଭିଡିଓ ଅପ୍‌ଲୋଡ କରିପାରିବେ। ନବାଗତା ନୃତ୍ୟଶିଳ୍ପୀଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ସୃଷ୍ଟିକରିବ ବୋଲି ୟୁଏଫ୍‌ଓ ମୁଭିଜ୍‌ର ମୁଖ୍ୟ ମାର୍କେଟିଂ ଅଫିସର ସିଦ୍ଧାର୍ଥ ଭରଦ୍ୱାଜ ପ୍ରକାଶ କରିଛନ୍ତି।



# ଖାଦାନ ପାଣିରେ ବୁଡ଼ି ଯୁବତୀ ମୃତ

କୁଆଁରମୁଣ୍ଡା, ୨୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବି.କ୍ୱାରି ନିକଟରେ ରହୁଥିବା ସୋମନ ଡାଙ୍ଗ (୧୯) ନାମ୍ନୀ ଜଣେ ଯୁବତୀ ଖାଦାନ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ରବିବାର ମଧ୍ୟାହ୍ନରେ ସୋମନ ଅନ୍ୟ ଜଣେ ସାଙ୍ଗ ସହିତ ଗାଧୋଇବାକୁ ଯାଇଥିଲେ। ଚୂନପଥର ଖାଦାନରେ ଭର୍ତ୍ତି ହୋଇଥିବା ପାଣିରେ ଉଭୟ ଗାଧୋଉଥିବାବେଳେ ଗଭୀରକୁ ଚାଲିଯିବାରୁ ସୋମନ ବୁଡ଼ି ଯାଇଥିଲେ। ତାଙ୍କ ସାଙ୍ଗ ଆସି ଘର ଲୋକଙ୍କୁ କହିଥିଲେ। ଘର ଲୋକ ପୋଲିସ ଓ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହୀନୀ କର୍ମଚାରୀ ଆସି ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ।











ଯାହାର ଘନିଷ୍ଠ ବନ୍ଧୁମାନେ ଭଲ ଲୋକ ଓ ଶତ୍ରୁମାନେ ନିଶ୍ଚୟ ଖରାପ ଲୋକ, ସିଏ ହିଁ ହେଉଛି ପ୍ରକୃତରେ ଭଲ ଲୋକ।

- ଲାଭେଟର

## ସଂକ୍ଷେପରେ




### ବରଗଡ଼ରେ ଆଇନଜୀବୀ ଦିବସ

ବରଗଡ଼ ଅଫିସ୍,୨୮।୪

ବରଗଡ଼ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ରବିବାର ମଧୁବାବୁ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ବେଲାଳସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଏସ. କେ ଜହୀର ଅହମଦ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୩୫ ବର୍ଷ ଓକିଲାତି ପୂର୍ତ୍ତି ଅବସରରେ ଓକିଲ ଅଶୋକ ଦାଶ ଏବଂ ହରିବନ୍ଧୁ ଦେବତାଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ସଂଘର ଉପସଭାପତି ସରୋଜ ତ୍ରିପାଠୀ, ସମ୍ପାଦକ ହେମନ୍ତ କୁମାର ପୁରୋହିତ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସଂଘର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।



### ୧୬୧୭ଜଣ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଦେଲେ

ସରଣ୍ଡା,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ବାବେବିରା ଜୟନ୍ତୀ ଯୁବକ ସଂଘ ପକ୍ଷରୁ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୧ଟି ବ୍ଲକର ୧୬୧୭ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ । ସେଥିମଧ୍ୟରୁ ୮୦୧ଜଣ ଚତୁର୍ଥ ଶ୍ରେଣୀ ଏବଂ ୮୧୬ଜଣ ଷଷ୍ଠ ଶ୍ରେଣୀ ବର୍ଗର ଛାତ୍ରାଛାତ୍ର ଥିଲେ । ସଂଘର ସଭାପତି ଡା. ଅଜିତ କୁମାର ବାରିକ, ସୁଦର୍ଶନ ସାହୁ, ବିକ୍ରମ କେଶରୀ ସାହୁ, ଧନଞ୍ଜୟ ପାତ୍ର, ଅମୃତ କୁମାର ବାରିକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

### ଗଞ୍ଜେଇ ଜବତ, ୪ ଯୁବକ ଗିରଫ

ବାଉଁଶୁଣି,୨୮।୪ (ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ଜଙ୍ଗାଖୋଲରୁ ଉଦ୍‌ମିଲ୍‌କା ଯିବା ମଧରେ ଦୁମ୍‌ଦୁମା ମନ୍ଦିର ସାମ୍ନାରେ ଚଢାଉ କରି ୯୦କିଲୋ ୬୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୪ଜଣ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶ୍ୱିନୀ ପ୍ରଧାନ (୩୮), ନିରଧ ପ୍ରଧାନ (୨୭), ରଚିତ ପ୍ରଧାନ (୪୦), କେଦାରଗୌରୀ ମେହେର (୩୩) । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (.ନଂ ୫୭/୧୯ ) ରୁଜୁ ହୋଇଛି ।

# ତାପମାତ୍ରା ବୃଦ୍ଧି ଏବେ ସଭିଙ୍କ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୮।୪

ବିଶ୍ୱ ତାପାୟନ(ଗ୍ଲୋବାଲ ୱାର୍ମିଂ)କୁ ନେଇ ଏବେ ସବୁଠି ଚିନ୍ତା । ତାତି କମିବାର ନାଁ ନେଉନି । ବରଂ ଦିନକୁ ଦିନ ଏହା ବଢ଼ି ଚାଲିଛି । ଗ୍ରୀଷ୍ମରେ ଯେଉଁଠି ତାପମାତ୍ରା ୩୦ରୁ ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିଲା, ଏବେ ସେଠାରେ ତାହା ୪୦ ଡିଗ୍ରୀ ଟପି ଗଲାଣି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି। ଛତା, ଓଢ଼ଣୀ, ପଗଡ଼ି, ଗ୍ଲୋଭ୍‌ସ ବିନା ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଜିଲାରେ ପାରଦ ୪୦ ଡିଗ୍ରୀ ତଳକୁ ଖସୁନାହିଁ ବରଂ ଏହାକୁ ଅତିକ୍ରମ କରି ସାରିଲାଣି । ଶନିବାର ଜିଲାର ତାପମାତ୍ରା ୪୨ ଡିଗ୍ରୀ ରହିଥିଲା । ଏଭଳି ସ୍ଥଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଜିଲାରେ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଅଘୋଷିତ ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଜିଲାବାସୀଙ୍କୁ ଆହୁରି ଅସ୍ତବ୍ୟସ୍ତ କରି ପକାଇଛି । ଗତ ୪ବର୍ଷ ମଧ୍ୟରେ ଜିଲାରେ ୧୦ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ କହୁଛି । ମାତ୍ର ଯେଭଳି ତାତି ବଢ଼ି ଚାଲିଛି, ଅଂଶୁଘାତ ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି। ଜିଲାରେ ଏଭଳି ତାପମାତ୍ରା ବୃଦ୍ଧିର କାରଣ ନେଇ ଆମେ କିଛି ପରିବେଶବିତ୍‌ଙ୍କୁ ଭେଟିଥିଲୁ । ବିଭିନ୍ନ କାରଣ ଯୋଗୁ ତାପମାତ୍ରା ବଢୁଥିବା ସେମାନେ କହିଥିଲେ ।

## ସେମାନେ ଯାହା କୁହନ୍ତି...



"ଆଗରୁ ଜିଲାରେ ଅନେକ କଚା ରାସ୍ତା ଥିଲା । ଏବେ ପ୍ରାୟତଃ ସବୁରାସ୍ତା ପିଚୁ କିମ୍ବା କଂକ୍ରିଟକରଣ ହେଲାଣି । ଯାନବାହନ ସଂଖ୍ୟା ବଢୁଥିବାବେଳେ ଜଙ୍ଗଲ କ୍ଷୟ ହେଉଛି । ଜଳ ପୁନଃ ସଂରକ୍ଷଣ ହୋଇପାରୁ ନ ଥିବାବେଳେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ମାଟିକୁ ଅମ୍ଳ କରୁଛି । ସେହିପରି କଳକାରଖାନାରୁ ନିର୍ଗତ ଧୂଆଁ, ବର୍ଜ୍ୟବସ୍ତୁ ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି । ଏହା ହିଁ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ।

-ଜେଠୁ ଭୋଇ, ବରଗଡ଼



"ଜନସଂଖ୍ୟା ବୃଦ୍ଧି ତାପମାତ୍ରା ବଢ଼ିବାର ମୂଳ କାରଣ । ଜନସଂଖ୍ୟା ବୃଦ୍ଧି ଯୋଗୁ ଲୋକଙ୍କ ଚାହିଦା ବଢୁଛି । ଏଥିପାଇଁ ଖାଦ୍ୟ ଉତ୍ପାଦନ ବଢ଼ାଇବାର ଆବଶ୍ୟକତା ପଡୁଛି। ଫଳରେ କଳକାରଖାନା ବହୁସଂଖ୍ୟାରେ ସ୍ଥାପନ କରାଯାଉଛି। କଳାକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, ଯବକ୍ଷାରଜାନ ଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ ପୃଥିବୀ ପୃଷ୍ଠର ବିକିରିତ ତାପକୁ ଧରି ରଖୁଥିବାବେଳେ ଏସି, ଶୀତଳଭଣ୍ଡାର, ବିମାନ ଚଳାଚଳରୁ ନିର୍ଗତ କ୍ଲୋରୋଫ୍ଲୋରୋକାର୍ବନ ତାପ ଶୋଷଣ କରୁଛି ଏବଂ ଧରାପୃଷ୍ଠର ତାପମାତ୍ରା ବୃଦ୍ଧି କରୁଛି ।

-ବୈଲୋଚନ ପ୍ରଧାନ, ବରଗଡ଼



"ବିଶ୍ୱ ତାପାୟନ ଏବେ ଚିନ୍ତାର ବିଷୟ ପାଲଟିଛି । ଦ୍ରୁତ ଶିଳ୍ପାୟନ, କଂକ୍ରିଟ କୋଠାବାଡ଼ି ନିର୍ମାଣ, ଯାନବାହନ ଚଳାଚଳ ବୃଦ୍ଧି ଯୋଗୁ ତାତି ବଢ଼ି ଚାଲିଛି। ଅନ୍ୟପଟେ ଗଛ କଟାଯିବାରୁ ଜଙ୍ଗଲ କ୍ଷୟ ହେବା ମଧ୍ୟ ଏହାର ଏକ ମୁଖ୍ୟ କାରଣ। ବରଗଡ଼ ଜିଲା ସୋହେଲା-ଲୁହୁରାଚଟିରୁ ସମ୍ବଲପୁର ପର୍ଯ୍ୟନ୍ତ ଫୋର୍ ଲେନ୍ ରାସ୍ତା ନିର୍ମାଣବେଳେ ୧୩ହଜାର ଗଛ କଟାଗଲା । ହେଲେ ଏପର୍ଯ୍ୟନ୍ତ ସେଠାରେ ଆଉ ଗଛର ଦେଖାନାହିଁ।

-ଡଃ ଡୋଲାମଣି ଶତପଥୀ, ବରଗଡ଼



"ଜଙ୍ଗଲକ୍ଷୟ ହିଁ ବିଶ୍ୱ ତାପାୟନର ମୁଖ୍ୟକାରଣ । ଫଳରେ ବୃକ୍ଷରୋପଣ ସହିତ ଜଙ୍ଗଲ ରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ଜରୁରୀ ହୋଇ ପଡ଼ିଛି । କୋଠାବାଡ଼ି, କଳକାରଖାନା, ରାସ୍ତାଘାଟ ନିର୍ମାଣରେ ଯେଉଁଭଳି ବହୁଳ ମାତ୍ରାରେ ଗଛ କଟାଯାଉଛି, ସେଭଳି ଭାବେ ବୃକ୍ଷରୋପଣ କରାଯାଉନାହିଁ । ଏହାଦ୍ୱାରା ପରିବେଶ ସନ୍ତୁଳନ ରହୁନାହିଁ ଏବଂ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିପାଇଁ ସଚେତନତା ସୃଷ୍ଟି ସହିତ ଆମେ ସମସ୍ତେ ବୃକ୍ଷରୋପଣ ପାଇଁ ଆଗେଇ ଆସିବା ଉଚିତ୍।

-ମୀନକେତନ ସାହୁ, ପଦ୍ମପୁର



ବରଗଡ଼ ସହରରେ ମୁହଁରେ ଓଢ଼ଣି ଘୋଡ଼ାଇ ଯୁବତୀମାନେ ଯାତାୟାତ କରୁଛନ୍ତି ।

## ଅବିବାହିତା ଯୁବତୀ ଜନ୍ମ ଦେଲେ ଶିଶୁକନ୍ୟା

ଅତାବିରା, ୨୮।୪ (ଡି.ଏନ୍.ଏ.)

ବରଗଡ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନ ଟାମ୍ପରସରା ପଞ୍ଚାୟତ ଅଏଲାପାଲି ଝୁମ୍ପୁଡ଼ିପଡ଼ାର ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିଥିଲେ । ରବିବାର ଯୁବତୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ଏବଂ ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିବା ପରିବାର ଲୋକଙ୍କୁ କହିଥିଲେ । ପରେ ଯୁବତୀଙ୍କ ମାତା ପିତା ଗୋଡ଼ଭଗା ଫାଣ୍ଡି ପୋଲିସ୍‌ର ଦ୍ୱାରସ୍ଥ ହେଲେ । ପୋଲିସ ତଦନ୍ତ କରି ଉଭୟ ପକ୍ଷଙ୍କୁ ଥାନାକୁ ଡାକିଥିଲା ଏବଂ ଶିଶୁ କନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେବା ପାଇଁ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପରାମର୍ଶ ଦେଇଥିଲା । ଉଭୟେ ଭିନ୍ନ ଜାତିର ହୋଇଥିଲେ ମଧ୍ୟ ଯୁବକଙ୍କ ପରିବାର ଲୋକେ ନବଜାତ ଶିଶୁକନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେଇଥିଲେ । ଉଭୟ ଯୁବତୀ ଯୁବକ କୋର୍ଟକୁ ଯାଇ ବିବାହ କରିବା ପାଇଁ ପରିବାର ଲୋକେ ସମ୍ମତି ପ୍ରକାଶ କରିଥିବା ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ କହିଛନ୍ତି ।

## ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି



ପର୍ଶୁରାମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଚାଲିଛି ।

ବରପାଲି,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଲୋଚନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ବ୍ରାହ୍ମଣ ସମାଜର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ପାଇଁ ଶୋକସଭା କରାଯାଇଥିଲା। କୋଷାଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ପୂର୍ବବର୍ଷ ପର୍ଶୁରାମ ଜୟନ୍ତୀ ପାଳନର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଆସନ୍ତା ମେ ମାସ ୭ତାରିଖରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ସଭାରେ ପର୍ଶୁରାମ ବାହିନୀର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଭାରେ ପଣ୍ଡିତ ହେମନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ଦେବତା, ପିନାକୀ ଦାଶ, ମନୋରଞ୍ଜନ ତ୍ରିପାଠୀ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବୌଦ୍ଧ ଜିଲା ଓକିଲ ସଂଘ ପାଳିଲା ଲୟର୍ସ ଡେ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ରବିବାର ଲୟର୍ସ ଡେ ପାଳିତ ହୋଇଛି । ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମଧୁବାବୁ ଥିଲେ ଜଣେ ପ୍ରକୃତ ଓଡିଆ ଦାୟଦ । ଆଜିର ଦିନରେ ତାଙ୍କର ସ୍ମୃତିଚାରଣ କରିବା ସମସ୍ତ ଓଡିଆ ଜାତିର କର୍ତ୍ତବ୍ୟ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ । ଏହାପରେ ଜିଲା ଓକିଲ ସଂଘ ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ସହ ଧୂପ ପ୍ରଦାନ କରିଥିଲେ । ସଭାରେ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ଅଶୋକ କୁମାର ସାହୁ, ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ, ପରମେଶ୍ୱର ବିଶି, ସୋମେଶ ଦତ୍ତ ବିଶ୍ୱାଳ ଓ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ।

## ଶୃଙ୍ଖଳିତ ଯାତ୍ରା ଉପରେ ଗୁରୁତ୍ୱ

### ବୈଶାଖମେଳା ପ୍ରସ୍ତୁତି ବୈଠକ

ପାଇକମାଳ,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ପବିତ୍ର ନୃସିଂହନାଥରେ ବୈଶାଖମେଳା ତଥା ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପାଇଁ ରବିବାର ମେଳା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡ଼ିଓ ସଦାଶିବ ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଆଲୋଚନାରେ ପାନୀୟଜଳ ଯୋଗାଣ, ବିଦ୍ୟୁତ ସରୋବରାହ ପାଇଁ ନୂତନ ଟ୍ରାନ୍ସଫର୍ମର, ବାଇକ୍ ଷ୍ଟାଣ୍ଡ, ଚାରିଚକିଆ ଯାନ ଷ୍ଟାଣ୍ଡ, ପାନୀୟଜଳ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା । ସେହିପରି ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୪ଜଣ ଡାକ୍ତରଙ୍କୁ ଡେପୁଟେଶନରେ ଅଣାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଆଲୋଚନା ହୋଇଥିଲା । ସଭାରେ ସୁରେଶ ପ୍ରଧାନ, ରାହାସ ବିହାରୀ ସାହୁ, ଜୟଦେବ ମଟାରୀ, ସୁବୋଧ ପଣ୍ଡା, ରମେଶ ବାରିକ, ସୁରଥ ସାହୁ, ଚିତ୍ତ ସରାଫ, କମଳେଶ ଅଗ୍ରୱାଲ, ଦୁର୍ଯ୍ୟୋଧନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଗୌରାଙ୍ଗ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ନୃସିଂହନାଥ ବୈଶାଖମେଳା ପାଇଁ ଚାଲିଥିବା ପ୍ରସ୍ତୁତି ବୈଠକ ।

## ବିବାହ ଭୋଜି ଖାଇ ୩୦ ଅସୁସ୍ଥ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଲୁଣ୍ଡାବେରୁଣୀ ଗ୍ରାମରେ ବିବାହ ଭୋଜି ଖାଇ ୩୦ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଶନିବାର ଲୁଣ୍ଡାବେରୁଣୀ ଗ୍ରାମରେ ଦୁଇଟି ବିବାହ ଭୋଜି ଥିଲା । ଗ୍ରାମବାସୀ ଉଭୟ ସ୍ଥାନରେ ଭୋଜି ଖାଇଥିଲେ । ଭୋଜି ଖାଇବାର କିଛି ସମୟ ପରେ ସେମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଛି ।

## ଜଳିଗଲା ଦୁଇ ପରିବାରର ୩ ବଖରା

ମନମୁଣ୍ଡା, ୨୮।୪ (ଡି.ଏନ୍.ଏ.)



ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର ।

ବୌଦ୍ଧ ଜିଲା ମନମୁଣ୍ଡା ଆରଆଇ ସର୍କଲ ଅନ୍ତର୍ଗତ କରଗୋଛା ପଞ୍ଚାୟତ ଖଜୁରୋଜ ଗ୍ରାମରେ ନିଆଁ ଲାଗି ୨ ପରିବାରର ୩ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ଆକସ୍ମିକ ଭାବେ ନିଆ ଲାଗିଥିଲା । ଫଳରେ ଉକ୍ତ ଗ୍ରାମର ବୁଧୁ କର୍ଣ୍ଣଙ୍କ ୨ ବଖରା ଏବଂ ତାଙ୍କ ଭଉଣୀ ବିଜୁଳି କର୍ଣ୍ଣଙ୍କ ୧ ବଖରା ଘର ସମେତ ଧାନ, ଚାଉଳ, ଆସବାବପତ୍ର ସବୁ ପୋଡିଯାଇଛି । ସୋନପୁରରୁ ଦୁଇଟି ଦମକଳ ଗାଡି ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ସ୍ଥାନୀୟ ସରପଞ୍ଚ ଠିବ୍ରୁ ନାଏକ, ସମିତି ସଭ୍ୟ ଗୁପ୍ତେଶ୍ୱର ଭଇନା କ୍ଷତିଗ୍ରସ୍ତ ପରିବାରକୁ ୫୦୦ ଟଙ୍କା ଓ ଏକ ବସ୍ତା ଲେଖାଏଁ ଚାଉଳ ପ୍ରଦାନ କରିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ଧ୍ରୁବଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବୀନ ମହାକୁଡ଼ ସେମାନଙ୍କ ଖାଦ୍ୟପେୟ ବନ୍ଦୋବସ୍ତ କରିଛନ୍ତି। ମନମୁଣ୍ଡା ଆର୍‌ଆଇ ସୁରେନ୍ଦ୍ର କୁମାର ସାହୁ ସୋମବାର ତାରପୋଲିନ୍ ଯୋଗାଇ ଦେବାକୁ କହିଛନ୍ତି । ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି ।

## କାଗଜ କଲମରେ ଚାଲିଛି ଜଳଛତ୍ର: ପଥଚାରୀ ହନ୍ତସନ୍ତ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବହୁ ପଞ୍ଚାୟତରେ ଜଳାଭାବ ଲାଗିରହିଛି । ଏପ୍ରିଲ ମାସ ସରିବାକୁ ବସିଲାଣି ହେଲେ ଆଜି ପର୍ଯ୍ୟନ୍ତ ଗାଁ ଛକ, ହାଟ କିମ୍ବା ଜଳଗହଳି ସ୍ଥାନରେ ଜଳଛତ୍ର ଖୋଲା ଯାଇପାରିନାହିଁ । ସେପଟେ ବିଭାଗୀୟ ଅଧିକାରୀ ମେ ମାସରେ କିଛି ଦିନ ପାଇଁ ନାମକୁ ମାତ୍ର ମାଠିଆ, କିଛି ଗ୍ଲାସ ରଖି ବ୍ୟାନର ମାରି ଦେଇ ଦୁଇ ମାସର ବିଲ୍ କରିବା ।ଇଁ ମସୁଧା କରୁଥବବା ଅଭିଯୋଗ ହେଉଛି । ତଳଗାଁ ପଞ୍ଚାୟତର ବହୁ ଗ୍ରାମରେ ପାଣି ସମସ୍ୟା ଥିବାବେଳେ ଗଣ୍ଡାପାଳୁ ଓ ପାଣ୍ଡାମାସ୍କା ଗ୍ରାମରେ ନଳକୂପ ନ ଥିବାରୁ ୭ଟି ପରିବାର ନାଳଚୁଆ ପାଣି ବ୍ୟବହାର କରୁଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

୪୦ ବଛର ହେଲା ଝୁପଡ଼ି ଘରେ ବିତୁଛେ ଜୀବନ

## ଆବାସ ଯୋଜନାରୁ ବଁଚିତ୍ ୧୨ ପରିବାର

ଅତାବିରା, ୨୮।୪ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ ସରକାର ଗରିବ୍ ଦୁଖିକୁ ପକା ଘର ଯୁଗେଇ ଦେବାର ଲାଗି ଭିନେ ଭିନେ ଯୋଜନା କରି ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଥିବାର ଦେଖବାକେ ମିଳୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଅଏଁଲାପାଲି ଝୁପଡ଼ିପଡ଼ାରେ।

ସୂଚନା ହିସାବେ ଟାମ୍ପରସରା ଆର ଅଏଁଲାପାଲିର ମଝିରେ ରହିଛେ ଝୁପଡ଼ିପଡ଼ା। ରାସ୍‌ତାର ଦୁଇଫାଲେ ଝୁପଡ଼ିପଡ଼ାରେ ୧୨ ଗରିବ୍ ପରିବାର ପାଖାପାଖି ୬୦ ଲୋକ୍ ବାସ୍ କରୁଛନ୍। ଇ ପରିବାରମାନେ ନିହାତି ଗରିବ୍ ହେଇଥିଲାବେଲେ ଆଏଜ୍‌କେ ପାଖାପାଖି ୪୦ ବଛର ହେଲା ସଭେ ନଡ଼ାଛପରର କୁରିଆଟେ ଲେଖେଁ କରି ରହୁଛନ୍। ପଡ଼ାର ସବୁ ପରିବାର ଭୂମିହୀନ ଆଏ। ହେଲେ ଇମାନେ ସରକାରକଁର ତରଫୁ ଭୂମିହୀନମାନକୁ ମିଳୁଥିବାର ୪ ଡିସିମିଲ ଘରଡିହ ପାଏବାରୁ ବି ବଁଚିତ୍ ହେଇ ରହିଛନ୍। ସେନ୍ତା ପଡ଼ାରେ ବଛରକୁତା ପାଏନ୍ ସମସିଆ ଲାଗି ରହୁଥିଲାବେଲେ ଖରାଦିନେ ସେ ଦୁଖ୍ ଦୁଇଗୁନା ହେଇଯାଉଛେ। ପଡ଼ାର ଲୁକ୍‌କର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଲ୍‌ଚୁଆଁ ରହିଛେ, ହେଲେ ସେଥିରୁ ଦୂଷିତ୍ ପାଏନ୍ ବାହାରୁଛେ । ଉପେ ଶୁଇନ୍ ହେଇ ପଡ଼ାବାସୀ ସେ ଦୂଷିତ୍ ପାଏନ୍‌କେ ବେଭାର କରୁଛନ୍। ପଡ଼ାବାସୀ ପିଇଲା ପାଏନ୍ ଆର ଆବାସ ଘର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ହେଲେ ଦୁଖର କଥା ଇ ପଡ଼ା ଉପରେ ଆଏଜ୍‌ତକ କେହେନ୍‌ସି ପରଶାସନିକ ଅଧିକାରୀକଁର ଦୁରୁଷ୍‌ଟି ନାଇଁପଡ଼ି। ଇନ୍ଦ୍ରଜିତ ଭୋଇ, ସଂସାର ଭୋଇ, ଶ୍ରୀରାମ ଭୋଇ, ସୁବାଷ ଭୋଇ, ଅକ୍ଷୟ ଭୋଇ, ନାନବଟିଆ ଲୁହା, ରାଜକୁମାର ଭୋଇ, ସୀତାରାମ ଭୋଇ, ଦେବେନ୍ଦ୍ର ଭୋଇ, ମହନ ସିକ୍‌ଦାର, ଜଗବନ୍ଧୁ ସିକ୍‌ଦାର ଏନ୍‌ଥେଇ ମୋଟ ୧୨ଟା ପରିବାର ଦୁଖେସୁଖେ ଝୁପଡ଼ିପଡ଼ାରେ ରହିଆସୁଛନ୍। ଇ ବାବ୍‌ଦେ ଟାମ୍ପରସରା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ସାଗରିଆକୁଁ ପଚରାଲାରୁ ପଡ଼ାକେ ଯାଇ ତଦଁତ୍ କରି ପରିବାରମାନକୁ ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ। ସେନ୍ତା ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ଯଦି ଝୁପଡ଼ିପଡ଼ାବାସୀ ଆବାସ ଘର ପାଏବାରୁ ବଁଚିତ୍ ହେଇଛନ୍, ଘଟନାର ତଦଁତ୍ କରି ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଝୁପଡ଼ିପଡ଼ାବାସୀ ।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡ଼ିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା



## ସେଲ୍ଫି କର୍ଣ୍ଣର



@ ଫିରୋଜ



@ ପ୍ରକାଶ



@ ପିଣ୍ଟୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ପ୍ରଥମ ପୃଷ୍ଠାରୁ...

### ୨୩% ପ୍ରାର୍ଥୀଙ୍କ...

ନାମରେ ଆପରାଧିକ ମାମଲା ଥିଲା। ୨୦୧୯ରେ ଏହା ୭% ବୃଦ୍ଧି ପାଇଁ ୩୦% ହୋଇଛି। ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠ ଆଧାରରେ ଓଡ଼ିଶା ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଏହି ତଥ୍ୟ ପ୍ରକାଶ କରାଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ସମୁଦାୟ ୧୧୩୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରୁ ୧୧୨୧ ପ୍ରାର୍ଥୀଙ୍କ ସତ୍ୟପାଠକୁ ହିସାବକୁ ନିଆଯାଇଛି। ଏମାନଙ୍କ ମଧ୍ୟରୁ ୧୬ଜଣ ପ୍ରାର୍ଥୀଙ୍କ ସତ୍ୟପାଠରୁ ସ୍ପଷ୍ଟଚିତ୍ର ମିଳିପାରି ନାହିଁ।

ଏଡିଆର ରିପୋର୍ଟ ଅନୁଯାୟୀ ଏଥର ରାଜ୍ୟରେ ଭାଜପାରେ ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ଅନ୍ୟ ଦଳ ତୁଳନାରେ ଅଧିକ। ଭାଜପାର ମୋଟ ୧୪୫ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୮୬(୫୯%)ଜଣଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ବିଜେଡିର ୧୪୬ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୫୮(୪୦%)ଜଣ, କଂଗ୍ରେସର ୧୩୯ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୬୪(୪୬%)ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସଙ୍ଗିନ ଆପରାଧିକ ମାମଲା ଥିବା ପ୍ରାର୍ଥୀମାନଙ୍କୁ ଦେଖିଲେ ଭାଜପାରେ ୬୭(୪୬%)ଜଣ, ବିଜେଡିରେ ୪୦(୨୭%)ଜଣ, କଂଗ୍ରେସରେ ୪୮(୩୫%)ଜଣ ରହିଛନ୍ତି। ସେହିପରି ମୋଟ ୨୯୮ଜଣ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୬୭(୨୩%)ଜଣଙ୍କ ଆପରାଧିକ ମାମଲା ଏବଂ ୫୫(୧୯%)ଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସାମଗ୍ରିକ ଭାବେ ଦେଖିଲେ ୫୯ ବିଧାନସଭା ନିର୍ବାଚନମଣ୍ଡଳୀରେ ୩ କିମ୍ବା ତାଠାରୁ ଅଧିକ ସଂଖ୍ୟକ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଅଛି। ୭ଜଣ ପ୍ରାର୍ଥୀ ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୯ ପ୍ରାର୍ଥୀଙ୍କ ନାଁରେ ହତ୍ୟା ମାମଲା ରହିଛି। ମହିଳା ବିରୋଧୀ ଅପରାଧ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଉଛି ୪୯। ସେଥିମଧ୍ୟରୁ ୨ଜଣଙ୍କ ନାମରେ ବଳାତ୍କାର ମାମଲା ରହିଛି। ସେହିପରି ୧୭ଜଣ ପ୍ରାର୍ଥୀଙ୍କ ବିରୋଧରେ ଅପହରଣ ମାମଲା ଅଛି।

ଅନ୍ୟପକ୍ଷରେ ଗତଥର ଅପେକ୍ଷା ଏଥର ନିର୍ବାଚନରେ ବହୁ କୋଟିପତି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡ଼ିଛି। ୨୦୦୯ ବିଧାନସଭା ନିର୍ବାଚନରେ କୋଟିପତି ପ୍ରାର୍ଥୀଙ୍କ ସଂଖ୍ୟା ୭% (୧୨୬୧ଜଣଙ୍କ ମଧ୍ୟରୁ ୯୪ଜଣ) ଥିଲା। ୨୦୧୪ ନିର୍ବାଚନରେ ଏହି ସଂଖ୍ୟାରେ ୧୦% ବୃଦ୍ଧି ଘଟି ୧୭%(୧୪୨୦ଜଣଙ୍କ ମଧ୍ୟରୁ ୨୪୪ଜଣ) ହୋଇଥିଲା। ୨୦୧୯ରେ ୨୭% ପ୍ରାର୍ଥୀ(୧୧୨୧ ଜଣଙ୍କ ମଧ୍ୟରୁ ୩୦୪ଜଣ) କୋଟିପତିଙ୍କ ତାଲିକାରେ ଅଛନ୍ତି। ଶାସକ ବିଜେଡିରୁ ସର୍ବାଧିକ ୯୭(୬୬%), ଭାଜପାରୁ ୭୫(୫୨%), କଂଗ୍ରେସରୁ ୭୩(୫୩%)ଜଣ ଏବଂ ୪୧ଜଣ ସ୍ୱାଧୀନ ପ୍ରାର୍ଥୀ(୧୪%) ହେଉଛନ୍ତି କୋଟିପତି। ୫କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ତାଲିକାରେ ୬୯ ଜଣ ଅଛନ୍ତି। ଏମାନଙ୍କ ସଂଖ୍ୟା ୬% ଅଟେ। ୨କୋଟିରୁ ୫କୋଟି ଟଙ୍କାର ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଲା ୧୧୧(୧୦%)ଜଣ। ୨୨% ଅର୍ଥାତ୍ ୨୪୬ଜଣଙ୍କ ପାଖରେ ୫୦ଲକ୍ଷରୁ ୨କୋଟି ଟଙ୍କାର ସମ୍ପତ୍ତି ରହିଛି। ୧୦ଲକ୍ଷରୁ ୫୦ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଲା ୨୭୭( ୨୫%)। ସେହିପରି ୧୦ଲକ୍ଷ ଟଙ୍କାରୁ କମ୍ ସମ୍ପତ୍ତି ଥିବା ତାଲିକାରେ ୪୧୮ଜଣ ପ୍ରାର୍ଥୀ(୩୭%) ଅଛନ୍ତି।

ରାଜ୍ୟର ବିଧାୟକ ପ୍ରାର୍ଥୀମାନଙ୍କୁ ଦେଖିଲେ, ସବୁଠାରୁ ଧନୀ ହେଉଛନ୍ତି କଂଗ୍ରେସ ନେତା ବବି ମହାନ୍ତି। ବବି ଏଥର କଟକ ଜିଲା ବଡମ୍ବା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ନାଁରେ ୧୦୬କୋଟିରୁ ଅଧିକ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଦ୍ୱିତୀୟରେ ଅଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ନାମରେ ୬୩ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତୃତୀୟରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାମ ରହିଛି। ନିରଞ୍ଜନଙ୍କ ନାମରେ ୬୦କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି।

ସବୁ ପ୍ରାର୍ଥୀଙ୍କଠାରୁ ଝାରସୁଗୁଡ଼ା ଆସନର ବିଜେଡି ପ୍ରାର୍ଥୀ ନବ କିଶୋର ଦାସଙ୍କ ଉପରେ ସବୁଠୁ ଅଧିକ ଅର୍ଥାତ୍ ୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଭାର ରହିଛି। ତାଙ୍କ ପଛକୁ ଭଦ୍ରକ ଆସନର ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକଙ୍କ ଉପରେ ୭ କୋଟିରୁ ଊର୍ଦ୍ଧ୍ୱ ଓ ନୟାଗଡ଼ ଆସନର ଭାଜପା ପ୍ରାର୍ଥିନୀ ଇରାନୀ ରାୟଙ୍କ ଉପରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଭାର ରହିଛି।

ସେହିଭଳି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରକାଶ ପାଇଛି। ୫ମରୁ ଦ୍ୱାଦଶ ପାସ୍ କରିଥିବା ମୋଟ ୪୭୨(୪୨%) ଜଣ ପ୍ରାର୍ଥୀ ଏଥର ନିର୍ବାଚନ ଲଢୁଛନ୍ତି। ୫୯୮(୫୩%) ଜଣ ପ୍ରାର୍ଥୀ ସ୍ନାତକ ଓ ତା’ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ରହିଥିବା ଦର୍ଶାଇଛନ୍ତି। ସେହିପରି ୮ଜଣ ପ୍ରାର୍ଥୀ କେବଳ ସାକ୍ଷର ବୋଲି ଦର୍ଶାଯାଇଛି। ଅନ୍ୟପଟେ ୨୫ରୁ ୫୦ବର୍ଷ ବୟସର ୭୧୦(୬୩%) ଜଣ ପ୍ରାର୍ଥୀ ଏଥର ନିର୍ବାଚନ ଲଢୁଛନ୍ତି। ୪୦୯ଜଣ ପ୍ରାର୍ଥୀ ସେମାନଙ୍କ ବୟସ ୫୧ରୁ ୮୦ବର୍ଷ ମଧ୍ୟରେ ଦର୍ଶାଇଛନ୍ତି। ଜଣେ ପ୍ରାର୍ଥୀ ନିଜ ବୟସ ୮୦ବର୍ଷ ବୋଲି ଦର୍ଶାଇଛନ୍ତି। ସେଭଳି ଜଣେ ପ୍ରାର୍ଥୀ ସତ୍ୟପାଠରେ ନିଜ ବୟସର କୌଣସି ତଥ୍ୟ ରଖିନାହାନ୍ତି। ଏଥର ନିର୍ବାଚନରେ ୧୧୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୧୨(୧୦%) ଜଣ ମହିଳା ଅଛନ୍ତି। ୨୦୧୪ ନିର୍ବାଚନରେ ୧୧୭(୮%) ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ।

### ଆଜି ଚତୁର୍ଥ...

ହେବନାହିଁ। ଏହି ସ୍ଥାନରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ହୋଇଥିବାରୁ ନିର୍ବାଚନ ସ୍ଥଗିତ ରହିଛି। ଆସନ୍ତା ମେ’ ୧୯ରେ ପାଟକୁରା ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ ହେବ। ସୋମବାର ପାଟକୁରାବାସୀ କେବଳ ଏମ୍‌ପି ପାଇଁ ମତଦାନ କରିବେ। ଏହି ପର୍ଯ୍ୟାୟ ମତଦାନକୁ ଶାନ୍ତିଶୃଙ୍ଖଳା ସହ କରିବା ପାଇଁ ପ୍ରଶାସନ ସମସ୍ତ ପଦକ୍ଷେପ ନେଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି। ସୁରେନ୍ଦ୍ର କୁମାର କହିଛନ୍ତି ଯେ, ଅବାଧ ଓ ମୁକ୍ତ ନିର୍ବାଚନ କରିବା ଲାଗି ପ୍ରଶାସନ ସମସ୍ତ ଉଦ୍ୟମ ଜାରି ରଖିଛି। ଚତୁର୍ଥ ପର୍ଯ୍ୟାୟରେ ୯୦୭୦ଟି ଅଞ୍ଚଳର ୧୦, ୭୯୨ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ତନ୍ମଧ୍ୟରୁ ୩,୦୯୨କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହିସବୁ ସ୍ଥାନରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ଭୋଟର ତାଲିକାରେ ନାଁ ନ ଥିବା ଲୋକ ନିର୍ବାଚନମଣ୍ଡଳୀ ଛାଡ଼ିବା ପାଇଁ ବାଧ୍ୟ। ବାହାର ଲୋକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଯେଉଁ ବ୍ୟକ୍ତିବିଶେଷ ଆଇନର ବିରୁଦ୍ଧାଚରଣ କରିବେ, ସେମାନଙ୍କ ବିରୋଧରେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ। ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ସମ୍ପାଦନ କରିବା ପାଇଁ ୭୨,୩୬୩ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୫୫୪ଟି ବୁଥ୍‌ରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ବିଶେଷକରି ୫୯୫ ମାଇକ୍ରୋ ଅବ୍‌ଜର୍ଭର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିବେ ବୋଲି ସୁରେନ୍ଦ୍ର କହିଛନ୍ତି। ବିଭିନ୍ନ ସ୍ଥାନରେ ମଡେଲ ଏବଂ ମହିଳା ବୁଥ୍‌ର ବ୍ୟବସ୍ଥା କରାଯାଇଛି। ଖରାଦିନ ହୋଇଥିବାରୁ ଛାଇ ପାଇଁ ଶେଡ୍ ଏବଂ ପାନୀୟଜଳ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ୧୦୫ଟି ବୁଥ୍‌ରେ କେବଳ ମହିଳା କର୍ମଚାରୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବେ। ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୪ଟି ବୁଥ୍ ପରିଚାଳନା କରାଯିବା ନେଇ ସିଇଓ ସୂଚନା ଦେଇଛନ୍ତି। ଭୋଟଦାନ ପ୍ରକ୍ରିୟାକୁ ବରିଷ୍ଠ ଏବଂ ଭିନ୍ନକ୍ଷମଙ୍କ ପାଇଁ ସହଜ କରିବା ଲାଗି ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏହି ପର୍ଯ୍ୟାୟ ନିମନ୍ତେ ପ୍ରାୟ ୨୧, ୪୨୮ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିରେ ୬ ଲୋକ ସଭା ପାଇଁ ୫୨ ଏବଂ ୪୧ ବିଧାନସଭା କ୍ଷେତ୍ର ଲାଗି ୩୩୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଜଗତ୍‌ସିଂହପୁର ଲୋକ ସଭା ଅନ୍ତର୍ଗତ ନିମାପଡା ଏବଂ କାକଟପୁର, କଟକ ଲୋକ ସଭାର ମାହାଙ୍ଗା ଏବଂ ସାଲେପୁରରେ ମଧ୍ୟ ଭୋଟ ଗ୍ରହଣ ହେବ। ତେଣୁ ପୁରୀ, କଟକ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଭୋଟ ଗ୍ରହଣ କରାଯିବ ବୋଲି ସୁରେନ୍ଦ୍ର ସୂଚନା ଦେଇଛନ୍ତି।

### ଛତ୍ରପୁର...

କିଲୋମିଟର ବେଗରେ ପବନ ବହିବ ବୋଲି ଆଇଏମ୍‌ଡି କହୁଥିବା ବେଳେ ଜଏଣ୍ଟ ଟାଇଫନ୍ ୱାର୍ନିଂ ସେଣ୍ଟର ଘଣ୍ଟାକୁ ୧୮୫ କିଲୋମିଟର ବେଗରେ ପବନ ବହିପାରେ ବୋଲି କହିଛି। ତେଣୁ ଏଥିରୁ ଜଣାପଡୁଛି, ‘ଫନୀ’ ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା ହେବ ନାହିଁ, ବରଂ ବହୁ କ୍ଷୟକ୍ଷତି ହୋଇପାରେ। ଯଦି ଆଇଏନ୍‌ସିଓଆଇଏସ୍‌ର ପୂର୍ବାନୁମାନ ଠିକ୍ ହୁଏ, ତେବେ ଓଡ଼ିଶା ୪୦ବର୍ଷ ପରେ ପ୍ରଥମଥର ପାଇଁ ମେ ମାସରେ ବାତ୍ୟାର ସମ୍ମୁଖୀନ ହେବ। ସାଧାରଣତଃ ଓଡ଼ିଶାରେ ଅକ୍ଟୋବରରେ ବାତ୍ୟା ଓ ମହାବାତ୍ୟା ହୋଇଥିବା ପ୍ରମାଣ ରହିଛି।

### ଗର୍ଭବତୀ ସ୍ତ୍ରୀଙ୍କ...

ତଦନ୍ତ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ସାହାଜାନ ଗତ ୬ମାସ ତଳେ ସୋର ମ୍ୟୁନିସିପାଲିଟି ଅଧୀନ ମୋହନପୁର ଗ୍ରାମର ସେକ କାଲାଙ୍କ ଝିଅ ବେବିଙ୍କୁ ବିବାହ କରିଥିଲେ। ସେ ୩ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ସେକ୍ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କଲେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତଦନ୍ତ ପରେ ହତ୍ୟାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ହେଭିୱେଟ୍‌ଙ୍କ...

ଏହି ଲୋକ ସଭା ଅଧୀନରେ ଆସୁଥିବା କେନ୍ଦ୍ରାପଡ଼ା, ରାଜନଗର ଏବଂ ଆଳି ବିଧାନସଭା କ୍ଷେତ୍ରରେ କଂଗ୍ରେସ-ବିଜେଡି ମଧ୍ୟରେ ଲଢ଼େଇ ହେଉଛି। ତେଣୁ ୩ ପ୍ରମୁଖ ଦଳର ଉପସ୍ଥିତି ରହିଥିଲେ ହେଁ କିଏ ବାଜି ମାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଦୁଇଦିନ ତଳେ ଏହି ଆସନର ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ଫୋର୍ସ ମୁତୟନ ପାଇଁ ବୈଜୟନ୍ତ ସିଇଓଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ବିଜେଡି ମଧ୍ୟ କେତେକ ବୁଥ୍‌ରେ ସିସିଟିଭି ଲଗାଇବା ନେଇ ଅନୁରୋଧ କରିଛି। ବାଲେଶ୍ୱର ଆସନକୁ ନେଇ ମଧ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ବିଜେଡି ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କ ସହ ଭାଜପାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ ନିର୍ବାଚନ ଲଢୁଛନ୍ତି। ଏହି ଆସନରୁ ପିସିସି ସଭାପତିଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ମଧ୍ୟ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ରେମୁଣା, ନୀଳଗିରି, ବଡ଼ସାହି ଏବଂ ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ରର ଭୋଟକୁ ପାଥେୟ କରି ଭାଜପା ବିଜୟୀ ହେବାନେଇ ଆଶାବାଦୀ ରହିଛି। ସେହିପରି ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ମଧ୍ୟ ପୂର୍ବ ଫଳାଫଳ ଦୋହରାଇବା ନେଇ ମତପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଏଠାରୁ ଭଲ ଭୋଟ ନେଇପାରେ ବୋଲି ଆଲୋଚନା ହେଉଛି। ମୟୂରଭଞ୍ଜ ଆସନରେ ବିଜେଡି-ଭାଜପା-ଜେଏମ୍‌ଏମ୍ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ଏଠାରେ ଡ. ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ବିଶ୍ୱେଶ୍ୱର ଟୁଡୁଙ୍କୁ ଟିକେଟ ଦେଇଛି। ଅପରପକ୍ଷରେ କଂଗ୍ରେସ-ଜେଏମ୍‌ଏମ୍ ପକ୍ଷରୁ ଅଞ୍ଜଳି ସୋରେନ୍‌ଙ୍କୁ ପ୍ରାର୍ଥୀ କରାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷରେ ବିଜେଡି ପକ୍ଷରୁ ନବାଗତା ମଞ୍ଜୁଲତା ମଣ୍ଡଳ ଏବଂ କଂଗ୍ରେସ ପକ୍ଷରୁ ମଧୁସ୍ମିତା ସେଠୀ ପ୍ରାର୍ଥୀ ହୋଇଛନ୍ତି। ଜଗତ୍‌ସିଂହପୁର ଲୋକ ସଭାରେ ବିଜେଡି ପକ୍ଷରୁ ରାଜଶ୍ରୀ ମଲିକଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଭାଜପା ବିଭୁ ତରାଇଙ୍କୁ ଟିକେଟ ଦେଇଛି। କଂଗ୍ରେସ ଏହି ଆସନ ଲାଗି ପ୍ରତିମା ମଲିକଙ୍କୁ ପ୍ରାର୍ଥୀ କରିଛି। ଯାଜପୁର ଲୋକ ସଭା ଆସନରେ ବିଜେଡି ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରିଛି। ସେହିପରି ସେହି ଆସନରେ ଭାଜପା ପକ୍ଷରୁ ଅମିୟ ମଲ୍ଲିକ ଏବଂ କଂଗ୍ରେସ ପକ୍ଷରୁ ମାନସ ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଏହି ପର୍ଯ୍ୟାୟରେ କେତେକ ବିଧାନସଭା ଆସନ ଉପରେ ସ୍ୱତନ୍ତ୍ର ନଜର ରହିବ। ଜଗତ୍‌ସିଂହପୁର ଜିଲାର ପାରାଦୀପରେ ବିଜେଡିର ସମ୍ବିତ ରାଉତରାୟ ଏବଂ କଂଗ୍ରେସର ବାପି ସର୍ଖେଲଙ୍କ ମଧ୍ୟରେ ଲଢ଼େଇ ହେଉଛି। ସେହିପରି ବାଲିକୁଦା-ଏରସମାରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଭାଜପା ଟିକେଟରେ ଲଢୁଛନ୍ତି। ତାଙ୍କ ବିରୋଧରେ ବିଜେଡି ରଘୁନନ୍ଦନ ଦାସଙ୍କୁ ପ୍ରାର୍ଥୀ କରିଛି। ତେଣୁ ଜଗତ୍‌ସିଂହପୁର ଜିଲାର ଏହି ଆସନ ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ରାପଡ଼ା ବିଧାନସଭା ଆସନରେ ବିଜେଡି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ପ୍ରାର୍ଥୀ କରିଛି। ସେଠାରେ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ କେନ୍ଦ୍ରାପଡ଼ା ବିଧାନସଭା ଫଳାଫଳ ରାଜ୍ୟ ରାଜନୀତିକୁ ଉଷ୍ମ କରିବ ବୋଲି କୁହାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀରୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଚାନ୍ଦବାଲିରୁ ମନମୋହନ ସାମଲ, ଧାମନଗରରୁ ବିଷ୍ଣୁ ସେଠୀ, ବସ୍ତାରୁ ରଘୁ ମହାନ୍ତି, ସୋରରୁ ସୁରେନ୍ଦ୍ର ପରମାଣିକ, ଯାଜପୁରରୁ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ, ବଡ଼ଚଣାରୁ ଅମର ଶତପଥୀ, ମାହାଙ୍ଗାରୁ ପ୍ରତାପ ଜେନା ଏବଂ ସିମୁଳିଆରୁ ଅନନ୍ତ ସେଠୀଙ୍କ ଭଳି ପ୍ରମୁଖ ହେଭିୱେଟ୍ ନିର୍ବାଚନ ଲଢୁଛନ୍ତି।

## ଏକାଧିକ ପ୍ରସଙ୍ଗ ନେଇ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରରୁ କେନ୍ଦ୍ରାପଡ଼ା ଲୋକ ସଭାର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଭୋଟ ଦେବା ପାଇଁ କଲ୍ ଆସୁଛି। ପ୍ରଚାର ସରିବା ପରେ ଏପରି କଲ୍ ଆସିବା ଆଇନର ବିରୁଦ୍ଧାଚରଣ ବୋଲି ବିଜେଡି ପକ୍ଷରୁ କୁହାଯାଉଛି। ଏହିପରି କଲ୍ ସେବା ଯୋଗାଇ ଦେଉଥିବା ସଂସ୍ଥାକୁ ତୁରନ୍ତ ବନ୍ଦ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପଦକ୍ଷେପ ନିଅନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ନେଇ ରବିବାର ବିଜେଡିର ଏକ ପ୍ରତିନିଧି ଦଳ ସିଇଓ ସୁରେନ୍ଦ୍ର କୁମାରଙ୍କୁ ଭେଟି ଅଭିଯୋଗ କରିଛି। ସୋମବାର ନିର୍ବାଚନ ଥିବାରୁ ସିଇଓ ତୁରନ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳର ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି। ସେହିପରି ଓଟିଭିର ଏକାଧିକ ଟିମ୍ କେନ୍ଦ୍ରାପଡ଼ା ଅଞ୍ଚଳରେ ରହିଥିବା ବିଜେଡି ଅଭିଯୋଗ କରିଛି। ଓଟିଭିର କିଛି କର୍ମଚାରୀ ସେହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଅର୍ଥ ବାଣ୍ଟୁଥିବା ନେଇ ଅଭିଯୋଗ କରାଯାଇଛି। ଏ ନେଇ ଶନିବାର ଅଭିଯୋଗ କରାଯାଇଥିଲେ ହେଁ ସିଇଓଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ଉପରୋକ୍ତ ଦୁଇ ପ୍ରସଙ୍ଗରେ ସିଇଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ASTROLOGY

FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ, ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାରः ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଝାଡ଼େଶ୍ୱର ମନ୍ଦିରରୁ ଚୋରି ଉଦ୍ୟମ

ଦେବଗଡ଼,୨୮।୪(ସ୍ୱ.ପ୍ର.)- ଶନିବାର ବିଳମ୍ବିତ ରାତିରେ ପୁରୁଣାଗଡ଼ସ୍ଥିତ ପ୍ରସିଦ୍ଧ ଝାଡ଼େଶ୍ୱର ମନ୍ଦିରରୁ ଚୋରି ଉଦ୍ୟମ ହୋଇଛି। ନିକଟସ୍ଥ ଗୋବିନ୍ଦପୁର ଗ୍ରାମର ବୁଟିଆ ନାମକ ଜଣେ ସାମାଜିକ କର୍ମୀ ସବୁଦିନ ରାତିରେ ମନ୍ଦିର ଜଗିଥାନ୍ତି। ତେବେ ସେ ଶୋଇଥିବା ସମୟରେ ଦୁର୍ବୃତ୍ତମାନେ କୌଶଳକ୍ରମେ ମନ୍ଦିର ମୁଖ୍ୟ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଏକ ବାକ୍ସରୁ ଚୋରି କରୁଥିବା ସମୟରେ ବୁଟିଆ ଉଠି ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏ ନେଇ ସକାଳେ ବୁଟିଆ ମନ୍ଦିର ଟ୍ରଷ୍ଟି ସଦସ୍ୟଙ୍କୁ ସୂଚନା ଦେଇଥିଲେ। ଟ୍ରଷ୍ଟି ସଦସ୍ୟ ପହଞ୍ଚି ଯାଞ୍ଚ କରିବା ପରେ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ସ୍ପଷ୍ଟ ହୋଇଥିଲା। ଟ୍ରଷ୍ଟ ତରଫରୁ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ପ୍ରସିଦ୍ଧ ମା' ପଧାନୀ ବୁଢ଼ୀଙ୍କ ମନ୍ଦିରରୁ ମଧ ରୁପା ମୁକୁଟ ଏବଂ ସୁନା ଟିକିଲି ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସକୁ କୌଣସି ସଫଳତା ମିଳିନାହିଁ।

### ଅଟୋକୁ ଧକ୍କାଦେଲା ବସ୍, ଜଣେ ମୃତ ୩ ଆହତ

ସମ୍ବଲପୁର ,୨୮।୪ (ବ୍ୟୁରୋ) ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ଜିଲା ସ୍କୁଲ ଛକ ନିକଟରେ ରବିବାର ଏକ ବସ୍ ଗୋଟିଏ ଅଟୋ ଓ ଏକ ବାଇକକୁ ଧକ୍କା ଦେଇଛି । ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ମୃତକ ହେଲେ ମାୟାବଗିଚାର ସୁପ୍ରିଦାସ ଗୁପ୍ତା (୮୧) । ଅଟୋ ଚାଳକ ଶେଖ ସକିଲ (୩୫), ସାକ୍ଷୀପଡାର ତନ୍ମୟ ମହାରଣା, କୁମ୍ଭାର ପଡାର ଚିଣ୍ଟୁ ଘୋଷଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ଧନୁପାଲି ଥାନା ପୋଲିସ ବସ, ଅଟୋ ଓ ବାଇକ୍‌କୁ ଜବତ କରିଛି।

### ସମ୍ବଲପୁର ଆଜି କ'ଣ କେଉଁଠି

* ପ୍ରଥମ ସମ୍ବଲପୁର ପ୍ରିମିୟର ଲିଗ ଶୁଭାରମ୍ଭ। ସ୍ଥାନ- ଭିଏସଏସ ଷ୍ଟାଡିୟମ। ସମୟ-ସକାଳ ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସମର୍ପଣ ବିନା ନୃତ୍ୟରେ ସିଦ୍ଧି ସମ୍ଭବ ନୁହେଁ



ଧରିତ୍ରୀ ଆଳାପ

**ନୃତ୍ୟରେ ସମର୍ପଣ ରହିବା ଉଚିତ। ଯେମିତି ଭଗବାନଙ୍କ ନିକଟରେ ସମର୍ପଣ ଭାବ ନ ରହିଲେ ଦୈବକୃପା ମିଳେନି ସେହିଭଳି ସମର୍ପଣ ବିନା ନୃତ୍ୟରେ ମଧ ସିଦ୍ଧି ସମ୍ଭବ ନୁହେଁ। ଏହାଛଡ଼ା ନୃତ୍ୟ କଲେ ମଣିଷର ଚରିତ୍ରଗଠନ ହୋଇଥାଏ। ନୃତ୍ୟ ଶୃଙ୍ଖଳିତ ଜୀବନ କଳା ମଧ ଶିଖାଏ। ଏକଥା କହିଛନ୍ତି ପ୍ରସିଦ୍ଧ ଭାରତନାଟ୍ୟମ୍ ଓ ମୋହିନୀଆଟମ୍ ନୃତ୍ୟଶିଳ୍ପୀ ଡ. ରେଖା ରାଜୁ। କଟକରେ ଏକ ଉତ୍ସବରେ ଯୋଗଦେବା ଅବସରରେ ତାଙ୍କ ସହ ଧରିତ୍ରୀର ଆଳାପ।**

**ବର୍ତ୍ତମାନ ସମୟରେ ଶାସ୍ତ୍ରୀୟ ନୃତ୍ୟର ପରିଭାଷା ବଦଳୁଛି କି?**

ଶାସ୍ତ୍ରୀୟ ନୃତ୍ୟର ପରିଭାଷା କେବେ ବଦଳିନି। ଏବେ ବି ଶାସ୍ତ୍ରୀୟ ନୃତ୍ୟର ମୂଳରୂପ ରହିଛି। ହଁ, କିଛି ଶାସ୍ତ୍ରୀୟ ନୃତ୍ୟରେ ଫ୍ୟୁଜନ ପ୍ରବେଶ କଲାଣି। ହେଲେ ଏହା ଉଚିତ ପଦକ୍ଷେପ ନୁହେଁ। ବର୍ତ୍ତମାନର ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯାଉଛି। ଶାସ୍ତ୍ରୀୟ ନୃତ୍ୟ ବହୁ ପୁରାତନ। ଅନେକ ପରିଶ୍ରମ କରି ଗୁରୁମାନେ ଏହାକୁ ଶିକ୍ଷାଲାଭ କରିଛନ୍ତି। ଫ୍ୟୁଜନ କରିବା ଦ୍ୱାରା ଭାରତୀୟ ସଂସ୍କୃତି ପ୍ରତି ମଧ ଅସମ୍ମାନ କରାଯାଉଛି।

**ଭାରତନାଟ୍ୟମ୍ ପରେ ମୋହିନୀଅଟ୍ଟମ ନୃତ୍ୟରେ ଦକ୍ଷତା ହାସଲ କରିଛନ୍ତି। ଏହି ଦୁଇ ଶାସ୍ତ୍ରୀୟ ନୃତ୍ୟ ମଧରେ ଫରକ କ'ଣ?**

ଅଧିକ ଫରକ ନୁହେଁ। ଭାରତନାଟ୍ୟମ୍‌ରେ ହଠାତ୍ ନଜର ବୁଲାଇବାକୁ ପଡ଼େ। ହେଲେ ମୋହିନୀଅଟ୍ଟମରେ ସେଭଳି କିଛି ନୁହେଁ। ଗଛଲତା ପବନରେ ହଲିଲା ଭଳି ଧୀର ଓ ସୁନ୍ଦର ଭାବ ମୋହିନୀଅଟ୍ଟମରେ ଦେଖାଇବାକୁ ପଡ଼େ। ଏଥିରେ ଲାସ୍ୟଭାବ ଭରି ରହିଥାଏ।

**କେରଳ ପାଲାକ୍କଡ ଜିଲାର କଲପାଠିରେ ଜନ୍ମଗ୍ରହଣ କରି ଏବେ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇଲେଣି। ନୃତ୍ୟରେ ଯାତ୍ରା କିପରି ଆରମ୍ଭ ହୋଇଥିଲା?**

ପାଲାକ୍କଡ଼ ଏପରି ଏକ ଅଞ୍ଚଳ ଯେଉଁଠାରେ ପ୍ରତ୍ୟେକ ଘରେ ଜଣେ କଳାକାରଙ୍କୁ ପାଇବେ। କିଏ ଗୀତ ଗାଉଥିବେ କିମ୍ବା କିଏ ବାଦ୍ୟ ବଜାଉଥିବେ। ଏହାଛଡ଼ା ମୋ ମା' ଜଣେ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ। ଏଣୁ ସାଢ଼େ ତିନିବର୍ଷ ବୟସରୁ ମୋତେ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷା ଦିଆଯାଇଥିଲା। ଏବେ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇବା ପଛରେ ମୋ ପରିବାରର ଭୂମିକା ବହୁତ ରହିଛି।

**ଓଡ଼ିଶା, ଓଡ଼ିଶୀ ସମ୍ପର୍କରେ ମତ କ'ଣ?**

ଏହା ପୂର୍ବରୁ ଓଡ଼ିଶାକୁ ତିନିଥର ଆସିଛି। କଳା ଓ ଐତିହ୍ୟରେ ଭରପୂର ରାଜ୍ୟ ବୋଲି ଓଡ଼ିଶା ପରିଚିତ। ଏହାଛଡ଼ା ଓଡ଼ିଶୀ ବହୁତ ସୁନ୍ଦର ନୃତ୍ୟ। ଗୋଟିଏ ମଞ୍ଚରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ସହ ମିଶି ମୋହିନୀଅଟ୍ଟମ ନୃତ୍ୟ ମଧ କରିଛି। ଓଡ଼ିଶୀ ପ୍ରତି ସମ୍ମାନ ଓ ଭଲପାଇବା ରହିଛି।

**ସାକ୍ଷାତ୍: କୁମାରଶ୍ରୀ ସାହୁ, କଟକ**

ପୁଣି ଚନ୍ଦନ କାଠ ଚୋର ସକ୍ରିୟ

# ମୂଲ୍ୟବାନ ଚନ୍ଦନ ଗଛ ଚୋରି

ଦେବଗଡ଼,୨୮।୪ (ସ୍ୱ.ପ୍ର.)

ଏକ ଅଭାବନୀୟ ଘଟଣାକ୍ରମରେ ଶନିବାର ରାତିରେ ଦେବଗଡ ସହରର ୱାର୍ଡ ନଂ. ୬ ରଙ୍ଗିଆଗୁଡା ସାହିରୁ ଦୁର୍ବୃତ୍ତମାନେ ଏକ ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇ ଫେରାର୍ ହୋଇଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇଥିବା ସମୟରେ ରଙ୍ଗିଆଗୁଡା ସାହିର ଅଚ୍ୟୁତ ବେହେରାଙ୍କ ଘରୁ ପାଖାପାଖି ୧୫ ବର୍ଷ ପୁରୁଣା ଏକ ଚନ୍ଦନ ଗଛକୁ ଧାରୁଆ ଅସ୍ତ୍ର ଆରି କରତ କିମ୍ବା କଟର ମେଶିନ ସାହାଯ୍ୟରେ ମୂଳରୁ କାଟି ଦିଆଯାଇଛି । ଗଛ ୯-୧୦ ହାତ ଲମ୍ବ ଏବଂ ମୋଟେଇ ୮-୧୦ ଇଞ୍ଚ ହେବ। ଏପରିକି ଦୁର୍ବୃତ୍ତମାନେ ଗଛର ଶାଖା ପ୍ରଶାଖାଗୁଡ଼ିକୁ କାଟି ପକାଇ ଦେଇ ଫେରାର ମାରିଛନ୍ତି। ରବିବାର ସୁଦ୍ଧା ପୋଲିସ କିମ୍ବା ବନବିଭାଗ ପହଞ୍ଚି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ପୂର୍ବେ ଦେବଗଡ ସହରର ଡିଏଫ୍‌ଓଙ୍କ ବାସଭବନ, ରଙ୍ଗିଆଗୁଡାର ସିକି ମିଶ୍ର, ତଅଁଳାସାହିର ପ୍ରଦୀପ ଅମାତ, ଗୋପାଳଜୀଉ ମନ୍ଦିର ପରିସର ଓ କଣ୍ଢେଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଥିବା ମୂଲ୍ୟବାନ ଚନ୍ଦନ ଗଛ ସବୁ କାଟି ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିଲେ ମଧ ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏବେ ପୁଣି ଜିଲାରେ ଚନ୍ଦନ କାଠ ଚୋର ସକ୍ରିୟ ହୋଇଥିବା ଚର୍ଚ୍ଚା ହେଉଛି । ଉକ୍ତ ଘଟଣାରେ ଦେବଗଡ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜିତେନ୍ଦ୍ର ସାହୁ କହିଥିଲେ। ଏପରିକି ବନବିଭାଗକୁ ମଧ କେହି ଖବର ଦେଇ ନ ଥିବା ଫରେଷ୍ଟର ପ୍ରଶାନ୍ତ ଶତପଥି ସୂଚନା ଦେଇଛନ୍ତି।



ଚନ୍ଦନ ଗଛ ମୂଳରୁ କରାଯାଇଛି।

# ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ, ସ୍ୱାଭିମାନ ଦିବସ

ଦେବଗଡ଼,୨୮।୪ (ସ୍ୱ.ପ୍ର.)

ପ୍ରଥମ ଓଡ଼ିଆ ବାରିଷ୍ଟର ମଧୁସୁଦନ ଦାସଙ୍କ ଜୟନ୍ତୀ ଅବସରରେ ଶନିବାର ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଆଇନ ଦିବସ ଓ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବାର୍ ଆସୋସିଏଶନ୍ କନ୍‌ଫରେନ୍ସ ହଲ୍‌ରେ ସଂଘ ଉପସଭାପତି ବିକାଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମଧୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଅଶିତୋଶ ଶର୍ମା ଯୋଗଦେଇ ମଧୁବାବୁଙ୍କ ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ । ଆଇନଜୀବୀ ରାଜ କିଶୋର ପ୍ରଧାନ, ଶ୍ରୀବତ୍ସ ମିଶ୍ର, ସଚ୍ଚିକାନ୍ତ ଦାଶ, ସୁଶାନ୍ତ ବିଶ୍ୱାଳ, ଚିକେଶ୍ୱର ଧଳଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




ମଧୁବାବୁ ଜୟନ୍ତୀ, ସ୍ୱାଭିମାନ ଦିବସ ପାଳନ ଅବସରରେ ଉପସ୍ଥିତ ଆଇନଜୀବୀ।

# ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପାଳିଲା ମଧୁଜୟନ୍ତୀ

ପୁରୁଣା ଭୁବନେଶ୍ୱର,୨୮।୪(ଡି.ଏନ୍.ଏ.)

ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆଇନଜୀବୀମାନେ ରବିବାର ମଧୁଜୟନ୍ତୀ ପାଳନ କରିଛନ୍ତି। ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ଆଦର୍ଶ ଓ ନୀତିକୁ ଓକିଲାତି ପେଶାରେ ଗ୍ରହଣ କରିବାକୁ ଆଇନଜୀବୀମାନେ ସଙ୍କଳ୍ପ ନେଇଥିଲେ। ଅନ୍ୟପକ୍ଷେ ଆଜିର ଦିବସକୁ ଓକିଲ ଦିବସ ରୂପେ ପାଳନ କରାଯାଉଥିବାରୁ ଆଇନଜୀବୀମାନେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଏହି ଉତ୍ସବରେ ଅତିଥି ଏବଂ ବକ୍ତାମାନେ ନିଜ ନିଜର ବକ୍ତବ୍ୟରେ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସାମ୍ମୁଖ୍ୟ କନଭେନର ସୁରେଶ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ମଧୁସୂଦନ ଥିଲେ ବିଚକ୍ଷଣ ବ୍ୟକ୍ତିତ୍ୱ ସମ୍ପନ୍ନ ମହାପୁରୁଷ'

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ଦୂର ଦୃଷ୍ଟିଥିବା ଦୃଢ ଓ ବିଚକ୍ଷଣ ବ୍ୟକ୍ତିତ୍ୱ ସମ୍ପନ୍ନ ମହାପୁରୁଷ। ଯିଏ କି ବିଖଣ୍ଡିତ ଓଡିଆ ଭାଷୀ ଅଞ୍ଚଳକୁ ଏକତ୍ରିତ କରି ଏକ ସମୃଦ୍ଧ, ଅଖଣ୍ଡ ଉତ୍କଳ ଗଢିବାର ସ୍ୱପ୍ନ ଦେଖିଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ଉତ୍କଳ ସମ୍ମିଳନୀର ଆମନ୍ତ୍ରଣକ୍ରମେ ମଧୁସୂଦନଙ୍କ ୧୭୧ତମ ଜୟନ୍ତୀରେ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ପ୍ରାକ୍ତନ ସଭାପତି ଗୁରୁପ୍ରସାଦ ମହାନ୍ତି, ଉଷାରାଣୀ ମହାନ୍ତି, ଭୃଗୁ ବକ୍ସିପାତ୍ର, ତ୍ରିଲୋଚନ ପଣ୍ଡା, ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଚିପିଲିମା ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର ବାର୍ଷିକ ସମାରୋହ

ଚିପିଲିମା, ୨୮।୪(ଡି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନରେ ଥିବା ଚିପିଲିମା ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ପ୍ରାଣୀ ବିଜ୍ଞାନ) ବିଭାଗର ପ୍ରଥମ ବାର୍ଷିକ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମାନସ ରଞ୍ଜନ ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ଲଡୁକିଶୋର ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଚିପିଲିମା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାନ୍ତି, କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଶାଶ୍ୱତୀ ପଟ୍ଟନାୟକ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ କୁମାର ସିଂହ ଅତିଥି ପରିଚୟ ଦେଇଥିଲାବେଳେ ଟି.କେ. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଚିପିଲିମା ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବରେ ଅତିଥିମାନେ ମଞ୍ଚାସୀନ ଥିବାବେଳେ ପଛରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।



# ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ରୀଙ୍କ ଧାରଣା

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସହକାରୀ ଅଧୀକ୍ଷକଙ୍କ ବଦଳି ଦାବିରେ ରବିବାର ଅନ୍ତେବାସିନୀମାନେ ଇନ୍ଦିରା ଗାନ୍ଧୀ ଆଦିବାସୀ ଛାତ୍ରୀ ନିବାସ ଆଗରେ ଧାରଣାରେ ବସିଥିଲେ। ହଷ୍ଟେଲ ସହକାରୀ ଅଧୀକ୍ଷକ ବିଶ୍ୱମୋହିନୀ ପତି ଛାତ୍ରୀମାନଙ୍କୁ ବାହାରକୁ ଛାଡୁ ନ ଥିବା ଏବଂ ଅଭିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ନେଇ ଜଣେ ଛାତ୍ରୀ କହିଥିଲେ, ସହକାରୀ ଅଧୀକ୍ଷକ ଆମ ଅଭିଭାବକଙ୍କ ସହ ଖରାପ ବ୍ୟବହାର କରୁଛନ୍ତି। ଛୋଟ ଛୋଟ କଥାରେ ବାହାର କରିବା ପାଇଁ ଧମକ ମଧ ଦେଉଛନ୍ତି। ଏଭଳି ବ୍ୟବହାରରେ ଆମେ ନିରୁତ୍ସାହିତ ହୋଇଯାଇଛୁ। ତେଣୁ ତାଙ୍କର ବଦଳି ପାଇଁ ଆମେ ଦାବି କରୁଛୁ। ସେପଟେ ଛାତ୍ରୀଙ୍କ ଏଭଳି ଅଭିଯୋଗକୁ ସହକାରୀ ଅଧୀକ୍ଷକ ବିଶ୍ୱମୋହିନୀ ପତି ଖଣ୍ଡନ କରିଛନ୍ତି। ଛାତ୍ରୀମାନେ ଆଣିଥିବା ଅଭିଯୋଗ ମିଛ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ କଡ଼ାକଡ଼ି ପାଳନ ହେଉଛି ବୋଲି ସେ କହିଛନ୍ତି।

# ଓଡ଼ିଶା ଇତିହାସରେ ମଧୁବାବୁଙ୍କ ବ୍ୟକ୍ତିତ୍ୱ ଚିରଉଜ୍ଜ୍ୱଳ ରହିବ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଓଡ଼ିଆ ଆତ୍ମ ପରିଚିତି, ଅସ୍ମିତା ଓ ସ୍ୱାଭିମାନକୁ ପ୍ରତିଷ୍ଠିତ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମର୍ପିତ ଜୀବନ ପ୍ରତ୍ୟେକ ଓଡ଼ିଆଙ୍କର ପ୍ରେରଣାସ୍ରୋତ ହୋଇ ରହିବ। ଓଡ଼ିଶାର ଗୌରବକୁ ବିଶ୍ୱପ୍ରସିଦ୍ଧି କରିବାରେ ତାଙ୍କର ଜୀବନବ୍ୟାପୀ ସାଧନା ଓ ଅଙ୍ଗୀକୃତ କାର୍ଯ୍ୟକଳାପ ତାଙ୍କୁ ଯଥାର୍ଥରେ କୁଳବୃଦ୍ଧ ଓ ଉତ୍କଳ ଗୌରବ ଭାବରେ ପ୍ରତିଷ୍ଠିତ କରିଛି। ଓଡ଼ିଶା ଇତିହାସରେ ମଧୁବାବୁଙ୍କ ବ୍ୟକ୍ତିତ୍ୱ ଚିରଉଜ୍ଜ୍ୱଳ ରହିବ। ସମକାଳ ଓ ଉତ୍ତରପିଢ଼ିକୁ ମଧୁବାବୁଙ୍କ ଜୀବନଗାଥା ଅନୁପ୍ରେରିତ କରୁଥିବ ବୋଲି ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି। ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ସମାରୋହରେ ବିଭାଗର ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକି ଓ ବରଦା ପ୍ରସନ୍ନ ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳେ ରାଜଭବନ ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉପସ୍ଥିତ ରହି ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଫଟୋରେ ଖବର



ରବିବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ସାମୂହିକ ବ୍ରତୋପନୟନରେ ଆୟୋଜକ ଓ ପୂଜକଙ୍କ ସହ ବଟୁମାନେ।



ରବିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ଉତ୍କଳ ସଂଘ ଟ୍ରଫି ସହ ।



ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ରବିବାର ଖବରକାଗଜ ବିତରକମାନେ ଓଡିଶା ପୋଷ୍ଟ ଓ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଦୁର୍ଘଟଣାରେ ଦୁଇ ଗୁରୁତର

**ବୌଦ୍ଧ,୨୮।୪(ସ୍ୱ.ପ୍ର):** ବୌଦ୍ଧ ଜିଲା ହରିପୁରଛକ ଠାରେ ରବିବାର ଅପରାହ୍ନରେ ଏକ ବାଇକ୍ ଦୁଇ ସାଇକେଲ ଆରୋହୀକୁ ଧକ୍କା ଦେବାରୁ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି। ବାରପୁଡ଼ୁଗୁ ଗ୍ରାମର ସୁରମଣି ଷାଣ୍ଡ ତାଙ୍କ ସ୍ତ୍ରୀ ସୈରେନ୍ଦ୍ରୀ, ପୁଅ ମଣ୍ଟୁ ଓ ଝିଅ ରିମା ଭୋଜି ଖାଇବାକୁ ଦୁଇଟି ସାଇକେଲରେ କୁସୁମୁଝୁଲି ଗ୍ରାମକୁ ଯାଉଥିଲେ। ଏହି ସମୟରେ କୁମରସିଙ୍ଗା ଗ୍ରାମର ଶିବାନନ୍ଦ ଭୋକ୍ତା ଏକ ବାଇକ୍ ଯୋଗେ (ନଂ.ଓଡି୨୭/୨୮୧୨) ନିଜ ଗ୍ରାମକୁ ଯାଉଥିବାବେଳେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ନିଜେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଶିବାନନ୍ଦ ଓ ରିମା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ରାସ୍ତା ଉପରେ ବେଆଇନ୍ ପାର୍କିଂ

**ବାଉଁଶୁଣୀ,୨୮।୪ (ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥ କଡରେ ଲୋକମାନେ ଗାଡିମୋଟର ପାର୍କିଂ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ମଧ ରାସ୍ତା ଜାମ୍ ହୋଇ ରହୁଛି। ଏହି ରାସ୍ତା ଦେଇ ସବୁଦିନ ଛୋଟ ଛୋଟ ଶିଶୁ ସ୍କୁଲକୁ ଯାତାୟାତ କରୁଛନ୍ତି । ସେହିପରି ବାରମ୍ବାର ଦୁର୍ଘଟଣା ଘଟିବାରେ ଲାଗିଛି । ଏଥିଯୋଗୁ ବାଉଁଶୁଣୀ ଥାନା ତରଫରୁ ୩ଜଣ କର୍ମଚାରୀଙ୍କୁ ଡ୍ୟୁଟି ଦିଆଯାଇଛି। ହେଲେ କିଛି ସୁଫଳ ମିଳୁନି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ସାତ ବର୍ଷ ହେଲା ପ୍ରକଳ୍ପ ଅଚଳ: ୮ଶହ ପରିବାରକୁ ମିଳୁନି ପାନୀୟ ଜଳ

**ବୌଦ୍ଧ,୨୮।୪(ସ୍ୱ.ପ୍ର):** ସରକାର ଜନସାଧାରଣଙ୍କ ପାଇଁ ଯୋଜନା ଯୋଜନା ପରେ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ସେସବୁ ବାଟବଣା ହୋଇପଡିଛି। ଫଳରେ ପ୍ରତିବର୍ଷ ଖରାଦିନରେ ଜଳକଷ୍ଟ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଦିନକୁ ଦିନ ଜଳସ୍ତର ହ୍ରାସ ଯୋଗୁ କୂଅ, ନଳକୂପ ଓ ପୋଖରୀରେ ପାଣି ସମସ୍ୟା ଦେଖାଯାଉଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ୪୨ଟି ଗ୍ରାମରୁ ତଳଗାଁରେ ଜଳ ପରିମଳ ବିଭାଗ ପକ୍ଷରୁ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଯୋଜନାରେ ନଳକୂପ ଖନନ, ପାଇପ ବିଛାଇବା ସହିତ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇ କାର୍ଯ୍ୟକାରୀ ହେଲା। ଫଳରେ ଗ୍ରାମର ଦୁଇଟି ୱାର୍ଡର ୮୦୦ ପରିବାର ଉପକୃତ ହେଲେ । ମାତ୍ର କିଛିଦିନ ପରେ ଉକ୍ତ ପ୍ରକଳ୍ପ ଅଚଳ ହୋଇପଡିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଆଜକୁ ସାତ ବର୍ଷ ହେବ ଉକ୍ତ ପ୍ରକଳ୍ପ ଅଚଳ ହୋଇ ପଡିଥିଲେ ମଧ ତାକୁ ମରାମତି କରାଯାଉନାହିଁ । ଏହାର ମରାମତି ନାମରେ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲେ ମଧ ଲୋକଙ୍କ କାମରେ ଆସୁନାହିଁ। ଗ୍ରାମର ହରେକୃଷ୍ଣ ସାହୁ ଓ ପୂର୍ବତନ ସରପଞ୍ଚ ରବିନାରାୟଣ ପ୍ରଧାନ ଏ ନେଇ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ହରଭଙ୍ଗା ବ୍ଲକ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନଭଞ୍ଜନ ପରିଡାଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ ।

### ଦୋକାନ ଶଟର ଭାଙ୍ଗି ଲାପ୍‌ଟପ୍, ଟଙ୍କା ଚୋରି

**ନୂଆଗାଁ, ୨୮।୪ (ଡି.ଏନ୍.ଏ.)-** ନୂଆଗାଁ ବ୍ଲକ ସଦର ନୂଆଗାଁ କଲେଜ ଛକ ନିକଟରେ ଥିବା ସତୀଶ ଟ୍ରେଡର୍ସ ନାମକ ଏକ ସାଇକେଲ୍ ଦୋକାନରୁ ଚୋରି ହୋଇଛି। ଦୋକାନ ସଟର ଭାଙ୍ଗି କେହି ଦୁର୍ବୃତ୍ତ ସେଠାରେ ଥିବା ଏକ ଲାପ୍‌ଟପ୍ ଓ କିଛି ଟଙ୍କା ନେଇଥିବା ନୂଆଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୨୮/୨୦୧୯) ରୁଜୁ କରି ପୋଲିସ୍ ଘଟଣାର ତଦନ୍ତ କରୁଛି। ତେବେ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ ଚୋରଙ୍କ ଫଟୋ କଏଦ୍ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ସୂଚନା ମୁତାବକ ଶନିବାର ରାତିରେ ସତୀଶ ଟ୍ରେଡର୍ସ ଦୋକାନର ମାଲିକ ସତୀଶ ଗୁପ୍ତା ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ସେ ନିଜ ଦୋକାନ ଖୋଲିବାକୁ ଆସିବାରୁ ଦେଖିଲେ ତାଙ୍କ ଦୋକାନର ସର୍ଟରରୁ ତାଲା ଭଙ୍ଗାଯାଇଛି। ପରେ ସେ ଦୋକାନ ଭିତରେ ଯାଇ ଦେଖିଲେ ଜିନିଷପତ୍ର ଏଣେତେଣେ ଫିଙ୍ଗାଯାଇଛି। ତାଙ୍କ ଲାପ୍‌ଟପ୍ ଚୋରି ହୋଇଯାଇଛି।






ପ୍ରଚଣ୍ଡ ଖରାରେ ଯାତ୍ରୀମାନେ ବିଶ୍ରାମ ପାଇଁ ସ୍ଥାନ ପାଉନାହାନ୍ତି (ବାମ) । ବସ୍‌ଷ୍ଟାଣ୍ଡ ପରିସରରେ ଅବ୍ୟବହୃତ ହୋଇ ପଡି ରହିଛି ଯାତ୍ରୀ ବିଶ୍ରାମାଗାର ।

ସୋନପୁର ବସ୍‌ଷ୍ଟାଣ୍ଡରେ ସର୍ବନିମ୍ନ ସୁବିଧା ନାହିଁ

# ପ୍ରଚଣ୍ଡ ଖରାରେ ସିଝୁଛନ୍ତି ଯାତ୍ରୀ

**ସୋନପୁର, ୨୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ମିଳୁନି। ଦୂରଦୂରାନ୍ତରୁ ଆସୁଥିବା ଓ ଏଠାରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ମନ୍ଦିରମାଳିନୀ ସୋନପୁରର କେନ୍ଦ୍ରସ୍ଥଳରେ ଥିବା ଏହି ବସ୍‌ଷ୍ଟାଣ୍ଡ ପ୍ରତି ପ୍ରଶାସନ କିମ୍ବା ପୌର କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନୂତନ ଜିଲା ଗଠନ ହେବା ପରେ ଏବଂ ମହାନଦୀରେ ସେତୁ ନିର୍ମାଣ ପରେ ସହରର ଜନବସତି ବୃଦ୍ଧି ପାଇବା ସହିତ ଉଭୟ ପଶ୍ଚିମ ଓଡିଶା ଓ ପୂର୍ବ ଓଡିଶାକୁ ଗମନାଗମନର ସୁବିଧା ହୋଇପାରିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ରେଳପଥର ସୁବିଧା ନଥିଲେ ବି ଏହି ଅଞ୍ଚଳରୁ ସମସ୍ତ ଅଞ୍ଚଳକୁ ଗମନାଗମନ ବସ ଯୋଗେ ଅଧିକ ସହଜ ହୋଇପାରିଛି। ଗୋଟିଏ ପଟେ ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ସହିତ ପର୍ଯ୍ୟଟକଙ୍କ ଯାତାୟାତ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ବସ୍‌ଷ୍ଟାଣ୍ଡର ଯେଉଁଭଳି ଉନ୍ନତି ହେବା କଥା ଜିଲା ଗଠନର ୨୬ବର୍ଷ ପରେ ମଧ ହୋଇ ପାରିନାହିଁ। ବସ୍‌ଷ୍ଟାଣ୍ଡ ପରିସରରେ ଜବରଦଖଲ ବୃଦ୍ଧି ପାଇଥିବା ବେଳେ ପ୍ରାଇଭେଟ୍ ଟ୍ୟାକ୍ସିଗୁଡିକ ସେଠାରେ ପାର୍କିଂ କରୁଛନ୍ତି। ଏହା ଜଣେ ସାଧାରଣ ଯାତ୍ରୀ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି। ଜଣାଯାଇଛି ଯେ, ଯାତ୍ରୀମାନଙ୍କ ପାଇଁ ଏଠାରେ ଆଇଡିଏସଏମଟି ଯୋଜନାରେ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ତେବେ ଏହି ଯାତ୍ରୀ ବିଶ୍ରାମାଗାର ବସ୍ ଛିଡା ହେଉଥିବା ସ୍ଥାନର ପଛପାର୍ଶ୍ୱରେ ନିର୍ମାଣ ହୋଇଥିବାରୁ ତାହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ତେଣୁ ଯାତ୍ରୀମାନେ ନିଜକୁ ନିରାପଦ ମଣୁ ନଥିବାରୁ ବିଶ୍ରାମଗାରରେ ବିଶ୍ରାମ ନେଉନାହାନ୍ତି। ବସ୍‌ଷ୍ଟାଣ୍ଡରେ ଖୋଲା ଆକାଶ ତଳେ ଛିଡା ହୋଇ ଯାତ୍ରୀମାନେ ପ୍ରଚଣ୍ଡ ଖରାରେ ସିଝୁଥିବା ଦେଖିବାକୁ ମିଳୁଛି। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ପରିସ୍ରାଗାର ଓ ଶୌଚାଳୟଟିଏ ନାହିଁ। ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇପାରିନି। ସେହିଭଳି ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ବୌଦ୍ଧ ଜିଲା ଆଡସିଂ ଅଞ୍ଚଳର ମହିଳା ଶୁକ୍ରୁ ମଲ୍ଲିକ କୁହନ୍ତି ଘରକୁ ଯିବା ପାଇଁ ସେ ବସ୍‌କୁ ଅପେକ୍ଷା କରିଛନ୍ତି। ଏଠାରେ ଯାତ୍ରୀଙ୍କ ପାଇଁ ବିଶ୍ରାମଗାର ନାହିଁ। ଫଳରେ ଖୋଲା ଆକାଶ ତଳେ ଖରାରେ ପିଲା ଛୁଆଙ୍କୁ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଯାତ୍ରୀମାନେ ଦୋକାନ ଛାଇରେ ବିଶ୍ରମ ନେବାକୁ ଗଲାବେଳେ ସେମାନେ ବିରକ୍ତ ହେଉଥିବା କହିଥିଲେ। ଏ ସମ୍ପର୍କରେ ପୂର୍ବତନ ନଗରପାଳ କଇରୁ ସ୍ୱାଇଁ କୁହନ୍ତି ପୂର୍ବରୁ ଯାତ୍ରୀ ବିଶ୍ରାମାଗାରରେ ଯାତ୍ରୀ ବିଶ୍ରାମ ନେଉଥିଲେ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ନିୟମିତ ସଫେଇ ହେଉ ନଥିବାରୁ ସେଠାକୁ ଯାତ୍ରୀ ଯାଉନାହାନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ଏକ ନୂତନ ବିଶ୍ରାମାଗାର ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରି କାମ ଆରମ୍ଭ ହେବା ସମୟରେ ବିରୋଧ ହେବାରୁ କାମ ବନ୍ଦ ରହିଛି। ସେହିପରି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଦେଢ ବର୍ଷ ତଳୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରୁନି ବୋଲି ସ୍ୱାଇଁ କହିଛନ୍ତି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗଦୀଶ ମହାନନ୍ଦ କହିଥିଲେ ମୁଁ କାର୍ଯ୍ୟରେ ନୂତନ ଭାବେ ଯୋଗ ଦେଇଛି। କାଉନସିଲ ବୈଠକରେ ପୂର୍ବରୁ ଏ ସମ୍ପର୍କରେ ଆଲୋଚନା ହୋଇଛି। ଅବ୍ୟବହୃତ ହୋଇ ପଡି ରହିଥିବା ବିଶ୍ରାମଗାରକୁ ପରିସ୍କାର ପରିଚ୍ଛନ୍ନ କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ପରିଷଦ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଗୁଡ଼ଭେଲା,୨୮।୪(ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ଜ୍ଞାନ ସହ ଭାରତୀୟ କଳା, ସଂସ୍କୃତି ଉପରେ ଜ୍ଞାନ ଥିବା ନିହାତି ଜରୁରୀ ବୋଲି ବଲାଙ୍ଗୀର ଜିଲା ତୁଷରାସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ରାତିରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆୟୋଜିତ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସଇଁତଳା ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡିଲେଶ୍ୱର ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ କମିଟି ସମ୍ପାଦକ ଜମ୍ବୁ ଜୈନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ସୌମ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ବ୍ୟାସଦେବ ମେହେର ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ସେବିକା କ୍ଷୀର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ। ଆଚାର୍ଯ୍ୟ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାମ ହେଲାବେଳେ ବିଧି**
**ନ ଦିଶଇ କିଛି ବୁଦ୍ଧି ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଧରିଥିବା ସୁନା ମଧ ମାଟି ପାଲଟି ଯାଇଥାଏ। ଦୁର୍ଭାଗ୍ୟ ପଡ଼ିଲେ ମଣିଷ ଚାରିଆଡୁ ନିରାଶ ହେବା ସହ ସବୁ କ୍ଷେତ୍ରରେ ଅସଫଳ ହେବାକୁ ବାଧ ହୋଇଥାଏ । କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ ଆଗକୁ ବଢ଼ିପାରେ ନାହିଁ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଉଁଶ ମାଇଲା କଣି**
**ତୁମେ ଯହିଁପାଇଁ ଠାରେ ଠୁରୁ**
**ଆମେ ତାହା ଜାଣି ।**

ପାଖେ ପାଖେ ଘୁରୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ବା ମନର କଥା ଅତି ସହଜରେ ବୁଝା ପଡ଼ିଯାଇଥାଏ । ମନୁଷ୍ୟର ଚାଲିଚଳନ ତଥା ଆଦବକାଇଦାରୁ ତା'ର ଅଭିପ୍ରାୟ ଜଣାପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

ଶିଶୁ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର

## ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନେବା ପରିବାରର କର୍ତ୍ତବ୍ୟ

**ବୌଦ୍ଧ,୨୮।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ବାଉଁଶୁଣୀର ୱାଇସିଡିଏ ଅନୁଷ୍ଠାନ ପକ୍ଷରୁ ବୌଦ୍ଧ ବନ୍ୟା ଆଶ୍ରୟସ୍ଥଳୀ ଠାରେ ରବିବାର ସନ୍ଧ୍ୟାରେ ପରିବାରରେ ପ୍ରତ୍ୟେକ ଶିଶୁର ଅଧିକାର ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ଦୌରାଜଜ ଅରବିନ୍ଦ ଗୁରୁ ଯୋଗଦେଇ ଉଦଘାଟନ କରିଥିଲେ। ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଯତ୍ନ ନେବା ଯେ କୌଣସି ପରିବାରର ମୌଳିକ କର୍ତ୍ତବ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଆଜିର ଶିଶୁ କାଲିର ଭବିଷ୍ୟତ । ତେଣୁ ଏହି ଭବିଷ୍ୟତ ପିଢିର ଦାୟିତ୍ୱ ନେବା ପ୍ରତ୍ୟେକ ପରିବାର ଓ ନାଗରିକର କର୍ତ୍ତବ୍ୟ ବୋଲି ଶିଶୁ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବାଲ୍ୟାବସ୍ଥାରେ ପରିବାର ଦ୍ୱାରା ଅବହେଳିତ ହେଲେ ଶିଶୁର ବିକାଶ ହୋଇପାରେନାହିଁ । ତେଣୁ ପ୍ରତ୍ୟେକ ଶିଶୁ ପାଇଁ ଏକ ଭଲ ପରିବାରର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ୱାଇସିଡିଏର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବୌଦ୍ଧର ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବିନିକା,୨୮।୪(ଡି.ଏନ୍.ଏ.)**

ବିନିକା ବ୍ଲକ ସିନ୍ଦୂରପୁର ପଞ୍ଚାୟତ ବିଶାଳପାଲି ଗ୍ରାମରେ ରବିବାର ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହିମପଡ଼ାରେ ରହୁଥିବା ପୁରେନ୍ଦ୍ର ଛତର(୪୮)। ସୂଚନା ମୁତାବକ, ପୁରେନ୍ଦ୍ର ବିଦ୍ୟୁତ୍ ମରାମତି କାମ କରୁଥିବା ବେଳେ କରେଣ୍ଟ ଲାଗି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିନିକା ପୋଲିସ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ

**ସୋନପୁର,୨୮।୪(ନି.ପ୍ର.)**

ପ୍ରତିଷ୍ଠିତ ଆଇନଜୀବୀ, ଓଡିଆ ଜାତିର ଗୌରବ ତଥା ସ୍ୱାଭିମାନୀ ପୁରୁଷ ମଧୁସୂଦନ ଦାସଙ୍କ ୧୭୧ତମ ଜନ୍ମ ଜୟନ୍ତୀ ଅବସରରେ ରବିବାର ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ ହୋଇଯାଇଛି। ବାର ହଲଠାରେ ଆଇନଜୀବୀମାନେ ମଧୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ଗଦାଧର ନେଗୀ, ଉପସଭାପତି ବ୍ରଜେନ୍ଦ୍ର ବିଶି, ସନ୍ତୋଷ ମେହେର, ରାଜେନ୍ଦ୍ର ଅଗ୍ରୱାଲ, ଦେବେନ୍ଦ୍ର ପର୍ଡିଆ, ସୀତାରାମ ମିଶ୍ର, ଓମକାର ପଧାନ, ନରଦେବ ଭୋଇ, ରସାନନ୍ଦ ସାହୁ, ଆଦିତ୍ୟ ପଣ୍ଡା, ବିବେକାନନ୍ଦ ମିଶ୍ର, ନାମାଇଁ ପାଣିଗ୍ରାହୀ ଓ ତୀର୍ଥବାସୀ ପଣ୍ଡା ପ୍ରମୁଖ ଯୋଗଦାନ କରି ଅନେକ କ୍ଷେତ୍ରରେ ମଧୁବାବୁ ଥିଲେ ପ୍ରଥମ ଓଡିଆ ବୋଲି କହିଥିଲେ। ସେ ଓଡିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍‌ଏ, ପ୍ରଥମ ବିଧିବଦ୍ଧ ଆଡଭୋକେଟ୍ ଓ ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ପ୍ରଥମ ନିର୍ବାଚିତ ସଦସ୍ୟ। ସ୍ୱଦେଶୀ ଶିଳ୍ପାୟନର ଆଦି ଉଦ୍‌ଗାତା। ପୁଣି ଥିଲେ ଦଳିତ ଜାତିର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସର୍ବପ୍ରଥମ ସଂସ୍ଥାପକ । ଭାଷାଭିତ୍ତିରେ ପ୍ରଦେଶ ଗଠନର ମଧ ମୁଖ୍ୟ ବିଧାଣୀ ଥିଲେ ମଧୁବାବୁ ବୋଲି ମତବ୍ୟକ୍ତ କରି ଉତ୍କଳ ଗୌରବଙ୍କ ସ୍ମୃତିଚାରଣ କରିଥିଲେ ।



ବାର ହଲରେ ଆୟୋଜିତ ସଭାରେ ବରିଷ୍ଠ ଓକିଲ ବୃନ୍ଦ ।

ଭୂମିକା ପକ୍ଷରୁ ବିଷୁବୋତ୍ସବ

## ଗ୍ରୀଷ୍ମ ସନ୍ଧ୍ୟାରେ କବିତା, ଗଳ୍ପରେ ଶୀତଳ ଅନୁଭବ

**ବଲାଙ୍ଗୀର ଅଫିସ,୨୮।୪**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ରବିବାର ବିଷୁବୋତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଷୁବୋତ୍ସବରେ ନିମନ୍ତ୍ରିତ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ରବିବାର ଥିଲା ବଲାଙ୍ଗୀରରେ ୪୩ ଡିଗ୍ରୀ ତାପମାତ୍ରା । ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମର ଝାଞ୍ଜି ପବନ ଭିତରେ ସାଧାରଣ ମଣିଷ ଆଉଟୁପାଉଟୁ ହେଉଥିବାବେଳେ କବି, ଗାଳ୍ପିକ ଓ କବିପ୍ରାଣ ସାହିତ୍ୟପ୍ରେମୀ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ବିଷୁବୋତ୍ସବର ମଜା ଉଠାଇଥିଲେ । ଭୂମିକା ସଭାପତି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଓ ଚିତ୍ରକର ସ୍ୱର୍ଗତ ଛନ୍ଦାଚରଣ ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଭୂମିକା ସମ୍ପାଦକ ନିଗମାନନ୍ଦ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଭୂମିକା ପକ୍ଷରୁ ବରିଷ୍ଠ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ଭୂମିକା ଉପଦେଷ୍ଟା ପ୍ରଫେସର ଡ. ମଧୁସୂଦନ ପତି ଓ ସଦସ୍ୟମାନେ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଆରମ୍ଭ ହୋଇଥିଲା ଗଳ୍ପ, କବିତା ପାଠ କାର୍ଯ୍ୟକ୍ରମ ନିମନ୍ତ୍ରିତ କବି ଅଖିଳ ନାୟକ, ଡ ଶୁଭେନ୍ଦୁ ସୁଧା ଷଡଙ୍ଗୀ, ନବୀନ ବିଶ୍ୱବନ୍ଧୁ, ଡ.ମଞ୍ଜୁବାଳା ପଣ୍ଡା, ମାନିନୀ ମିଶ୍ର, ବନ୍ଦନା କର, ଗାଳ୍ପିକ ଅଖିଳ ଚନ୍ଦ୍ର ହୋତା, ବିଜୟ ପ୍ରଧାନ ଯୋଗଦାନ କରିଥିଲେ । ସଂଯୋଜିକା ସଞ୍ଜୁକ୍ତା ପଣ୍ଡାଙ୍କ ମଧୁର ସଂଯୋଜନା କ୍ରମେ ଅନୁଷ୍ଠିତ ଗଳ୍ପ, କବିତା ଆସରରେ ନିମନ୍ତ୍ରିତ କବି ଓ ଗାଳ୍ପିକ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ସମ୍ପ୍ରତି ବଦଳି ଯାଉଥିବା ସଭ୍ୟ ସମାଜର ଆଚରଣ, ଉଚ୍ଚାରଣ ଓ ଚାଲିଥିବା ନିର୍ବାଚନୀ ଭିତରେ ସାଧାରଣ ମଣିଷର ସ୍ୱର ଓ ସୁରଭି ପଠିତ କବିତା ଓ ଗଳ୍ପରେ ପ୍ରତିଫଳିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୂମିକାର ଚିତ୍ତରଞ୍ଜନ ଦାଶ, ସତ୍ୟ ସୁନ୍ଦର ଭଞ୍ଜ, ବୀରେନ୍ଦ୍ର ବନ୍‌ଛୋର, ଆର୍ତ୍ତତ୍ରାଣ ପାଢ଼ୀ, ବ୍ୟାସଦେବ ନନ୍ଦ, ସାହିତ୍ୟିକ ଡ ସନ୍ତୋଷ କୁମାର ରଥ, କବି ବିଜୟ ତ୍ରିପାଠୀ, ଗୁରୁଶ୍ରୀ ଘାସିରାମ ମିଶ୍ର, ସନାତନ ଠାକୁର, ପ୍ରଦୀପ ମହାପାତ୍ର, ରସରାଜ ଅଚ୍ୟୁତ ପୁରୋହିତ, ପ୍ରଭାକର ମିଶ୍ର, ମୁରଲୀଧାରୀ ପତି,ମହେନ୍ଦ୍ର ମଲ୍ଲିକ, ଅରୁଣ ମିଶ୍ର, କୌତୁକ ପନ୍ଦର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଭୂମିକାର ବିଷୁବୋତ୍ସବରେ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରୁଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚଜାତିରେ ଜନ୍ମ ହୋଇ କାଗଜପତ୍ରରେ ନିଜକୁ ପଛୁଆ ବର୍ଗର ଦର୍ଶାଉଛନ୍ତି।

-ତେଜସ୍ୱୀ ଯାଦବ,
ବିହାର ବିଧାନସଭାର ବିରୋଧୀ ଦଳ ନେତା





୪ ମାସ ବନ୍ଦ ରହିବା ପରେ ଶ୍ରୀନଗର–ଲେହ ଜାତୀୟ ରାଜପଥ ରବିବାର ଖୋଲିଛି। ଜୋଜିଲା ଗିରିପଥଠାରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଧିଲନ ଏହାକୁ ଉନ୍ମୋଚନ କରୁଛନ୍ତି।



ବିହାରର ପାଟନାରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ରବିଶଙ୍କର ପ୍ରସାଦ ରବିବାର ନିର୍ବାଚନ ପ୍ରଚାର କରୁଛନ୍ତି।



କଂଗ୍ରେସ ନେତା ହାର୍ଦ୍ଦିକ ପଟେଲ ରାଞ୍ଚି ଜିଲାରେ ଦଳୀୟ ପ୍ରାର୍ଥୀ ସୁବୋଧକାନ୍ତ ସହାୟଙ୍କ ପାଇଁ ପ୍ରଚାରରେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ଆଇଏସ ସହ ସମ୍ପର୍କ ୩ ସନ୍ଦିଗ୍ଧଙ୍କୁ ଏନଆଇଏର ଜେରା

**ନୂଆଦିଲ୍ଲୀ,୨୮।୪:** ଆଇଏସ ସହ ସମ୍ପର୍କ ସନ୍ଦେହରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ କେରଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ପ୍ରଥମେ ୩ ସନ୍ଦିଗ୍ଧଙ୍କ ମଧ୍ୟରୁ କାସାରଗଡ଼ରେ ରହୁଥିବା ୨ ଜଣ ଓ ପାଲାକାଡ଼ରେ ଥିବା ଜଣଙ୍କ ଘର ଉପରେ ଚଢାଉ କରାଯାଇଥିଲା। ପରେ ଏହି ୩ ସନ୍ଦିଗ୍ଧଙ୍କୁ ଜେରା କରାଯାଇଥିଲା। ଏମାନଙ୍କର ଆତଙ୍କବାଦୀ ସଙ୍ଗଠନ ଆଇଏସ ସହ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। କାସାରଗଡ଼ର କେତେକ ଅଭିଯୁକ୍ତ ଆଇଏସ ସହ ସାମିଲ ହେବାକୁ ଇଚ୍ଛୁକ ଥିଲାବେଳେ ଏମାନଙ୍କ ସହ ଏଇ ୩ ଜଣଙ୍କର ସମ୍ପର୍କ ଥିବା ଏନଆଇଏ ସନ୍ଦେହ କରୁଛି। ଚଢାଉବେଳେ ମୋବାଇଲ ଫୋନ୍, ସିମ୍ କାର୍ଡ, ପେନ୍ ଡ୍ରାଇଭ୍, କେତେକ ଡିଭିଡି ଓ ସିଡୀ ଜବତ କରାଯାଇଛି। ଆରବୀ ଓ ମାଲୟାଲମ୍ ଭାଷାରେ ଲିଖିତ କେତେକ ହ୍ୟାଣ୍ଡନୋଟ୍, ଜାକିର ନାୟକ ଓ ସୟେଦ କୁତେବଙ୍କ କେତେକ ଡିଭିଡି ଚଢାଉ ବେଳେ ଏନଆଇଏ ପକ୍ଷରୁ ଜବତ କରାଯାଇଛି। ଏହି ଡିଜିଟାଲ ଡିଭାଇସ୍‌କୁ ଅଦାଲତୀ ଯାଞ୍ଚ ଓ ପରୀକ୍ଷା କରାଯିବ ବୋଲି ଜଣାପଡିଛି। କେରଳରୁ କିଛିଦିନ ହେବ ରହସ୍ୟଜନକଭାବେ ଅଦୃଶ୍ୟ ହୋଇଯାଇଥିବା ୨୧ ଜଣଙ୍କ ଆଇଏସ୍‌ରେ ଯୋଗଦେଇଥିବା ସନ୍ଦେହ କରାଯାଉଛି। ସେମାନଙ୍କ ମଧ୍ୟରୁ କାସାରଗଡ଼ର ୧୭ ଓ ପାଲାକାଡର ୪ ଜଣ ଅଛନ୍ତି। ୩ଜଣ ପିଲା ଓ ୪ ଜଣ ମହିଳା ମଧ୍ୟ ସେମାନଙ୍କ ସହ ସାମିଲ ଅଛନ୍ତି। ଏନେଇ ଏନଆଇଏର ଖୋଳତାଡ ଜାରି ରହିଛି।

### ୩ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୨୮।୪(ପି.ଟି.):** ଜମ୍ମୁ-କଶ୍ମୀରର ଚାନପୋରାସ୍ଥିତ ପୋଲିସ ପୋଷ୍ଟ ଉପରେ ଶୁକ୍ରବାର ହୋଇଥିବା ଆକ୍ରମଣ ଘଟଣାରେ ରବିବାର ୩ ଜେଇଏମ୍ ଆତଙ୍କବାଦୀଙ୍କୁ ବଡଗାମ୍ ଜିଲାର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀନଗର ଏସ୍‌ଏସ୍‌ପି ହାସିବ ମୁଗଲ ଏହା ପ୍ରକାଶ କରିଛନ୍ତି। ଗିରଫ ୩ ଆତଙ୍କବାଦୀମାନେ ହେଲେ ମୁସ୍ତାକ୍, ଜୁନୈଦ ଓ ଲତିଫ୍ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଶୁକ୍ରବାର ଏହି ପୋଲିସ ପୋଷ୍ଟ ଉପରେ ଆକ୍ରମଣ କରାଯିବାରୁ ଜଣେ ସୁରକ୍ଷା କର୍ମୀ ଆହତ ହୋଇଥିଲେ। ଆକ୍ରମଣ ପରେ ଡିଜିଟାଲ ଓ ଗୋଇନ୍ଦା ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ୩ ଆତଙ୍କବାଦୀ ମୋଟରସାଇକେଲରେ ଚାନପୋରା ଆସିବା ପରେ ଆକ୍ରମଣ ଯୋଜନା କରିଥିଲେ। ସୁରକ୍ଷା କର୍ମୀଙ୍କଠାରୁ ବନ୍ଧୁକ ଛଡ଼ାଇବାରେ ସେମାନେ ବ୍ୟର୍ଥ ହୋଇଥିଲେ। ପୋଲିସ ସେଠାରେ ପହଞ୍ଚି ଗୁଳିମାଡ଼ କରିବାରୁ ଏମାନେ ଛତ୍ରଭଙ୍ଗ ଦେଇଥିଲେ। ଏବେ ଗିରଫ ୩ ଜଣଙ୍କୁ ଜେରା କରାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡିଛି।

### [ଇତିହାସର ଆଇନାରେ]

### ଏପ୍ରିଲ ୨୯ର ପ୍ରମୁଖ ଘଟଣା

୧୯୭୦ ଏପ୍ରିଲ ୨୯ରେ ଭିଏତନାମ୍ ଯୁଦ୍ଧ ଆରମ୍ଭ ହୋଇଥିଲା। ଇଣ୍ଡୋ-ଚାଇନା ଯୁଦ୍ଧ ପରେ ଏହା ଥିଲା ଦ୍ୱିତୀୟ। ସରକାରୀ ଭାବେ ଉତ୍ତର ଭିଏତନାମ୍ ଏବଂ ଦକ୍ଷିଣ ଭିଏତନାମ ମଧ୍ୟରେ ଏହା ସଂଘଟିତ ହୋଇଥିଲା।

୨୦୧୩ ଏପ୍ରିଲ ୨୯ରେ ପ୍ରେଗ୍‌ର ଏକ ସରକାରୀ କୋଠାରେ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁ ୪୩ ଲୋକ ଆହତ ହୋଇଥିଲେ। ପ୍ରେଗ୍ ହେଉଛି ଚେକ୍ ସାଧାରଣତନ୍ତ୍ରର ରାଜଧାନୀ ତଥା ବୃହତ୍ ନଗରୀ।

## ■ ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ମାମଲାର ଶୁଣାଣି

# ନିୟମ ଉଲ୍ଲଂଘନ କରିଛନ୍ତି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୪**



ରଞ୍ଜନ ଗୋଗୋଇ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ପରେ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିବା ଓ ଖଣ୍ଡପୀଠରେ ନିଜେ ସିଜେଆଇ ରହିବା ସର୍ବୋଚ୍ଚ ଅଦାଲତଙ୍କ ବିଚାର ପ୍ରକ୍ରିୟା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଆଇନଜୀବୀ ଉତ୍ସବ ବୈନ୍ସ ଦାଖଲ କରିଥିବା ସତ୍ୟପାଠକୁ ଗୁରୁତ୍ୱର ସହ ନେଇ ତାଙ୍କ ଅଭିଯୋଗ ଉପରେ ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଭଳି ଶୁଣାଣି ଦ୍ୱାରା ସୁପ୍ରିମକୋର୍ଟ ନିଜ ପ୍ରକ୍ରିୟା ଓ ନିୟମାବଳୀର ଉଲ୍ଲଂଘନ କରିଥିବା କୁହାଯାଉଛି।

ନିଜ ବିରୋଧରେ ଆସିଥିବା ମାମଲାର ଶୁଣାଣି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ହେବାକୁ ନେଇ ସର୍ବସାଧାରଣରେ ବିରୋଧାଭାସ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆଣିଥିଲେ। ଗତ ୨୦ ତାରିଖ ଶନିବାର ଏହା ଉପରେ ଶୁଣାଣି ହୋଇଥିଲା। ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ଶୁଣାଣି ପ୍ରକ୍ରିୟାର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ଅଦାଲତ ବାର୍ ଆସୋସିଏଶନ (ଏସ୍‌ସିବିଏ) ପକ୍ଷରୁ କୁହାଯାଇଛି।

ସୁପ୍ରିମକୋର୍ଟରେ ମାମଲା ଦାଏର ଓ ଶୁଣାଣି ପ୍ରକ୍ରିୟା ସର୍ବୋଚ୍ଚ ଅଦାଲତଙ୍କ ନିୟମାବଳୀ, ୨୦୧୩ ଦ୍ୱାରା ପରିଚାଳିତ ହୋଇଥାଏ। ସାଧାରଣତଃ ଅଫିସିଆଲ ଗେଜେଟ୍‌ରେ ପ୍ରକାଶିତ ଛୁଟିଦିନ ଏବଂ ଶନିବାର ଶୁଣାଣି ହୁଏ ନାହିଁ। ତେବେ କୌଣସି ଅସାଧାରଣ ଘଟଣାରେ ଶନିବାର ଶୁଣାଣି କରାଯିବାର ନିୟମ ରହିଛି। ତେବେ ଏଭଳି ଶୁଣାଣି ସମ୍ପର୍କରେ କିଏ ନିଷ୍ପତ୍ତି ନେବେ ତାହା ନିୟମାବଳୀରେ ଉଲ୍ଲେଖ ନ ଥିବାରୁ ଏହା ମାଷ୍ଟର ଅଫ୍ ରୋଷ୍ଟରର ପ୍ରଧାନ ବିଚାରପତିଙ୍କ ଉପରେ ଛାଡିଦିଆଯାଇଛି।

ଯୌନଶୋଷଣ ଅଭିଯୋଗର ଶୁଣାଣି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ହୋଇଥିଲା ଯେଉଁଥିରେ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ସଞ୍ଜୀବ ଖାନ୍ନା ରହିଥିଲେ। ତେବେ ଖଣ୍ଡପୀଠଙ୍କ ନିର୍ଦ୍ଦେଶନାମା ସୁପ୍ରିମକୋର୍ଟ ୱେବ୍‌ସାଇଟରେ ଅପ୍‌ଲୋଡ ହେଲାବେଳେ ଆଶ୍ଚର୍ଯ୍ୟଜନକ ଭାବେ ସେଥିରୁ ସିଜେଆଇଙ୍କ ନାଁକୁ ବାଦ୍ ଦିଆଯାଇଥିଲା। ଖଣ୍ଡପୀଠରେ ସିଜେଆଇ ଥିବାରୁ କୌଣସି ନିର୍ଦ୍ଦେଶନାମା ଜାରି ହେବ ନାହିଁ ବୋଲି ଶୁଣାଣି ବେଳେ କୁହାଯାଇଥିଲା। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବିଚାରପତି ଶୁଣାଣିଠାରୁ ନିଜକୁ ଦୂରେଇ ରଖିବା କଥା ଏବଂ ତାହା ମଧ୍ୟ ରେକର୍ଡ ହେବା ଆବଶ୍ୟକ। ୨୦ ତାରିଖ ଶୁଣାଣି ବେଳେ ତାହା ଅନୁସରଣ କରାଯାଇ ନ ଥିଲା। ସେହିପରି ୨୩ ତାରିଖ ପାଇଁ କଜ୍‌ଲିଷ୍ଟରେ ମାମଲା ତାଲିକାଭୁକ୍ତ ହେବା ବେଳେ ଖଣ୍ଡପୀଠରେ ପରିବର୍ତ୍ତନ କରାଯାଇଥିଲା। ଜଷ୍ଟିସ୍ ଅରୁଣ ମିଶ୍ର, ରୋହିଙ୍ଗଟନ୍ ନରିମାନ ଏବଂ ଦୀପକ ଗୁପ୍ତାଙ୍କୁ ନେଇ କ'ଣ ପାଇଁ ନୂଆ ଖଣ୍ଡପୀଠ ଗଢ଼ାଗଲା ତାହା ମଧ୍ୟ ଅସ୍ପଷ୍ଟ ରହିଛି।

ଅନ୍ୟପକ୍ଷରେ ମାମଲାର ପକ୍ଷ ନ ଥାଇ ଉତ୍ସବ ବୈନ୍ସଙ୍କ ସତ୍ୟପାଠ ଦାଖଲ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାରଣରୁ ମାମଲାର ପ୍ରକୃତ ପକ୍ଷ କିଏ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଉତ୍ସବଙ୍କ ସତ୍ୟପାଠକୁ ଶୁଣାଣି ପାଇଁ ଗ୍ରହଣ କରାଯିବା ସୁପ୍ରିମକୋର୍ଟଙ୍କ ଶୁଣାଣି ପ୍ରକ୍ରିୟାର ଆଉ ଏକ ଅନିୟମିତତା ବୋଲି କୁହାଯାଉଛି। ଉତ୍ସବଙ୍କ ସତ୍ୟପାଠ ରେଜିଷ୍ଟ୍ରିଙ୍କ ଦ୍ୱାରା କିପରି ତାଲିକାଭୁକ୍ତ ହେଲା ତାହା ଜଣାପଡିନି। ଯଦି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେ କେହି ସତ୍ୟପାଠ ଦାଏର କଲେ ତାହାକୁ ଶୁଣାଣି ପାଇଁ ଗ୍ରହଣ କରାଯାଇପାରିବ କି ବୋଲି ପ୍ରଶ୍ନ ଉଠିଛି।

# ଆଜି ୭୧ ଆସନରେ ଭୋଟ

**ନୂଆଦିଲ୍ଲୀ,୨୮।୪**



ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲାଗି ସୋମବାର ମତଦାନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବା ୯ଟି ରାଜ୍ୟର ୭୧ ଆସନ ମଧ୍ୟରେ ରହିଛି ବିହାରର ୫ ଆସନ, ଝାଡଖଣ୍ଡର ୩, ମଧ୍ୟପ୍ରଦେଶର ୬, ମହାରାଷ୍ଟ୍ରର ୧୭, ଓଡିଶାର ୬, ରାଜସ୍ଥାନର ୧୩, ଉତ୍ତରପ୍ରଦେଶର ୧୩, ଜମ୍ମୁ-କଶ୍ମୀରର ଗୋଟିଏ ଏବଂ ପଶ୍ଚିମବଙ୍ଗର ୮ ଆସନ। ମତଦାନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୋଲିଂ କର୍ମଚାରୀ ଇଭିଏମ୍ ଏବଂ ଭିଭିପିଏଟି ସହ ବିଭିନ୍ନ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟରେ ୯୪୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ଏହି ପର୍ଯ୍ୟାୟରେ ଚର୍ଚ୍ଚିତ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କହ୍ନେୟା କୁମାର, ଗିରିରାଜ ସିଂ, ଏସ୍.ଏସ୍. ଆଲୁୱାଲିଆ, ବାବୁଲ ସୁପ୍ରିୟୋ, ଗଜେନ୍ଦ୍ର ସିଂ ଶେଖାୱତ୍, ପି.ପି. ଚୌଧୁରୀ, ଡ. ସୁଭାଷ ଭାମ୍ରେ, ସୁଦର୍ଶନ ଭଗତ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ,ସଲମାନ ଖୁର୍ସିଦ, ମୁନ୍‌ମୁନ୍ ସେନ୍, ଉପେନ୍ଦ୍ର କୁଶୱାହା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁଅ ନକୁଳ, ଅର୍ଜୁନ ସିଂଙ୍କ ପୁଅ ଅଜୟ ସିଂ, ରାକେଶ ସିଂ, ପୁନମ ମହାଜନ, ପ୍ରିୟା ଦତ୍ତ, ମିଲିନ୍ଦ୍ ଦେଓରା, ଉର୍ମିଳା ମାତୋଣ୍ଡକର ପ୍ରମୁଖ। ଜମ୍ମୁ-କଶ୍ମୀରର ଅନନ୍ତନାଗ ଲୋକ ସଭା ଆସନରେ ସୋମବାର ଭୋଟଗ୍ରହଣ ହେବାକୁ ଥିବାବେଳେ ସେଠାରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି, ରାଜ୍ୟ କଂଗ୍ରେସ ସଭାପତି ଜି.ଏ. ମିର୍ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି)ର ହସନୈନ୍ ମାସୁଦି।

ଏହାବ୍ୟତୀତ ଓଡିଶାର ୪୨ ବିଧାନସଭା ଆସନ, ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡା , ଉତ୍ତରପ୍ରଦେଶର ନିଘାସନ ଏବଂ ପଶ୍ଚିମବଙ୍ଗର କ୍ରିଷ୍ଣଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ସୋମବାର ଅନୁଷ୍ଠିତ ହେବ।

## ■ ୨୦୧୯ ଭୋଟ ଲାଗି ସର୍ବାଧିକ ଫୋର୍ସ

# ୨.୭ ଲକ୍ଷ ଯବାନ, ୨୦ ଲକ୍ଷ ପୋଲିସ ମୁତୟନ

**ନୂଆଦିଲ୍ଲୀ,୨୮।୪(ପି.ଟି.)**



ଭାରତରେ ୭ ପର୍ଯ୍ୟାୟବିଶିଷ୍ଟ ଲୋକ ସଭା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷକରିବା ଲାଗି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏଥିଲାଗି ଦେଶବ୍ୟାପୀ ମୋଟ ୨.୭ ଲକ୍ଷ ପାରାମିଲିଟାରୀ ଫୋର୍ସ, ୨୦ ଲକ୍ଷରୁ ଊର୍ଦ୍ଧ୍ୱ ରାଜ୍ୟ ପୋଲିସ ଓ ହୋମ୍‌ଗାର୍ଡମାନଙ୍କୁ ନିୟୋଜିତ କରାଯାଇଛି। ୨୦୧୯ ନିର୍ବାଚନରେ ପୂର୍ବାପେକ୍ଷା ସର୍ବାଧିକ ଫୋର୍ସ ମୁତୟନ କରାଯାଇଥିବା କୁହାଯାଇଛି।

ନିର୍ବାଚନ କମିଶନଙ୍କ ସୁପାରିସ୍‌ରେ ୨,୭୧୦ କମ୍ପାନୀ ପାରାମିଲିଟାରୀ ଫୋର୍ସ ଲୋକ ସଭା ନିର୍ବାଚନ ଲାଗି ମୁତୟନ କରାଯାଇଛି ବୋଲି ଗୃହ ମନ୍ତ୍ରଣାଳୟର ଅଧିକାରୀ କହିଛନ୍ତି। ଏଥିସହ ପ୍ରତ୍ୟେକ ରାଜ୍ୟର ପୋଲିସ ଫୋର୍ସ ଓ ହୋମ୍‌ଗାର୍ଡଙ୍କୁ ନେଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ ବିଭିନ୍ନ ମତଦାନ କେନ୍ଦ୍ର, ନିର୍ବାଚନ ଅଧିକାରୀଙ୍କ ପରିବହନ, ଇଭିଏମ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଆଦି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗୋଟିଏ ପର୍ଯ୍ୟାୟ ଭୋଟ ଶେଷହେବା ପରେ ପାରାମିଲିଟାରୀ ଫୋର୍ସ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଅନ୍ୟ ରାଜ୍ୟକୁ ଯାଉଥିବା ଅଧିକାରୀ ପ୍ରକାଶ କରିଛନ୍ତି। ଏଥିଲାଗି ଟ୍ରକ, ରେଲୱେ କୋଚ୍, ହେଲିକପ୍ଟରର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ପ୍ରକାଶଥାଉକି, ଏପ୍ରିଲ ୧୧ ତାରିଖରୁ ଲୋକ ସଭା ନିର୍ବାଚନ ଆରମ୍ଭ ହୋଇଥିଲାବେଳେ ମେ ୧୯ ତାରିଖରେ ଏହି ପର୍ବ ଶେଷ ହେବ। ମେ ୨୩ ତାରିଖରେ ଭୋଟ ଗଣତି କରାଯିବ।

## ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆଣନ୍ତୁ: ଜିନ୍‌ପିଙ୍ଗ

**ବେଜିଂ,୨୮।୪(ଆଇଏଏନ୍‌ଏସ୍)**

ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆଣିବା ଲାଗି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଦୁଇଦେଶକୁ ଆହ୍ୱାନ ଦେଇଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖାଦେଇଛି। ଚାଇନା ଗସ୍ତରେ ଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ସହ ଦକ୍ଷିଣଏସିଆ ପ୍ରସଙ୍ଗରେ ଆଲୋଚନା ଅବସରରେ ଜିନ୍‌ପିଙ୍ଗ ଏହା କହିଛନ୍ତି। ସବୁ ମନୋମାଳିନ୍ୟ ଭୁଲି ଦ୍ୱିପାକ୍ଷିକ ଆଲୋଚନା କରିବା ଓ ସମ୍ପର୍କରେ ସୁଧାର ଆଣିବା ଲାଗି ସେ ପରାମର୍ଶ ଦେଇଛନ୍ତି। ବେଲ୍ଟ ଆଣ୍ଡ ରୋଡ୍ ସମ୍ମିଳନୀରେ ଯୋଗଦେବା ଲାଗି ଇମ୍ରାନ ଚାଇନା ଗସ୍ତ କରିଛନ୍ତି। କରିଡରକୁ ବିରୋଧ କରି ଭାରତ ଦ୍ୱିତୀୟ ଥର ଲାଗି ଏହି ସମ୍ମିଳନୀରୁ ଦୂରେଇ ରହିଛି।



# ୨୭୨ ନିର୍ବାଚନ କର୍ମଚାରୀ ମୃତ,୧,୮୭୮ ଅସୁସ୍ଥ

**ଜାକର୍ତ୍ତା,୨୮।୪**

**ଇଣ୍ଡୋନେସିଆ ନିର୍ବାଚନ**

ଇଣ୍ଡୋନେସିଆ ନିର୍ବାଚନ ଭୋଟ ଗଣତିବେଳେ କାର୍ଯ୍ୟ ଚାପରେ ୨୭୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ସଙ୍ଗେ ରାଷ୍ଟ୍ରପତି ନିର୍ବାଚନ ସହ ଜାତୀୟ ପାର୍ଲାମେଣ୍ଟ ଓ ଆଞ୍ଚଳିକ ପାର୍ଲାମେଣ୍ଟ ଲାଗି ନିର୍ବାଚନ ହୋଇଥିଲା। ଦୀର୍ଘ ସମୟ ଧରି ଭୋଟ୍ ଗଣତିରେ କର୍ମଚାରୀମାନେ କ୍ଳାନ୍ତ ହୋଇପଡିଥିଲେ। ଶନିବାର ରାତି ସୁଦ୍ଧା ୨୭୨ ନିର୍ବାଚନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧,୮୭୮ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ହାତରେ ବହୁ ଘଣ୍ଟାଧରି କୋଟି କୋଟି ବାଲଟ୍‌ପେପର୍ ଗଣିବାରୁ ସେମାନେ ଥକିପଡିବା ସହ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଗତ ଏପ୍ରିଲ ୧୭ ତାରିଖରେ ୨୬ କୋଟି ଲୋକଙ୍କ ପାଇଁ ପ୍ରଥମ ଥର ଲାଗି ଇଣ୍ଡୋନେସିଆର ରାଷ୍ଟ୍ରପତି ନିର୍ବାଚନ, ସଂସଦୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକକାଳୀନ ଗୋଟିଏ ଦିନରେ କରାଯାଇଥିଲା। ଅଧିକ ବ୍ୟୟ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଥିଲାବେଳେ ପ୍ରାୟ ୮୦ ପ୍ରତିଶତ ମତଦାନ କରାଯାଇଥିଲା। ପ୍ରାୟ ୧୯.୩ ନିୟୁତ ଭୋଟର ଏଥିରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ କର୍ମଚାରୀମାନେ ଭୋଟ୍‌ଲାଗି ଦୂରଦୂରାନ୍ତକୁ ଯିବା ଓ ଦୀର୍ଘ ସମୟଧରି ବିଶ୍ରାମ ନ ପାଇ ବାଲଟ୍‌ପେପର୍ ଗଣିବା ଯୋଗୁଁ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ନିର୍ବାଚନ କମିଶନଙ୍କ ମୁଖପାତ୍ର ଆରିଫ ପ୍ରିୟୋ ସୁଶାନ୍ତୋ ପ୍ରକାଶ କରିଛନ୍ତି। ଗତ ୨୩ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସର୍କୁଲାର ଜାରି କରିଥିଲେ। ଅର୍ଥ ମନ୍ତ୍ରଣାଳୟ ତରଫରୁ ମୃତ୍ୟୁବରଣ କରିଥିବା ନିର୍ବାଚନ କର୍ମଚାରୀଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ଲାଗି ପ୍ରୟାସ କରାଯାଉଥିବା ସୁଶାନ୍ତୋ କହିଛନ୍ତି।

## ମୋଦିଙ୍କୁ ଭେଟିଲେ ସନ୍ନି ଦେଓଲ

**ନୂଆଦିଲ୍ଲୀ,୨୮।୪(ପି.ଟି):** ପଞ୍ଜାବର ଗୁର୍‌ଦାସପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ଅଭିନେତା ସନ୍ନି ଦେଓଲ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ଅପରପକ୍ଷରେ ମୋଦି ଏକ ଉନ୍ନତ ଭାରତ ପାଇଁ ଦେଓଲଙ୍କ ଗଭୀର ଭାବାବେଗକୁ ପ୍ରଶଂସା କରିଛନ୍ତି। ମୋଦି ଅଭିନେତାଙ୍କ ସହିତ ଏକ ଫଟୋଗ୍ରାଫ୍ ସୋସିଆଲ ମିଡିଆରେ ପୋଷ୍ଟ କରି ଟୁଇଟ୍ କରିଛନ୍ତି। ଗୁର୍‌ଦାସପୁରରେ ଦେଓଲଙ୍କ ବିଜୟ ହେବ ଏବଂ ଭାରତର ସମୃଦ୍ଧି ଜାରି ରହିବ ବୋଲି ମୋଦି ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ଅଭିନେତା ସନ୍ନି ଦେଓଲ ଏପ୍ରିଲ ୨୨ରେ ଭାଜପାରେ ଯୋଗଦେବା ପରେ ତାଙ୍କୁ ଗୁର୍‌ଦାସପୁର ଆସନରୁ ଲୋକ ସଭା ପ୍ରାର୍ଥୀ କରାଯାଇଥିଲା। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କଂଗ୍ରେସ ନେତା ସୁନୀଲ ଝାକର, ଆମ୍ ଆଦ୍‌ମୀ ପାର୍ଟିର ପିଟର ମାସି ଏବଂ ପଞ୍ଜାବ ଡେମୋକ୍ରାଟିକ୍ ଆଲିଆନ୍ସ ପ୍ରାର୍ଥୀ ଲାଲ୍ ଚାନ୍ଦ।



## ପଣଜୀ ଉପନିର୍ବାଚନ ପାରିକରଙ୍କ ପୁଅଙ୍କୁ ଟିକେଟ୍ ଦେଲାନି ଭାଜପା

**ପଣଜୀ,୨୮।୪**

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳଙ୍କୁ ପଣଜୀ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ନ କରି ପୂର୍ବତନ ବିଧାୟକ ସିଦ୍ଧାର୍ଥ କୁଙ୍କାଲିଏନ୍‌କର୍‌ଙ୍କୁ ପୁଣି ଥରେ ସୁଯୋଗ ଦେଇଛି । ପ୍ରାର୍ଥିତ୍ୱକୁ ନେଇ ଦଳରେ ସହମତି ହୋଇ ନ ପାରିବାରୁ ପ୍ରଦେଶ ଭାଜପା ପକ୍ଷରୁ ୨ ଜଣଙ୍କ ନାମ ବିଚାରକୁ ନିଆଯାଇଥିଲା। ମେ ୧୯ରେ ପଣଜୀରେ ଉପନିର୍ବାଚନ ହେବ। ଏଠାରେ ଉଲ୍ଲେଖଯୋଗ୍ୟ କି, ୧୯୯୪ରୁ ମନୋହର ପାରିକର ପଣଜୀ ଆସନରୁ ନିର୍ବାଚିତ ହୋଇଆସୁଥିଲେ।

# ଲଣ୍ଡନ ମାରାଥନ୍‌ରେ ଦୌଡ଼ିଲେ ୪୦ହଜାର

**ଲଣ୍ଡନ, ୨୮।୪**



ରବିବାର ବିଶ୍ୱପ୍ରସିଦ୍ଧ ୩୯ତମ ଲଣ୍ଡନ ମାରାଥନ୍‌ରେ ୪୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାଗନେଇଥିଲେ। ଅଧିକାଂଶ ଦୌଡାଳି ଗିନିଜ୍ ବିଶ୍ୱରେକର୍ଡ ହାସଲ କରିବାକୁ ଲକ୍ଷ୍ୟ ରଖିଥିଲେ। ସେମାନେ ଦୌଡିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷ ବିଶିଷ୍ଟ ଟେନିସ ଖେଳାଳି ଆଣ୍ଡି ମୁରେ ବନ୍ଧୁକରୁ ଗୁଳି ଫୁଟାଇ ଏହାର ଶୁଭାରମ୍ଭ କରିଥିଲେ। ୧୯୮୧ରେ ଲଣ୍ଡନ ମାରାଥନ୍ ଆରମ୍ଭ ହେବା ପରଠାରୁ ଏହା ୧୦୦କୋଟି ପାଉଣ୍ଡ ପାଣ୍ଠି ଉଠାଣ କରିସାରିଲାଣି ବୋଲି ଦୌଡ ଆୟୋଜକ ଭର୍ଜିନ ମନି ପକ୍ଷରୁ ପ୍ରକାଶ ପାଇଛି। ଇଭେଣ୍ଟ ନିର୍ଦ୍ଦେଶକ ହୁଗ୍ ବ୍ରାଶରଙ୍କ କହିବାନୁଯାୟୀ, ବିଶ୍ୱରେ ଅନ୍ୟ କୌଣସି ମାରାଥନ୍‌ରେ ଏତେସଂଖ୍ୟକ ବ୍ୟକ୍ତି ଅଂଶଗ୍ରହଣ କରନ୍ତି ନାହିଁ। ଏଥିପାଇଁ ପ୍ରତ୍ୟେକ ଦୌଡାଳି, ସମର୍ଥକ, ଦାତା, ଦାତବ୍ୟ ସଂସ୍ଥା, ସ୍ୱେଚ୍ଛାସେବୀ, ଆୟୋଜକ, ଦର୍ଶକ ଏବଂ ଷ୍ଟାଫ୍ ମେମ୍ବରଙ୍କୁ ସେ ଧନ୍ୟବାଦ ଦେଇଥିଲେ। କଲ୍ୟାଣମୂଳକ କାର୍ଯ୍ୟ ପାଇଁ ପାଣ୍ଠି ଉଠାଣ ବିଷୟରେ ଉଦ୍‌ବୋଧନ ଦେଇ ଲଣ୍ଡନ ମେୟର ସାଦିକ ଖାନ୍ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପାଣ୍ଠି ଉଠାଣକାରୀ ଏହି ବିଶ୍ୱପ୍ରସିଦ୍ଧ ଲଣ୍ଡନ ମାରାଥନ୍ ୩୮ବର୍ଷ ମଧ୍ୟରେ ଲକ୍ଷାଧିକ ଲୋକଙ୍କୁ ସହାୟତା କରିଥିବା ସେ ପ୍ରକାଶ କରିଥିଲେ।

## ଆଣ୍ଟିବାୟୋଟିକ୍ ଖାଉଥିଲେ..

ରୋଗର ଅବସ୍ଥା ଦେଖି ଡାକ୍ତର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ହେଲେ ଏ ନେଇ କେତେକ ବିଷୟରେ ଆମେ ଅବଗତ ହେବା ନିହାତି ଜରୁରୀ। ପ୍ରଥମ କଥା ହେଲା ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତ୍ୟେକ ରୋଗ ପାଇଁ ଭିନ୍ନ ଭିନ୍ନ ଆଣ୍ଟିବାୟୋଟିକ୍ ଖାଇବାକୁ ପଡ଼ିଥାଏ। ତେଣୁ ଏ ବିଷୟରେ ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ସବୁଠାରୁ ବଡ଼ କଥା ହେଲା ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଆନ୍ତୁ ନାହିଁ। କେତେକ ଲୋକ ରୋଗରୁ ଆରୋଗ୍ୟ ଲାଭ କରିବା ପରେ ଔଷଧ ଖାଇବା ବନ୍ଦ କରିଦିଅନ୍ତି। ହେଲେ କେତେକ କ୍ଷେତ୍ରରେ ଆଉ କିଛିଦିନ ଔଷଧ ଖାଇବାକୁ ପଡ଼େ। ତେଣୁ ଏହି ସମୟରେ ଡାକ୍ତରଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ବିନା ଛୋଟ ପିଲାଙ୍କୁ କଦାପି ଆଣ୍ଟିବାୟୋଟିକ୍ ଦିଅନ୍ତୁ ନାହିଁ। କୌଣସି ଔଷଧ ଲେଖିବା ପୂର୍ବରୁ ଆପଣଙ୍କର ଆଲର୍ଜିଜନିତ କିଛି ସମସ୍ୟା ଅଛି କି ନାହିଁ ତାହା ଡାକ୍ତରଙ୍କୁ କୁହନ୍ତୁ। କାରଣ ସେହି ଅନୁସାରେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଔଷଧ ଖାଇବାକୁ ନେଇ ମନରେ କିଛି ଦ୍ୱନ୍ଦ୍ୱ ଥିଲେ ତାହା ଡାକ୍ତରଙ୍କ ସମ୍ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ।



## ବରଫ ତରଳାଇବାର ନୂଆ ଉପାୟ

ସାଧାରଣତଃ ଗରମ ସଂସ୍ପର୍ଶରେ ଆସିଲେ ବରଫ ତରଳିଯାଏ। ହେଲେ ପରିବେଶ ଥଣ୍ଡା ହେଲେ ମଧ୍ୟ ଏହାକୁ ତରଳାଇ ହେବ। ଏପରି ଏକ ଉପାୟ ଖୋଜି ପାଇଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ। ବାଲି, ଗୋଡି ଏବଂ ସିମେଣ୍ଟକୁ ନେଇ ସେମାନେ ଏପରି ଏକ ପ୍ରକାର କଙ୍କ୍ରିଟ ପ୍ରସ୍ତୁତ କରିଛନ୍ତି ଯାହା ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ତରଳିଯିବ। ଏହି କଙ୍କ୍ରିଟକୁ ବିଦ୍ୟୁତ ଶକ୍ତି ଦ୍ୱାରା ସଂଯୋଜିତ କରାଯାଇଛି ଏବଂ ଏହି କରେଣ୍ଟ ଦ୍ୱାରା ହିଁ ବରଫ ତରଳିବ। ହେଲେ ଏହି କରେଣ୍ଟ ଆଦୌ ବିପଦଜନକ ନୁହେଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଶୀତଦିନେ ବରଫ ଦ୍ୱାରା ଆଚ୍ଛାଦିତ ରାସ୍ତାଗୁଡ଼ିକୁ ଯଦି ଏପରି କଙ୍କ୍ରିଟ୍‌ରେ ତିଆରି କରାଯାଏ ତେବେ ସେହି ରାସ୍ତାରୁ ବରଫ ହଟାଇବା କାମ ସହଜରେ ସମ୍ପାଦିତ ହୋଇପାରିବ ବୋଲି ଏଥିରୁ ଜଣାପଡ଼ିଛି।



# ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ



ଇଂ. ମାୟାଧର ସ୍ୱାଇଁ

ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀ (periodic table) ହେଉଛି ରସାୟନ ବିଜ୍ଞାନର ଏକ ଅମୂଲ୍ୟ ଉତ୍ସ। ରୁଷିଆର ରସାୟନବିତ୍ ଡିମିଟ୍ରି ମେଣ୍ଡେଲିଭ୍ ୧୮୬୯ ମସିହାରେ ପ୍ରଥମେ ଏହାକୁ ପ୍ରସ୍ତୁତ କରିଥିଲେ। ରସାୟନ ବିଜ୍ଞାନର ବିକାଶରେ ଏହାର ଅବଦାନ ହେଉଛି ଅନସ୍ୱୀକାର୍ଯ୍ୟ। ଏହା ଯୋଗୁ ଅନେକ ନୂତନ ମୌଳିକ ପଦାର୍ଥର ଆବିଷ୍କାର ସମ୍ଭବ ହୋଇପାରିଥିଲା। ମେଣ୍ଡେଲିଭ୍ ପ୍ରଥମ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କଲାବେଳକୁ ୬୩ଟି ମୌଳିକ ପଦାର୍ଥ ଜଣାଥିଲା। ସେ ଏଗୁଡ଼ିକର ପ୍ରକୃତିକୁ ଅଧ୍ୟୟନ କରି ଏଗୁଡ଼ିକୁ କେତୋଟି ଧାଡ଼ି ଓ ସ୍ତମ୍ଭରେ ଏପରି ଭାବେ ସଜାଇଲେ ଯେ, ଗୋଟିଏ ସ୍ତମ୍ଭରେ ଥିବା ସମସ୍ତ ମୌଳିକ ପଦାର୍ଥଗୁଡ଼ିକର ପ୍ରକୃତି ପ୍ରାୟ ସମାନ ଥିଲା। ଏପରି ରଖିବା ଦ୍ୱାରା ମୌଳିକ ପଦାର୍ଥଗୁଡ଼ିକ ସେମାନଙ୍କର ପରମାଣବିକ ଓଜନ ଅନୁଯାୟୀ କ୍ରମାନ୍ୱୟରେ ରହିଲା।

ମେଣ୍ଡେଲିଭ୍ ମୌଳିକ ପଦାର୍ଥଗୁଡ଼ିକୁ ସେମାନଙ୍କର ପ୍ରକୃତି ଅନୁସାରେ ସଜାଇବା ବେଳେ ତାଙ୍କୁ କେତେଗୁଡ଼ିଏ ଘର ଖାଲି ରଖିବାକୁ ପଡ଼ିଲା। ସେ ପ୍ରକାଶ କରିଥିଲେ ଯେ ଏହି ଘରେ ପରେ ଆବିଷ୍କୃତ ହେବା ମୌଳିକ ପଦାର୍ଥ ରହିବ। ସେ ଏଗୁଡ଼ିକର ପ୍ରକୃତି ମଧ୍ୟ ନିର୍ଣ୍ଣୟ କରିଥିଲେ। ତାଙ୍କ କଥା ସମ୍ପୂର୍ଣ୍ଣ ଭାବେ ସତ୍ୟ ହେଲା। ଏପରି କି ତାଙ୍କ ଜୀବଦ୍ଦଶାରେ ଏଥିମଧ୍ୟରୁ ତିନୋଟି ମୌଳିକ ପଦାର୍ଥ ଆବିଷ୍କୃତ ହୋଇଥିଲା। ଏଗୁଡ଼ିକ ହେଉଛି ଗାଲିୟମ୍, ସ୍କାଣ୍ଡିୟମ୍ ଓ ଜର୍ମାନିୟମ୍। ସେ ପୂର୍ବାନୁମାନ କରିଥିବା ଏହି ତିନୋଟିର ପରମାଣବିକ ଓଜନ ମଧ୍ୟ ପ୍ରାୟ ସମାନ ହେଲା। ବର୍ତ୍ତମାନ ରସାୟନ ବିଜ୍ଞାନ ଛାତ୍ରୀଛାତ୍ରମାନେ ସମସ୍ତ ମୌଳିକ ପଦାର୍ଥର ପ୍ରକୃତି ଅଧ୍ୟୟନ ବଦଳରେ ପ୍ରତ୍ୟେକ ସ୍ତମ୍ଭରେ ଗୋଟିଏ ଗୋଟିଏ ମୌଳିକ ପଦାର୍ଥର ଅଧ୍ୟୟନ କଲେ ଯଥେଷ୍ଟ। ଏହା ମେଣ୍ଡେଲିଭ୍‌ଙ୍କ ଯୋଗୁ ସମ୍ଭବ ହୋଇଛି। କେବଳ ରସାୟନ ବିଜ୍ଞାନ ନୁହେଁ, ପଦାର୍ଥ ବିଜ୍ଞାନର ବିକାଶରେ ମଧ୍ୟ ଏହା ଅନେକ ସାହାଯ୍ୟ କରିଛି।




ମେଣ୍ଡେଲିଭ୍ ରୁଷିଆର ସାଇବେରିଆସ୍ଥିତ ଟୋବୋଲ୍‌ସ୍କଠାରେ ୧୮୩୪ ମସିହା ଫେବୃୟାରୀ ୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସ୍ନାତକ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ଗୋଟିଏ ସ୍କୁଲରେ ଶିକ୍ଷକତା କରିଥିଲେ। ଏହି ସମୟରେ ସେ ଜୈବିକ ରସାୟନ ବିଜ୍ଞାନ ପାଠ୍ୟପୁସ୍ତକ ରଚନା କରିଥିଲେ। ସେ ଏଥିପାଇଁ ୧୮୬୨ ମସିହାରେ ଡେମିଡ଼ୋଭ ପୁରସ୍କାର ଲାଭ କରିଥିଲେ। ସେ ଏହାପରେ ଗବେଷଣା କରି ୧୮୬୫ ମସିହାରେ ପିଏଚ୍.ଡି. ଡିଗ୍ରୀ ଲାଭ କଲେ ଏବଂ ସେଣ୍ଟ ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କଲେ। ସେ ସେଠାରେ ଛାତ୍ରୀଛାତ୍ରମାନଙ୍କୁ ଅଜୈବିକ ରସାୟନ ବିଜ୍ଞାନ ପଢ଼ାଇଲେ। ଏହି ବିଷୟରେ ଭଲ ପାଠ୍ୟପୁସ୍ତକ ନ ଥିବାରୁ ସେ ଗୋଟିଏ ପାଠ୍ୟପୁସ୍ତକ ଲେଖିଲେ। ଏହି ପୁସ୍ତକ ଲେଖିବା ବେଳେ ସେ ଲକ୍ଷ୍ୟ କଲେ ଯେ ମୌଳିକ ପଦାର୍ଥଗୁଡ଼ିକୁ ପରମାଣବିକ ଓଜନର ବର୍ଦ୍ଧିତ କ୍ରମରେ ସଜାଇଲେ ସେଗୁଡ଼ିକର ଗୁଣ ସବୁ କ୍ରମାନ୍ୱୟରେ ପରିବର୍ତ୍ତିତ ହେଉଛି ଏବଂ ପ୍ରତ୍ୟେକ ଆଠଟି ମୌଳିକ ପଦାର୍ଥ ପରେ ପୁନରାବୃତ୍ତି ହେଉଛି। ଉଦାହରଣ ସ୍ୱରୂପ ଲିଥିୟମ୍ ହେଉଛି ଗୋଟିଏ ନରମ ଓ ପ୍ରତିକ୍ରିୟାଶୀଳ ଧାତୁ। ଏହାର ଆଠଟି ସ୍ଥାନ ପରେ ଆସୁଥିବା ସୋଡିୟମ୍‌ର ପ୍ରକୃତି ମଧ୍ୟ ସମାନ ଏବଂ ସୋଡ଼ିୟମ୍‌ର ଆଠଟି ସ୍ଥାନ ପରେ ଆସୁଥିବା ପୋଟାସିୟମ୍‌ର ଗୁଣ ମଧ୍ୟ ଠିକ୍ ସେମିତି। ଏହି ନିୟମ ଅନୁସାରେ ମେଣ୍ଡେଲିଭ୍ ମୌଳିକ ପଦାର୍ଥଗୁଡ଼ିକୁ ୭ଟି ଧାଡ଼ି ଓ ୯ଟି ସ୍ତମ୍ଭରେ ସଜାଇ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କଲେ। ସେ ଏହାକୁ ରୁଷିଆ ରାସାୟନିକ ସୋସାଇଟିରେ ଉପସ୍ଥାପନ କଲେ ଓ ତାଙ୍କ ପୁସ୍ତକରେ ଏହାକୁ ଅନ୍ତର୍ଭୁକ୍ତ କଲେ।

ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ସାରଣୀ କେତେକ ମୌଳିକ ପଦାର୍ଥର ପରମାଣବିକ ବସ୍ତୁତ୍ୱ ସଂଶୋଧନ କରିବାରେ ସାହାଯ୍ୟ କଲା। କେତେଗୁଡ଼ିଏ ମୌଳିକ ପଦାର୍ଥର ଆଚରଣ ମେଣ୍ଡେଲିଭ୍‌ଙ୍କ ପୂର୍ବାନୁମାନ ସହ ମେଳ ଖାଇଲା ନାହିଁ। ଏଣୁ ଅଧ୍ୟୟନ ପରେ ଏଗୁଡ଼ିକର ପରମାଣବିକ ବସ୍ତୁତ୍ୱ ସଂଶୋଧନ କରାଗଲା। ଉଦାହରଣ ସ୍ୱରୂପ, ବେରିଲିୟମ୍‌ର ପରମାଣବିକ ବସ୍ତୁତ୍ୱ ୧୩.୫ରୁ ୯କୁ ସଂଶୋଧନ କରାଗଲା। ଇଣ୍ଡିୟମ୍, ସୁନା ଓ ପ୍ଲାଟିନମ୍‌ର ପରମାଣବିକ ବସ୍ତୁତ୍ୱ ମଧ୍ୟ ସଂଶୋଧନ କରାଗଲା।



ଡିମିଟ୍ରି ମେଣ୍ଡେଲିଭ୍

ବର୍ତ୍ତମାନ ସୁଦ୍ଧା ମୋଟ ୧୧୮ଟି ମୌଳିକ ପଦାର୍ଥ ଆବିଷ୍କୃତ ହୋଇଛି ଏବଂ ଏଗୁଡ଼ିକ ପର୍ଯ୍ୟାୟ ସାରଣୀରେ ୭ଟି ଧାଡ଼ି ଓ ୧୮ଟି ସ୍ତମ୍ଭରେ ସଜ୍ଜିତ ହୋଇଛି। ଇତିମଧ୍ୟରେ ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ସାରଣୀରେ କିଞ୍ଚିତ୍ ପରିବର୍ତ୍ତନ ହୋଇଛି। ପର୍ଯ୍ୟାୟ ସାରଣୀରେ ବର୍ତ୍ତମାନ ମୌଳିକ ପଦାର୍ଥଗୁଡ଼ିକ ସେମାନଙ୍କର ପରମାଣବିକ ଓଜନ ବଦଳରେ ପରମାଣବିକ ସଂଖ୍ୟାର (ପରମାଣୁରେ ଥିବା ପ୍ରୋଟୋନ୍ ସଂଖ୍ୟା) କ୍ରମ ଅନୁସାରେ ରହିଛି। କିନ୍ତୁ ଏହାର ମୂଳତତ୍ତ୍ୱ ପର୍ଯ୍ୟାୟକ୍ରମତା ବଜାୟ ରହିଛି। ସୂଚନାଯୋଗ୍ୟ ଯେ, ମେଣ୍ଡେଲିଭ୍ ଯେତେବେଳେ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କରିଥିଲେ, ସେତେବେଳେ ପରମାଣୁ ମଧ୍ୟରେ କ'ଣ ଅଛି, ତାହା ଜଣା ନ ଥିଲା। ୧୯୦୭ ମସିହାରେ ତାଙ୍କ ମୃତ୍ୟୁ ବେଳକୁ କେବଳ ଇଲେକ୍ଟ୍ରନ୍ ଆବିଷ୍କୃତ ହୋଇଥିଲା ଏବଂ ତାଙ୍କ ମୃତ୍ୟୁ ପରେ ପ୍ରୋଟୋନ୍ ଓ ନିଉଟ୍ରନ୍ ଆବିଷ୍କୃତ ହେଲା। ବ୍ରିଟିଶ୍ ରସାୟନବିତ୍ ହେନେରି ମୋସେଲେ ୧୯୧୩ ମସିହାରେ ମୌଳିକ ପଦାର୍ଥଗୁଡ଼ିକୁ ସେମାନଙ୍କର ପରମାଣବିକ ସଂଖ୍ୟା ଅନୁସାୟୀ ପ୍ରଥମେ ସଜାଇଲେ। କାରଣ ପରମାଣବିକ ଓଜନ ଅପେକ୍ଷା ପରମାଣବିକ ସଂଖ୍ୟା ହେଉଛି ମୌଳିକ ପଦାର୍ଥର ଗୋଟିଏ ଅଧିକ ମୌଳିକ ଗୁଣ।

ମେଣ୍ଡେଲିଭ୍ ନିଜର କୃତୀ ପାଇଁ ରୁଷିଆରେ ବହୁତ ସମ୍ମାନ ପାଇଥିଲେ। ସାରା ପୃଥିବୀରେ ତାଙ୍କ ଖ୍ୟାତି ବ୍ୟାପି ଯାଇଥିଲା। ଲଣ୍ଡନର ରୟାଲ୍ ସୋସାଇଟି ତାଙ୍କୁ ୧୮୮୨ ମସିହାରେ ଡେଭି ପଦକ ପ୍ରଦାନ କରିଥିଲା। ତାଙ୍କ ସମ୍ମାନରେ ୧୦୧ତମ ମୌଳିକ ପଦାର୍ଥର ନାମ ମେଣ୍ଡେଲିଭିୟମ୍ ରଖାଯାଇଛି। ଚନ୍ଦ୍ରର ଏକ ଗର୍ତ୍ତକୁ ତାଙ୍କ ନାମାନୁସାରେ ନାମିତ କରାଯାଇଛି। କିନ୍ତୁ ତାଙ୍କ ଆବିଷ୍କୃତ ପର୍ଯ୍ୟାୟ ସାରଣୀ ହେଉଛି ରସାୟନ ବିଜ୍ଞାନ ପାଇଁ ଏକ ଅବିସ୍ମରଣୀୟ ଅବଦାନ।

୨୦୧୯ ମସିହା ହେଉଛି ମେଣ୍ଡେଲିଭ୍‌ଙ୍କ ପ୍ରଥମ ପର୍ଯ୍ୟାୟ ସାରଣୀ ପ୍ରକାଶର ୧୫୦ତମ ବର୍ଷ। ଏଥିପାଇଁ ୟୁନେସ୍କୋ ଏହି ବର୍ଷକୁ 'ଅନ୍ତର୍ଜାତୀୟ ରାସାୟନିକ ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀ ବର୍ଷ'' ଭାବେ ଘୋଷଣା କରିଛି। ବାସ୍ତବରେ ମେଣ୍ଡେଲିଭ୍‌ଙ୍କ ପାଇଁ ଏହା ହେଉଛି ଏକ ଯଥାର୍ଥ ସମ୍ମାନ।

-ଡାଇରେକ୍ଟର,
କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ସକାଳ ଚା'



ଅସୀମା ସାହୁ

ସକାଳର ଗରମା ଗରମ ଚା' ଏକପଟିଏ ଆଗରେ ପାଇଲେ କାହା ମନ ନାଚି ନ ଉଠିବ କହିଲେ। ଆଜିକାଲି ଚା'ର ଚର୍ଚ୍ଚା ବେଶି। ଚା' ପାଇଁ ଚର୍ଚ୍ଚା ତ ଚା'କୁ ନେଇ ଚର୍ଚ୍ଚା ଓ ରାଜନୀତି ସରଗରମ। ଭାରତରେ ଏ ଚା'ର ପ୍ରଶଂସା ବେଶି ଓ ଗ୍ରାହକ ପ୍ରାୟତଃ ଆଗ ଅପେକ୍ଷା ବହୁତ ବଢ଼ିଗଲେଣି।

କହିବାକୁ ଗଲେ ଚା' ହେଉଛି କୃଷିଜାତ ଦ୍ରବ୍ୟ। ଏହି ଚା' ଗଛର ବୈଜ୍ଞାନିକ ନାମ ହେଲା କ୍ୟାମେଲିଆ ସାଇନେସିସ୍। ଆମ ଏ ପୃଥିବୀର ଜଳ ପରେ ଚା' ହେଉଛି ସବୁଠାରୁ ବେଶି ବ୍ୟବହୃତ ହେଉଥିବା ପାନୀୟ। ବଜାରରେ ଯୋଉ ସବୁ ଚା' ମିଳେ ତାହା ସମାନ ଗଛରୁ ଆସିଥିଲେ ବି ତାର ଉପଚାର ପ୍ରାୟତଃ ଭିନ୍ନ ପ୍ରଣାଳୀରେ ହୋଇଥାଏ। ଯେପରି ଗୁଣ୍ଡଧଳା ଚା' ପାଇଁ ଅଲଗା ଚାଷ ମଧ୍ୟ କରାଯାଏ। ସାଧାରଣତଃ ବଜାରରେ ମିଳୁଥିବା ଭିନ୍ନ ଭିନ୍ନ ଚା' ସବୁ ହେଲା ଧଳା ଚା', ସବୁଜ ଚା', ଓଲଙ୍ଗ ଚା', କଳା ଚା'। ଧଳା ଚା' ସହ ସବୁଜ ଚାହା ସମାନ। କେବଳ ଏଥିରେ ସ୍ୱାଦର ଭିନ୍ନତା ହିଁ ପରିଲକ୍ଷିତ ହୋଇଥାଏ। ଏହାର ସ୍ୱାଦ ମିଠା ଆଉ ହାଲ୍‌କା। ଯଦି କେହି ଧଳା ଚା' କରିନ୍ତି ତେବେ ତାକୁ ପାଣିରେ ଫୁଟାଇବାକୁ ଦିଆଯିବ ନାହିଁ। କାରଣ ଏଥିରେ କେଫିନ୍‌ର ମାତ୍ରା ଅନ୍ୟାନ୍ୟ ଚା' ଅପେକ୍ଷା କମ୍ ପରିମାଣର ଥାଏ। କହିବାକୁ ଗଲେ ଧଳା ଚା' ରେ କେଫିନ୍‌ର ମାତ୍ରା ୧୫ ମିଲିଗ୍ରାମ୍ ଥିବାବେଳେ ସବୁଜ ଚା'ରେ ଥାଏ ୨୦ ମିଲିଗ୍ରାମ।

ଗବେଷଣାରୁ ଜଣାଯାଉଛି କି ଧଳା ଚା' ରେ କର୍କଟ ନିରୋଧୀ ଶକ୍ତି ସବୁଜ ଚା' ଠୁଁ ଅଧିକ ଥାଏ। ସବୁଜ ଚା' ପ୍ରସ୍ତୁତି ଏକ ନିଆରା ଢଙ୍ଗରେ ହେଇଥାଏ। ସବୁଜ ଚା' ରେ ଧଳା ଚା' ପରି ତଟକା ଚା'ପତ୍ରର ବାସନା ଥାଏ। ଏଥିରେ କେଫିନ୍‌ର ମାତ୍ରା କମ୍‌ଥାଏ ଓ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ। ଓଲଙ୍ଗ ଚା'ର ପ୍ରସ୍ତୁତି ପ୍ରଣାଳୀ ଅନ୍ୟାନ୍ୟ ଚା ଅପେକ୍ଷା କଷ୍ଟସାଧ୍ୟ। ଏହାର ଗୁଣ ସବୁଜ ଚା' ଓ କଳା ଚା' ମଧ୍ୟରେ ରହିଛି। ଏଥିରୁ ଏକ ପ୍ରକାର ବାସନା ବାହାରିଥାଏ। ଏତଦ୍‌ବ୍ୟତୀତ କଳା ଚା'ର ଗୁଣ ଅଲଗା। ଏହା ସମସ୍ତଙ୍କର ପ୍ରିୟ। ସର୍ବାଧିକ ଲୋକ ଏହାର ପୃଷ୍ଠପୋଷକ ଓ ଗ୍ରାହକ। ଏହି ଚା' ରେ କିଛି ଫୁଲର ମିଶ୍ରଣ ହୋଇଥାଏ। ଯାହା କଡ଼ୱା ହୁଏ ଓ ସୁଗନ୍ଧରେ ଭରି ଉଠେ। ମନକୁ ଏକାଥରକେ ସତେଜ କରିଦେଇଥାଏ।

ଚା'ର ବିଶେଷ ଗୁଣ ହେଲା ଯାହା ଆମ ଶରୀରର ଉପକାରରେ ଆସେ। ମାନସିକ ସତେଜତା ଆଣିଦିଏ। ଶରୀର ଜଳୀୟ ଅଂଶର ସନ୍ତୁଳନ ବଜାଏ ରଖେ। ଏହା ଚର୍ବି କ୍ୟାଲୋରି ମୁକ୍ତ ପାନୀୟ। ଏଥିରେ ଥିବା ପ୍ରାକୃତିକ ଫ୍ଲୋରାଇଡ୍ ମୁଖଗହ୍ୱର ବ୍ୟାକ୍ଟେରିଆମାନଙ୍କ ବୃଦ୍ଧିକୁ ରୋକିଥାଏ। ସୁସ୍ଥ ହାଡ଼ ପାଇଁ ଦରକାର ହେଉଥିବା ମାଙ୍ଗାନିଜ ଓ ସୁସ୍ଥ ହୃଦୟ ପାଇଁ ଆବଶ୍ୟକ ହେଉଥିବା ପୋଟାସିୟମ୍ ଏଥିରେ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ବି୧, ବି୨, ବି୬ ଫଲିକ୍ ଏସିଡ୍ ଓ କ୍ୟାଲସିୟମ୍ ଥାଏ। ହୃଦ୍‌ରୋଗୀମାନଙ୍କ ପାଇଁ ଏହା ବିଶେଷ ଉପଯୋଗୀ। ଏହା ରକ୍ତ ଜମାଟ ବାନ୍ଧିବା କମାଇଥାଏ।

ସାରା ବିଶ୍ୱରେ ଭାରତ ହେଉଛି ଦ୍ୱିତୀୟ ଚା' ବ୍ୟବହାରକାରୀ ରାଷ୍ଟ୍ର। ଚାଇନା ପ୍ରଥମ ସ୍ଥାନରେ ଅଛି। ଆମର ଆସାମ ଓ ଦାର୍ଜିଲିଂ ଚା' ପୃଥିବୀ ପ୍ରସିଦ୍ଧ। ଏହାର ଲୋକପ୍ରିୟତା ଖୁବ୍ ବେଶି। ''ରାଜ୍ୟର ପାନୀୟ'' ଭାବରେ ଆସାମ ରାଜ୍ୟ ସ୍ୱୀକୃତି ପ୍ରଦାନ କରିଥିଲା ବେଳେ ଜାତୀୟ ପାନୀୟ କ'ଣ ସେ ବିଷୟରେ ଚର୍ଚ୍ଚା ନାହିଁ। ଆସୋସିଚେମ୍‌ର ସର୍ବେକ୍ଷଣ ଅନୁଯାୟୀ ଯାହା ୨୦୧୧ ମସିହା ଡିସେମ୍ବର ମାସରେ କରାଯାଇଥିଲା ସେଥିରେ ପ୍ରକାଶ ପାଇଛି ଯେ, ପୃଥିବୀରେ ଭାରତ ହେଉଛି ସର୍ବାଧିକ ଚା' ବ୍ୟବହାର କରୁଥିବା ରାଷ୍ଟ୍ର। ଭାରତ ମଧ୍ୟ ବିଦେଶକୁ ଚା' ରପ୍ତାନିରେ ସବୁଠାରୁ ଆଗରେ। ଯଦିଓ ଚାଇନା ହେଉଛି ପ୍ରଥମ। ଆଗରୁ ଆୟୁର୍ବେଦ ଚା' ମଧ୍ୟ ପ୍ରସ୍ତୁତ ହେଉଥିଲା ବୋଲି କୁହାଯାଏ। ଯେମିତି ପୋଦିନା ଚା', ଅଳେଇଚ ଅଦା ମିଶା ଚା', ତୁଳସୀ ଚା', ଏହା ଆମର ପରମ୍ପରାର ମୂଳ ପ୍ରମାଣ ଦେଇଥାଏ ଓ ଲୋକମାନେ ଆଜି ବି ଏହାକୁ ବ୍ୟବହାର କରୁଛନ୍ତି। ଆମ ଭାରତରେ ପ୍ରାୟତଃ ୭୦ ଶତାଂଶ ଲୋକ ଚା'ର ବ୍ୟବହାର କରୁଛନ୍ତି। ଏହାର ପ୍ରାଚୀନତମ ସମ୍ପର୍କ ଜାଣିବାକୁ ହେଲେ ଏହା କୁହାଯାଇପାରେ ଯେ ସମ୍ଭବତଃ ୧୫୯୮ ମସିହା ଦ୍ୱାଦଶ ଶତାବ୍ଦୀ ବେଳକୁ ଡଚ୍ ଯେତେବେଳେ ଆସିଥିଲେ ସେତେବେଳେ ପର୍ଯ୍ୟଟକ ଜନ୍ ହ୍ୟୁଗେନ୍ ଭାନ ଲିନ୍‌ସୋଟେନ୍ ଆସାମର ଚା' ସମ୍ପର୍କରେ ଏକ ପୁସ୍ତକ ଲେଖିଥିଲେ। ସେ ଉଲ୍ଲେଖ କରିଥିଲେ କି ଭାରତୀୟମାନେ ଚା'ର ବ୍ୟବହାର ବେଶି କରୁଥିଲେ ପନିପରିବା ଭାବରେ। ଏହାକୁ ସେମାନେ ରସୁଣ ତେଲ ମିଶାଇ ପାନୀୟ ଭାବରେ ବ୍ୟବହାର କରୁଥିଲେ। ଭାରତୀୟ ଚା' ବ୍ରିଟେନ୍ ବଜାରରେ ଖୁବ୍ ଲୋକପ୍ରିୟ।



ପଲ୍ଲୀଠୁ ଆରମ୍ଭ କରି ସହର ଯାଏ, ମେଟ୍ରୋପଲିଟାନ୍ ସିଟିଠୁ ଆରମ୍ଭ କରି ବସ୍ତି ଅଞ୍ଚଳ ଯାଏ, ସବୁଠି ଚା' ଚର୍ଚ୍ଚା। ସକାଳ ଓ ସଞ୍ଜରେ ଚା' ଦୋକାନରେ ପ୍ରବଳ ଭିଡ଼। କେଉଁଠି ସବୁଜ ଚା' ମିଳିଲାଣି ତ କେଉଁଠି ନାଲି ଚା', ପୁଣି କେହି ବୁଲି ବୁଲି ଲେମ୍ବୁ ରସ ମିଶା ଚା' ବିକ୍ରି କରିଥାଆନ୍ତି। ଜାଗାକୁ ଜାଗା ଟି କାଫେ, ଟି ଷ୍ଟଲ୍ ଖୋଲାଯାଇ ଭାବ ବିନିମୟ, ପରିବାର ଚର୍ଚ୍ଚା, ପ୍ରେମ ଗପ, ରାଜନୀତିର ଚର୍ଚ୍ଚାର ଏକ ପେଣ୍ଠସ୍ଥଳୀ ହୋଇଗଲାଣି ଏହି ଚା' ଦୋକାନ। ଭାରତୀୟ ଜନଜୀବନରେ ଚା'ର ଅଧିକ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି।

-ଅଧ୍ୟକ୍ଷା, ଏସ.ସି.ବି. ଡିଗ୍ରୀ କଲେଜ, ରିଙ୍ଗ୍ରା, ବାରିପଦା, ମୟୂରଭଞ୍ଜ

## ମସ୍ତିଷ୍କ କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅତ୍ୟଧିକ ଅବସାଦ

ଆମେ କେତେକ କାରଣରୁ ଅବସାଦଗ୍ରସ୍ତ ହୋଇଥାଉ। ତେବେ ଏହାର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ହେଲେ ଯଦି ଆପଣ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଛନ୍ତି ତେବେ ତାହା ମସ୍ତିଷ୍କ ପାଇଁ କ୍ଷତିକାରକ ହୋଇପାରେ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଅଧିକ ସମୟ ଅବସାଦ ବଳୟ ଭିତରେ ରହୁଥିବା କିଛି ବ୍ୟକ୍ତିଙ୍କର ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ତାହା ଜାଣିବାକୁ ସେମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଅଧିକାଂଶ ସମୟ ଏପରି ଅବସ୍ଥାରେ ରହୁଥିଲେ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଅବସାଦ ଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡିଥିଲା। ତେଣୁ ଏପରି ଅବସ୍ଥାରେ ନିଜ ମାନସିକତାକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



### ଘରୋଇ ଉପଚାର
## ଦାନ୍ତ ବିନ୍ଧା

ଦାନ୍ତ ବିନ୍ଧିବା ଏକ ସାଧାରଣ ସମସ୍ୟା। ଦାନ୍ତ ସନ୍ଧିରେ ଖାଦ୍ୟର ଅଂଶବିଶେଷ ଜମି ରହିଲେ, ଥଣ୍ଡା ଆଦି କାରଣରୁ ଦାନ୍ତ ବିନ୍ଧିଥାଏ। ଏଥିରୁ ଉପଶମ ପାଇବା ପାଇଁ ଆପଣ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଯଦି ଦାନ୍ତମୂଳ ବିନ୍ଧୁଛି ତେବେ ମୌମୁମ୍ବୀ ରସରେ କିଛି ହେଙ୍ଗୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ତୁଳା ଦ୍ୱାରା ବିନ୍ଧୁଥିବା ଦାନ୍ତ ଉପରେ ରଖିଲେ ସେଥିରୁ ଉପଶମ ମିଳିଥାଏ। ଯଦି ବ୍ୟାକ୍ଟେରିଆଜନିତ କାରଣରୁ ଦାନ୍ତ ବିନ୍ଧୁଛି ତେବେ ଦାନ୍ତ ଉପରେ ଲବଙ୍ଗ ରଖନ୍ତୁ। ଏଥିରେ ଥିବା ଔଷଧୀୟ ତତ୍ତ୍ୱ ଦାନ୍ତ ବିନ୍ଧାରୁ ଉପଶମ ଦେଇଥାଏ। ପିଆଜରେ ଏପରି ତତ୍ତ୍ୱ ରହିଛି ଯାହା ଦାନ୍ତ ବିନ୍ଧାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ରସୁଣରେ ଏଲିସନ୍ ନାମକ ପୋଷକତତ୍ତ୍ୱ ରହିଛି। ପ୍ରତିଦିନ ୨-୩ କୋଲ କଞ୍ଚା ରସୁଣ ଖାଇଲେ ତାହା ଦାନ୍ତ ବିନ୍ଧାରୁ ଉପଶମ ଦେଇଥାଏ। ଯଦି ଦାନ୍ତ ବିନ୍ଧୁଛି ତେବେ କିଛି ସମୟ ଲୁଣ ପାଣି ଗର୍ଗଲିଂ କରନ୍ତୁ। ଖାସ୍ କଥା ହେଲା ଯଦି ଆପଣଙ୍କର ଦାନ୍ତ ବିନ୍ଧୁଛି ତେବେ ମିଠାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଥଣ୍ଡାପାନୀୟ ବର୍ଜନ କରନ୍ତୁ।



> ସିମ୍ଫୋନୀ କମର୍ସିଆଲ ଏବଂ ଇଣ୍ଡଷ୍ଟ୍ରିଆଲ ଏୟାର କୁଲିଂ ସେଗମେଣ୍ଟ ପ୍ରତି ଅଧିକ ଗୁରୁତ୍ୱ ଦେବ। କାରଣ ଆଗାମୀ ଦିନରେ ଏହି କ୍ଷେତ୍ରରେ ଅଧିକ ସମ୍ଭାବନା ସୃଷ୍ଟି ହେବ।
> – ଅଚଳ ବାକେରୀ, ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ, ସିମ୍ଫୋନୀ



> ବିଗ୍‌ବାସ୍କେଟ ଡିଷ୍ଟ୍ରିବ୍ୟୁଶନ ସେଣ୍ଟରକୁ ଅଧିକ ସୁଦୃଢ଼ କରୁଛି। ଶୀର୍ଷ ୧୦ ସହରରେ ମାତ୍ର ୨ ଘଣ୍ଟା ମଧ୍ୟରେ ସାମଗ୍ରୀ ଡେଲିଭରି ଦେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।
> – ବିପୁଲ ପାରେଖ, ସହପ୍ରତିଷ୍ଠାତା, ବିଗ୍‌ବାସ୍କେଟ



## ସଂକ୍ଷେପରେ

### ଏନ୍‌ପିଏ ଗାଇଡଲାଇନ ମେ ୨୩ ସୁଦ୍ଧା ଜାରି କରିବ ଆର୍‌ବିଆଇ




**ମୁମ୍ବାଇ,୨୮-୪:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମେ ୨୩ ତାରିଖ ପୂର୍ବରୁ ଏନ୍‌ପିଏ(ଅନାଦାୟ ଋଣ) ସମାଧାନ ନେଇ ଗାଇଡଲାଇନ ଜାରି କରିବାକୁ ଯାଉଛି। ସାଧାରଣ ନିର୍ବାଚନ ଚାଲୁଥିବାରୁ ଦେଶରେ ଆଦର୍ଶ ଆଚରଣବିଧି ଲାଗୁ ହେବା ସତ୍ତ୍ୱେ ଏହା ଜାରି କରାଯିବ। ସୂଚନାଥାଉ କି, ଆର୍‌ବିଆଇ ଦ୍ୱାରା ୨୦୧୮ ଫେବୃୟାରୀ ୧୨ରେ ଜାରି ସର୍କୁଲାରକୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ପରେ ଏନ୍‌ପିଏ ସମାଧାନ ନେଇ ସଂଶୋଧିତ ଗାଇଡଲାଇନ ଜାରି ହେବା ଆବଶ୍ୟକ ହୋଇପଡିଛି। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ପୂର୍ବରୁ ଆର୍‌ବିଆଇ ସର୍କୁଲାର ଜାରି କରି କହିଥିଲେ ଯେ, କୌଣସି ଏନ୍‌ପିଏ ଆକାଉଣ୍ଟର ସମାଧାନ ୧୮୦ ଦିନ ଭିତରେ ନ ହେଲେ ତେବେ ବ୍ୟାଙ୍କ ଏହାକୁ ଗୋଟିଏ ଦିନ ବିଳମ୍ବ ନ କରି ଆଇବିସି ଅଧୀନରେ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିବାକୁ ବାଧ ରହିବ। ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ, କୌଣସି ଆକାଉଣ୍ଟରେ ୯୦ ଦିନ ଭିତରେ କିସ୍ତି ଜମା କରା ନ ଗଲେ, ଏହାକୁ ଏନ୍‌ପିଏ ଆକାଉଣ୍ଟ ବୋଲି ଧରାଯିବ।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା
### ବାସନ୍ଦ ହୋଇପାରେ ଡେଲଏଟ




**ନୂଆଦିଲ୍ଲୀ,୨୮-୪:** ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଅଡିଟ ମାମଲାରେ ସନ୍ଦେହଜନକ କାର୍ଯ୍ୟଧାରାକୁ ନେଇ ଡେଲଏଟ ହସ୍କିନ୍ସ ଆଣ୍ଡ ସେଲ୍ସ (ଡିଏଚ୍‌ଏସ୍)କୁ କେନ୍ଦ୍ର ସରକାର ବାସନ୍ଦ କରିପାରନ୍ତି। ଏଥିପାଇଁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ କମ୍ପାନୀ ଆଇନ ଧାରା ୧୪୦(୫)କୁ ଲାଗୁ କରିପାରେ। ଡେଲଏଟ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଆକାଉଣ୍ଟରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଏହି ଧାରା ଅନୁଯାୟୀ, ନ୍ୟାୟାଧିକରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜ ଆଡୁ କିମ୍ବା କେନ୍ଦ୍ର ସରକାର ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଆବେଦନ ଉପରେ ବ୍ୟାନ ଆଦେଶ ଦେଇପାରିବେ। ଫଳରେ କମ୍ପାନୀକୁ ଅଡିଟର ବଦଳାଇବାକୁ ପଡିବ। କମ୍ପାନୀ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବେ ଜାଲିଆତିରେ ଲିପ୍ତ ଥିବା ପ୍ରମାଣ ମିଳିଲେ ହିଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହା ହେଲେ ସତ୍ୟମ ଦୁର୍ନୀତି ଧରାପଡିବା ପରେ ପ୍ରାଇସ୍ ୱାଟରହାଉସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ଏହା ଦ୍ୱିତୀୟ ଉଦାହରଣ ହେବ।

### ହୃଦରୋଗ ଆଶଙ୍କା କମ୍ କରେ ଲହୁଣି:ସର୍ଭେ

**ନୂଆଦିଲ୍ଲୀ,୨୮-୪:** ହୃଦରୋଗ ଆଶଙ୍କାକୁ କମ୍ କରିବାରେ ଲହୁଣି ସହାୟକ ହୋଇଥାଏ। କାର୍ଡିଓଭାସକୁଲାର ରୋଗର ପ୍ରଭାବକୁ ଏହା ହ୍ରାସ କରିଥାଏ ବୋଲି ଫାର୍ମିଙ୍ଗହାମ ହାର୍ଟ ଷ୍ଟଡି ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଏହା ଜଣା ପଡିଛି। ଏହା ବାଦ ଉଚ୍ଚ ଫ୍ୟାଟ ଯୁକ୍ତ ଦୁଗ୍ଧଜାତ ସାମଗ୍ରୀ ବ୍ୟବହାର ଭିଟାମିନ କେ୨ ମାତ୍ରାକୁ ବଢାଇଥାଏ। ଏହା ହୃଦରୋଗର ଆଶଙ୍କାକୁ କମ୍ କରିଥାଏ ବୋଲି ପ୍ରକାଶ ପାଇଛି। ସେହିଭଳି ଏହା ପ୍ରଦାନକାରୀ ଏବଂ ମେଦ ହ୍ରାସ ଦିଗରେ ସହାୟତା କରିଥାଏ। ଏହାବାଦ ଏଥିରେ ସ୍ୱାସ୍ଥ୍ୟ ଉପଯୋଗୀ ଲିନୋଲେଇକ୍ ଏସିଡ, ପାଚନ ସିଷ୍ଟମ ଉପରେ ସୁରକ୍ଷା ପ୍ରଦାନକାରୀ, ସ୍ୱାସ୍ଥ୍ୟବର୍ଦ୍ଧକ ଫ୍ୟାଟ ଏବଂ ଭିଟାମିନ ଏ,ଇ ସହ କେ ଭରି ରହିଥିବା ବିଶେଷଜ୍ଞ ମାନେ କହିଛନ୍ତି।

### ସାମ୍‌ସଙ୍ଗର ସ୍ପେଶମାକ୍ସ ସିରିଜ ରେଫ୍ରିଜରେଟର

**ନୂଆଦିଲ୍ଲୀ,୨୮-୪:** ସାମସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ସ୍ପେଶମାକ୍ସ ସିରିଜର ରେଫ୍ରିଜରେଟର ବଜାରକୁ ଆସିଛି। ଏହା ସାଇଡ ବାଏ ସାଇଡ ଫ୍ରିଜ ବର୍ଗର ହୋଇଥିବା ବେଳେ ଦୁଇ ଡୋର ଏବଂ ୩ ଡୋର ବିକଳ୍ପ ସହ ଆସୁଛି। କମ୍ପାନୀ ସାଇଡ ବାଏ ସାଇଡ ରେଫ୍ରିଜରେଟର ବର୍ଗରେ ପ୍ରମୁଖ ଅଂଶୀଦାର ରହିଥିବା ସୂଚନା ଦେଇଛି। ଏହା ଶକ୍ତି ସଞ୍ଚୟକାରୀ ଫିଚର ସହ ବଜାରକୁ ଆସିଛି।

# ଜେଟ୍ ପରେ ସଙ୍କଟରେ ପଓ୍ବନହଂସ

ନୂଆଦିଲ୍ଲୀ,୨୮-୪




- ଏପ୍ରିଲ ପରେ ଦରମା ନାହିଁ
- ୨୦୧୮-୧୯ରେ ୮୯ କୋଟି କ୍ଷତି
- ୨୩୦ କୋଟିରୁ ଊର୍ଦ୍ଧ୍ୱ ଋଣ
- କର୍ମଚାରୀଙ୍କ ଓଭରଟାଇମ ବାତିଲ

କିଙ୍ଗଫିଶର ଏବଂ ଜେଟ୍ ଏୟାରୱେଜ ପରେ ପଓ୍ବନହଂସ ହେଲିକପ୍ଟର କମ୍ପାନୀ ଉପରେ ଏବେ ସଙ୍କଟ ଦେଖାଦେଇଛି। ବିଏସ୍‌ଏନ୍‌ଏଲ, ଏମ୍‌ଟିଏନ୍‌ଏଲ, ଏୟାର ଇଣ୍ଡିଆ, ଇଣ୍ଡିଆ ପୋଷ୍ଟ ପରେ ଏବେ ଉକ୍ତ ରାଷ୍ଟ୍ରାୟତ୍ତ କମ୍ପାନୀର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଛି। କମ୍ପାନୀକୁ ୨୦୧୮-୧୯ ଆର୍ଥିକ ବର୍ଷରେ ୮୯ କୋଟି ଟଙ୍କାର କ୍ଷତି ହୋଇଥିଲା। ଋଣ କଥା ନ କହିଲେ ଭଲ। ଏହି କାରଣରୁ କମ୍ପାନୀ ଏପ୍ରିଲ ଦରମା ଦେବାକୁ ଅକ୍ଷମ। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କୁ ଏକ ସର୍କୁଲାର ଜାରି କରାଯାଇଛି।

କମ୍ପାନୀର ଏହି ନିଷ୍ପତ୍ତି କର୍ମଚାରୀ ଏବଂ ସେମାନଙ୍କର ପରିବାର ଉପରେ ପ୍ରଭାବ ପକାଇବାକୁ ଯାଉଛି। ପିଲାଙ୍କ ସ୍କୁଲ ଫିସ୍, କୋଚିଂ କ୍ଲାସ୍ ପାଉଣା, ଇଏମ୍‌ଆଇ ଆଦି ଭରଣା ପାଇଁ ଅର୍ଥ କେଉଁଠୁ ଆସିବ ସେ ନେଇ ସେମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। କେନ୍ଦ୍ର ସରକାର ଗତବର୍ଷ ପଓ୍ବନହଂସକୁ ବିକ୍ରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ଉପରେ ଏବେ ୨୩୦ କୋଟି ଟଙ୍କା ବ୍ୟତୀତ ଆହୁରି ବହୁ କୋଟି ଟଙ୍କାର ଋଣ ରହିଛି। ଆଗାମୀ ଦିନରେ ଏଥିଯୋଗୁ କମ୍ପାନୀର ଆର୍ଥିକ ସ୍ଥିତି ଆହୁରି ବିଗିଡି ଯିବ ବୋଲି କୁହାଯାଉଛି। ଯେକୌଣସି ପ୍ରକାରେ ପାଣ୍ଠି ଯୋଗାଡ କରି କର୍ମଚାରୀଙ୍କୁ ଦରମା ଦେବା ସହ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ଲାଗି ପ୍ରୟାସ ଜାରି ରହିଛି। କମ୍ପାନୀ ବୁଡ଼ି ଯିବାକୁ ବସିଥିଲେ ହେଁ ଏଥିରେ ସେମାନଙ୍କର ଦୋଷ କ'ଣ ବୋଲି କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। କମ୍ପାନୀ ମ୍ୟାନେଜମେଣ୍ଟର ଭୁଲ୍ ନୀତି କାରଣରୁ ଏହା ବୁଡ଼ିଯିବାକୁ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ କର୍ମଚାରୀମାନେ ଅଦାଲତର ଦ୍ୱାରସ୍ଥ ହେବାକୁ ବିଚାର କରୁଛନ୍ତି। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ରୋହିଣୀ ହେଲିପୋର୍ଟ (ଦିଲ୍ଲୀ)ରେ ୧୨୫ କୋଟି ଟଙ୍କାର ନିବେଶ ପଓ୍ବନହଂସର ଆର୍ଥିକ ସ୍ଥିତି ଖରାପ ହେବାର ମୂଳ କାରଣ। ହେଲିପୋର୍ଟ ଆରମ୍ଭ ହେବା ପରେ ବେଶ୍ କିଛି ଦିନ ଭଲରେ ଚାଲିଥିଲା। ପରେ ଏହାକୁ ବନ୍ଦ କରିଦିଆଗଲା। ଏବେ ଏଥିରୁ ଟଙ୍କାଟିଏ ଆୟ ହେଉନି। ତେବେ ପଓ୍ବନହଂସକୁ ବଞ୍ଚାଇବା ଲାଗି ଯଥାସମ୍ଭବ ପ୍ରୟାସ ଆରମ୍ଭ ହୋଇଛି। କମ୍ପାନୀ ଏବେ ଖର୍ଚ୍ଚକାଟ ପ୍ରକ୍ରିୟା ଆରମ୍ଭ କରିଛି। କର୍ମଚାରୀଙ୍କୁ ଓଭରଟାଇମ ପାଇଁ ଆଉ ଅର୍ଥ ଦିଆଯାଉ ନାହିଁ। ଡ୍ୟୁଟି ଟାଇମରେ କାମରେ ହେଳା କରି ବହୁ କର୍ମଚାରୀ ଓଭରଟାଇମ ନେଉଥିବା ଦେଖାଯାଇଛି। ଏଭଳି ସ୍ଥିତିରେ କର୍ମଚାରୀ ଓଭରଟାଇମକୁ ବନ୍ଦ କରାଯାଇଛି। କେବଳ ଟେକ୍ନିକାଲ ଷ୍ଟାଫ ହିଁ ଓଭରଟାଇମ କରିପାରିବେ। ଦେଶର ବହୁ ସ୍ଥାନରେ ଥିବା ହେଲିପୋର୍ଟରୁ କମ୍ପାନୀ ଗୋଟିଏ ହେଲେ ଟଙ୍କା ଆୟ କରୁନି। ସାଧାରଣ ନିର୍ବାଚନ ସମୟରେ ଘରୋଇ କମ୍ପାନୀଙ୍କ ସମସ୍ତ ହେଲିକପ୍ଟର ବୁକ୍ ହୋଇଥିବା ବେଳେ ପଓ୍ବନହଂସର ଅଧିକାଂଶ ହେଲିକପ୍ଟର ଛିଡା ହୋଇରହିଛି। ଏଗୁଡ଼ିକର ଅଧିକାଂଶ ଖରାପ ସ୍ଥିତିରେ ରହିବା ମୁଖ୍ୟ କାରଣ ହୋଇଛି। ଏଭଳି ସ୍ଥିତିରେ କର୍ମଚାରୀଙ୍କୁ ଦରମା କେବେ ମିଳିବ ତାହା କେହି ଜାଣିନାହାନ୍ତି। ତେବେ ଏଥିପାଇଁ ପ୍ରୟାସ ହେଉଥିବା ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି।

### ■ ଏୟାର ଇଣ୍ଡିଆ ସର୍ଭରରେ ତ୍ରୁଟି
## ଦ୍ୱିତୀୟ ଦିନ ୧୩୭ ଉଡ଼ାଣ ପ୍ରଭାବିତ

ନୂଆଦିଲ୍ଲୀ,୨୮-୪



ଏୟାର ଇଣ୍ଡିଆ ଯାତ୍ରୀଙ୍କ ଅସୁବିଧା ଦୂର ହୋଇନାହିଁ। ଶନିବାର ସର୍ଭର ସଫ୍ଟୱେରରେ ଦେଖାଦେଇଥିବା ତ୍ରୁଟିର ପ୍ରଭାବ ଯୋଗୁ ୧୪୯ ବିମାନ ଯାତ୍ରା ପ୍ରଭାବିତ ହୋଇଥିବା ବେଳେ ରବିବାର ୧୩୭ ଉଡ଼ାଣରେ ଅସୁବିଧା ହୋଇଛି। ରବିବାର ଉଡ଼ାଣରେ ୧୯୭ ମିନିଟ ବିଳମ୍ବ ହେବା କାରଣରୁ ଯାତ୍ରୀ ହଟହଟା ହୋଇଛନ୍ତି। ପ୍ରଯୁକ୍ତିଗତ ତ୍ରୁଟି କାରଣରୁ ଏୟାର ଇଣ୍ଡିଆର ଚେକ୍-ଇନ୍, ବ୍ୟାଗେଜ ଏବଂ ସଂରକ୍ଷଣ ସଫ୍ଟୱେର ଠିକ୍ ଭାବେ ଚାଲି ନ ଥିଲା। ଶନିବାର ଏୟାର ଇଣ୍ଡିଆର ପାସେଞ୍ଜର ସର୍ଭିସ ସିଷ୍ଟମ ସଫ୍ଟୱେରରେ ତ୍ରୁଟି ଦେଖାଦେଇଥିଲା। ଏଥିଯୋଗୁ ପୂର୍ବାହ୍ନ ସାଢ଼େ ୩ଟାରୁ ସକାଳ ୮.୪୫ ମିନିଟ୍ ଯାଏ କାରବାର ଅଟକି ଯାଇଥିଲା। ସୂଚନାଥାଉ କି, ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଦୈନିକ ୬୭୪ ଉଡ଼ାଣ ଭରିଥାଏ।

## ଜିଏସ୍‌ଟି ପୋର୍ଟାଲରେ ମିଳିବ ଇ-ଚାଲାଣ ସୁବିଧା

ନୂଆଦିଲ୍ଲୀ,୨୮-୪




ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଅଧୀନରେ ଏକ ଧାର୍ଯ୍ୟ ସୀମାଠାରୁ ଅଧିକ କାରବାର ହେଲେ କମ୍ପାନୀଙ୍କୁ ଜିଏସ୍‌ଟି ପୋର୍ଟାଲରେ ପ୍ରତ୍ୟେକ ବିକ୍ରି ଲାଗି 'ଇ-ଚାଲାଣ' ବାହାର କରିବାକୁ ହେବ। ଏଭଳି ବ୍ୟବସ୍ଥା ହେବାକୁ ଯାଉଛି। ଏହାଦ୍ୱାରା ଟିକସ ଫାଙ୍କି ଅନେକାଂଶରେ ହ୍ରାସ ପାଇବ ବୋଲି ଆଶାକରାଯାଉଛି। ପ୍ରାରମ୍ଭରେ ଏକ ନିଶ୍ଚିତ ସୀମାରୁ ଅଧିକ କାରବାର କରୁଥିବା ସଂସ୍ଥାକୁ ପ୍ରତ୍ୟେକ ଇ-ଚାଲାଣ ଉପରେ ଏକ ୟୁନିକ ସଂଖ୍ୟା ଦିଆଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ନମ୍ବରକୁ ବିକ୍ରି ରିଟର୍ନ ଏବଂ ପ୍ରଦାନ କରାଯାଇଥିବା ଟିକସର ଇନ୍‌ଭଏସ ସହ ମିଳାଇବା ସହଜ ହେବ। ପରେ କମ୍ପାନୀଙ୍କୁ ବିକ୍ରିର ପୂରା ମୂଲ୍ୟ ଉପରେ ପୂର୍ଣ୍ଣ ଇ-ଇନଭଏସ ବାହାର କରିବାକୁ ହେବ। ସେ କହିଛନ୍ତି ଯେ, ଏକ ଧାର୍ଯ୍ୟ ସୀମାଠାରୁ ଅଧିକ କାରବାର କରୁଥିବା ବ୍ୟବସାୟିକ ସଂସ୍ଥାକୁ ଏକ ସଫ୍ଟୱେର ଦିଆଯିବ, ଯାହା କି, ଜିଏସ୍‌ଟି ପୋର୍ଟାଲ ସହ ସଂଯୁକ୍ତ ହେବ। ଏହାଦ୍ୱାରା ଇ-ଚାଲାଣ ବାହାର କରାଯାଇପାରିବ।

### ■ ମୋଦିଙ୍କୁ ଜେଟ୍ କର୍ମଚାରୀଙ୍କ ଅନୁରୋଧ
## ମାସକର ବେତନ ଦେବାକୁ ଏସ୍‌ବିଆଇକୁ କୁହନ୍ତୁ

- ୨୦ ହଜାର କର୍ମଚାରୀଙ୍କୁ ମିଳିନି ମାର୍ଚ୍ଚ ବେତନ
- ଏଣ୍ଟରପ୍ରାଇଜ ଭାଲ୍ୟୁ ରକ୍ଷା ଉପରେ ଜୋରଦେଲେ




ମୁମ୍ବାଇ,୨୮-୪

ସଙ୍କଟରେ ଅନିର୍ଦ୍ଦିଷ୍ଟ ସମୟ ଲାଗି ବିମାନ ସେବା ବନ୍ଦ କରି ଦେଇଥିବା ଜେଟ୍‌ର କର୍ମଚାରୀମାନେ ଗୋଟିଏ ମାସର ବେତନ ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପାଇଲଟ୍‌ମାନଙ୍କ ଜାତୀୟ ସଂଘ ନ୍ୟାଶନାଲ ଆଭିଏଟର୍‌ସ ଗିଲ୍‌ଡ (ଏନ୍‌ଏଜି) ଏ ନେଇ ମୋଦିଙ୍କୁ ଅନୁରୋଧ କରିଛି। ଅସୁବିଧାରେ ଥିବା କର୍ମଚାରୀଙ୍କୁ ଅନ୍ତତଃ ପକ୍ଷେ ଗୋଟିଏ ମାସ ବେତନ ପ୍ରଦାନ କରିବାକୁ ମୋଦି ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ (ଏସ୍‌ବିଆଇ)କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସଂଘ ଅନୁରୋଧରେ କହିଛି। ପ୍ରଧାନମନ୍ତ୍ରୀଙ୍କୁ ଏ ନେଇ ଏକ ଇ-ମେଲ କରାଯିବା ସହ ଅନ୍ୟ ବିମାନ ସଂସ୍ଥା ଦ୍ୱାରା ଜେଟ୍‌ର ବିମାନ ବ୍ୟବହାରକୁ ନେଇ କରାଯାଉଥିବା ପଞ୍ଜୀକରଣକୁ ମଧ୍ୟ ବନ୍ଦ କରାଯାଉ ବୋଲି ସଂଘ ଦାବି ଜଣାଇଛି। କିଙ୍ଗ୍‌ଫିଶର ଭଳି ଆଉ ଏକ ଦୁଃଖଦ ଘଟଣାର ପୁନରାବୃତ୍ତି ନ ହେଉ ବୋଲି ଏନ୍‌ଏଜିର ସଭାପତି କରନ ଚୋପ୍ରା କହିଛନ୍ତି।

ଅକ୍ଟୋବର ୨୦୧୨ରେ କିଙ୍ଗ୍‌ଫିଶର ବିମାନ କମ୍ପାନୀ ବନ୍ଦ ହେବା ପରେ ହଜାର ହଜାର କର୍ମଚାରୀ ସେମାନଙ୍କ ୮ ମାସର ବେତନ ହରାଇଥିଲେ। ବିମାନ କମ୍ପାନୀର ଏଣ୍ଟରପ୍ରାଇଜ ଭାଲ୍ୟୁକୁ ନ ହ୍ରାସ କରିବା ଲାଗି ଏହାର ଅଂଶଧନ ନିଲାମ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଉପରେ ଏନ୍‌ଏଜି ଗୁରୁତ୍ୱାରୋପ କରିଛି। ଗୋଟିଏ ମାସ ବେତନ ପାଇବାକୁ ପ୍ରୟାସ କରି ବିଫଳ ହୋଇଥିବା ଶୁକ୍ରବାର ଜେଟ୍ ସିଇସି ବିନୟ ଦୁବେ କହିଥିଲେ। ଏପ୍ରିଲ ୧୭ରେ ବିମାନ ସେବା ବନ୍ଦ କରିଥିବା ଏହି କମ୍ପାନୀ ଏହା ୨୦,୦୦୦ କର୍ମଚାରୀଙ୍କୁ ମାର୍ଚ୍ଚ ମାସର ବେତନ ଦେଇ ନାହିଁ।

## ବିମୁଦ୍ରୀକରଣ ପରେ ବଢ଼ିଛି ପ୍ରତ୍ୟକ୍ଷ ଟିକସ ଆଦାୟ

ନୂଆଦିଲ୍ଲୀ,୨୮-୪

ବିମୁଦ୍ରୀକରଣକୁ ନେଇ ସରକାର ଓ ବିରୋଧୀ ଦଳଗୁଡ଼ିକ ମୁହାଁମୁହିଁ ହୋଇଥିବା ବେଳେ ପ୍ରାପ୍ତ ତଥ୍ୟ ସରକାରଙ୍କ ସପକ୍ଷରେ ଯାଉଛି। ବିମୁଦ୍ରୀକରଣ ବର୍ଷ ଓ ପରେ ପ୍ରତ୍ୟକ୍ଷ ଟିକସ ଆଦାୟ ବୃଦ୍ଧି ପାଇଛି। ଏହା ବ୍ୟତୀତ ବ୍ୟକ୍ତିଗତ ଟିକସ ଅଧୀନରେ ଅଗ୍ରିମ ଏବଂ ସେଲ୍‌ଫ ଆସେସମେଣ୍ଟରୁ ରାଜସ୍ୱ ଆଦାୟ ଅସାଧାରଣ ବୃଦ୍ଧି ପାଇଥିବା ବେଳେ ଟିକସଦାତାଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହୋଇଛି। ବିମୁଦ୍ରୀକରଣ ପରେ ଦେଶ ଔପଚାରିକ ଅର୍ଥନୀତି ଆଡକୁ ମୁହାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜସ୍ୱ ଆଦାୟ ବୃଦ୍ଧି ଧାରା ବିମୁଦ୍ରୀକରଣର ଦୁଇ ବର୍ଷ ପରେ ମଧ୍ୟ ଆର୍ଥିକ ବର୍ଷ ୨୦୧୮-୧୯ରେ ଜାରି ରହିଛି। କର୍ପୋରେଟ ଆୟ ବାବଦ ଟିକସ ୧୪% ଏବଂ ପର୍ସନାଲ ଆୟ ବାବଦ ଟିକସ ୧୩ % ବୃଦ୍ଧି ପାଇଛି। ଅଗ୍ରିମ ଟିକସ ଆଦାୟ ଦେଖିଲେ ଜଣାପଡୁଛି ଯେ, ଭଲ୍ୟୁଣ୍ଟାରୀ ଟିକସ ଦେୟରେ ମଧ୍ୟ ୧୪% ହାରରେ ବଢୁଛି। ଏଭଳି ବୃଦ୍ଧିକୁ ଡିଜିଟାଲାଇଜେଶନ ସହ ଯୋଡିଲେ ଦେଶ ସ୍ୱଚ୍ଛ ଅର୍ଥନୀତି ଆଡକୁ ଯାଉଥିବା ପ୍ରତୀୟମାନ ହେଉଛି। ଭାରି ମାତ୍ରାରେ ନଗଦ ଜମା ହେଉଥିବା ବେଳେ ଶ୍ରମିକ ଓ ଘରୋଇ କର୍ମଚାରୀଙ୍କ ପକ୍ଷରୁ ଆକାଉଣ୍ଟରେ ଜମା ବୃଦ୍ଧି ପାଉଛି। ତଥ୍ୟରୁ ଜଣାପଡିଛି ଯେ, ଚଳିତବର୍ଷ ଫେବୃୟାରୀ ସୁଦ୍ଧା ୧ କୋଟିରୁ ଅଧିକ ନୂଆ ଟିକସଦାତା ଯୋଡି ହୋଇଛନ୍ତି। ବିମୁଦ୍ରୀକରଣ ବର୍ଷ ୨୦୧୬-୧୭ରେ ନୂଆ ଟିକସଦାତାଙ୍କ ସଂଖ୍ୟା ୨୯% ବୃଦ୍ଧି ପାଇଥିବା ଦେଖାଯାଇଥିଲା। ଔପଚାରିକ ଭାବେ ନଗଦ ସ୍ଥାନାନ୍ତର ହେବା କାରଣରୁ ନୂଆ ଟିକସଦାତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

## ବେବି ଶାମ୍ପୁରେ ହାନିକାରକ ପଦାର୍ଥ ନାହିଁ: ଜନସନ ଆଣ୍ଡ ଜନସନ




ନୂଆଦିଲ୍ଲୀ,୨୮-୪

ଆମେରିକା କମ୍ପାନୀ ଜନସନ ଆଣ୍ଡ ଜନସନ ନିଜର ଲୋକପ୍ରିୟ ବେବିଶାମ୍ପୁରେ ହାନିକାରକ ପଦାର୍ଥ ଥିବା ଅଭିଯୋଗକୁ ଖଣ୍ଡନ କରିଛି। ରାଜସ୍ଥାନ ସରକାରଙ୍କ ଜୟପୁରସ୍ଥିତ ଔଷଧ ପରୀକ୍ଷଣ ପ୍ରୟୋଗଶାଳା କମ୍ପାନୀର ବେବି ଶାମ୍ପୁରେ ଫର୍ମାଲଡିହାଇଡ(କ୍ୟାନସରକାରକ) ମିଳିଥିବା ଅଭିଯୋଗ କରିଥିଲା। ଲାବରେଟୋରୀ ରିପୋର୍ଟକୁ ଭିତ୍ତି କରି ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ (ଏନ୍‌ସିପିସିଆର୍) ସମସ୍ତ ରାଜ୍ୟସରକାର ଓ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖି ଜନସନ ଆଣ୍ଡ ଜନସନର ବେବି ଶାମ୍ପୁ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏଥିସହ ସମସ୍ତ ଷ୍ଟକ୍ ହଟାଇଦେବାକୁ କୁହାଯାଇଥିଲା। ତେବେ କମ୍ପାନୀକୁ ଶାମ୍ପୁ ବିକ୍ରି ରୋକିବା ଲାଗି କୁହାଯାଇ ନାହିଁ ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ଉକ୍ତ ପ୍ରୟୋଗଶାଳା ରିପୋର୍ଟକୁ ମଧ୍ୟ ଏହା ଅସ୍ୱୀକାର କରିଛି। ସୂଚନାଥାଉ କି, କମ୍ପାନୀର ୪ ହଜାର କୋଟି ଟଙ୍କାର ବେବି କେୟାର ବଜାରରେ ଭାରତରେ ପ୍ରାୟ ୭୫% ଅଂଶ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବେବି ଶାମ୍ପୁରେ ଫର୍ମାଲଡିହାଇଡ ବ୍ୟବହାର କରାଯାଏ ନାହିଁ। ଶାମ୍ପୁରେ ଏଭଳି କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ନାହିଁ, ଯାହା ପରେ ଫର୍ମାଲଡିହାଇଡରେ ପରିବର୍ତ୍ତିତ ହୁଏ।

## ଜୀବିତଙ୍କଠୁ ଅଧିକ ହେବ ମୃତକଙ୍କ ପ୍ରୋଫାଇଲ

ନୂଆଦିଲ୍ଲୀ,୨୮-୪

ଫେସ୍‌ବୁକ୍‌ରେ ଆସନ୍ତା ୫୦ ବର୍ଷ




ଫେସ୍‌ବୁକରେ ମୃତ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବ୍ରିଟେନସ୍ଥିତ ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଆସନ୍ତା ୫୦ ବର୍ଷ ଅର୍ଥାତ୍ ୨୦୭୦ ସୁଦ୍ଧା ଫେସ୍‌ବୁକ୍‌ରେ ଜୀବିତ ଲୋକଙ୍କଠାରୁ ଅଧିକ ମୃତ ଲୋକଙ୍କ ପ୍ରୋଫାଇଲ ଦେଖିବାକୁ ମିଳିବ। ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଅଭିବୃଦ୍ଧିକୁ ହିସାବକୁ ନେଲେ ୫୦ ବର୍ଷ ଭିତରେ ଅତି କମ୍‌ରେ ୧.୪ ବିଲିୟନ ୟୁଜରଙ୍କର ମୃତ୍ୟୁ ହୋଇସାରିଥିବ। ଅଧ୍ୟୟନର ସହ ଲେଖକ ଡେଭିଡ ୱାଟ୍‌ସନ କହିଛନ୍ତି ଯେ, ଭବିଷ୍ୟତରେ ଫେସ୍‌ବୁକ ଐତିହାସିକଙ୍କୁ ଏଭଳି ଲୋକଙ୍କ ପ୍ରୋଫାଇଲ ଦେଖିବାକୁ ଅନୁମତି ଦେବା ଉଚିତ୍। ଏହାଦ୍ୱାରା ଇତିହାସ ସମ୍ପର୍କରେ ଠିକ୍ ଠିକ୍ ନିର୍ଦ୍ଧାରଣ କରାଯାଇପାରିବ। ଏଭଳି ପ୍ରୋଫାଇଲର ପୋଷ୍ଟ ଐତିହାସିକଙ୍କୁ ଅନେକ ସହାୟତା କରିବ। ସେ କହିଛନ୍ତି ଯେ, ମାନବ ବ୍ୟବହାର ଲାଗି ଏହାଠାରୁ ଆଉ ଭଲ ଆର୍କାଇଭ ମିଳିବ ନାହିଁ।

## ସିବିଓଏ କେନ୍ଦ୍ରୀୟ କମିଟିର ଦୁଇଦିନିଆ ସମ୍ମିଳନୀ

ଭୁବନେଶ୍ୱର,୨୮-୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ସିବିଓଏ)ର କେନ୍ଦ୍ରୀୟ କମିଟି ବୈଠକ ଦୁଇ ଦିନ ବ୍ୟାପୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଟ୍ରେଡ ୟୁନିୟନଗୁଡିକର ୩୦,୦୦୦ରୁ ଅଧିକ ଅଧିକାରୀ ଏବଂ ଏକଜିକ୍ୟୁଟିଭ ଏହାର ସଦସ୍ୟ ରହିଛନ୍ତି। ଏଠାରେ ଅନୁଷ୍ଠିତ ସଂଘର ଦ୍ୱିବାର୍ଷିକ କାର୍ଯ୍ୟକ୍ରମରେ ମହାସଚିବ ଜିଭି ମଣିମାରନ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପ ତଥା କାନାରା ବ୍ୟାଙ୍କ ସାମ୍ନାରେ ରହିଥିବା ବିଭିନ୍ନ ପ୍ରତିବନ୍ଧକ ତଥା ଆହ୍ୱାନ ଉପରେ ଏଠାରେ ସାରା ଦେଶରୁ ଆସିଥିବା ପ୍ରତିନିଧିମାନେ ଆଲୋଚନା କରିଥିଲେ। ଏହାର ସମାଧାନ ଦିଗରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀଙ୍କ ହିତସାଧନ ଲାଗି ସିବିଓଏ ସର୍ବଭାରତୀୟ ସଂଘ ଏଆଇବିଓସି ଜରିଆରେ ବିଭିନ୍ନ ଦାବି ଉପସ୍ଥାପନ କରିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ, ସର୍ବନିମ୍ନ ବେତନ ଫର୍ମୁଲା ଅନୁଯାୟୀ ବେତନ ନବୀକରଣ, ରନିଙ୍ଗ ସ୍କେଲ ଫର ପେ ଏବଂ ପେନଶନ ନବୀକରଣ ଭଳି ବିଭିନ୍ନ ଦାବି ଉପରେ ବିଚାର କରିବାକୁ ଏଠାରେ ଗୁରୁତ୍ୱାରୋପ କରାଯାଇଛି।

### ଟ୍ରେନରେ ବଢୁଛି ଯାତ୍ରୀଙ୍କ ସାମଗ୍ରୀ ଚୋରି
## ୧୦ ବର୍ଷରେ ୧.୭୧ ଲକ୍ଷ ମାମଲା ଦାଏର

ନୂଆଦିଲ୍ଲୀ,୨୮-୪




ଟ୍ରେନରେ ଯାତ୍ରୀଙ୍କ ସାମଗ୍ରୀ ଚୋରି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆର୍‌ପିଏଫ୍ ଓ ଜିଆର୍‌ପି ଥାଇ ମଧ୍ୟ ଚୋରି ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ହୋଇଛି। ରେଳ ମନ୍ତ୍ରଣାଳୟ ଦ୍ୱାରା ଜାରି ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଟ୍ରେନ ଯାତ୍ରୀମାନେ ସେମାନଙ୍କ ସାମଗ୍ରୀ ଚୋରି ହେବା ନେଇ ୧.୭୧ ଲକ୍ଷ ମାମଲା ଦାଏର କରିଛନ୍ତି। ରେଲୱେର ସୁରକ୍ଷା ବ୍ୟବସ୍ଥା ଢ଼ିଲା ଥିବା ଉକ୍ତ ତଥ୍ୟ କହୁଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଗତ ଏକ ଦଶନ୍ଧି ଭିତରେ ୨୦୧୮ରେ ସର୍ବାଧିକ ୩୬,୫୮୪ ଚୋରି ମାମଲା ଦାଏର ହୋଇଥିଲା। ୨୦୧୭ରେ ଏହା ୩୩,୦୪୪, ୨୦୧୬ରେ ୨୨,୧୦୬, ୨୦୧୫ରେ ୧୯,୨୧୫ ମାମଲା ଦାଏର କରାଯାଇଛି। ଏଭଳି ଭାବେ ୨୦୧୪ରେ ୧୪,୩୦୧, ୨୦୧୩ରେ ୧୨,୨୬୧, ୨୦୧୨ରେ ୯,୨୯୨, ୨୦୧୧ରେ ୯୦୫୩, ୨୦୧୦ରେ ୭୫୪୯ ଏବଂ ୨୦୦୯ରେ ୭୦୧୦ ମାମଲା ଦାଏର ହୋଇଥିଲା। ୨୦୦୯ରୁ ୨୦୧୮ ମଧ୍ୟରେ ଟ୍ରେନରେ ଚୋରି ମାମଲା ୫ଗୁଣା ବଢ଼ିଛି। ମୋଟ୍‌ରେ ଦେଖିଲେ ଏହି ଅବଧିରେ ୧,୭୧,୦୧୫ ଚୋରି ମାମଲା ଦାଏର ହୋଇଛି। ରେଳଯାତ୍ରୀମାନେ ବିଭିନ୍ନ ସମୟରେ ସୁରକ୍ଷାକୁ ନେଇ ସୋସିଆଲ ମିଡିଆରେ ପ୍ରଶ୍ନ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।



“ଚଳିତ ଆଇପିଏଲ୍‌ରେ ଆମ ସଫଳତାର ପ୍ରକୃତ ରହସ୍ୟ ହେଉଛି, ପ୍ରତ୍ୟେକଟି ଗେମ୍‌ରେ ଆମକୁ ଅଣ୍ଡରଡଗ୍ ବୋଲି ବିବେଚନା କରାଯାଉଛି ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



“ମିଡଲ ଓଭରରେ ଉଇକେଟ ନେବାରେ ଅସଫଳ ରହିବାରୁ ଶନିବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଆମେ ପରାଜିତ ହେଲୁ।

–କେନ୍ ୱିଲିୟମସନ, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ

## ସଂକ୍ଷେପରେ

### ସ୍ୱର୍ଣ୍ଣ ଜିତିବାରେ ଆକାନେ ପ୍ରଥମ ଜାପାନ ମହିଳା

ସାଂଘାଇ, ୨୮।୪ (ଏଏଫ୍‌ପି): ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ରବିବାର ଜାପାନକୁ ଡବଲ୍ ସ୍ୱର୍ଣ୍ଣ ପଦକ ମିଳିଛି। ଜାପାନ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତି ଏହି ସଫଳତା ପାଇଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି କେଣ୍ଟୋ ମୋମୋଟା ୨୧-୧୨, ୨୧-୧୮, ୨୧-୮ ସିଧାସଳଖ ଗେମ୍‌ରେ ଚାଇନାର ସହି ୟୁକିଙ୍କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ୍‌କୁ ବଜାୟ



ରଖିଛନ୍ତି। ମ୍ୟାଚ୍ ଜିତିବାକୁ ମୋମୋଟାଙ୍କୁ ଏକ ଘଣ୍ଟା ୯ ମିନିଟ୍ ସମୟ ଲାଗିଥିଲା। ପୂର୍ବ ସଂସ୍କରଣର ଫାଇନାଲରେ ମଧ ଏହି ୨ ସଟ୍‌ଲର ପରସ୍ପରକୁ ଭେଟିଥିଲେ, ଯେଉଁଥିରେ ମୋମୋଟା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଘରୋଇ ଖେଳାଳି ହେ ବିଙ୍ଗ୍‌ଜିଓଙ୍କୁ ୨୧-୧୯, ୨୧-୯ ଗେମ୍‌ରେ ପରାସ୍ତ କରି ଜାପାନର ଆକାନେ ୟାମାଗୁଚି ଚାମ୍ପିୟନ ହୋଇଛନ୍ତି। ଏଥିସହ ଏସିଆ ବ୍ୟାଡ୍‌ମିଣ୍ଟନ ଟାଇଟଲ୍ ଜିତିବାରେ ୟାମାଗୁଚି ପ୍ରଥମ ଜାପାନ ମହିଳା ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୧ ବର୍ଷୀୟା ୟାମାଗୁଚି ଏଠାରେ ରୌପ୍ୟ ପଦକ ହାସଲ କରିଥିଲେ।

## ■ ରାଜ୍ୟ ୭ ବର୍ଷରୁ କମ୍ ଚେସ୍

# ସ୍ୱସ୍ତିକ, ଜ୍ୟୋତିକା ଚାମ୍ପିୟନ

**କଟକ ଅଫିସ,୨୮।୪**

ମାଷ୍ଟର ଚେସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଏଠାରେ ଅନୁଷ୍ଠିତ ରାଜ୍ୟ ୭ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି । ଓପନ ବର୍ଗରେ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଓ ବାଳିକା ବର୍ଗରେ ଜ୍ୟୋତିକା ସାହୁ ଚାମ୍ପିୟନ ହୋଇଛନ୍ତି । ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ୱସ୍ତିକ ଓ ଜ୍ୟୋତିକା ୬.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଶନିବାର ୫ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମଧ୍ୟ ସ୍ୱସ୍ତିକ ୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଥିଲେ । ୬ଷ୍ଠ ରାଉଣ୍ଡରେ ଅଭିଜିତ ବିଶ୍ୱାଳଙ୍କ ସହ ମ୍ୟାଚ୍ ଡ୍ର ରହିବା ଯୋଗୁଁ ଉଭୟ ୦.୫ ପଏଣ୍ଟ ଲେଖାଏ ପାଇଥିଲେ । ହେଲେ ୭ମ ତଥା ଅନ୍ତିମ ରାଉଣ୍ଡରେ ସ୍ୱସ୍ତିକ ଆୟୁଷ୍ମାନ ସାମନ୍ତରାୟଙ୍କୁ ପରାସ୍ତ କରି ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି । ମୋଟ ୬ ପଏଣ୍ଟ ପାଇଥିବା ଖୋର୍ଦ୍ଧାର ଅଭିଜିତ ବିଶ୍ୱାଳ ଓପନ ବର୍ଗରେ ରନର୍ସଅପ ହୋଇଥିବା ବେଳେ ୫.୫ ପଏଣ୍ଟ ସହ ସତ୍ୟାଂଶ ଶିୟମ ଦ୍ୱିତୀୟ ରନର୍ସଅପ ହୋଇଥିଲେ । ଜୟଦିତ୍ୟ ପାଢ଼ୀ, ଅର୍କ ମିଶ୍ର, ଉମଙ୍ଗ ନହର, ଆୟୁଷ୍ମାନ ସାମନ୍ତରାୟ, ପ୍ରତୀକ କୁଶଳ ରାଉତ,





ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ ।

ଭିହାନ ରେଡ୍ଡୀ, ଅର୍ନଭ ବିଶ୍ୱାଳ ୫ ପଏଣ୍ଟ ଲେଖାଏ ପାଇ ୧୦ମ ସ୍ଥାନ ମଧ୍ୟରେ ଅଛନ୍ତି । ୫ରାଉଣ୍ଡ ଖେଳ ଶେଷ ସୁଦ୍ଧା ୪.୫ ପଏଣ୍ଟ ହାସଲ କରି ଜ୍ୟୋତିକା ସାହୁ ଦ୍ୱିତୀୟ ସ୍ଥାନରେ ଥିଲେ । ସମାନ ପଏଣ୍ଟ ସହ ଐଶ୍ୱର୍ଯ୍ୟା ସାହୁ ଅଗ୍ରଣୀ ନେଇଥିଲେ । ରବିବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡ ମ୍ୟାଚ୍‌ରେ ରିପିଲ ପଣ୍ଡାଙ୍କୁ ଓ ୭ମ ରାଉଣ୍ଡରେ ହର୍ଷିତା ସିଂଙ୍କୁ ହରାଇ ଜ୍ୟୋତିକା ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ତିମ ଦୁଇଟି ଯାକ ରାଉଣ୍ଡରେ ଐଶ୍ୱର୍ଯ୍ୟା ପରାସ୍ତ ହୋଇଥିଲେ । ବାଳିକା ବର୍ଗରେ ରନର୍ସଅପ ହୋଇଛନ୍ତି ଖୋର୍ଦ୍ଧାର ଇଶାନୀ ଦାସ । ଇଶାନୀ ୬ ପଏଣ୍ଟ ପାଇଥିଲେ । ୫ ପଏଣ୍ଟ ପାଇ ରିପିଲ ପଣ୍ଡା ଦ୍ୱିତୀୟ ରନର୍ସଅପ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଅଲ ଓଡ଼ିଶା ଚେସ ଆସୋସିଏଶନ ଉପସଭାପତି ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚେସ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ, ମନୋରମା ଜେନା, ନିରୂପମା ତ୍ରିପାଠୀ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, ଜ୍ୟୋତି ଶଙ୍କର ନନ୍ଦ, ମାଷ୍ଟର ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ

**କଟକ ଅଫିସ,୨୮।୪**

ଉଗାଣ୍ଡାର କାମ୍ପାଲା ସ୍ଥିତ ଲୁଗୋଗୋ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଉଗାଣ୍ଡା ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ପୁଣି ଚମକିଛନ୍ତି ଓଡ଼ିଶାର ତାରକା ଖେଳାଳି ପ୍ରମୋଦ ଭଗତ । ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସିଙ୍ଗଲ୍ସ ବିଭାଗର ଫାଇନାଲ ମୁକାବିଲାରେ ପ୍ରମୋଦ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ପରାସ୍ତ କରିଥିଲେ । ସଂଘର୍ଷପୂର୍ଣ୍ଣ ପ୍ରଥମ ସେଟ୍‌କୁ ପ୍ରମୋଦ ୨୪-୨୨ରେ ଜିତିବା ପରେ ଦ୍ୱିତୀୟ ସେଟ୍‌କୁ ଏକତରଫା ଭାବେ ୨୧-୧୦ରେ ଜିତି ଚାମ୍ପିୟନ ହୋଇଥିଲେ। ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରମୋଦଙ୍କର ଏହା ଲଗାତାର ୭ମ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ । ଏହି ସଫଳତା ସହ ପ୍ରମୋଦ ବିଶ୍ୱ ପାରା ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଡବଲ୍ସ ବିଭାଗରେ ପ୍ରମୋଦ-ମନୋଜ ସରକାରଙ୍କ ଯୋଡ଼ି ଫ୍ରାନ୍ସର ଗ୍ୟାଲି ଗୁଇଲାଉମି-ମ୍ୟାଥ୍ୟୁ ଥୋମାସଙ୍କ ଯୋଡ଼ିକୁ ୨୧-୧୩, ୨୧-୧୧ ସେଟରେ ହରାଇଥିଲେ। ଅନ୍ୟ ପକ୍ଷରେ ଦୀର୍ଘ ୪ବର୍ଷର ବ୍ୟବଧାନ ପରେ ପ୍ରମୋଦ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଡବଲ୍ସ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଆଗାମୀ ଅଲିମ୍ପିକରେ ପଦକ ହାସଲ କରିବା ଏବେ ଲକ୍ଷ୍ୟ ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ସଫଳତା ପାଇଁ କୋଚ୍, ପରିବାର ଲୋକ ଓ ସପୋର୍ଟ ଷ୍ଟାଫଙ୍କୁ ପ୍ରମୋଦ ଧନ୍ୟବାଦ ଜଣାଇଛନ୍ତି ।



ଡବଲ୍ସ ପାର୍ଟନର ମନୋଜ ସରକାରଙ୍କ ସହ ପ୍ରମୋଦ ଭଗତ (ବାମ)।



ୟୁନିଟ୍ -୬ ଗ୍ରାଉଣ୍ଡରେ ବାଳକ ଫୁଟବଲ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଅବସରରେ ପ୍ରଶିକ୍ଷାର୍ଥୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଅମ୍ବୁଡ୍‌ସମ୍ୟାନଙ୍କୁ ତେନ୍ଦୁଲକରଙ୍କ ଚିଠି

## ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୮।୪ (ପି.ଟି.)**

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ତାଙ୍କ ବିରୋଧରେ ଅଣାଯାଇଥିବା ସ୍ୱାର୍ଥ ନିହିତ ଅଭିଯୋଗ ନେଇ ବିସିସିଆଇ ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଜଷ୍ଟିସ (ଅବସରପ୍ରାପ୍ତ) ଡି.କେ. ଜୈନଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଆମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା ପଠାଇଯାଇଥିବା ନୋଟିସର ତେନ୍ଦୁଲକର ୧୪ ଦଫା ସମ୍ବଳିତ ଉତ୍ତର ଦେଇଛନ୍ତି। ଆଇପିଏଲ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ନୀତି ନିର୍ଦ୍ଧାରଣରେ ତାଙ୍କର କୌଣସି ଭୂମିକା ନାହିଁ। ଫ୍ରାଞ୍ଚାଇଜରୁ ତାଙ୍କୁ କୌଣସି ଆର୍ଥିକ ଫାଇଦା ମିଳି ନାହିଁ କିମ୍ବା ସେ କୌଣସି କ୍ଷତିପୂରଣ ପାଇ ନ ନାହାନ୍ତି ବୋଲି ଏଥିରେ ସେ ଦର୍ଶାଇଛନ୍ତି। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ସଦସ୍ୟ ସଞ୍ଜୀବ ଗୁପ୍ତାଙ୍କ ଦ୍ୱାରା ସ୍ୱାର୍ଥ ନିହିତ ଅଭିଯୋଗ ଅଣାଯାଇଛି। ତେନ୍ଦୁଲକର ଏବଂ ଭିଭିଏସ ଲକ୍ଷ୍ମଣଙ୍କ ଦ୍ୱୈତ୍ୟ ଭୂମିକା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମତଃ ଏହି ଦୁଇଜଣ ସେମାନଙ୍କ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦର ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଦ୍ୱିତୀୟତଃ କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ରହିଛନ୍ତି। ଗୁପ୍ତା ବିଶେଷ କରି ମୁମ୍ବାଇ ଇଣ୍ଡିଆନ୍ସରେ ତେନ୍ଦୁଲକରଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି।

# ତିନି ବୟସ ବର୍ଗରେ ଫୁଟବଲ ଶିବିର

**ଭୁବନେଶ୍ୱର, ୨୮।୪(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଫୁଟବଲ ଶିବିର ରବିବାର ଆରମ୍ଭ ହୋଇଛି। ୟୁନିଟ-୬ ବାଳକ ହାଇସ୍କୁଲ ପଡ଼ିଆରେ ୩ ବୟସ ବର୍ଗ (୧୩ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଏବଂ ୨୨ ବର୍ଷରୁ କମ୍) ଏହି ଶିବିର ଅନୁଷ୍ଠିତ ହେଉଛି। ଶିବିରରେ ମୋଟ ୧୨୦ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି। ମେ ୧୯ ପର୍ଯ୍ୟନ୍ତ ଏହା ୩ ସପ୍ତାହଧରି ଚାଲିବ। କ୍ଲବ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଟି-ଶାର୍ଟ ଓ ଅଭ୍ୟାସ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଏଏଫସି ‘ସି’ ଲାଇସେନ୍ସପ୍ରାପ୍ତ କୋଚ୍ ସୁଶାନ୍ତ ଚନ୍ଦ୍ର ମହାନ୍ତି, ସଞ୍ଜୀବ ପାଟ୍ଟଶାଣୀ, ଏନଆଇଏସ ସାର୍ଟିଫିକେଟ କୋର୍ସ କରିଥିବା ସୁଦୀପ ଦାସ, ପୂର୍ବତନ ଜାତୀୟ ଖେଳାଳି ପ୍ରଫୁଲ୍ଲ କୁମାର ମିଶ୍ର, ଏସ.ପଟ୍ଟନାୟକ, ବରୁଣ ମାଝି, ଆଶିଷ ପ୍ରଧାନ, ରାମେଶ୍ୱର ପାଢ଼ୀ, ପ୍ରଦୀପ ଦାସ ପ୍ରମୁଖ ଏହି ଶିବିରରେ ପ୍ରଶିକ୍ଷଣ ଦେବେ। ୩ ବୟସବର୍ଗ ମଧ୍ୟରୁ ପ୍ରତି ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ୧ ବର୍ଷ ପାଇଁ ଏଜୁକେଶନାଲ ସ୍କଲାରଶିପ୍ ଲାଗି ମନୋନୀତ କରିବାକୁ କ୍ଲବ ପକ୍ଷରୁ ନିଷ୍ପତ୍ତି ନିଆ ଯାଇଛି। ଏହା ବ୍ୟତୀତ ଉଦ୍‌ଯାପନୀ ଉତ୍ସବ ଅବସରରେ କିଛି ପିଲାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶିବିର ଉଦ୍‌ଘାଟନ ଅବସରରେ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ଅକ୍ଷୟ ଦାସ, ପ୍ରିୟନାଥ ମିଶ୍ର, ସମ୍ପାଦକ ଦିଲୀପ କୁମାର ଦାସ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ୨୦୨୦-୨୧ ଜୁନିୟର ଆଇ-ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ। ସର୍ବଭାରତୀୟ ଫୁଟବଲ ଫେଡେରେସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୧୩, ୧୫ ଓ ୧୮ ବର୍ଷରୁ କମ୍ ୩ ବୟସବର୍ଗରେ ହେବ।





# ୧୯୮୩: ଭାରତକୁ ବିଜୟ ମୁକୁଟ

୧୯୮୩ରେ ଇଂଲଣ୍ଡରେ କ୍ରମାଗତ ତୃତୀୟ ଥର ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଖେଳାଯାଇଥିଲା। ଏହି ବିଶ୍ୱକପ୍ ଭାରତୀୟ କ୍ରିକେଟରେ ବିପ୍ଳବ ଆଣିଥିଲା। ଭାରତ ଏହି ମେଗାଇଭେଣ୍ଟରେ ଟାଇଟଲ ଜିତିଥିଲା। ଅଣ୍ଡରଡଗ୍ ବିବେଚିତ ହେଉଥିଲେ ମଧ ଏକାଧିକ ବିପର୍ଯ୍ୟୟ ଘଟାଇ ଭାରତ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। କପିଳ ଦେବଙ୍କ ନେତୃତ୍ୱରେ ଭାରତର ପ୍ରଦର୍ଶନ ଐତିହାସିକ ଥିଲା। ଫାଇନାଲରେ ଭାରତ ଗତ ଦୁଇଥରର ଚାମ୍ପିୟନ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜକୁ ହରାଇ ବାଜି ମାରିଥିଲା। ଜୁନ ୯ରୁ ଆରମ୍ଭ ହୋଇ ଏହା ୨୫ ତାରିଖରେ ଶେଷ ହୋଇଥିବା ଏହି ବିଶ୍ୱକପ୍ ସମ୍ପୂର୍ଣ୍ଣ ଭାବେ ନାଟକୀୟ ଥିଲା। କାରଣ ସେତେବେଳେ ଭଲ ଖେଳୁ ନ ଥିବା ଭାରତ ଓ ଜିମ୍ବାୱେ ଭଳି ଦଳ ଟୁର୍ନାମେଣ୍ଟରେ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ୱେଷ୍ଟଇଣ୍ଡିଜକୁ ଓ ଜିମ୍ବାୱେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ସକ୍ଷମ ହୋଇଥିଲା। ମୋଟ ଉପରେ ଟୁର୍ନାମେଣ୍ଟକୁ ୨,୩୧,୦୮୧ ଦର୍ଶକ ଉପଭୋଗ କରିଥିଲେ। ମ୍ୟାଚ୍ ପିଛା ଦର୍ଶକଙ୍କ



ଅଧିନାୟକ କପିଲ ଦେବ ବିଶ୍ୱକପ୍ ଟ୍ରଫି ଗ୍ରହଣ କରୁଛନ୍ତି।

ସଂଖ୍ୟା ୮, ୫୫୯ ଥିଲା। ଇଂଲଣ୍ଡର ଡେଭିଡ ଗୋୱର ସର୍ବାଧିକ ୩୮୪ ରନ ସଂଗ୍ରହ କରିଥିଲେ। ସେହିପରି ବୋଲିଂରେ ଭାରତର ରୋଜର ବିନ୍ନି ସର୍ବାଧିକ ୧୮ଟି ଉଇକେଟ ଅକ୍ତିଆର କରିଥିଲେ। ରାଉଣ୍ଡ ରବିନ ଓ ନକ୍ ଆଉଟ୍ ଫର୍ମାଟରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଗ୍ରହଣ କରିଥିଲେ ଓ ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଟୁର୍ନାମେଣ୍ଟରେ ମୋଟ ୨୭ଟି ମ୍ୟାଚ୍ ଖେଳାଯାଇଥିଲା। ଗ୍ରୁପ୍‌ରେ ଗୋଟିଏ ଦଳ ଅନ୍ୟ ୩ଟି ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ୍ ଏ’ରୁ ଇଂଲଣ୍ଡ ଓ ପାକିସ୍ତାନ, ଗ୍ରୁପ୍ ବି’ରୁ ଭାରତ ଓ ଟୁର୍ନାମେଣ୍ଟ ଫେଭରାଇଟ ୱେଷ୍ଟଇଣ୍ଡିଜ ସେମିଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୨ଟି ପରାଜୟ ସହ ମୋଟ ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିରେ ପ୍ରବେଶ କରିଥିଲା। ସେହିପରି ୱେଷ୍ଟଇଣ୍ଡିଜ୍ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୨୦ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ଅନ୍ୟ ଦୁଇଟି ଦଳ ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଯଥାକ୍ରମେ ୮ ଓ ୪ ପଏଣ୍ଟ ପାଇଁ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିବା ସହ ସେମି ଦୌଡରୁ ବାଦ୍ ପଡିଥିଲେ। ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିକୁ ୩୪ ରନରେ ପରାସ୍ତ କରିଥିଲା। ଟସ୍‌ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୟସପାଲ ଶର୍ମାଙ୍କ ୮୯ ରନର ପାଳି ସହ ୬୦ ଓଭରରେ ୮ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୫୪.୧ ଓଭରରେ ୨୨୮ ରନ କରି ଆଲଆଉଟ ହୋଇ ପରାସ୍ତ ହୋଇଥିଲା। ବୋଲିଂରେ ଭାରତ ତରଫରୁ ରୋଜର ବିନ୍ନି ଓ ରବି ଶାସ୍ତ୍ରୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୟସପାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୩୫ଟି ବଲ ବାକିଥାଇ ଜିମ୍ବାୱେକୁ ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ହାରି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୧୫୫ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ପାଇଁ ମଦନ ଲାଲ ୩, ବିନ୍ନି ୨ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୩୭.୩ ଓଭରରେ ୫ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଭାରତର ସନ୍ଦୀପ ପାଟିଲ ସର୍ବାଧିକ ୫୦, ମହିନ୍ଦର ଅମରନାଥ ୪୪ ରନ ସଂଗ୍ରହ କରିଥିଲେ। ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୧୬୨ ରନର ବୃହତ୍ ବ୍ୟବଧାନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏହାପରେ ଚତୁର୍ଥ ମ୍ୟାଚ୍‌ରେ ଭାରତ ୬୬ ରନରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍‌ରେ ଭାରତ ୩୧ ରନରେ ଜିମ୍ବାୱେକୁ ହରାଇଥିଲା ଓ ଏହି ବିଜୟ କପିଳଙ୍କ ଅପରାଜିତ ୧୭୫ ରନର ବୃହତ୍ ଶତକୀୟ ଇନିଂସ କାରଣରୁ ଐତିହାସିକ ଥିଲା। ଟସ୍ ଜିତ ପ୍ରଥମେ ବ୍ୟାଟିଂ କରି ଭାରତ ମାତ୍ର ୧୭ ରନରେ ୫ ଉଇକେଟ ହରାଇ ବିପଦରେ ପଡିଥିଲା। ତେବେ କପିଳ ୧୩୮ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୬ ଛକା ସହ ଅପରାଜିତ ୧୭୫ ରନ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ଭାରତ ୬୦ ଓଭରରେ ୮ ଉଇକେଟ ହରାଇ ୨୬୬ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ୫୭ ଓଭରରେ ୨୩୫ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ବୋଲିଂରେ ଭାରତର ମଦନଲାଲ ୩, ବିନ୍ନି ୨, କପିଳ, ବଲବିନ୍ଦର ସାନ୍ଧୁ ଓ ଅମରନାଥ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। କପିଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ୧୧୮ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୫୫.୫ ଓଭରରେ ୨୪୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୩୮.୨ ଓଭରରେ ୧୨୯ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଭାରତ ତରଫରୁ ୟସପାଲ ଶର୍ମା ସର୍ବାଧିକ ୪୦, ସନ୍ଦୀପ ପାଟିଲ ୩୦, କପିଳ ୨୮, କେ. ଶ୍ରୀକାନ୍ତ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ପାଇଁ ମଦନଲାଲ ଓ ବିନ୍ନି ୪ଟି ଲେଖାଏ, ସାନ୍ଧୁ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ସେମିଫାଇନାଲରେ ଭାରତ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଭେଟିଥିଲେ ଓ ଏଥିରେ ଭାରତ ୩୨ଟି ବଲ୍ ବାକିଥାଇ ୬ ଉଇକେଟରେ ବିଜୟ ହାସଲ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୬୦ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ତରଫରୁ କପିଳ ୩, ବିନ୍ନି ଓ ଅମରନାଥ ୨ଟି ଲେଖାଏ, କୀର୍ତ୍ତି ଆଜାଦ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ୫୪. ୪ ଓଭରରେ ୪ ଉଇକେଟ ହରାଇ ୨୧୭ ରନ କରି ବିଜୟୀ ହୋଇଥିଲା। ଭାରତ ତରଫରୁ ୟସପାଲ ୬୧, ଅମରନାଥ ୪୬, ସନ୍ଦୀପ ପାଟିଲ ଅପରାଜିତ ୫୧, ସୁନୀଲ ଗାଭାସ୍କର ୨୫, ଶ୍ରୀକାନ୍ତ ୧୯ ରନ ସଂଗ୍ରହ କରିଥିଲେ। ସେହିପରି ଅନ୍ୟ ଏକ ସେମିରେ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ୱେଷ୍ଟଇଣ୍ଡିଜ୍। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଫାଇନାଲ ଖେଳାଯାଇଥିଲା। ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ହଟ୍ ଫେଭରାଇଟ ବିବେଚିତ ହେଉଥିଲେ ମଧ ସବୁ କିଛି ଓଲଟା ହୋଇଥିଲା। ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଖରାପ୍ ପ୍ରଦର୍ଶନ କରି ୫୪.୪ ଓଭରରେ ୧୮୩ ରନ କରି ଅଲଆଉଟ ହୋଇଥିଲା। ଶ୍ରୀକାନ୍ତ ସର୍ବାଧିକ ୩୮, ଅମରନାଥ ୨୬, ପାଟିଲ ୨୭, କପିଳ ୧୫, ମଦନଲାଲ ୧୭, ଉଇକେଟକିପର ସୟଦ କିର୍‌ମାନୀ ୧୪ ଓ ସାନ୍ଧୁ ଅପରାଜିତ ୧୧ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ବୋଲିଂରେ ଆଣ୍ଡି ରବର୍ଟସ ୩, ମାଲକମ ମାର୍ଶାଲ, ମାଇକେଲ ହୋଲ୍ଡିଂ, ଲରି ଗୋମ୍ସ ୨ଟି ଲେଖାଏ, ଜୋଏଲ ଗାର୍ନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୨ ଓଭରରେ ମାତ୍ର ୧୪୦ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା ଓ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଦଳ ତରଫରୁ ଭିଭିଆନ ରିଚାର୍ଡ୍ସ ସର୍ବାଧିକ ୩୩, ଜେଫ ଡୁଜନ ୨୫, ମାର୍ଶାଲ ୧୮ ଓ ଡେଜମଣ୍ଡ ହେନ୍ସ ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ।

## ଆଜିର ମ୍ୟାଚ



ସନରାଇଜର୍ସ ହାଇଦ୍ରାବାଦ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ

ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ରୋନାଲ୍ଡୋଙ୍କ ୬୦୦ ଗୋଲ



ରୋମ,୨୮।୪: କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ଲବ ଫୁଟ୍‌ବଲରେ କ୍ୟାରିୟରର ୬୦୦ ଗୋଲ ପୂରଣ କରିଛନ୍ତି। ଏଠାରେ ଇଣ୍ଟର ମିଲନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ରୋନାଲ୍ଡୋ ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସ ପାଇଁ ଗୋଲ ଦେଇ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ପୂରା ପ୍ରଥମାର୍ଦ୍ଧରେ ଜୁଭେଣ୍ଟସ ଦଳ ୧-୦ ଗୋଲରେ ପଛୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ରୋନାଲ୍ଡୋ (୬୨ତମ ମିନିଟ) ଗୋଲ ଦେଇ ମ୍ୟାଚ୍‌କୁ ବରାବର କରିଥିଲେ। ଏହା ତାଙ୍କ କ୍ଲବ କ୍ୟାରିୟରର ୬୦୦ତମ ଗୋଲ। ୩୪ ବର୍ଷୀୟ ଫରୱାର୍ଡ ରିଅଲ ମାଡ୍ରିଡ୍ ଲାଗି ୪୫୦ ଗୋଲ ଦେଇଥିବାବେଳେ ମାଞ୍ଚେଷ୍ଟର ୟୁନାଇଟେଡ ପକ୍ଷରୁ ୧୧୮ ଓ ଜୁଭେଣ୍ଟସ ପାଇଁ ଏ ପର୍ଯ୍ୟନ୍ତ ୨୭ ଗୋଲ କରିଛନ୍ତି। ପର୍ତ୍ତୁଗାଲ ଷ୍ଟାର ଖେଳାଳିଙ୍କ ପଛକୁ ଲିଓନେଲ ମେସି ରହିଛନ୍ତି। ଆର୍ଜେଣ୍ଟିନା ଷ୍ଟାର ମେସି ଏ ପର୍ଯ୍ୟନ୍ତ ୫୯୭ ଗୋଲ କରିସାରିଛନ୍ତି।


୫୪ତମ ବିବାହ ବାର୍ଷିକ ଶୁଭେଚ୍ଛା



ରଣଜିତ୍ କୁମାର ଓ କମଳ କୁମାରୀ ବେହେରା
MB-୨୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ, ବାବା ଶିରିଡ଼ି ସାଇ ଓ ମା' ତାରିଣୀଙ୍କ କୃପାରୁ ଆପଣମାନଙ୍କର ଦାମ୍ପତ୍ୟ ଜୀବନ ଦୀର୍ଘ, ନୀରୋଗ, ସୁସ୍ଥ ଓ ସୁଖମୟ ହେଉ ଏତିକି ପ୍ରାର୍ଥନା। ବେହେରା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୨୩୭୫


### ଏମ୍ଆଇଜି ଷ୍ଟାଡିୟମ୍‌ରେ ସଚିନ ପ୍ୟାଭିଲିୟନ

ମୁମ୍ବାଇ,୨୮।୪(ପିଟିଆଇ): ବାନ୍ଦ୍ରା ସ୍ଥିତ ଏମ୍ଆଇଜି କ୍ଲବ କ୍ରିକେଟ ଷ୍ଟାଡିୟମ୍‌ର ପ୍ୟାଭିଲିୟନ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ନାମିତ କରାଯିବ। ୨୪ ବର୍ଷର ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟର ବେଳେ ସଚିନ ଏଠାରେ ଅଭ୍ୟାସ କରୁଥିଲେ। ସଚିନଙ୍କ ନାମରେ ନାମିତ ହେବାକୁ ଥିବା ପ୍ୟାଭିଲିୟନ ଆସନ୍ତା ୨ ତାରିଖରେ ଉଦ୍‌ଘାଟିତ ହେବ ବୋଲି କ୍ଲବ ସମ୍ପାଦକ ଅମିତ ଦାନି କହିଛନ୍ତି। ଏହି କ୍ଲବ ପାଇଁ ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ ଖେଳନ୍ତି। ପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମ୍‌ର ଏକ ଷ୍ଟାଣ୍ଡ ତେନ୍ଦୁଲକରଙ୍କ ନାମରେ ନାମିତ ହୋଇଛି। ସେଠାରେ ସେ କ୍ୟାରିୟରର ଅନ୍ତିମ ତଥା ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

### ୧୧ ବର୍ଷରେ ବାର୍ସିଲୋନାକୁ ୮ମ ଲା ଲିଗା ଟାଇଟଲ

ମାଡ୍ରିଡ୍,୨୮।୪(ଏଏଫ୍‌ପି): ଲିଓନେଲ ମେସିଙ୍କ ଗୋଲ ବଳରେ ବାର୍ସିଲୋନା ଦଳ ଶନିବାର ଲେଭାଣ୍ଟେ ବିପକ୍ଷ ମ୍ୟାଚ୍‌କୁ ୧-୦ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହ ବାର୍ସିଲୋନା ଚଳିତ ଲା ଲିଗା ଲିଗ୍ ଟାଇଟଲ ଜିତି ନେଇଛି। ୧୧ ବର୍ଷରେ ଏହା ବାର୍ସିଲୋନାର ୮ମ ଟାଇଟଲ। ସର୍ବାଧିକ ଥର ଲା ଲିଗା ଟାଇଟଲ ଜିତିବାରେ ରିଅଲ ମାଡ୍ରିଡ୍ (୩୩) ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ମେସି ଏକ ଇତିହାସ ସୃଷ୍ଟି କରିଛନ୍ତି। ସେ ଦଳର ପ୍ରଥମ ଖେଳାଳି ଭାବେ ୧୦ ଥର ଲିଗ୍ ଚାମ୍ପିୟନ ବାର୍ସିଲୋନା ଦଳର ସଦସ୍ୟ ହୋଇରହିଛନ୍ତି। ୧୭ ବର୍ଷ ବୟସରେ ମେସିଙ୍କ ପ୍ରତିନିଧିତ୍ୱରେ ୨୦୦୫ରେ ବାର୍ସିଲୋନା ପ୍ରଥମ ଥର ଲିଗ୍ ଟାଇଟଲ ଜିତିଥିଲା। ଉଲ୍ଲେଖଥାଉ କି, ୨୦୦୯ ସୁଦ୍ଧା ରିଅଲ ମାଡ୍ରିଡ ୩୧ ଥର ଲା ଲିଗା ଲିଗ୍ ଟାଇଟଲ ଜିତିଥିବାବେଳେ ବାର୍ସିଲୋନା ୧୮ ଥିଲା। ହେଲେ ଏହି ବ୍ୟବଧାନ ୭କୁ ଖସି ଆସିଛି।

# ପ୍ଲେ-ଅଫ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ, ୨୮।୪

କ୍ରମାଗତ ୩ ବିଜୟ ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପୁଣି ହାରିଛି। ଫଳରେ ଦଳର ପ୍ଲେ-ଅଫ୍ ଆଶା ଏକପ୍ରକାର ଶେଷ ହୋଇ ଯାଇଛି। ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୧୬ ରନରେ ଆରସିବିକୁ ପରାସ୍ତ କରିଛି। ଏଥିସହ ଦିଲ୍ଲୀ ୧୨ ମ୍ୟାଚରୁ ୧୬ ପଏଣ୍ଟ ପାଇ ୨୦୧୨ ପରେ ପ୍ରଥମଥର ପାଇଁ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦିଲ୍ଲୀ ଶିଖର ଧାୱନ ଓ ଅଧିନାୟକ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଦଳ ୧୮ ଓଭର ଶେଷସୁଦ୍ଧା ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ମାତ୍ର ଶେର୍ଫାନେ ରଥରଫୋର୍ଡ ଓ ଅକ୍ଷର ପଟେଲ ୧୯ତମ (ଉମେଶ ଯାଦବ) ଓଭରରୁ ୧୬ ଓ ୨୦ତମ (ନଭଦୀପ ସଇନି) ଓଭରରୁ ୨୦ ରନ ସଂଗ୍ରହ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇ ଦେଇଥିଲେ। ରଥରଫୋର୍ଡ ୧୩ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୨୮ ଏବଂ ଅକ୍ଷର ୯ ବଲ୍‌ରୁ ୩ ଚୌକା ସହାୟତାରେ ୧୬ ରନରେ ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୬ଷ୍ଠ ଉଇକେଟରେ ୪୬ ରନ ସଂଗ୍ରହ କରି ଆର୍‌ସିବିକୁ ନିରାଶ କରିଥିଲେ। ଟପ୍ ଅର୍ଡରରେ ପୃଥ୍ୱୀ ଶ' ମାତ୍ର ୧୮ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଆୟାର ୩୭ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୨ ଓ ଧାୱନ ୩୭ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୫୦ ରନ କରି ଇନିଂସ ସମ୍ଭାଳି ନେଇଥିଲେ। ଦ୍ୱିତୀୟ ଉଇକେଟରେ ଏ ଦୁହେଁ ମୂଲ୍ୟବାନ ୬୮ ରନ ଯୋଗ କରିଥିଲେ। ଆରସିବି ପକ୍ଷରୁ ଯୁଜବେନ୍ଦ୍ର ଚହଲ ୨ଟି ଏବଂ ଉମେଶ ଯାଦବ, ୱାଶିଂଟନ ସୁନ୍ଦର ଓ ନଭଦୀପ ସଇନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆରସିବି ଓପନିଂ ଯୋଡ଼ିରେ ୩୫ ବଲ୍‌ରୁ ୬୩ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। ମାତ୍ର ଦ୍ରୁତ ରନ ସଂଗ୍ରହ ଜାରି ରଖିଥିବା ପାର୍ଥିବ ପଟେଲ ୩୯(୨୦ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହେବାପରେ ଦଳୀୟ ଇନିଂସ ଦିଗହରା ହୋଇ ଯାଇଥିଲା। ଅଧିନାୟକ ବିରାଟ କୋହଲି ୧୭ ବଲ୍‌ରୁ ୨୩(୨ ଚୌକା, ୧ ଛକା), ଏବି ଡି'ଭିଲର୍ସ ୧୬ ବଲ୍‌ରୁ ୨୪(୨ ଛକା), ହେନରିଚ୍ କ୍ଲାସେନ ୩ ରନରେ ଆଉଟ ହେବାସହ ଦଳର ବିଜୟ ଆଶା ମଉଳି ଯାଇଥିଲା। ଶେଷଭାଗରେ ଗୁରୁକୀରଟ ସିଂ ମାନ ୧୯ ବଲ୍‌ରୁ ୨୭ (୨ ଚୌକା, ୧ ଛକା) ଓ ମାର୍କୁସ ଷ୍ଟୋଇନ୍ସ ୨୪ ବଲ୍‌ରୁ ୩୨(୧ ଚୌକା, ୨ ଛକା) ରନ ସଂଗ୍ରହ କରିଥିଲେ ହେଁ ତାହା ବିଜୟ ପର୍ଯ୍ୟାପ୍ତ ହୋଇ ନ ଥିଲା। ଆରସିବି ଇନିଂସ ୨୦ ଓଭରରେ ୧୭୧/୭ରେ ଅଟକି ଯାଇଥିଲା। ଡେଥ୍ ଓଭରରେ ଚମତ୍କାର ବୋଲିଂ କରି ଦିଲ୍ଲୀକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କାଗିଶୋ ରାବାଡ଼ା ୨ଟି, ଅମିତ ମିଶ୍ର ୨ଟି ଏବଂ ଇଶାନ୍ତ ଶର୍ମା, ଅକ୍ଷର ପଟେଲ ଓ ଶେର୍ଫାନେ ରଥରଫୋର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଧାୱନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ବିରାଟ କୋହଲିଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି।

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୭/୫ (ଆୟାର-୫୨, ଧାୱନ-୫୦, ରଥରଫୋର୍ଡ-୨୮*, ଅକ୍ଷର-୧୬*, ଚହଲ-୨/୪୧, ଉମେଶ-୧/୩୯, ସୁନ୍ଦର-୧/୨୯, ସଇନି-୧/୪୪)।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୭ (ପାର୍ଥିବ-୩୯, ଷ୍ଟୋଇନିସ-୩୨*, ଗୁରୁକୀରଟ-୨୭, ଶିଭମ୍ ଦୁବେ-୨୪, କୋହଲି-୨୩, ରାବାଡ଼ା-୨/୩୧, ଅମିତ-୨/୨୯, ଇଶାନ୍ତ-୧/୪୦, ଅକ୍ଷର-୧/୨୬, ରଥରଫୋର୍ଡ-୧/୬)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୮ | ୪ | ୧୬ | ୦.୨୩୩ |
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | ୦.୩୪୭ |
| ସନ୍‌ରାଇଜର୍ସ | ୧୧ | ୫ | ୬ | ୧୦ | ୦.୫୫୯ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | ୦.୧ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୨୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୪ | ୮ | ୮ | -୦.୬୯୪ |

# ଛକା ବର୍ଷା: କୋଲକାତା ବିଜୟୀ

କୋଲକାତା, ୨୮।୪

ଛକା, ଚୌକା ବର୍ଷା ମଧ୍ୟରେ କୋଲକାତା ନାଇଟ ରାଇଡର୍ସ ରବିବାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ୩୪ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। କୋଲକାତା ପକ୍ଷରୁ ଧାର୍ଯ୍ୟ ୨୩୩ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୯୮ ରନ କରିବାକୁ ସକ୍ଷମ ହୋଇଛି। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସହଜରେ ହାର ମାନି ନ ଥିଲା ମୁମ୍ବାଇ। ହାର୍ଦ୍ଦିକ ପାଣ୍ଡ୍ୟା ୩୪ ବଲ୍‌ରୁ ବିସ୍ଫୋରକ ୯୧(୬ ଚୌକା, ୯ ଛକା) ରନର ଇନିଂସ ଖେଳି କୋଲକାତା ବୋଲରଙ୍କ ନିଦ ହଜାଇ ଦେଇଥିଲେ। ତେବେ ଏହି ଅଲରାଉଣ୍ଡର ଆଉଟ ହେବା ପରେ ମୁମ୍ବାଇର ବିଜୟ ଆଶା ଶେଷ ହୋଇଯାଇଥିଲା। ମ୍ୟାଚରେ ୩୫ଟି ଚୌକା ଓ ୨୯ଟି ଛକା ଦେଖିବାକୁ ମିଳିଥିଲା। ଚଳିତ ଆଇପିଏଲରେ କ୍ରମାଗତ ୬ମ୍ୟାଚ ହାରିବା ପରେ କୋଲକାତାର ଏହାଥିଲା ପ୍ରଥମ ବିଜୟ। ଅନ୍ୟପକ୍ଷରେ ୪ ସିଜନ ପରେ ମୁମ୍ବାଇ ବିପକ୍ଷରେ ପ୍ରଥମଥର ପାଇଁ ବିଜୟୀ ହୋଇଛି କୋଲକାତା। ଏଥିସହ ଦଳ ୧୨ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟରେ ପହଞ୍ଚି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ମୁମ୍ବାଇ ସମାନ ସଂଖ୍ୟାକ ମ୍ୟାଚ ଖେଳି ୧୪ ପଏଣ୍ଟରେ ସ୍ଥିର ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଶୁବମନ ଗିଲ୍ ଓ କ୍ରିସ୍ ଲିନ୍‌ଙ୍କ ମାଧ୍ୟମରେ ଚମତ୍କାର ଆରମ୍ଭ କରିଥିଲା। ଦୁହେଁ ଓପନିଂ ଯୋଡ଼ିରେ ୫୭ ବଲ୍‌ରୁ ୯୬ ରନ ସଂଗ୍ରହ କରି ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୨ ଜଣ ଯାକ ଓପନର ବିସ୍ଫୋରକ ଇନିଂସ ଖେଳିଥିଲେ। ଲିନ୍ ୨୯ ବଲ୍‌ରୁ ୮ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରି ୧୦ମ ଓଭରର ତୃତୀୟ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶୁବମନ ୪୫ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ୭୬ ରନ କରିଥିଲେ। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇ ଆନ୍ଦ୍ରେ ରସେଲ ୩ ନମ୍ବରରେ ଆସିବା କୋଲକାତା ପାଇଁ ଶୁଭଙ୍କର ହୋଇଥିଲା। ଫର୍ମରେ ଥିବା ରସେଲ ଧୂଆଁଧାର ବ୍ୟାଟିଂ କରି ୪୦ ବଲ୍‌ରୁ ୬ ଚୌକା ଓ ୮ ଛକା ସହାୟତାରେ ୮୦ ରନରେ ଅପରାଜିତ ରହିବାରୁ ନାଇଟ ରାଇଡର୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୩୨ ରନ ସ୍କୋର କରିପାରିଥିଲା। ଅଧିନାୟକ ଦୀନେଶ କାର୍ତ୍ତିକ ୭ ବଲ୍‌ରୁ ୧୫(୧ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ୨୩୨ ରନ ଚଳିତ ସିଜନରେ ସର୍ବାଧିକ ଦଳଗତ ଇନିଂସ। ମୁମ୍ବାଇର ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ରାହୁଲ ଚହର ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋହିତ ଶର୍ମା ଅଧିନାୟକଭାବେ ଏଠାରେ ୧୦୦ତମ ମ୍ୟାଚ ଖେଳିଥିଲେ। ଅନ୍ୟପକ୍ଷରେ ନାଇଟ ରାଇଡର୍ସର ଟି୨୦ରେ ଏହାଥିଲା ୧୦୦ତମ ବିଜୟ।



ମ୍ୟାନ୍ ଅଫ୍ ଦି ମ୍ୟାଚ ଆନ୍ଦ୍ରେ ରସେଲ

### ସଂକ୍ଷିପ୍ତ ସ୍କୋର

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୩୨/୨(ରସେଲ-୮୦*, ଶୁବମନ-୭୬, ଲିନ୍-୫୪, କାର୍ତ୍ତିକ-୧୫*, ଚହର-୧/୫୪, ହାର୍ଦ୍ଦିକ-୧/୩୧)।
- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୮/୭(ହାର୍ଦ୍ଦିକ-୯୧, ସୂର୍ଯ୍ୟକୁମାର ଯାଦବ-୨୬, କ୍ରୁନାଲ ପାଣ୍ଡ୍ୟା-୨୪, ସୁନୀଲ ନାରିନ-୨/୪୪, ହାରି ଗର୍ନେ-୨/୩୭, ଆନ୍ଦ୍ରେ ରସେଲ-୨/୨୫, ପୀୟୂଷ ଚାୱଲା-୧/୫୭)।

# ହରପ୍ରୀତ ଜିତିଲେ ରୌପ୍ୟ, ଜ୍ଞାନେନ୍ଦରଙ୍କୁ ବ୍ରୋଞ୍ଜ୍

ଜି ଆନ୍ (ଚାଇନା), ୨୮।୪ (ପିଟିଆଇ)

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ରବିବାର ଭାରତୀୟ ଗ୍ରୀକୋ-ରୋମାନ କୁସ୍ତି ଯୋଦ୍ଧାମାନେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଫଳରେ ଭାରତ ମୋଟ ୧୬ ପଦକ ସହ ଏହାର ଅଭିଯାନ ଶେଷ କରିଛି। ହରପ୍ରୀତ ସିଂ ୮୨କେଜି ବିଭାଗରେ ରୌପ୍ୟ ଜିତିଥିବା ବେଳେ ୬୦କେଜିରେ ବ୍ରୋଞ୍ଜ ଜିତିଛନ୍ତି। ଭାରତ ଜିତିଥିବା ୧୬ ପଦକ ମଧ୍ୟରୁ ପୁରୁଷ ଫ୍ରି-ଷ୍ଟାଇଲ ରେସଲରମାନେ ୮ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ରହିଛି। ଅନ୍ୟପକ୍ଷରେ ଗ୍ରୀକୋ-ରୋମାନ ରେସ୍‌ଲରଙ୍କ ମଧ୍ୟରେ ମହିଳାମାନେ ୪ ବ୍ରୋଞ୍ଜ ପାଇଥିବା ବେଳେ ପୁରୁଷମାନେ ୩ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ଲାଭ କରିଛନ୍ତି। ହରପ୍ରୀତ ପ୍ରଭାବୀ ପ୍ରଦର୍ଶନ ସହ ଗୋଲ୍ଡ ମେଡାଲ ରାଉଣ୍ଡରେ ପ୍ରବେଶ କରିଥିଲେ। କ୍ୱାର୍ଟରଫାଇନାଲରେ ସେ କିରଗିଜସ୍ତାନର ବୁର୍ଗୋ ବିଶାଲିଭ୍‌ଙ୍କୁ ୫-୧ରେ ପରାସ୍ତ କରିଥିବାବେଳେ ସେମିଫାଇନାଲରେ ଚାଇନାର ହାଇତୋ କ୍ୱିଆନ୍‌ଙ୍କୁ ହରାଇ ଦେଇଥିଲେ। ହରପ୍ରୀତ କିନ୍ତୁ ଟାଇଟଲ ମୁକାବିଲାରେ ଇରାନରସଇଦ୍ ମୋରାଦ ଆବଦଭାଲିଙ୍କଠାରୁ ୦-୮ରେ ପରାସ୍ତ ହୋଇଥିଲେ। ପୂର୍ବରୁ ଜ୍ଞାନେନ୍ଦର ଭଲ ପ୍ରଦର୍ଶନ ସହ ତାଇପେର ଜୁଇ ଚି ହୁଆଙ୍ଗ୍‌ଙ୍କୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜ୍ଞାନେନ୍ଦର କ୍ୱାର୍ଟରଫାଇନାଲ ରାଉଣ୍ଡରେ ଜୋର୍ଡାନର ଅଲି ଆବେଦ ଅଲନାସେର ଅଲି ଆବୁସେଫ୍‌ଙ୍କ ବିପକ୍ଷରେ ୯-୧ରେ ବିଜୟ ହାସଲ କରିଥିଲେ। କିନ୍ତୁ ପରେ ସେମିଫାଇନାଲରେ ସେ ଉଜ୍‌ବେକିସ୍ତାନର ଇସ୍‌ଲୋମଜୋନ୍ ବାଖ୍ରାମୋଭଙ୍କଠାରୁ ୦-୯ରେ ହାରିଯାଇଥିଲେ।

# ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର: ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ଭୁବନେଶ୍ୱର, ୨୮।୪(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୯ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗ୍ରୀଷ୍ମକାଳୀନ ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରାଇବା ଏବଂ ଖେଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଲକ୍ଷ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ରାଜ୍ୟର ପୂର୍ବତନ ଖେଳାଳି ବରୁଣ ମାଝି ଶିବିର ପରିଚାଳନା କରିଥିଲେ। ସାକିନା ନିଶା, ବିଷ୍ଣୁପ୍ରିୟା ବେହେରା, ଜିନାରାନୀ ନାୟକ, ବିଭୁପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ରଣା, ଝୁନା ଖାନ୍, ଅଭୟ ଚରଣ ମହାରଣା ପ୍ରମୁଖ ତାଙ୍କୁ ସହାୟତା କରିଥିଲେ ବୋଲି ବାଳିକା ଫୁଟବଲ ଶିବିରର ଆବାହକ ଉର୍ମିଳା ଦାସ ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଆୟକର ବିଭାଗର ଡେପୁଟି କମିଶନର ପ୍ରଣତି ମିଶ୍ର, ୟୁନିଟ-୯ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର, ଭାରୋତ୍ତୋଳନ କୋଚ୍ ପଦ୍ମିନୀ ମହାନ୍ତି, ସାମାଜିକ କର୍ମୀ ପ୍ରଭାସିନୀ ମହାନ୍ତି, ଅତିରିକ୍ତ ଅବସରପ୍ରାପ୍ତ ଜିଲା ଅଧିକାରୀ ହରପ୍ରିୟା ପଟ୍ଟନାୟକ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ଅକ୍ଷୟ କୁମାର ଦାସ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ଲବ-୭୩ର ସର୍ବେଶ୍ୱର ନାୟକ ଓ କର୍ପୋରେଟର ସେକ୍‌ନିଜାମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟିନୀ ଶତପଥୀ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଭାରତୀକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

କଟକ ଅଫିସ,୨୮।୪

ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି। ରାଇଜିଂ ଦଳ ୧୦୪ରନରେ ଆୟୋଜକ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଥିଲା।। ବିଶ୍ୱଭାରତୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ସମସ୍ତ ଉଇକେଟ ହରାଇ ୧୯୯ରନ କରିଥିଲା। ବିଶ୍ୱଜିତ ପାତ୍ର ସର୍ବାଧିକ ୬୯ରନ କରିଥିଲେ। ପ୍ରତ୍ୟୁଷ ପ୍ରଧାନ ୩୪ରନ, ପ୍ରିନ୍ସ ସଙ୍କେତ ବେହେରା ୨୩ରନ ସଂଗ୍ରହ କରିଥିଲେ। ବିଶ୍ୱଭାରତୀ ପକ୍ଷରୁ ମହମ୍ମଦ ଜିଶାନ ଅନସାରୀ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ବିଶ୍ୱଭାରତୀ କ୍ଲବ ୯୫ରନରେ ଅଲଆଉଟ ହୋଇଥିଲା। ସମ୍ବିତ କୁମାର ସାହୁ ସର୍ବାଧିକ ୩୦ରନ କରିଥିବା ବେଳେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ବିଶ୍ୱଜିତ ପାତ୍ର, ଦିଗବିଜୟ ପାତ୍ର, ସୁମିତ ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିଶ୍ୱଜିତ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ରଣଜୀ ଖେଳାଳି ଅରବିନ୍ଦ ସିଂ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ।




# ବାହାଘର ଭୋଜି ଖାଇ ୧୮ରୁ ଊର୍ଦ୍ଧ୍ୱ ଅସୁସ୍ଥ

କର୍ଲାମୁଣ୍ଡା,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁରବସ୍ତିରେ ରବିବାର ବିବାହ ଭୋଜି ଖାଇ ୧୮ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ୬ ଶଯ୍ୟା ବିଶିଷ୍ଟ ହୋଇଥିବାରୁ ଅଧିକାଂଶ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ବାରଣ୍ଡାରେ ରଖାଯାଇ ଚିକିତ୍ସା କରାଯାଉଛି। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ଛୋଟପିଲା ଅଛନ୍ତି। ଏ ନେଇ ଡାକ୍ତର ସୌମ୍ୟରଞ୍ଜନ ପାତ୍ରଙ୍କୁ ପଚାରିବାରୁ ଫୁଡ ପଏଜନିଂ ହେତୁ ଏଭଳି ହୋଇଛି। ତେବେ ଚିକିତ୍ସା କରାଯାଉଛି, ସମସ୍ତେ ବିପଦମୁକ୍ତ ଥିବା କହିଛନ୍ତି।



କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି।




# ପାଣି ପିଇବାକୁ ଯାଇ ଫସିଲେ ମା'ହାତୀ, ଛୁଆ

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡର ସଦର ରେଞ୍ଜ ଅଧୀନ ହାତୀବାରୀ ଗ୍ରାମର ଏକ ଗାଡିଆକୁ ପାଣି ପିଇବାକୁ ଯାଇ ରବିବାର ସକାଳୁ ମା'ହାତୀ ଓ ୪ ବର୍ଷର ଛୁଆ ଫସି ଯାଇଥିଲେ। ଗାଡିଆରୁ ବାହାରି ନ ପାରିବାରୁ ସେମାନେ ଗର୍ଜନ କରି ସମଗ୍ର ଅଞ୍ଚଳ କମ୍ପାଇ ଦେଇଥିଲେ। ଚିତ୍କାର ଶୁଣି ହାତୀ ଟ୍ରାକିଂ ଟିମ୍ ଓ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଶେଷରେ ନିକଟରେ ଥିବା ଏକ ଜେସିବି ମେଶିନ ଅଣାଯାଇ ଗାଡିଆ ଭିତରକୁ ରାସ୍ତା ଖୋଳାଯାଇଥିଲା। ଏହାପରେ ମା' ହାତୀ ଓ ଛୁଆ ବାହାରକୁ ବାହାରିଥିଲେ। ହେଲେ ବାହାରକୁ ବାହାରିବା ପରେ ସେଠାରେ ଭିଡ ଜମାଇଥିବା ଲୋକଙ୍କୁ ଦୁହେଁ ଆକ୍ରମଣ ପାଇଁ ଗୋଡାଇଥିଲେ। ଏଣୁ ଲୋକେ ଏଣେତେଣେ ଧାଁଦୌଡ କରିଥିଲେ। ସେଠାରେ ଥିବା ୫ଟି ସାଇକେଲ ଓ ଗୋଟିଏ ବାଇକକୁ ମା' ହାତୀ ଭାଙ୍ଗି ଦେଇଛି। ପରେ ନିକଟସ୍ଥ ଆମ୍ବଟୁଙ୍ଗୁରୁ ଜଙ୍ଗଲରେ ରହୁଥିବା ହାତୀପଲ ପାଖକୁ ମା', ଛୁଆ ଚାଲି ଯାଇଥିଲେ।

ସୂଚନାଯୋଗ୍ୟ ସଦର ରେଞ୍ଜ ଅଧୀନ ବିଭିନ୍ନ ଅଞ୍ଚଳରେ ପ୍ରାୟ ୨୪ଟି ହାତୀ ବୁଲୁଛନ୍ତି। ଏମାନେ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଉଛନ୍ତି। ବନ ବିଭାଗ କହିଛି ଯେ, ରବିବାର ସକାଳେ ହାତୀବାରୀ ଗାଁ ପାଖରେ ଏହି ହାତୀପଲ ପହଞ୍ଚି ଜାତୀୟ ରାଜପଥ ପାର ହେବାକୁ ଚେଷ୍ଟା କରୁଥିଲେ। ହେଲେ ଉପସ୍ଥିତ ଥିବା ହାତୀ ଟ୍ରାକର ଓ ବନ ବିଭାଗ କର୍ମଚାରୀ ଜଙ୍ଗଲ ପଟକୁ ଘଉଡାଇ ଦେଇଥିଲେ। ଏହି ସମୟରେ ପାଖରେ ଥିବା ଗାଡିଆକୁ ମା' ଓ ଛୁଆ ହାତୀ ପାଣି ପିଇବାକୁ ଓହ୍ଲାଇଥିଲେ। ପାଣି ପିଇବା ପରେ ମା' ହାତୀ ଉପରକୁ ଆସିଥିଲା। ହେଲେ ଛୁଆ ହାତୀ ଗାଡିଆରେ ରହିଯାଇଥିଲା। ପାଣି ସହ ଅଧିକ ପଙ୍କ ଥିବାରୁ ଆଉ ବାହାରି ପାରି ନ ଥିଲା। ମା' ହାତୀ ପୁଣି ଗାଡିଆ ଭିତରକୁ ଯାଇ ଛୁଆକୁ ବାହାରକୁ ଆଣିବା ଲାଗି ଉଦ୍ୟମ କରିଥିଲା। ହେଲେ ସଫଳ ନ ହେବାରୁ ଗର୍ଜନ କରିଥିଲା। ଚିତ୍କାର ଶୁଣି ହାତୀ ଟ୍ରାକରମାନେ ସେଠାରେ ପହଞ୍ଚିଥିଲେ। ହାତୀ ଟ୍ରାକରମାନଙ୍କଠାରୁ ଏହି ଖବର ପାଇ ସଦର ରେଞ୍ଜର ଗୌରୀ ଦାସ, ବସିଆପଡା ଫରେଷ୍ଟର ସୁନୀଲ ମହାପାତ୍ର, ଝାଙ୍କରପାଲି ଫରେଷ୍ଟର କୁଳମଣି ପାଣିଗ୍ରାହୀ, ଗାର୍ଡ ସୁନୀଲ ମିର୍ଦ୍ଧା ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।



ସମ୍ବଲପୁର ହାତୀବାରି ଗ୍ରାମରେ ଏକ ଗାଡିଆ ଭିତରେ ଛୁଆ ସହ ମା' ହାତୀ ।

- ବନ ବିଭାଗ ନୟାନ୍ତ ହେଲା
- ମାଟି ଖୋଳି ବାହାର କରାଗଲା
- ଗର୍ଜନରେ କମ୍ପାଇଲା ମା' ହାତୀ
- ଉଦ୍ଧାର ପରେ ହାତୀର ଉତ୍ପାତ
- ୫ ସାଇକେଲ, ୨ ବାଇକ ଭାଙ୍ଗିଲା




# କୂଅରେ ପଡିଗଲେ ମହିଳା, ଉଦ୍ଧାର କଲା ଦମକଳ ବାହିନୀ

ଉଲୁଣ୍ଡା, ୨୮।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ଗ୍ରାମରେ ରବିବାର ପାଣି ସଂଗ୍ରହ କରୁଥିବା ବେଳେ ଜଣେ ମହିଳା କୂଅରେ ପଡିଯାଇଥିଲେ। ଉଲୁଣ୍ଡା ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରିଛି। ଉକ୍ତ ମହିଳା ଜଣକ ହେଲେ ଗ୍ରାମର ଜୟନ୍ତୀ ନାୟକ। ତାଙ୍କ ଅଣ୍ଟାରେ ଆଘାତ ଲାଗିଛି। ମିଳିଥିବା ସୂଚନା ମୁତାବକ, ଜୟନ୍ତୀ ସକାଳ ପ୍ରାୟ ସାଢେ ୫ଟାରେ ପଡୋଶୀଙ୍କ କୂଅରୁ ପାଣି ଆଣିବାକୁ ଯାଇଥିଲେ। ମାତ୍ର ପାଣି ସଂଗ୍ରହ କରୁଥିବା ସମୟରେ ବ୍ୟବହୃତ ଦଉଡି ଛିଣ୍ଡି ଯିବାରୁ ଭାରସାମ୍ୟ ହରାଇ ୪୦ ଫୁଟ ଗଭୀର କୂଅ ଭିତରକୁ ଖସି ପଡିଥିଲେ। ତାଙ୍କ ଚିତ୍କାର ଶୁଣି ସାହିପଡିଶା ଉଦ୍ଧାର ପାଇଁ ଆସିଥିଲେ ହେଁ କୂଅ ଭିତରକୁ ପଶିବାକୁ କେହି ସାହାସ ଜୁଟାଇ ପାରି ନ ଥିଲେ। ପରେ ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା।



ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମହିଳାଙ୍କୁ ଉଦ୍ଧାର କରୁଛନ୍ତି।

# ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଅଭିଯୁକ୍ତ ଅଟକ

ମନମୁଣ୍ଡା, ୨୮।୪ (ଡି.ଏନ୍.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅନ୍ତର୍ଗତ ଢ଼ୋଲପଡ଼ାର ଜଣେ ଯୁବତୀଙ୍କୁ ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ପ୍ରତାରଣା କରିଥିବା ନେଇ ରବିବାର ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୯୪/୧୯) ରୁଜୁ କରାଯାଇଛି ।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଯୁବକ ଆଜକୁ ପ୍ରାୟ ୧ବର୍ଷ ହେବ ବିବାହ ପ୍ରଲୋଭନ ଦେଖାଇ ଉକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଆସୁଥିଲେ । ଏକଥା ପରିବାର ଓ ଗ୍ରାମବାସୀ ଜାଣିବା ପରେ ଯୁବତୀ ଜଣକ ଉକ୍ତ ଯୁବକଙ୍କୁ ବିବାହ କରିବା ପାଇଁ କହିଥିଲେ । ଯୁବକ ଜଣକ ବାହା ହେବା ପାଇଁ ମନା କରିବା ସହ ତାଙ୍କୁ ମାରିଦେବାର ଧମକ ଦେଇଥିଲେ । ଅନନ୍ୟୋପାୟ ହୋଇ ଯୁବତୀ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ସିଏଚ୍‌ସିରେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ସୋମବାର କରାଯିବ ଏବଂ ପରେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅରୁଣ କୁମାର ସିଂ ପ୍ରକାଶ କରିଛନ୍ତି ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯାହାର ଘନିଷ୍ଠ ବନ୍ଧୁମାନେ ଭଲ ଲୋକ ଓ ଶତ୍ରୁମାନେ ନିଶ୍ଚୟ ଖରାପ ଲୋକ, ସିଏ ହିଁ ହେଉଛି ପ୍ରକୃତରେ ଭଲ ଲୋକ।
- ଲାଭେଟର



## ସଂକ୍ଷେପରେ




### ବରଗଡ଼ରେ ଆଇନଜୀବୀ ଦିବସ

ବରଗଡ଼ ଅଫିସ୍,୨୮।୪
ବରଗଡ଼ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ରବିବାର ମଧୁବାବୁ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ବେଲାଳସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଏସ. କେ ଜହୀର ଅହମଦ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୩୫ ବର୍ଷ ଓକିଲାତି ପୂର୍ତ୍ତି ଅବସରରେ ଓକିଲ ଅଶୋକ ଦାଶ ଏବଂ ହରିବନ୍ଧୁ ଦେବତାଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ସଂଘର ଉପସଭାପତି ସରୋଜ ତ୍ରିପାଠୀ, ସମ୍ପାଦକ ହେମନ୍ତ କୁମାର ପୁରୋହିତ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସଂଘର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।



### ୧୬୧୭ଜଣ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଦେଲେ

ସରଣ୍ଡା,୨୮।୪(ଡି.ଏନ.ଏ)
ବରଗଡ଼ ଜିଲା ଅତାବିରା ବ୍ଲକ ବାବେବିରା ଜୟନ୍ତୀ ଯୁବକ ସଂଘ ପକ୍ଷରୁ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୧ଟି ବ୍ଲକର ୧୬୧୭ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ । ସେଥିମଧ୍ୟରୁ ୮୦୧ଜଣ ଚତୁର୍ଥ ଶ୍ରେଣୀ ଏବଂ ୮୧୬ଜଣ ଷଷ୍ଠ ଶ୍ରେଣୀ ବର୍ଗର ଛାତ୍ରାଛାତ୍ର ଥିଲେ । ସଂଘର ସଭାପତି ଡା. ଅଜିତ କୁମାର ବାରିକ, ସୁଦର୍ଶନ ସାହୁ, ବିକ୍ରମ କେଶରୀ ସାହୁ, ଧନଞ୍ଜୟ ପାତ୍ର, ଅମୃତ କୁମାର ବାରିକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

### ଗଞ୍ଜେଇ ଜବତ, ୪ ଯୁବକ ଗିରଫ

ବାଉଁଶୁଣି,୨୮।୪ (ଡି.ଏନ୍.ଏ.)
ବୌଦ୍ଧ ବ୍ଲକ ଜଙ୍ଗାଖୋଲରୁ ଉଦ୍‌ମିଲ୍‌କା ଯିବା ମଧରେ ଦୁମ୍‌ଦୁମା ମନ୍ଦିର ସାମ୍ନାରେ ଚଢାଉ କରି ୯୦କିଲୋ ୬୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୪ଜଣ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶ୍ୱିନୀ ପ୍ରଧାନ (୩୮), ନିରଧ ପ୍ରଧାନ (୨୭), ରଚିତ ପ୍ରଧାନ (୪୦), କେଦାରଗୌରୀ ମେହେର (୩୩) । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (.ନଂ ୫୭/୧୯ ) ରୁଜୁ ହୋଇଛି ।

# ତାପମାତ୍ରା ବୃଦ୍ଧି ଏବେ ସଭିଙ୍କ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୮।୪

ବିଶ୍ୱ ତାପାୟନ(ଗ୍ଲୋବାଲ ୱାର୍ମିଂ)କୁ ନେଇ ଏବେ ସବୁଠି ଚିନ୍ତା । ତାତି କମିବାର ନାଁ ନେଉନି । ବରଂ ଦିନକୁ ଦିନ ଏହା ବଢ଼ି ଚାଲିଛି । ଗ୍ରୀଷ୍ମରେ ଯେଉଁଠି ତାପମାତ୍ରା ୩୦ରୁ ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିଲା, ଏବେ ସେଠାରେ ତାହା ୪୦ ଡିଗ୍ରୀ ଟପି ଗଲାଣି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି। ଛତା, ଓଢ଼ଣୀ, ପଗଡ଼ି, ଗ୍ଲୋଭ୍‌ସ ବିନା ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଜିଲାରେ ପାରଦ ୪୦ ଡିଗ୍ରୀ ତଳକୁ ଖସୁନାହିଁ ବରଂ ଏହାକୁ ଅତିକ୍ରମ କରି ସାରିଲାଣି । ଶନିବାର ଜିଲାର ତାପମାତ୍ରା ୪୨ ଡିଗ୍ରୀ ରହିଥିଲା । ଏଭଳି ସ୍ଥଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଜିଲାରେ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଅଘୋଷିତ ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଜିଲାବାସୀଙ୍କୁ ଆହୁରି ଅସ୍ତବ୍ୟସ୍ତ କରି ପକାଇଛି । ଗତ ୪ବର୍ଷ ମଧ୍ୟରେ ଜିଲାରେ ୧୦ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ କହୁଛି । ମାତ୍ର ଯେଭଳି ତାତି ବଢ଼ି ଚାଲିଛି, ଅଂଶୁଘାତ ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି। ଜିଲାରେ ଏଭଳି ତାପମାତ୍ରା ବୃଦ୍ଧିର କାରଣ ନେଇ ଆମେ କିଛି ପରିବେଶବିତ୍‌ଙ୍କୁ ଭେଟିଥିଲୁ । ବିଭିନ୍ନ କାରଣ ଯୋଗୁ ତାପମାତ୍ରା ବଢୁଥିବା ସେମାନେ କହିଥିଲେ ।

## ସେମାନେ ଯାହା କୁହନ୍ତି...



"ଆଗରୁ ଜିଲାରେ ଅନେକ କଚା ରାସ୍ତା ଥିଲା । ଏବେ ପ୍ରାୟତଃ ସବୁରାସ୍ତା ପିଚୁ କିମ୍ବା କଂକ୍ରିଟକରଣ ହେଲାଣି । ଯାନବାହନ ସଂଖ୍ୟା ବଢୁଥିବାବେଳେ ଜଙ୍ଗଲ କ୍ଷୟ ହେଉଛି । ଜଳ ପୁନଃ ସଂରକ୍ଷଣ ହୋଇପାରୁ ନ ଥିବାବେଳେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ମାଟିକୁ ଅମ୍ଳ କରୁଛି । ସେହିପରି କଳକାରଖାନାରୁ ନିର୍ଗତ ଧୂଆଁ, ବର୍ଜ୍ୟବସ୍ତୁ ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି । ଏହା ହିଁ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ।
-ଜେଠୁ ଭୋଇ, ବରଗଡ଼



"ବିଶ୍ୱ ତାପାୟନ ଏବେ ଚିନ୍ତାର ବିଷୟ ପାଲଟିଛି । ଦ୍ରୁତ ଶିଳ୍ପାୟନ, କଂକ୍ରିଟ କୋଠାବାଡ଼ି ନିର୍ମାଣ, ଯାନବାହନ ଚଳାଚଳ ବୃଦ୍ଧି ଯୋଗୁ ତାତି ବଢ଼ି ଚାଲିଛି। ଅନ୍ୟପଟେ ଗଛ କଟାଯିବାରୁ ଜଙ୍ଗଲ କ୍ଷୟ ହେବା ମଧ୍ୟ ଏହାର ଏକ ମୁଖ୍ୟ କାରଣ। ବରଗଡ଼ ଜିଲା ସୋହେଲା-ଲୁହୁରାଚଟିରୁ ସମ୍ବଲପୁର ପର୍ଯ୍ୟନ୍ତ ଫୋର୍ ଲେନ୍ ରାସ୍ତା ନିର୍ମାଣବେଳେ ୧୩ହଜାର ଗଛ କଟାଗଲା । ହେଲେ ଏପର୍ଯ୍ୟନ୍ତ ସେଠାରେ ଆଉ ଗଛର ଦେଖାନାହିଁ।
-ଡଃ ଡୋଲାମଣି ଶତପଥୀ, ବରଗଡ଼



"ଜନସଂଖ୍ୟା ବୃଦ୍ଧି ତାପମାତ୍ରା ବଢ଼ିବାର ମୂଳ କାରଣ । ଜନସଂଖ୍ୟା ବୃଦ୍ଧି ଯୋଗୁ ଲୋକଙ୍କ ଚାହିଦା ବଢୁଛି । ଏଥିପାଇଁ ଖାଦ୍ୟ ଉତ୍ପାଦନ ବଢ଼ାଇବାର ଆବଶ୍ୟକତା ପଡୁଛି। ଫଳରେ କଳକାରଖାନା ବହୁସଂଖ୍ୟାରେ ସ୍ଥାପନ କରାଯାଉଛି। କଳାକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, ଯବକ୍ଷାରଜାନ ଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ ପୃଥିବୀ ପୃଷ୍ଠର ବିକିରିତ ତାପକୁ ଧରି ରଖୁଥିବାବେଳେ ଏସି, ଶୀତଳଭଣ୍ଡାର, ବିମାନ ଚଳାଚଳରୁ ନିର୍ଗତ କ୍ଲୋରୋଫୋରୋକାର୍ବନ ତାପ ଶୋଷଣ କରୁଛି ଏବଂ ଧରାପୃଷ୍ଠର ତାପମାତ୍ରା ବୃଦ୍ଧି କରୁଛି ।
-ତୈଲୋଚନ ପ୍ରଧାନ, ବରଗଡ଼



"ଜଙ୍ଗଲକ୍ଷୟ ହିଁ ବିଶ୍ୱ ତାପାୟନର ମୁଖ୍ୟକାରଣ । ଫଳରେ ବୃକ୍ଷରୋପଣ ସହିତ ଜଙ୍ଗଲ ରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ଜରୁରୀ ହୋଇ ପଡ଼ିଛି । କୋଠାବାଡ଼ି, କଳକାରଖାନା, ରାସ୍ତାଘାଟ ନିର୍ମାଣରେ ଯେଭଳି ବହୁଳ ମାତ୍ରାରେ ଗଛ କଟାଯାଉଛି, ସେଭଳି ଭାବେ ବୃକ୍ଷରୋପଣ କରାଯାଉନାହିଁ । ଏହାଦ୍ୱାରା ପରିବେଶ ସନ୍ତୁଳନ ରହୁନାହିଁ ଏବଂ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିପାଇଁ ସଚେତନତା ସୃଷ୍ଟି ସହିତ ଆମେ ସମସ୍ତେ ବୃକ୍ଷରୋପଣ ପାଇଁ ଆଗେଇ ଆସିବା ଉଚିତ୍।
-ମୀନକେତନ ସାହୁ, ପଦ୍ମପୁର



ବରଗଡ଼ ସହରରେ ମୁହଁରେ ଓଢ଼ଣି ଘୋଡ଼ାଇ ଯୁବତୀମାନେ ଯାତାୟାତ କରୁଛନ୍ତି ।

## ଅବିବାହିତ ଯୁବତୀ ଜନ୍ମ ଦେଲେ ଶିଶୁକନ୍ୟା

ଅତାବିରା, ୨୮।୪ (ଡି.ଏନ୍.ଏ.)

ବରଗଡ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନ ଟାମ୍ପରସରା ପଞ୍ଚାୟତ ଅଏଲାପାଲି ଝୁମ୍ପୁଡ଼ିପଡ଼ାର ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିଥିଲେ । ରବିବାର ଯୁବତୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ଏବଂ ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିବା ପରିବାର ଲୋକଙ୍କୁ କହିଥିଲେ । ପରେ ଯୁବତୀଙ୍କ ମାତା ପିତା ଗୋଡ଼ଭଗା ଫାଣ୍ଡି ପୋଲିସ୍‌ର ଦ୍ୱାରସ୍ଥ ହେଲେ । ପୋଲିସ ତଦନ୍ତ କରି ଉଭୟ ପକ୍ଷଙ୍କୁ ଥାନାକୁ ଡାକିଥିଲା ଏବଂ ଶିଶୁ କନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେବା ପାଇଁ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପରାମର୍ଶ ଦେଇଥିଲା । ଉଭୟେ ଭିନ୍ନ ଜାତିର ହୋଇଥିଲେ ମଧ ଯୁବକଙ୍କ ପରିବାର ଲୋକେ ନବଜାତ ଶିଶୁକନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେଇଥିଲେ । ଉଭୟ ଯୁବତୀ ଯୁବକ କୋର୍ଟକୁ ଯାଇ ବିବାହ କରିବା ପାଇଁ ପରିବାର ଲୋକେ ସମ୍ମତି ପ୍ରକାଶ କରିଥିବା ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ କହିଛନ୍ତି ।

## ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି



ପର୍ଶୁରାମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଚାଲିଛି ।

ବରପାଲି,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଲୋଚନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ବ୍ରାହ୍ମଣ ସମାଜର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ପାଇଁ ଶୋକସଭା କରାଯାଇଥିଲା। କୋଷାଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ପୂର୍ବବର୍ଷ ପର୍ଶୁରାମ ଜୟନ୍ତୀ ପାଳନର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଆସନ୍ତା ମେ ମାସ ୭ତାରିଖରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ସଭାରେ ପର୍ଶୁରାମ ବାହିନୀର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଭାରେ ପଣ୍ଡିତ ହେମନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ଦେବତା, ପିନାକୀ ଦାଶ, ମନୋରଞ୍ଜନ ତ୍ରିପାଠୀ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବୌଦ୍ଧ ଜିଲା ଓକିଲ ସଂଘ ପାଳିଲା ଲୟର୍ସ ଡେ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ରବିବାର ଲୟର୍ସ ଡେ ପାଳିତ ହୋଇଛି । ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମଧୁବାବୁ ଥିଲେ ଜଣେ ପ୍ରକୃତ ଓଡିଆ ଦାୟଦ । ଆଜିର ଦିନରେ ତାଙ୍କର ସ୍ମୃତିଚାରଣ କରିବା ସମସ୍ତ ଓଡିଆ ଜାତିର କର୍ତ୍ତବ୍ୟ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ । ଏହାପରେ ଜିଲା ଓକିଲ ସଂଘ ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ସହ ଧୂପ ପ୍ରଦାନ କରିଥିଲେ । ସଭାରେ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ଅଶୋକ କୁମାର ସାହୁ, ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ, ପରମେଶ୍ୱର ବିଶି, ସୋମେଶ ଦତ୍ତ ବିଶ୍ୱାଳ ଓ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ।

## ଶୃଙ୍ଖଳିତ ଯାତ୍ରା ଉପରେ ଗୁରୁତ୍ୱ

### ବୈଶାଖମେଳା ପ୍ରସ୍ତୁତି ବୈଠକ

ପାଇକମାଳ,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ପବିତ୍ର ନୃସିଂହନାଥରେ ବୈଶାଖମେଳା ତଥା ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପାଇଁ ରବିବାର ମେଳା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡ଼ିଓ ସଦାଶିବ ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଆଲୋଚନାରେ ପାନୀୟଜଳ ଯୋଗାଣ, ବିଦ୍ୟୁତ ସରୋବରାହ ପାଇଁ ନୂତନ ଟ୍ରାନ୍ସଫର୍ମର, ବାଇକ୍ ଷ୍ଟାଣ୍ଡ, ଚାରିଚକିଆ ଯାନ ଷ୍ଟାଣ୍ଡ, ପାନୀୟଜଳ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା । ସେହିପରି ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୪ଜଣ ଡାକ୍ତରଙ୍କୁ ଡେପୁଟେଶନରେ ଅଣାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଆଲୋଚନା ହୋଇଥିଲା । ସଭାରେ ସୁରେଶ ପ୍ରଧାନ, ରାହାସ ବିହାରୀ ସାହୁ, ଜୟଦେବ ମଟାରୀ, ସୁବୋଧ ପଣ୍ଡା, ରମେଶ ବାରିକ, ସୁରଥ ସାହୁ, ଚିତ୍ତ ସରାଫ, କମଳେଶ ଅଗ୍ରୱାଲ, ଦୁର୍ଯ୍ୟୋଧନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଗୌରାଙ୍ଗ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ନୃସିଂହନାଥ ବୈଶାଖମେଳା ପାଇଁ ଚାଲିଥିବା ପ୍ରସ୍ତୁତି ବୈଠକ ।

## ବିବାହ ଭୋଜି ଖାଇ ୩୦ ଅସୁସ୍ଥ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଲୁଣ୍ଡାବେରୁଣୀ ଗ୍ରାମରେ ବିବାହ ଭୋଜି ଖାଇ ୩୦ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଶନିବାର ଲୁଣ୍ଡାବେରୁଣୀ ଗ୍ରାମରେ ଦୁଇଟି ବିବାହ ଭୋଜି ଥିଲା । ଗ୍ରାମବାସୀ ଉଭୟ ସ୍ଥାନରେ ଭୋଜି ଖାଇଥିଲେ । ଭୋଜି ଖାଇବାର କିଛି ସମୟ ପରେ ସେମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଛି ।

## ଜଳିଗଲା ଦୁଇ ପରିବାରର ୩ ବଖରା

ମନମୁଣ୍ଡା, ୨୮।୪ (ଡି.ଏନ୍.ଏ.)



ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର ।

ବୌଦ୍ଧ ଜିଲା ମନମୁଣ୍ଡା ଆରଆଇ ସର୍କଲ ଅନ୍ତର୍ଗତ କରଗୋଛା ପଞ୍ଚାୟତ ଖଜୁରୋଜ ଗ୍ରାମରେ ନିଆଁ ଲାଗି ୨ ପରିବାରର ୩ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ଆକସ୍ମିକ ଭାବେ ନିଆ ଲାଗିଥିଲା । ଫଳରେ ଉକ୍ତ ଗ୍ରାମର ବୁଧୁ କର୍ଣ୍ଣଙ୍କ ୨ ବଖରା ଏବଂ ତାଙ୍କ ଭଉଣୀ ବିଜୁଳି କର୍ଣ୍ଣଙ୍କ ୧ ବଖରା ଘର ସମେତ ଧାନ, ଚାଉଳ, ଆସବାବପତ୍ର ସବୁ ପୋଡିଯାଇଛି । ସୋନପୁରରୁ ଦୁଇଟି ଦମକଳ ଗାଡି ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ସ୍ଥାନୀୟ ସରପଞ୍ଚ ଠିବୁରୁ ନାଏକ, ସମିତି ସଭ୍ୟ ଗୁପ୍ତେଶ୍ୱର ଭଇନା କ୍ଷତିଗ୍ରସ୍ତ ପରିବାରକୁ ୫୦୦ ଟଙ୍କା ଓ ଏକ ବସ୍ତା ଲେଖାଏଁ ଚାଉଳ ପ୍ରଦାନ କରିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ଧ୍ରୁବଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବୀନ ମହାକୁଡ଼ ସେମାନଙ୍କ ଖାଦ୍ୟପେୟ ବନ୍ଦୋବସ୍ତ କରିଛନ୍ତି। ମନମୁଣ୍ଡା ଆର୍‌ଆଇ ସୁରେନ୍ଦ୍ର କୁମାର ସାହୁ ସୋମବାର ତାରପୋଲିନ୍ ଯୋଗାଇ ଦେବାକୁ କହିଛନ୍ତି । ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି ।

## କାଗଜ କଲମରେ ଚାଲିଛି ଜଳଛତ୍ର: ପଥଚାରୀ ହନ୍ତସନ୍ତ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବହୁ ପଞ୍ଚାୟତରେ ଜଳାଭାବା ଲାଗିରହିଛି । ଏପ୍ରିଲ ମାସ ସରିବାକୁ ବସିଲାଣି ହେଲେ ଆଜି ପର୍ଯ୍ୟନ୍ତ ଗାଁ ଛକ, ହାଟ କିମ୍ବା ଜଳଗହଳି ସ୍ଥାନରେ ଜଳଛତ୍ର ଖୋଲା ଯାଇପାରିନାହିଁ । ସେପେଟ ବିଭାଗୀୟ ଅଧିକାରୀ ମେ ମାସରେ କିଛି ଦିନ ପାଇଁ ନାମକୁ ମାତ୍ର ମାଠିଆ, କିଛି ଗ୍ଲାସ ରଖି ବ୍ୟାନର ମାରି ଦେଇ ଦୁଇ ମାସର ବିଲ୍ କରିବା ।ଇଁ ମସୁଧା କରୁଥବବା ଅଭିଯୋଗ ହେଉଛି। ତଳଗାଁ ପଞ୍ଚାୟତର ବହୁ ଗ୍ରାମରେ ପାଣି ସମସ୍ୟା ଥିବାବେଳେ ଗଣ୍ଡାପାଲୁ ଓ ପାଣ୍ଡାମାସ୍କା ଗ୍ରାମରେ ନଳକୂପ ନ ଥିବାରୁ ୭ଟି ପରିବାର ନାଳଚୁଆ ପାଣି ବ୍ୟବହାର କରୁଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ୪୦ ବଛର ହେଲା ଝୁପଡ଼ି ଘରେ ବିତୁଛେ ଜୀବନ

## ଆବାସ ଯୋଜନାରୁ ବଁଚିତ୍ ୧୨ ପରିବାର

ଅତାବିରା, ୨୮।୪ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ ସରକାର ଗରିବ୍ ଦୁଖିକୁ ପକା ଘର ଯୁଗେଇ ଦେବାର ଲାଗି ଭିନେ ଭିନେ ଯୋଜନା କରି ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଥିବାର ଦେଖବାକେ ମିଳୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଅଏଁଲାପାଲି ଝୁପଡ଼ିପଡ଼ାରେ।

ସୂଚନା ହିସାବେ ଟାମ୍ପରସରା ଆର ଅଏଁଲାପାଲିର ମଝିରେ ରହିଛେ ଝୁପଡ଼ିପଡ଼ା। ରାସ୍‌ତାର ଦୁଇଫାଲେ ଝୁପଡ଼ିପଡ଼ାରେ ୧୨ ଗରିବ୍ ପରିବାର ପାଖାପାଖି ୬୦ ଲୋକ୍ ବାସ୍ କରୁଛନ୍। ଇ ପରିବାରମାନେ ନିହାତି ଗରିବ୍ ହେଇଥିଲାବେଲେ ଆଏଜ୍‌କେ ପାଖାପାଖି ୪୦ ବଛର ହେଲା ସଭେ ନଡ଼ାଛପରର କୁରିଆଟେ ଲେଖେଁ କରି ରହୁଛନ୍। ପଡ଼ାର ସବୁ ପରିବାର ଭୂମିହୀନ ଆଏ। ହେଲେ ଇମାନେ ସରକାରଙ୍କର ତରଫୁ ଭୂମିହୀନମାନକୁ ମିଳୁଥିବାର ୪ ଡିସିମିଲ ଘରଡିହ ପାଏବାରୁ ବି ବଁଚିତ୍ ହେଇ ରହିଛନ୍। ସେନ୍‌ତା ପଡ଼ାରେ ବଛରକୁତା ପାଏନ୍ ସମସିଆ ଲାଗି ରହୁଥିଲାବେଲେ ଖରାଦିନେ ସେ ଦୁଖ୍ ଦୁଇଗୁନା ହେଇଯାଉଛେ। ପଡ଼ାର ଲୁକ୍‌କର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଲ୍‌ଚୁଆଁ ରହିଛେ, ହେଲେ ସେଥିରୁ ଦୂଷିତ୍ ପାଏନ୍ ବାହାରୁଛେ। ଉପେ ଶୁଁଇନ୍ ହେଇ ପଡ଼ାବାସୀ ସେ ଦୂଷିତ୍ ପାଏନ୍‌କେ ବେଭାର କରୁଛନ୍। ପଡ଼ାବାସୀ ପିଇଲା ପାଏନ୍ ଆର ଆବାସ ଘର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ହେଲେ ଦୁଖର କଥା ଇ ପଡ଼ା ଉପରେ ଆଏଜ୍‌ତକ କେହେନ୍‌ସି ପରଶାସନିକ ଅଧିକାରୀକଁର ଦୁରୁଷ୍ଟି ନାଇଁପଡ଼ି। ଇନ୍ଦ୍ରଜିତ ଭୋଇ, ସଂସାର ଭୋଇ, ଶ୍ରୀରାମ ଭୋଇ, ସୁବାଷ ଭୋଇ, ଅକ୍ଷୟ ଭୋଇ, ନାନବଟିଆ ଲୁହା, ରାଜକୁମାର ଭୋଇ, ସୀତାରାମ ଭୋଇ, ଦେବେନ୍ଦ୍ର ଭୋଇ, ମହନ ସିକ୍‌ଦାର, ଜଗବନ୍ଧୁ ସିକ୍‌ଦାର ଏନ୍‌ଥେଇ ମୋଟ ୧୨ଟା ପରିବାର ଦୁଖେସୁଖେ ଝୁପଡ଼ିପଡ଼ାରେ ରହିଆସୁଛନ୍। ଇ ବାବ୍‌ଦେ ଟାମ୍ପରସରା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ସାଗରିଆଙ୍କୁ ପଚରାଲାରୁ ପଡ଼ାକେ ଯାଇ ତଦଁତ୍ କରି ପରିବାରମାନକୁ ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁଁ ପଚରାଲାରୁ ଯଦି ଝୁପଡ଼ିପଡ଼ାବାସୀ ଆବାସ ଘର ପାଏବାରୁ ବଁଚିତ୍ ହେଇଛନ୍, ଘଟନାର ତଦଁତ୍ କରି ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଝୁପଡ଼ିପଡ଼ାବାସୀ ।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍ଲିନ

## ସଂକ୍ଷେପରେ

### ଦୁର୍ଘଟଣାରେ ଦୁଇ ଗୁରୁତର

**ବୌଦ୍ଧ,୨୮।୪(ସ୍ୱ.ପ୍ର):** ବୌଦ୍ଧ ଜିଲା ହରିପୁରଛକ ଠାରେ ରବିବାର ଅପରାହ୍ନରେ ଏକ ବାଇକ୍ ଦୁଇ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାରୁ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି। ବାରପୁଡୁଗୁ ଗ୍ରାମର ସୁରମଣି ଷାଣ୍ଡ ତାଙ୍କ ସ୍ତ୍ରୀ ସୈରେନ୍ଦ୍ରୀ, ପୁଅ ମଣ୍ଟୁ ଓ ଝିଅ ରିମା ଭୋଜି ଖାଇବାକୁ ଦୁଇଟି ସାଇକେଲରେ କୁସୁମୁଝୁଲି ଗ୍ରାମକୁ ଯାଉଥିଲେ। ଏହି ସମୟରେ କୁମରସିଙ୍ଗା ଗ୍ରାମର ଶିବାନନ୍ଦ ଭୋକ୍ତା ଏକ ବାଇକ୍ ଯୋଗେ (ନଂ.ଓଡି୨୭/୨୮୧୨) ନିଜ ଗ୍ରାମକୁ ଯାଉଥିବାବେଳେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ନିଜେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଶିବାନନ୍ଦ ଓ ରିମା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ରାସ୍ତା ଉପରେ ବେଆଇନ୍ ପାର୍କିଂ

**ବାଉଁଶୁଣୀ,୨୮।୪ (ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥ କଡରେ ଲୋକମାନେ ଗାଡିମୋଟର ପାର୍କିଂ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ମଧ ରାସ୍ତା ଜାମ୍ ହୋଇ ରହୁଛି। ଏହି ରାସ୍ତା ଦେଇ ସବୁଦିନ ଛୋଟ ଛୋଟ ଶିଶୁ ସ୍କୁଲକୁ ଯାତାୟାତ କରୁଛନ୍ତି । ସେହିପରି ବାରମ୍ବାର ଦୁର୍ଘଟଣା ଘଟିବାରେ ଲାଗିଛି । ଏଥିଯୋଗୁ ବାଉଁଶୁଣୀ ଥାନା ତରଫରୁ ୩ଜଣ କର୍ମଚାରୀଙ୍କୁ ଡ୍ୟୁଟି ଦିଆଯାଇଛି। ହେଲେ କିଛି ସୁଫଳ ମିଳୁନି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ସାତ ବର୍ଷ ହେଲା ପ୍ରକଳ୍ପ ଅଚଳ: ୮ଶହ ପରିବାରକୁ ମିଳୁନି ପାନୀୟ ଜଳ

**ବୌଦ୍ଧ,୨୮।୪(ସ୍ୱ.ପ୍ର):** ସରକାର ଜନସାଧାରଣଙ୍କ ପାଇଁ ଯୋଜନା ଯୋଜନା ପରେ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ସେସବୁ ବାଟବଣା ହୋଇପଡିଛି। ଫଳରେ ପ୍ରତିବର୍ଷ ଖରାଦିନରେ ଜଳକଷ୍ଟ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଦିନକୁ ଦିନ ଜଳସ୍ତର ହ୍ରାସ ଯୋଗୁ କୂଅ, ନଳକୂପ ଓ ପୋଖରୀରେ ପାଣି ସମସ୍ୟା ଦେଖାଯାଉଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ୪୨ଟି ଗ୍ରାମରୁ ତଳଗାଁରେ ଜଳ ପରିମଳ ବିଭାଗ ପକ୍ଷରୁ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଯୋଜନାରେ ନଳକୂପ ଖନନ, ପାଇପ ବିଛାଇବା ସହିତ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇ କାର୍ଯ୍ୟକାରୀ ହେଲା। ଫଳରେ ଗ୍ରାମର ଦୁଇଟି ୱାର୍ଡର ୮୦୦ ପରିବାର ଉପକୃତ ହେଲେ । ମାତ୍ର କିଛିଦିନ ପରେ ଉକ୍ତ ପ୍ରକଳ୍ପ ଅଚଳ ହୋଇପଡିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଆଜକୁ ସାତ ବର୍ଷ ହେବ ଉକ୍ତ ପ୍ରକଳ୍ପ ଅଚଳ ହୋଇ ପଡିଥିଲେ ମଧ ତାକୁ ମରାମତି କରାଯାଉନାହିଁ । ଏହାର ମରାମତି ନାମରେ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲେ ମଧ ଲୋକଙ୍କ କାମରେ ଆସୁନାହିଁ। ଗ୍ରାମର ହରେକୃଷ୍ଣ ସାହୁ ଓ ପୂର୍ବତନ ସରପଞ୍ଚ ରବିନାରାୟଣ ପ୍ରଧାନ ଏ ନେଇ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ହରଭଙ୍ଗା ବ୍ଲକ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନଭଞ୍ଜନ ପରିଡାଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ ।

### ଦୋକାନ ଶର୍ଟର ଭାଙ୍ଗି ଲାପ୍‌ଟପ୍, ଟଙ୍କା ଚୋରି

**ନୂଆଗାଁ, ୨୮।୪ (ଡି.ଏନ୍.ଏ.)-** ନୂଆଗାଁ ବ୍ଲକ ସଦର ନୂଆଗାଁ କଲେଜ ଛକ ନିକଟରେ ଥିବା ସତୀଶ ଟ୍ରେଡର୍ସ ନାମକ ଏକ ସାଇକେଲ୍ ଦୋକାନରୁ ଚୋରି ହୋଇଛି। ଦୋକାନ ସର୍ଟର ଭାଙ୍ଗି କେହି ଦୁର୍ବୃତ୍ତ ସେଠାରେ ଥିବା ଏକ ଲାପ୍‌ଟପ୍ ଓ କିଛି ଟଙ୍କା ନେଇଥିବା ନୂଆଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୨୮/୨୦୧୯) ରୁଜୁ କରି ପୋଲିସ୍ ଘଟଣାର ତଦନ୍ତ କରୁଛି। ତେବେ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ ଚୋରଙ୍କ ଫଟୋ କଏଦ୍ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ସୂଚନା ମୁତାବକ ଶନିବାର ରାତିରେ ସତୀଶ ଟ୍ରେଡର୍ସ ଦୋକାନର ମାଲିକ ସତୀଶ ଗୁପ୍ତା ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ସେ ନିଜ ଦୋକାନ ଖୋଲିବାକୁ ଆସିବାରୁ ଦେଖିଲେ ତାଙ୍କ ଦୋକାନର ସର୍ଟରରୁ ତାଲା ଭଙ୍ଗାଯାଇଛି। ପରେ ସେ ଦୋକାନ ଭିତରେ ଯାଇ ଦେଖିଲେ ଜିନିଷପତ୍ର ଏଣେତେଣେ ଫିଙ୍ଗାଯାଇଛି। ତାଙ୍କ ଲାପ୍‌ଟପ୍ ଚୋରି ହୋଇଯାଇଛି।









ପ୍ରଚଣ୍ଡ ଖରାରେ ଯାତ୍ରୀମାନେ ବିଶ୍ରାମ ପାଇଁ ସ୍ଥାନ ପାଉନାହାନ୍ତି (ବାମ) । ବସ୍‌ଷ୍ଟାଣ୍ଡ ପରିସରରେ ଅବ୍ୟବହୃତ ହୋଇ ପଡି ରହିଛି ଯାତ୍ରୀ ବିଶ୍ରାମାଗାର ।

ସୋନପୁର ବସ୍‌ଷ୍ଟାଣ୍ଡରେ ସର୍ବନିମ୍ନ ସୁବିଧା ନାହିଁ

# ପ୍ରଚଣ୍ଡ ଖରାରେ ସିଝୁଛନ୍ତି ଯାତ୍ରୀ

**ସୋନପୁର, ୨୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ମିଳୁନି। ଦୂରଦୂରାନ୍ତରୁ ଆସୁଥିବା ଓ ଏଠାରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ମନ୍ଦିରମାଳିନୀ ସୋନପୁରର କେନ୍ଦ୍ରସ୍ଥଳରେ ଥିବା ଏହି ବସ୍‌ଷ୍ଟାଣ୍ଡ ପ୍ରତି ପ୍ରଶାସନ କିମ୍ବା ପୌର କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଜିଲା ଗଠନ ହେବା ପରେ ଏବଂ ମହାନଦୀରେ ସେତୁ ନିର୍ମାଣ ପରେ ସହରର ଜନବସତି ବୃଦ୍ଧି ପାଇବା ସହିତ ଉଭୟ ପଶ୍ଚିମ ଓଡିଶା ଓ ପୂର୍ବ ଓଡିଶାକୁ ଗମନାଗମନର ସୁବିଧା ହୋଇପାରିଛି।ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ରେଳପଥର ସୁବିଧା ନଥିଲେ ବି ଏହି ଅଞ୍ଚଳରୁ ସମସ୍ତ ଅଞ୍ଚଳକୁ ଗମନାଗମନ ବସ ଯୋଗେ ଅଧିକ ସହଜ ହୋଇପାରିଛି। ଗୋଟିଏ ପଟେ ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ସହିତ ପର୍ଯ୍ୟଟକଙ୍କ ଯାତାୟାତ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ବସ୍‌ଷ୍ଟାଣ୍ଡର ଯେଉଁଭଳି ଉନ୍ନତି ହେବା କଥା ଜିଲା ଗଠନର ୨୬ବର୍ଷ ପରେ ମଧ ହୋଇ ପାରିନାହିଁ। ବସ୍‌ଷ୍ଟାଣ୍ଡ ପରିସରରେ ଜବରଦଖଲ ବୃଦ୍ଧି ପାଇଥିବା ବେଳେ ପ୍ରାଇଭେଟ୍ ଟ୍ୟାକ୍ସିଗୁଡିକ ସେଠାରେ ପାର୍କିଂ କରୁଛନ୍ତି। ଏହା ଜଣେ ସାଧାରଣ ଯାତ୍ରୀ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି। ଜଣାଯାଇଛି ଯେ, ଯାତ୍ରୀମାନଙ୍କ ପାଇଁ ଏଠାରେ ଆଇଡିଏସଏମଟି ଯୋଜନାରେ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ତେବେ ଏହି ଯାତ୍ରୀ ବିଶ୍ରାମାଗାର ବସ୍ ଛିଡା ହେଉଥିବା ସ୍ଥାନର ପଛପାର୍ଶ୍ୱରେ ନିର୍ମାଣ ହୋଇଥିବାରୁ ତାହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ତେଣୁ ଯାତ୍ରୀମାନେ ନିଜକୁ ନିରାପଦ ମଣୁ ନଥିବାରୁ ବିଶ୍ରାମଗାରରେ ବିଶ୍ରାମ ନେଉନାହାନ୍ତି। ବସ୍‌ଷ୍ଟାଣ୍ଡରେ ଖୋଲା ଆକାଶ ତଳେ ଛିଡା ହୋଇ ଯାତ୍ରୀମାନେ ପ୍ରଚଣ୍ଡ ଖରାରେ ସିଝୁଥିବା ଦେଖିବାକୁ ମିଳୁଛି। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ପରିସ୍ରାଗାର ଓ ଶୌଚାଳୟଟିଏ ନାହିଁ। ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇପାରିନି। ସେହିଭଳି ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ବୌଦ୍ଧ ଜିଲା ଆଡସିଂ ଅଞ୍ଚଳର ମହିଳା ଶୁକ୍ରୁ ମଲ୍ଲିକ କୁହନ୍ତି ଘରକୁ ଯିବା ପାଇଁ ସେ ବସ୍‌କୁ ଅପେକ୍ଷା କରିଛନ୍ତି। ଏଠାରେ ଯାତ୍ରୀଙ୍କ ପାଇଁ ବିଶ୍ରାମଗାର ନାହିଁ। ଫଳରେ ଖୋଲା ଆକାଶ ତଳେ ଖରାରେ ପିଲା ଛୁଆଙ୍କୁ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଯାତ୍ରୀମାନେ ଦୋକାନ ଛାଇରେ ବିଶ୍ରମ ନେବାକୁ ଗଲାବେଳେ ସେମାନେ ବିରକ୍ତ ହେଉଥିବା କହିଥିଲେ। ଏ ସମ୍ପର୍କରେ ପୂର୍ବତନ ନଗରପାଳ କଇରୁ ସ୍ୱାଇଁ କୁହନ୍ତି ପୂର୍ବରୁ ଯାତ୍ରୀ ବିଶ୍ରାମାଗାରରେ ଯାତ୍ରୀ ବିଶ୍ରାମ ନେଉଥିଲେ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ନିୟମିତ ସଫେଇ ହେଉ ନଥିବାରୁ ସେଠାକୁ ଯାତ୍ରୀ ଯାଉନାହାନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ଏକ ନୂତନ ବିଶ୍ରାମାଗାର ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରି କାମ ଆରମ୍ଭ ହେବା ସମୟରେ ବିରୋଧ ହେବାରୁ କାମ ବନ୍ଦ ରହିଛି। ସେହିପରି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଦେଢ ବର୍ଷ ତଳୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରୁନି ବୋଲି ସ୍ୱାଇଁ କହିଛନ୍ତି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗଦୀଶ ମହାନନ୍ଦ କହିଥିଲେ ମୁଁ କାର୍ଯ୍ୟରେ ନୂତନ ଭାବେ ଯୋଗ ଦେଇଛି। କାଉନସିଲ ବୈଠକରେ ପୂର୍ବରୁ ଏ ସମ୍ପର୍କରେ ଆଲୋଚନା ହୋଇଛି। ଅବ୍ୟବହୃତ ହୋଇ ପଡି ରହିଥିବା ବିଶ୍ରାମଗାରକୁ ପରିଷ୍କାର ପରିଚ୍ଛନ୍ନ କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ପରିଷଦ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାମ ହେଲାବେଳେ ବିଧି**
**ନ ଦିଶଇ କିଛି ବୁଦ୍ଧି ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଧରିଥିବା ସୁନା ମଧ ମାଟି ପାଲଟି ଯାଇଥାଏ। ଦୁର୍ଭାଗ୍ୟ ପଡ଼ିଲେ ମଣିଷ ଚାରିଆଡୁ ନିରାଶ ହେବା ସହ ସବୁ କ୍ଷେତ୍ରରେ ଅସଫଳ ହେବାକୁ ବାଧ ହୋଇଥାଏ। କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ ଆଗକୁ ବଢ଼ିପାରେ ନାହିଁ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଉଁଶ ମାଇଲା କଣି**
**ତୁମେ ଯହିଁପାଇଁ ଠାରେ ଠୁରୁ**
**ଆମେ ତାହା ଜାଣି ।**

ପାଖେ ପାଖେ ଘୂରୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ବା ମନର କଥା ଅତି ସହଜରେ ବୁଝା ପଡ଼ିଯାଇଥାଏ। ମନୁଷ୍ୟର ଚାଲିଚଳନ ତଥା ଆଦବକାଇଦାରୁ ତା'ର ଅଭିପ୍ରାୟ ଜଣାପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

ଶିଶୁ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର

# ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନେବା ପରିବାରର କର୍ତ୍ତବ୍ୟ

**ବୌଦ୍ଧ,୨୮।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ବାଉଁଶୁଣୀର ୱାଇସିଡିଏ ଅନୁଷ୍ଠାନ ପକ୍ଷରୁ ବୌଦ୍ଧ ବନ୍ୟା ଆଶ୍ରୟସ୍ଥଳୀ ଠାରେ ରବିବାର ସନ୍ଧ୍ୟାରେ ପରିବାରରେ ପ୍ରତ୍ୟେକ ଶିଶୁର ଅଧିକାର ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ଦୌରାଜଜ ଅରବିନ୍ଦ ଗୁରୁ ଯୋଗଦେଇ ଉଦଘାଟନ କରିଥିଲେ। ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଯତ୍ନ ନେବା ଯେ କୌଣସି ପରିବାରର ମୌଳିକ କର୍ତ୍ତବ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଆଜିର ଶିଶୁ କାଲିର ଭବିଷ୍ୟତ । ତେଣୁ ଏହି ଭବିଷ୍ୟତ ପିଢିର ଦାୟିତ୍ୱ ନେବା ପ୍ରତ୍ୟେକ ପରିବାର ଓ ନାଗରିକର କର୍ତ୍ତବ୍ୟ ବୋଲି ଶିଶୁ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବାଲ୍ୟାବସ୍ଥାରେ ପରିବାର ଦ୍ୱାରା ଅବହେଳିତ ହେଲେ ଶିଶୁର ବିକାଶ ହୋଇପାରେନାହିଁ । ତେଣୁ ପ୍ରତ୍ୟେକ ଶିଶୁ ପାଇଁ ଏକ ଭଲ ପରିବାରର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ୱାଇସିଡିଏର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବୌଦ୍ଧର ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଗୁଡ଼ଭେଲା,୨୮।୪(ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ଜ୍ଞାନ ସହ ଭାରତୀୟ କଳା, ସଂସ୍କୃତି ଉପରେ ଜ୍ଞାନ ଥିବା ନିହାତି ଜରୁରୀ ବୋଲି ବଲାଙ୍ଗୀର ଜିଲା ତୁଷରାସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ରାତିରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆୟୋଜିତ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସଇଁତଳା ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡିଲେଶ୍ୱର ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ କମିଟି ସମ୍ପାଦକ ଜମ୍ବୁ ଜୈନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ସୌମ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ବ୍ୟାସଦେବ ମେହେର ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ସେବିକା କ୍ଷୀର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ। ଆଚାର୍ଯ୍ୟ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବିନିକା,୨୮।୪(ଡି.ଏନ୍.ଏ.)**

ବିନିକା ବ୍ଲକ ସିନ୍ଦୂରପୁର ପଞ୍ଚାୟତ ବିଶାଳପାଲି ଗ୍ରାମରେ ରବିବାର ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହିମପଡ଼ାରେ ରହୁଥିବା ପୁରେନ୍ଦ୍ର ଛତର(୪୮)। ସୂଚନା ମୁତାବକ, ପୁରେନ୍ଦ୍ର ବିଦ୍ୟୁତ୍ ମରାମତି କାମ କରୁଥିବା ବେଳେ କରେଣ୍ଟ ଲାଗି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିନିକା ପୋଲିସ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ

**ସୋନପୁର,୨୮।୪(ନି.ପ୍ର.)**

ପ୍ରତିଷ୍ଠିତ ଆଇନଜୀବୀ, ଓଡିଆ ଜାତିର ଗୌରବ ତଥା ସ୍ୱାଭିମାନୀ ପୁରୁଷ ମଧୁସୂଦନ ଦାସଙ୍କ ୧୭୧ତମ ଜନ୍ମ ଜୟନ୍ତୀ ଅବସରରେ ରବିବାର ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ ହୋଇଯାଇଛି। ବାର ହଲଠାରେ ଆଇନଜୀବୀମାନେ ମଧୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ଗଦାଧର ନେଗୀ, ଉପସଭାପତି ବ୍ରଜେନ୍ଦ୍ର ବିଶି, ସନ୍ତୋଷ ମେହେର, ରାଜେନ୍ଦ୍ର ଅଗ୍ରୱାଲ, ଦେବେନ୍ଦ୍ର ପର୍ଡିଆ, ସୀତାରାମ ମିଶ୍ର, ଓମକାର ପଧାନ, ନରଦେବ ଭୋଇ, ରସାନନ୍ଦ ସାହୁ, ଆଦିତ୍ୟ ପଣ୍ଡା, ବିବେକାନନ୍ଦ ମିଶ୍ର, ନାମାଇଁ ପାଣିଗ୍ରାହୀ ଓ ତୀର୍ଥବାସୀ ପଣ୍ଡା ପ୍ରମୁଖ ଯୋଗଦାନ କରି ଅନେକ କ୍ଷେତ୍ରରେ ମଧୁବାବୁ ଥିଲେ ପ୍ରଥମ ଓଡିଆ ବୋଲି କହିଥିଲେ। ସେ ଓଡିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍‌ଏ, ପ୍ରଥମ ବିଧିବଦ୍ଧ ଆଡଭୋକେଟ୍ ଓ ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ପ୍ରଥମ ନିର୍ବାଚିତ ସଦସ୍ୟ। ସ୍ୱଦେଶୀ ଶିଳ୍ପାୟନର ଆଦି ଉଦ୍‌ଗାତା। ପୁଣି ଥିଲେ ଦଳିତ ଜାତିର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସର୍ବପ୍ରଥମ ସଂସ୍ଥାପକ । ଭାଷାଭିତ୍ତିରେ ପ୍ରଦେଶ ଗଠନର ମଧ ମୁଖ୍ୟ ବିଧାଣୀ ଥିଲେ ମଧୁବାବୁ ବୋଲି ମତବ୍ୟକ୍ତ କରି ଉତ୍କଳ ଗୌରବଙ୍କ ସ୍ମୃତିଚାରଣ କରିଥିଲେ ।



ବାର ହଲରେ ଆୟୋଜିତ ସଭାରେ ବରିଷ୍ଠ ଓକିଲ ବୃନ୍ଦ ।

ଭୂମିକା ପକ୍ଷରୁ ବିଷୁବୋତ୍ସବ

# ଗ୍ରୀଷ୍ମ ସନ୍ଧ୍ୟାରେ କବିତା, ଗଳ୍ପରେ ଶୀତଳ ଅନୁଭବ

**ବଲାଙ୍ଗୀର ଅଫିସ,୨୮।୪**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ରବିବାର ବିଷୁବୋତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଷୁବୋତ୍ସବରେ ନିମନ୍ତ୍ରିତ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ରବିବାର ଥିଲା ବଲାଙ୍ଗୀରରେ ୪୩ ଡିଗ୍ରୀ ତାପମାତ୍ରା । ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମର ଝାଞ୍ଜି ପବନ ଭିତରେ ସାଧାରଣ ମଣିଷ ଆଉଟୁପାଉଟୁ ହେଉଥିବାବେଳେ କବି, ଗାଳ୍ପିକ ଓ କବିପ୍ରାଣ ସାହିତ୍ୟପ୍ରେମୀ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ବିଷୁବୋତ୍ସବର ମଜା ଉଠାଇଥିଲେ । ଭୂମିକା ସଭାପତି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଓ ଚିତ୍ରକର ସ୍ୱର୍ଗତ ଛନ୍ଦାଚରଣ ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଭୂମିକା ସମ୍ପାଦକ ନିଗମାନନ୍ଦ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଭୂମିକା ପକ୍ଷରୁ ବରିଷ୍ଠ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ଭୂମିକା ଉପଦେଷ୍ଟା ପ୍ରଫେସର ଡ. ମଧୁସୂଦନ ପତି ଓ ସଦସ୍ୟମାନେ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଆରମ୍ଭ ହୋଇଥିଲା ଗଳ୍ପ, କବିତା ପାଠ କାର୍ଯ୍ୟକ୍ରମ ନିମନ୍ତ୍ରିତ କବି ଅଖିଳ ନାୟକ, ଡ ଶୁଭେନ୍ଦୁ ସୁଧା ଷଡଙ୍ଗୀ, ନବୀନ ବିଶ୍ୱବନ୍ଧୁ, ଡ.ମଞ୍ଜୁବାଳା ପଣ୍ଡା, ମାନିନୀ ମିଶ୍ର, ବନ୍ଦନା କର, ଗାଳ୍ପିକ ଅଖିଳ ଚନ୍ଦ୍ର ହୋତା, ବିଜୟ ପ୍ରଧାନ ଯୋଗଦାନ କରିଥିଲେ । ସଂଯୋଜିକା ସଞ୍ଜୁକ୍ତା ପଣ୍ଡାଙ୍କ ମଧୁର ସଂଯୋଜନା କ୍ରମେ ଅନୁଷ୍ଠିତ ଗଳ୍ପ, କବିତା ଆସରରେ ନିମନ୍ତ୍ରିତ କବି ଓ ଗାଳ୍ପିକ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ସମ୍ପ୍ରତି ବଦଳି ଯାଉଥିବା ସଭ୍ୟ ସମାଜର ଆଚରଣ, ଉଚ୍ଚାରଣ ଓ ଚାଲିଥିବା ନିର୍ବାଚନୀ ଭିତରେ ସାଧାରଣ ମଣିଷର ସ୍ୱର ଓ ସୁରଭି ପଠିତ କବିତା ଓ ଗଳ୍ପରେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୂମିକାର ଚିତ୍ତରଞ୍ଜନ ଦାଶ, ସତ୍ୟ ସୁନ୍ଦର ଭଞ୍ଜ, ବୀରେନ୍ଦ୍ର ବନ୍ଛୋର, ଆର୍ତ୍ତତ୍ରାଣ ପାଢ଼ୀ, ବ୍ୟାସଦେବ ନନ୍ଦ, ସାହିତ୍ୟିକ ଡ ସନ୍ତୋଷ କୁମାର ରଥ, କବି ବିଜୟ ତ୍ରିପାଠୀ, ଗୁରୁଶ୍ରୀ ଘାସିରାମ ମିଶ୍ର, ସନାତନ ଠାକୁର, ପ୍ରଦୀପ ମହାପାତ୍ର, ରସରାଜ ଅଚ୍ୟୁତ ପୁରୋହିତ, ପ୍ରଭାକର ମିଶ୍ର, ମୁରଲୀଧାରୀ ପତି,ମହେନ୍ଦ୍ର ମଲ୍ଲିକ, ଅରୁଣ ମିଶ୍ର, କୌତୁକ ପନ୍ଦର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଭୂମିକାର ବିଷୁବୋତ୍ସବରେ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରୁଛନ୍ତି ।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍ଲିନ



## ସଂକ୍ଷେପରେ

### ଦୋକାନ ଶର୍ଟର ଭାଙ୍ଗି ଲାପ୍‌ଟପ୍, ଟଙ୍କା ଚୋରି

**ନୂଆଗାଁ, ୨୮।୪ (ଡି.ଏନ୍.ଏ.)-** ନୂଆଗାଁ ବ୍ଲକ ସଦର ନୂଆଗାଁ କଲେଜ ଛକ ନିକଟରେ ଥିବା ସତୀଶ ଟ୍ରେଡର୍ସ ନାମକ ଏକ ସାଇକେଲ୍ ଦୋକାନରୁ ଚୋରି ହୋଇଛି। ଦୋକାନ ସର୍ଟର ଭାଙ୍ଗି କେହି ଦୁର୍ବୃତ୍ତ ସେଠାରେ ଥିବା ଏକ ଲାପ୍‌ଟପ୍ ଓ କିଛି ଟଙ୍କା ନେଇଥିବା ନୂଆଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୨୮/୨୦୧୯) ରୁଜୁ କରି ପୋଲିସ୍ ଘଟଣାର ତଦନ୍ତ କରୁଛି। ତେବେ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ ଚୋରଙ୍କ ଫଟୋ କଏଦ୍ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ସୂଚନା ମୁତାବକ ଶନିବାର ରାତିରେ ସତୀଶ ଟ୍ରେଡର୍ସ ଦୋକାନର ମାଲିକ ସତୀଶ ଗୁପ୍ତା ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ସେ ନିଜ ଦୋକାନ ଖୋଲିବାକୁ ଆସିବାରୁ ଦେଖିଲେ ତାଙ୍କ ଦୋକାନର ସର୍ଟରରୁ ତାଲା ଭଙ୍ଗାଯାଇଛି। ପରେ ସେ ଦୋକାନ ଭିତରେ ଯାଇ ଦେଖିଲେ ଜିନିଷପତ୍ର ଏଣେତେଣେ ଫିଙ୍ଗାଯାଇଛି। ତାଙ୍କ ଲାପ୍‌ଟପ୍ ଚୋରି ହୋଇଯାଇଛି। ଦୋକାନରେ ଥିବା କିଛି ଟଙ୍କା ମଧ ଚୋରି ହୋଇଥିବା ଦେଖିଥିଲେ। ଏହା ପରେ ସେ ନୂଆଗାଁ ଫାଣ୍ଡିକୁ ଯାଇ ଏତଲା ଦେଇଥିଲେ। ପରେ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାଶ ଚନ୍ଦ୍ର ନାଏକ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ମଦ ଜବତ: ୩ ଗିରଫ

**ବଡ଼ଗାଁ, ୨୮।୪ (ଡି.ଏନ.ଏ.):** ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମର ପ୍ରକାଶ ସାରପଟିଆ ଘରେ ଶନିବାର ସନ୍ଧ୍ୟାରେ ବଡ଼ଗାଁ ଥାନା ପୋଲିସ ଚଢାଉ କରି ମଦ ଜବତ କରିଥିଲା। ରବିବାର ମଧାହ୍ନରେ ପାମରା ଗ୍ରାମର ଅମିତ ଖୁଣ୍ଟିଆ ଓ ଅଜିତ ଖିଲାରୀ ବାଇକ୍‌ରେ ମଦ ବୋତଲ ନେଉଥିବାବେଳେ ତୁଡ଼ାଲଗା ବସଷ୍ଟାଣ୍ଡଠାରେ ପୋଲିସ ଅଟକାଇ ମଦ ଜବତ କରିଛି। ଉକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଛି।






ପ୍ରଚଣ୍ଡ ଖରାରେ ଯାତ୍ରୀମାନେ ବିଶ୍ରାମ ପାଇଁ ସ୍ଥାନ ପାଉନାହାନ୍ତି (ବାମ)। ବସ୍‌ଷ୍ଟାଣ୍ଡ ପରିସରରେ ଅବ୍ୟବହୃତ ହୋଇ ପଡି ରହିଛି ଯାତ୍ରୀ ବିଶ୍ରାମାଗାର ।

ସୋନପୁର ବସ୍‌ଷ୍ଟାଣ୍ଡରେ ସର୍ବନିମ୍ନ ସୁବିଧା ନାହିଁ

# ପ୍ରଚଣ୍ଡ ଖରାରେ ସିଝୁଛନ୍ତି ଯାତ୍ରୀ

**ସୋନପୁର, ୨୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ମିଳୁନି। ଦୂରଦୂରାନ୍ତରୁ ଆସୁଥିବା ଓ ଏଠାରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ମନ୍ଦିରମାଳିନୀ ସୋନପୁରର କେନ୍ଦ୍ରସ୍ଥଳରେ ଥିବା ଏହି ବସ୍‌ଷ୍ଟାଣ୍ଡ ପ୍ରତି ପ୍ରଶାସନ କିମ୍ବା ପୌର କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଜିଲା ଗଠନ ହେବା ପରେ ଏବଂ ମହାନଦୀରେ ସେତୁ ନିର୍ମାଣ ପରେ ସହରର ଜନବସତି ବୃଦ୍ଧି ପାଇବା ସହିତ ଉଭୟ ପଶ୍ଚିମ ଓଡିଶା ଓ ପୂର୍ବ ଓଡିଶାକୁ ଗମନାଗମନର ସୁବିଧା ହୋଇପାରିଛି।ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ରେଳପଥର ସୁବିଧା ନଥିଲେ ବି ଏହି ଅଞ୍ଚଳରୁ ସମସ୍ତ ଅଞ୍ଚଳକୁ ଗମନାଗମନ ବସ ଯୋଗେ ଅଧିକ ସହଜ ହୋଇପାରିଛି। ଗୋଟିଏ ପଟେ ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ସହିତ ପର୍ଯ୍ୟଟକଙ୍କ ଯାତାୟାତ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ବସ୍‌ଷ୍ଟାଣ୍ଡର ଯେଉଁଭଳି ଉନ୍ନତି ହେବା କଥା ଜିଲା ଗଠନର ୨୬ବର୍ଷ ପରେ ମଧ ହୋଇ ପାରିନାହିଁ। ବସ୍‌ଷ୍ଟାଣ୍ଡ ପରିସରରେ ଜବରଦଖଲ ବୃଦ୍ଧି ପାଇଥିବା ବେଳେ ପ୍ରାଇଭେଟ୍ ଟ୍ୟାକ୍ସିଗୁଡିକ ସେଠାରେ ପାର୍କିଂ କରୁଛନ୍ତି। ଏହା ଜଣେ ସାଧାରଣ ଯାତ୍ରୀ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି। ଜଣାଯାଇଛି ଯେ, ଯାତ୍ରୀମାନଙ୍କ ପାଇଁ ଏଠାରେ ଆଇଡିଏସଏମଟି ଯୋଜନାରେ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ତେବେ ଏହି ଯାତ୍ରୀ ବିଶ୍ରାମାଗାର ବସ୍ ଛିଡା ହେଉଥିବା ସ୍ଥାନର ପଛପାର୍ଶ୍ୱରେ ନିର୍ମାଣ ହୋଇଥିବାରୁ ତାହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ତେଣୁ ଯାତ୍ରୀମାନେ ନିଜକୁ ନିରାପଦ ମଣୁ ନଥିବାରୁ ବିଶ୍ରାମଗାରରେ ବିଶ୍ରାମ ନେଉନାହାନ୍ତି। ବସ୍‌ଷ୍ଟାଣ୍ଡରେ ଖୋଲା ଆକାଶ ତଳେ ଛିଡା ହୋଇ ଯାତ୍ରୀମାନେ ପ୍ରଚଣ୍ଡ ଖରାରେ ସିଝୁଥିବା ଦେଖିବାକୁ ମିଳୁଛି। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ପରିସ୍ରାଗାର ଓ ଶୌଚାଳୟଟିଏ ନାହିଁ। ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇପାରିନି। ସେହିଭଳି ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ବୌଦ୍ଧ ଜିଲା ଆଡସିଂ ଅଞ୍ଚଳର ମହିଳା ଶୁକ୍ରୁ ମଲ୍ଲିକ କୁହନ୍ତି ଘରକୁ ଯିବା ପାଇଁ ସେ ବସ୍‌କୁ ଅପେକ୍ଷା କରିଛନ୍ତି। ଏଠାରେ ଯାତ୍ରୀଙ୍କ ପାଇଁ ବିଶ୍ରାମଗାର ନାହିଁ। ଫଳରେ ଖୋଲା ଆକାଶ ତଳେ ଖରାରେ ପିଲା ଛୁଆଙ୍କୁ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଯାତ୍ରୀମାନେ ଦୋକାନ ଛାଇରେ ବିଶ୍ରମ ନେବାକୁ ଗଲାବେଳେ ସେମାନେ ବିରକ୍ତ ହେଉଥିବା କହିଥିଲେ। ଏ ସମ୍ପର୍କରେ ପୂର୍ବତନ ନଗରପାଳ କଇରୁ ସ୍ୱାଇଁ କୁହନ୍ତି ପୂର୍ବରୁ ଯାତ୍ରୀ ବିଶ୍ରାମାଗାରରେ ଯାତ୍ରୀ ବିଶ୍ରାମ ନେଉଥିଲେ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ନିୟମିତ ସଫେଇ ହେଉ ନଥିବାରୁ ସେଠାକୁ ଯାତ୍ରୀ ଯାଉନାହାନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ଏକ ନୂତନ ବିଶ୍ରାମାଗାର ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରି କାମ ଆରମ୍ଭ ହେବା ସମୟରେ ବିରୋଧ ହେବାରୁ କାମ ବନ୍ଦ ରହିଛି। ସେହିପରି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଦେଢ ବର୍ଷ ତଳୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରୁନି ବୋଲି ସ୍ୱାଇଁ କହିଛନ୍ତି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗଦୀଶ ମହାନନ୍ଦ କହିଥିଲେ ମୁଁ କାର୍ଯ୍ୟରେ ନୂତନ ଭାବେ ଯୋଗ ଦେଇଛି। କାଉନସିଲ ବୈଠକରେ ପୂର୍ବରୁ ଏ ସମ୍ପର୍କରେ ଆଲୋଚନା ହୋଇଛି। ଅବ୍ୟବହୃତ ହୋଇ ପଡି ରହିଥିବା ବିଶ୍ରାମଗାରକୁ ପରିଷ୍କାର ପରିଚ୍ଛନ୍ନ କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ପରିଷଦ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାମ ହେଲାବେଳେ ବିଧି
ନ ଦିଶଇ କିଛି ବୁଦ୍ଧି ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଧରିଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଦୁର୍ଭାଗ୍ୟ ପଡ଼ିଲେ ମଣିଷ ଚାରିଆଡୁ ନିରାଶ ହେବା ସହ ସବୁ କ୍ଷେତ୍ରରେ ଅସଫଳ ହେବାକୁ ବାଧ୍ୟ ହୋଇଥାଏ। କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ ଆଗକୁ ବଢ଼ିପାରେ ନାହିଁ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଉଁଶ ମାଇଲା କଣି
ତୁମେ ଯହିଁପାଇଁ ଠାରେ ଠୁରୁ
ଆମେ ତାହା ଜାଣି ।**

ପାଖେ ପାଖେ ଘୂରୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ବା ମନର କଥା ଅତି ସହଜରେ ବୁଝା ପଡ଼ିଯାଇଥାଏ। ମନୁଷ୍ୟର ଚାଲିଚଳନ ତଥା ଆଦବକାଇଦାରୁ ତା'ର ଅଭିପ୍ରାୟ ଜଣାପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# ସୁବର୍ଣ୍ଣପୁରରେ ଓକିଲ ଦିବସ

**ସୋନପୁର,୨୮।୪(ନି.ପ୍ର.)**

ପ୍ରତିଷ୍ଠିତ ଆଇନଜୀବୀ, ଓଡିଆ ଜାତିର ଗୌରବ ତଥା ସ୍ୱାଭିମାନୀ ପୁରୁଷ ମଧୁସୂଦନ ଦାସଙ୍କ ୧୭୧ତମ ଜନ୍ମ ଜୟନ୍ତୀ ଅବସରରେ ରବିବାର ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ ହୋଇଯାଇଛି। ବାର ହଲଠାରେ ଆଇନଜୀବୀମାନେ ମଧୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ଗଦାଧର ନେଗୀ, ଉପସଭାପତି ବ୍ରଜେନ୍ଦ୍ର ବିଶି, ସନ୍ତୋଷ ମେହେର, ରାଜେନ୍ଦ୍ର ଅଗ୍ରୱାଲ, ଦେବେନ୍ଦ୍ର ପର୍ଡିଆ, ସୀତାରାମ ମିଶ୍ର, ଓମକାର ପଧାନ, ନରଦେବ ଭୋଇ, ରସାନନ୍ଦ ସାହୁ, ଆଦିତ୍ୟ ପଣ୍ଡା, ବିବେକାନନ୍ଦ ମିଶ୍ର, ନାମାଇଁ ପାଣିଗ୍ରାହୀ ଓ ତୀର୍ଥବାସୀ ପଣ୍ଡା ପ୍ରମୁଖ ଯୋଗଦାନ କରି ଅନେକ କ୍ଷେତ୍ରରେ ମଧୁବାବୁ ଥିଲେ ପ୍ରଥମ ଓଡିଆ ବୋଲି କହିଥିଲେ। ସେ ଓଡିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍ଏ, ପ୍ରଥମ ବିଧିବଦ୍ଧ ଆଡଭୋକେଟ୍ ଓ ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ପ୍ରଥମ ନିର୍ବାଚିତ ସଦସ୍ୟ। ସ୍ୱଦେଶୀ ଶିଳ୍ପାୟନର ଆଦି ଉଦ୍‌ଗାତା। ପୁଣି ଥିଲେ ଦଳିତ ଜାତିର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସର୍ବପ୍ରଥମ ସଂସ୍ଥାପକ । ଭାଷାଭିତ୍ତିରେ ପ୍ରଦେଶ ଗଠନର ମଧ ମୁଖ୍ୟ ବିନ୍ଧାଣୀ ଥିଲେ ମଧୁବାବୁ ବୋଲି ମତବ୍ୟକ୍ତ କରି ଉତ୍କଳ ଗୌରବଙ୍କ ସ୍ମୃତିଚାରଣ କରିଥିଲେ ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଗୁଡ଼ଭେଲା,୨୮।୪(ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ଜ୍ଞାନ ସହ ଭାରତୀୟ କଳା, ସଂସ୍କୃତି ଉପରେ ଜ୍ଞାନ ଥିବା ନିହାତି ଜରୁରୀ ବୋଲି ବଲାଙ୍ଗୀର ଜିଲା ତୁଷରାସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ରାତିରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆୟୋଜିତ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସଇଁତଳା ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପକ ଡିଲେଶ୍ୱର ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ କମିଟି ସମ୍ପାଦକ ଜମ୍ବୁ ଜୈନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ସୌମ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ବ୍ୟାସଦେବ ମେହେର ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ସେବିକା କ୍ଷୀର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ। ଆଚାର୍ଯ୍ୟ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଶର୍ଟ ସର୍କିଟରେ ଜଳିଗଲା ଘର

**ଟେନ୍‌ସା, ୨୮।୪(ଡି.ଏନ.ଏ.):** କାଇଡା ବ୍ଲକର କାଲାଟା ଗ୍ରାମ ପଞ୍ଚାୟତ କୁଲା ଗ୍ରାମରେ ଶନିବାର ରାତି ୧୦ଟା ୩୦ ରେ ସଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। କୀର୍ତ୍ତନ ବାରିକଙ୍କ ଘର ସମ୍ପୂର୍ଣ୍ଣ ପୋଡି ଧ୍ୱଂସ ହୋଇଯାଇଛି। ରାତି ୧୦ଟା ୩୦ରେ ଘର ଲୋକେ ଏକତ୍ର ବସି ଖାଉଥିବାବେଳେ ହଠାତ୍ ଘର ଭିତରେ ନିଆଁ ଜଳିବାର ଦେଖିବାକୁ ପାଇଥିଲେ। ତୁରନ୍ତ ଘର ଲୋକେ ଜୀବନ ବଞ୍ଚାଇବାକୁ ପଦାକୁ ଦୌଡି ଆସିଥିଲେ । ପାଟି କରିବାରୁ ଗାଁଲୋକ ଦୌଡି ଆସି ପାଣି ପକାଇଥିଲେ ମଧ ନିଆଁକୁ ଆୟତ୍ତ କରିବା ସମ୍ଭବପର ହୋଇ ନ ଥିଲା । ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା।

ଭୂମିକା ପକ୍ଷରୁ ବିଷୁବୋତ୍ସବ

# ଗ୍ରୀଷ୍ମ ସନ୍ଧ୍ୟାରେ କବିତା, ଗଳ୍ପରେ ଶୀତଳ ଅନୁଭବ

**ବଲାଙ୍ଗୀର ଅଫିସ,୨୮।୪**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ରବିବାର ବିଷୁବୋତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଷୁବୋତ୍ସବରେ ନିମନ୍ତ୍ରିତ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ରବିବାର ଥିଲା ବଲାଙ୍ଗୀରରେ ୪୩ ଡିଗ୍ରୀ ତାପମାତ୍ରା । ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମର ଝାଞ୍ଜି ପବନ ଭିତରେ ସାଧାରଣ ମଣିଷ ଆଉଟୁପାଉଟୁ ହେଉଥିବାବେଳେ କବି, ଗାଳ୍ପିକ ଓ କବିପ୍ରାଣ ସାହିତ୍ୟପ୍ରେମୀ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ବିଷୁବୋତ୍ସବର ମଜା ଉଠାଇଥିଲେ । ଭୂମିକା ସଭାପତି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଓ ଚିତ୍ରକର ସ୍ୱର୍ଗତ ଛନ୍ଦାଚରଣ ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଭୂମିକା ସମ୍ପାଦକ ନିଗମାନନ୍ଦ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଭୂମିକା ପକ୍ଷରୁ ବରିଷ୍ଠ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ଭୂମିକା ଉପଦେଷ୍ଟା ପ୍ରଫେସର ଡ. ମଧୁସୂଦନ ପତି ଓ ସଦସ୍ୟମାନେ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଆରମ୍ଭ ହୋଇଥିଲା ଗଳ୍ପ, କବିତା ପାଠ କାର୍ଯ୍ୟକ୍ରମ ନିମନ୍ତ୍ରିତ କବି ଅଖିଳ ନାୟକ, ଡ ଶୁଭେନ୍ଦୁ ସୁଧା ଷଡଙ୍ଗୀ, ନବୀନ ବିଶ୍ୱବନ୍ଧୁ, ଡ.ମଞ୍ଜୁବାଳା ପଣ୍ଡା, ମାନିନୀ ମିଶ୍ର, ବନ୍ଦନା କର, ଗାଳ୍ପିକ ଅଖିଳ ଚନ୍ଦ୍ର ହୋତା, ବିଜୟ ପ୍ରଧାନ ଯୋଗଦାନ କରିଥିଲେ । ସଂଯୋଜିକା ସଞ୍ଜୁକ୍ତା ପଣ୍ଡାଙ୍କ ମଧୁର ସଂଯୋଜନା କ୍ରମେ ଅନୁଷ୍ଠିତ ଗଳ୍ପ, କବିତା ଆସରରେ ନିମନ୍ତ୍ରିତ କବି ଓ ଗାଳ୍ପିକ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ସମ୍ପ୍ରତି ବଦଳି ଯାଉଥିବା ସଭ୍ୟ ସମାଜର ଆଚରଣ, ଉଚ୍ଚାରଣ ଓ ଚାଲିଥିବା ନିର୍ବାଚନୀ ଭିତରେ ସାଧାରଣ ମଣିଷର ସ୍ୱର ଓ ସୁରଭି ପଠିତ କବିତା ଓ ଗଳ୍ପରେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୂମିକାର ଚିତ୍ତରଞ୍ଜନ ଦାଶ, ସତ୍ୟ ସୁନ୍ଦର ଭଞ୍ଜ, ବୀରେନ୍ଦ୍ର ବନ୍‌ଛୋର, ଆର୍ତ୍ତତ୍ରାଣ ପାଢ଼ୀ, ବ୍ୟାସଦେବ ନନ୍ଦ, ସାହିତ୍ୟିକ ଡ ସନ୍ତୋଷ କୁମାର ରଥ, କବି ବିଜୟ ତ୍ରିପାଠୀ, ଗୁରୁଶ୍ରୀ ଘାସିରାମ ମିଶ୍ର, ସନାତନ ଠାକୁର, ପ୍ରଦୀପ ମହାପାତ୍ର, ରସରାଜ ଅଚ୍ୟୁତ ପୁରୋହିତ, ପ୍ରଭାକର ମିଶ୍ର, ମୁରଲୀଧାରୀ ପତି,ମହେନ୍ଦ୍ର ମଲ୍ଲିକ, ଅରୁଣ ମିଶ୍ର, କୌତୁକ ପନ୍ଦର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଭୂମିକାର ବିଷୁବୋତ୍ସବରେ କବି ଓ ଗାଳ୍ପିକମାନେ ସ୍ୱରଚିତ କବିତା ଓ ଗଳ୍ପ ପାଠ କରୁଛନ୍ତି ।

## ଫଟୋରେ ଖବର







**ବଲାଙ୍ଗୀରରେ ଗ୍ରୀଷ୍ମର ପ୍ରକୋପ:** ପ୍ରଚଣ୍ଡ ଖରାରେ ବଲାଙ୍ଗୀର ସହର ପବ୍ଲିକ୍ ସ୍କୁଲ ପାଖରେ ଥିବା ଲକ୍ଷ୍ମୀଯୋର ପାଣି ଶୁଖିଯାଇଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି (ବାମ)। ଜରିଗୋଟାଳି ପରିବାର ପ୍ରଚଣ୍ଡ ଖରାରେ ମୁଣ୍ଡରେ ଗାମୁଛା ଦେଇ ରିକ୍ସାରେ ଘରକୁ ଫେରୁଛନ୍ତି (ମଝି)। ଘୂର୍ଣ୍ଣିଝଡରେ ଭାଙ୍ଗିଯାଇଥିବା ଗଛ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ପଡିଥିଲେ ବି କାହାରି ନିଘା ନାହିଁ। (ଫଟୋ-ସୁନୀଲ)



“ ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୂଆପଡ଼ା ଅଫିସ,୨୮।୪

ନୂଆପଡ଼ା ଜିଲା ସଦର ବ୍ଲକର ବୁଏରଭାଡି ଗାଁର କୋନ୍ଦିବାଇ ପାଣ୍ଡେ (୫୦) ନାମ୍ନୀ ଜନୈକା ମହିଳା ଭାଲୁ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । କୋନ୍ଦିବାଇ ବଡି ଭୋରରୁ ନିଜର କ୍ଷେତରେ ଥିବା ମହୁଲ ଗଛରୁ ଫୁଲ ସଂଗ୍ରହ କରୁଥିବା ସମୟରେ ହଠାତ ଏକ ଭାଲୁ ଆକ୍ରମଣ କରିଥିଲା। ଚିତ୍କାର କରିବାକୁ ପଡୋଶୀ ଚାଷୀମାନେ ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗରିବ ପରିବାରର ମହିଳାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ । ତେଣୁ ତାଙ୍କୁ ତୁରନ୍ତ ସରକାରୀ ସୁବିଧା ସହ ସହାୟତା ରାଶି ପ୍ରଦାନ କରାଯିବାକୁ ଦାବି ହୋଇଛି ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କର୍ମଚାରୀଙ୍କ ମୃତ୍ୟୁ

ନୂଆପଡା ଅଫିସ/ବୋଡେନ,୨୮।୪- ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ବିଦ୍ୟୁତ୍ କାର୍ଯ୍ୟାଳୟ ଷ୍ଟ୍ରକ୍ଚରରେ କାମ କରୁଥିବା ଜଣେ କମଚାରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ନାମ ନାରାୟଣ ମହାପାତ୍ର (୩୫) । ମହାପାତ୍ର ଷ୍ଟ୍ରକ୍ଚରରେ କାମ କରୁଥିବାବେଳେ ହଠାତ କରି ବିଜୁଳି ଚାର୍ଜ ହୋଇଯାଇଥିଲା। ତାର ସଂସ୍ପର୍ଶରେ ଆସିଯିବାରୁ ଛିଟିକି ପଡିଥିଲେ । ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଖଡିଆଳ ମିଶନ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### କର୍ମସ୍ଥଳ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଟେନ୍ସା, ୨୮।୪(ଡି.ଏନ.ଏ.)- ରବିବାର ଏସ୍.ଆର୍ ରୁଙ୍ଗ୍‌ଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା କୋଇଡାଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ତେଜେରୋଇ ଖଣିର ପରିଚାଳକ ବିମଳେଶ ଶ୍ରୀବାସ୍ତବ, କନ୍ଥର କୋଇଡା ମାଙ୍ଗାନିଜ ଖଣିର ଆଶିଷ କୁମାର ବେହେରା, ସାରକୁଣ୍ଡା ଖଣିର ରଞ୍ଜନ ସିଂ, କମଣ୍ଡୋ ଖଣିର ରାକେଶ କୁମାର, କୁସୁମୁଡିହି ଖଣିର ଅଭିନନ୍ଦନ ପ୍ରସାଦ, ତେହେରାଇ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାଷିଷ୍ଟ ପ୍ରଦୀପ୍ତ ଭାନୁ ପଟ୍ଟନାୟକ ଯୋଗଦେଇ ସଚେତନତା ଉପରେ ଲୋକଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ତେହେରେଇ ଖଣିର ପ୍ରଶାସନ ବିଭାଗର ଅଜୟ କୁମାର କର, ସିଏସ୍ଆର ବିଭାଗର ପରିଚାଳକ ଗୌରୀଶଙ୍କର ଆଚାରି ପରିଚାଳନା କରିଥିଲେ । ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢିଚାଲିଛି। ବିଶେଷକରି କୋଇଡା ଖଣି ଅଞ୍ଚଳର ତାପମାତ୍ରା ଏତେ ବଢିଯାଇଛି ଯେ, ଦିନ ୧୦ଟା ପରଠାରୁ ଲୋକେ ଘରୁ ବାହାରିପାରୁ ନାହାନ୍ତି। ଖରାରେ ଗଲାବେଳେ କିଭଳି ସାବଧାନତା ଅବଲମ୍ବନ କରିବେ। ଯେପରି ଅଂଶୁଘାତ ହେବ ନାହିଁ । ଏହାକୁ ନେଇ ରୁଙ୍ଗ୍‌ଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ହୋଇଥିଲା। କର୍ମଶାଳାରେ ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଇଥିଲେ।

# ସମସ୍ୟା ବୁଝିଲେ ଜିଲାପାଳ

ନୂଆପଡା ଅଫିସ,୨୮।୪

ଦିନକୁ ଦିନ ନୂଆପଡ଼ା ଜିଲା ଖଡିଆଳ ସହରରେ ସମସ୍ୟା ବଢି ଚାଲିଥିବାବେଳେ ଏହା ଉପରେ ପ୍ରଶାସନ ଠୋସ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢି ଚାଲିଛି । ଠିକ ଏହି ସମୟରେ ସମସ୍ୟାଗୁଡିକ ଉପରେ ନଜର ରଖିବାକୁ ଜିଲାପାଳ ଡା. ପୋମା ଟୁଡୁ ଉଦ୍ୟମ ଆରମ୍ଭ କରିଛନ୍ତି । ଖଡିଆଳ ସହରକୁ ହଠାତ ଗସ୍ତ କରି ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେଇଥିବାବେଳେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ଡା. ଟୁଡୁ ହଠାତ ଖଡିଆଳ ସହରରେ ଯାଇ ପହଞ୍ଚିଥିଲେ । ରବିବାର ପୂର୍ବାହ୍ନ ୧୧ଟାବେଳେ ପ୍ରଥମେ ଖଡିଆଳ ରେଭେନ୍ୟୁ ଡାକ ବଙ୍ଗଳାରେ ପହଞ୍ଚିଥିଲେ। ସେଠାରେ ବିଭାଗୀୟ ଅଧିକାରୀମାନଙ୍କୁ ଡକାଇ ସମସ୍ୟାଗୁଡିକ ଉପରେ ଆଲୋଚନା କରିଥିଲେ। ଏଥିରେ ଖଡିଆଳ ବଡିଓ ଉତ୍ତମ କୁମାର ବାର, ତହସିଲଦାର ସିନ୍ଧୁସୂତା ପାତ୍ର, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ସହର ମଧ୍ୟରେ ରହିଥିବା ବିଭିନ୍ନ ସମସ୍ୟାଗୁଡିକର ସମୀକ୍ଷା କରିଥିଲେ। ସହର ମଧ୍ୟରେ ଥିବା ବ୍ଲକ କାର୍ଯ୍ୟାଳୟର ସ୍ଥାୟିତ୍ୱ ସମ୍ପର୍କରେ କହିଥିଲେ ଯେ, ଏହା ଏକ ବେସରକାରୀ ଜାଗାରେ



ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କ ସହ ବସଷ୍ଟାଣ୍ଡ ବୁଲି ଦେଖୁଛନ୍ତି ।

**ଖଡ଼ିଆଳ ଏନଏସି**
- ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗୁରୁତ୍ୱ
- ବ୍ଲକ ଅଫିସ ପାଇଁ ଜାଗା ଚିହ୍ନଟ ନିର୍ଦ୍ଦେଶ

ଚାଲିଛି । ଆଗକୁ ଏକ ଜାଗା ଚିହ୍ନଟ କରି ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏଠାରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗରିବ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଏବଂ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ଯୋଜନାକୁ ନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ କରିଛନ୍ତି। ମଧ୍ୟାହ୍ନରେ ସ୍ଥାନୀୟ ବସଷ୍ଟାଣ୍ଡକୁ ଯାଇ ସେଠାକାର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ସୂଚନାଯୋଗ୍ୟ ଯେ, ପୁରୁଣା ବସଷ୍ଟାଣ୍ଡ ଉଚ୍ଛେଦ ପରେ ଦୋକାନୀମାନଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ବହୁ ଧରାବନ୍ଧା ଭିତରେ ଦୋକାନୀମାନେ ପୁଣି ଥରେ ଯାଇ ନୂଆ ବସଷ୍ଟାଣ୍ଡରେ ନିଜର ଧନ୍ଧା ଆରମ୍ଭ କରିଥିଲେ। ହେଲେ ଆଜିକୁ ୪/୫ବର୍ଷ ହେବ ଦୋକାନୀମାନଙ୍କ ସ୍ଥାୟି ବ୍ୟବସ୍ଥା ହୋଇପାରୁନାହିଁ । ଏଠାରେ ବିଜୁଳୀ ପାଣି ଭଳି ମୌଳିକ ସୁବିଧା ହୋଇପାରୁନଥିବାରୁ ଜିଲାପାଳଙ୍କୁ ଦୋକାନୀମାନେ ଦାବି କରି ଆସୁଥିଲେ। ତେବେ ଏହା ଉପରେ ଜିଲାପାଳ ବିଚାର କରିବାକୁ ବସଷ୍ଟାଣ୍ଡର ଅବସ୍ଥା ଦେଖିଥିଲେ । ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଜାଗା ଚିହ୍ନଟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ ସହ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକଙ୍କ ସହ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ ।

# ଖବର ପ୍ରକାଶ ପାଇବା ପରେ ପୌର ପରିଷଦର ଚେତା ପଶିଲା

■ ସଫେଇ ଠିକା ସଂସ୍ଥାକୁ ନିର୍ବାହୀ ଅଧିକାରୀଙ୍କ ତାଗିଦ

ଭବାନୀପାଟଣା,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ଖବର ପ୍ରକାଶ ପାଇବା ପରେ ପୌର ପରିଷଦ ଚେତା ପଶିଛି। ସଫେଇ ଠିକା ସଂସ୍ଥାକୁ ନିର୍ବାହୀ ଅଧିକାରୀ ଅବହେଳା ହେଲେ ଠିକା ବାତିଲ ହେବ ବୋଲି ତାଗିଦ ପରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି ବହୁ ଦିନ ଧରି ସୁଇପିଂ ଓ ଫଗିଂ ମେଶିନ ଅଫିସରେ ଖତ ଖାଉଥିବା ବେଳେ ବର୍ତ୍ତମାନ ସହର ରାସ୍ତାରେ ଗଡିବା ନେଇ ସାଧାରଣରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ପ୍ରକାଶ ପାଇଥିଲା। ଏ ନେଇ ନିର୍ବାହୀ ଅଧିକାରୀ ସଫେଇ କର୍ମଚାରୀ ଓ ଠିକା ସଂସ୍ଥାକୁ ବୈଠକ ଡକାଇଥିଲେ। ସଫେଇ କାର୍ଯ୍ୟରେ ଅବହେଳା ହେଲେ ସମ୍ପୃକ୍ତ ଠିକା ସଂସ୍ଥାର ଲିଜକୁ ବାତିଲ କରାଯିବ ବୋଲି ତାଗିତ କରିଥିଲେ। ଅନ୍ୟପକ୍ଷରେ ବହୁ ଦିନ ଧରି ସୁଇପିଂ ମେଶିନ ଓ ଫଗିଂ ମେଶନ ଖରାପ ଥିବା ଯୋଗୁ ଅଫିସରେ ଖତ ଖାଉଥିଲା। ବୈଠକ ପରେ ମେଶିନକୁ ଯିଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସହର ରାସ୍ତାରେ କାର୍ଯ୍ୟ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ସହରର ଶମ୍ଭୁନଗରପଡା, ମଦନମୋହନ ପଡାରେ ସଫେଇ ଆରମ୍ଭ ହୋଇଛି। ପ୍ରତିଦିନ ଗୋଟିଏ ୱାର୍ଡ ସଫେଇ କରିବା ଗୋଟିଏ ୱାର୍ଡରେ ଫଗିଂ ମେଶନ ଓ ମଶା ତେଲ ପକାଇବା ପାଇଁ ନିଷ୍ପତ୍ତି ହୋଇଛି। ବହୁ ସ୍ଥାନରେ ଡ୍ରେନଗୁଡିକ ଆବର୍ଜନା ଯୋଗୁ ଅଚଳ ହୋଇପଡିଥିବାରୁ ଏହାର ପୁନରୁଦ୍ଧାର ଆରମ୍ଭ ହୋଇଛି। ଗତ ଦୁଇଦିନ ମଧ୍ୟରେ ୩୮ ଟ୍ରିପ ଆବର୍ଜନା ସଫା ହୋଇଛି ବୋଲି ନିର୍ବାହୀ ଅଧରକାରୀ ପ୍ରକାଶ କରିଛନ୍ତି। ବିଭିନ୍ନ ଛକରେ ଥିବା ଆବର୍ଜନାକୁ ମଧ ଉଠାଯାଇଛି। ଦୀର୍ଘଦିନ ଧରି ପଡି ରହିଥିବା ଅଳିଆ ଆବର୍ଜନା ଏବେ ସଫେଇ ହେଉଥିବା ନେଇ ସହରବାସୀଙ୍କ ମଧରେ ଆଲୋଚନାର ବିଷୟ ହୋଇଛି। ଏହା ସାମୟିକ ନା କିଛିଦିନ ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ହେବନିତ ବୋଲି ସାଧାରଣରେ ଆଲୋଚନା ହେଉଛି। ସଫେଇ କାର୍ଯ୍ୟରେ ଅବହେଳା କରୁଥିବା ସଫେଇ ସଂସ୍ଥା ପୌର ପରିଷଦର ଅହେତୁକ ଅନୁକମ୍ପା ନେଇ ସହରବାସୀଙ୍କ ମଧରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜନେତାଙ୍କ ଚାପ ଯୋଗୁ କର୍ମଚାରୀମାନେ ଠିକା ସଂସ୍ଥା ବିରୋଧରେ ମୁହଁ ଖୋଲୁ ନ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଠିକା ସଂସ୍ଥାର କାର୍ଯ୍ୟ ଦକ୍ଷତା ନେଇ ତର୍ଜମା କରାଯିବ ଓ ଜିଲାପାଳ ଏ ନେଇ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

# ବାଇକ୍ ଚୋରି, ଛିନ୍‌ତାଇ ଗ୍ୟାଙ୍ଗ ସକ୍ରିୟ
## ଦିନ ଦ୍ୱିପ୍ରହରରେ ସୁନାଚେନ୍ ଲୁଟ

ଭବାନୀପାଟଣା, ,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ଏକ ମାସ ମଧରେ ବହୁସ୍ଥାନରେ ଡକାୟତି, ଛିନ୍‌ତାଇ, ବାଇକ୍ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ଏକ ମାସ ମଧରେ ରାତି ୧ଟାରୁ ୩ଟା ମଧରେ ୫ରୁ ଉର୍ଦ୍ଧ୍ୱ ମଦଭାଟିରେ ଡକାୟତ ହୋଇଥିବା ବେଳେ ୨ଟି ସ୍ଥାନରେ ମହିଳାମାନଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇଥିବା ଏବଂ କେତେକ ସ୍ଥାନରୁ ସ୍କୁଟି ଓ ମୋଟରସାଇକେଲ ଚୋରି ହୋଇଛି। ଏ ଯାଏ ପୋଲିସ ଲୁଟେରା ଓ ଡକାୟତ ଗ୍ୟାଙ୍ଗର ଠିକ୍ ସୁରାକ ପାଇପାରିନାହିଁ। ଡକାୟତମାନେ ରୁପ୍ରା, ପାଷ୍ଟିକୁଡି, ଗିଗନା, ମହାଲିଙ୍ଗ ଓ ବାଦଲି ସମେତ କେତେକ ମଦଭାଟି ଡକାୟତି କରି ଫେରାର ହୋଇଯାଇଥିବା ବିଭିନ୍ନ ଥାନାରେ ଏତଲା ଦାଏର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦଲି ମଦଭାଟିରୁ ୪୦ ହଜାର ଟଙ୍କା ଓ ୭ଟି ମୋବାଇଲ ଲୁଟ କରିଛନ୍ତି। ଡକାୟତମାନଙ୍କ ଆକ୍ରମଣରେ ୨ ଜଣ ମଦଭାଟି କର୍ମଚାରୀ ଆହତ ହୋଇଛନ୍ତି। ବାଦଲି ମଦଭାଟିରେ ଭୋର ୩ଟାରେ ପ୍ରାୟ ୭ରୁ ଅଧିକ ମୁଖାପିନ୍ଧା ଡକାୟତ ଗ୍ୟାଙ୍ଗ ଠେଙ୍ଗା ଓ ଛୁରି ଦେଖାଇ ସେଠାରେ ଥିବା ୭ ଜଣ ଭାଟି କର୍ମଚାରୀଙ୍କୁ ଭୟଭିତ କରି ଲୁଟ କରିନେଇଥିଲେ। ସେହିଭଳି ଅନ୍ୟାନ୍ୟ ଭାଟିରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଭବାନୀପାଟଣା ସହରରେ ବାଇକ୍ ଚୋରି ର୍ୟାକେଟ୍ ସକ୍ରିୟ ରହିଥିବା ବେଳେ ଗତ କିଛି ଦିନ ତଳେ ଭବାନୀପାଟଣା ଗାୟତ୍ରୀ ମନ୍ଦିର ନିକଟରେ ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଲୁଟି ନେଇଥିଲେ। ଗତ ୨୬ ତାରିଖରେ ମଧ ଜଣେ ମହିଳାଙ୍କ ବେକରୁ ୨ ଜଣ ବ୍ୟକ୍ତି ଗାର୍ଲ୍ସ ହାଇସ୍କୁଲ ଓ ପୁରୁଣା ସିନେମା ହଲ୍ ରାସ୍ତାରେ ସୁନା ଚେନ ଲୁଟ କରି ଫେରାର ହୋଇଯାଇଥିଲେ। ଦୀର୍ଘ ଦିନ ଧରି ଡକାୟତ, ଛିନ୍‌ତାଇ ଓ ବାଇକ୍ ଚୋରି ଗ୍ୟାଙ୍ଗ ସକ୍ରିୟ ରହିଥିବା ଓ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ମଧ ପୋଲିସ ଏ ଯାଏଁ ସେମାନଙ୍କୁ ଚିହ୍ନଟ କରିପାରିନାହିଁ। ଏ ସମ୍ପର୍କରେ ଏସପି ବାତୁଲା ଗଙ୍ଗାଧରଙ୍କୁ ପଚାରିବାରୁ ସେ ଡକାୟତ ଗ୍ୟାଙ୍ଗ ଓ ଚୋରି କରୁଥିବା ବ୍ୟକ୍ତିମାନଙ୍କୁ ଅତି ଶୀଘ୍ର ଧରାଯିବା ପାଇଁ ପ୍ରଚେଷ୍ଟା ଚାଲିଛି। ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିବା ପୋଲିସର ମୁଖ୍ୟ କର୍ତ୍ତବ୍ୟ। ନିର୍ବାଚନ କାର୍ଯ୍ୟରେ ପୋଲିସ ବ୍ୟସ୍ତ ରହିଥିବା ସୁଯୋଗ ନେଇ ଅପରାଧିମାନେ ଅପରାଧ କାର୍ଯ୍ୟ ଭିଆଉଛନ୍ତି। ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ ଅପରାଧୀଙ୍କୁ ଧରିବା ସକାଶେ ଚେଷ୍ଟା ଚଳାଇଥିବା ଏସ୍‌ପି କହିଛନ୍ତି। ଆଗାମୀ ଦିନରେ ତଦନ୍ତ କାର୍ଯ୍ୟରେ ଆହୁରି ଅଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

■ ଆଞ୍ଚଳିକ କୃଷି ଗବେଷଣା, ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ବାର୍ଷିକ ଉପଦେଷ୍ଟା ମଣ୍ଡଳୀ ବୈଠକ

# କୃଷି ଓ କୃଷକଙ୍କ ସମସ୍ୟା ଉପରେ ଆଲୋଚନା

ଭବାନୀପାଟଣା,୨୮।୪ (ଡି.ଏନ.ଏ.)

ସ୍ଥାନୀୟ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ରର ବାର୍ଷିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ଚନ୍ଦ୍ରମଣୀ ଖଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଉପ କୃଷିନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମଲ୍ଲିକ, ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ଶୈଳେଶ ରଞ୍ଜନ ପଟ୍ଟନାୟକ, ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ. ସି. ସେଠୀ, ଡି.ଡି.ଏମ୍. ନାବାର୍ଡ୍ କଳାହାଣ୍ଡି ମଳୟ କୁମାର ମେହେର, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡା ଓ କଳାହାଣ୍ଡିର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଯଥାକ୍ରମେ ଡ. ସ୍ୱାଗତିକା ଶ୍ରୀଚନ୍ଦନ ଓ ଡ. ଅମିତାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ କଳାହାଣ୍ଡି ଓ ନୂଆପଡା ଜିଲାର କୃଷି ତଥା ଆନୁସାଙ୍ଗିକ ବିଭାଗର ବିଭିନ୍ନ ପଦାଧିକାରୀ, ବିଭିନ୍ନ ସ୍ୱୋଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ଅଗ୍ରଣୀ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିର୍ଦ୍ଦେଶକ ଡ. ଖଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସେ ଗବେଷଣା କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ୨୦୧୮-୨୦୧୯ ବର୍ଷରେ କୃଷି ଗବେଷଣାଲବ୍ଧ ଜ୍ଞାନକୌଶଳ ଉପରେ ଆଲୋଚନା କରିଥିଲେ। ପରେ ଆଞ୍ଚଳିକ କୃଷିଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ. ଅଂଶୁମାନ ନାୟକ, ଡ. ଭବାନୀଶଙ୍କର ନାୟକ, ଡ. ଗଣେଶ ପ୍ରଶାଦ, ଶୁଭଶ୍ରୀ ଦାସ, ବୈଜ୍ଞାନିକ ସୁଶାନ୍ତ କୁମାର ମହାନ୍ତି ଓ ବୈଜ୍ଞାନିକ ନିରଞ୍ଜନ ମାଣ୍ଡି ପ୍ରମୁଖ ଧାନ, ବାସ୍ନାଧାନ, ମକା, ମୁଗ, କପା, ଜଡା, ସୋୟାବିନ୍ ଓ ବିଲାତିବାଇଗଣ ଆଦି ଫସଲ ଉପରେ ହୋଇଥିବା ଗବେଷଣାର ଫଳାଫଳ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର କଳାହାଣ୍ଡି ଓ ନୂଆପଡାର ମୁଖ୍ୟ ଯଥାକ୍ରମେ ଡ. ପଣ୍ଡା ଓ ଡ. ଶ୍ରୀଚନ୍ଦନ କୃଷିବିଜ୍ଞାନ କେନ୍ଦ୍ରଗୁଡିକର ସମସ୍ତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଆଲୋଚକ୍ରରେ ଅଂଶଗ୍ରହଣ କରିଥିବା ଅଗ୍ରଣୀ ଚାଷୀ କୃଷ୍ଣଚନ୍ଦ୍ର ପ୍ରଧାନ, ଦିଲ୍ଲୀପ କୁମାର ସା, କୁନୀ ଭୋଇ, ଜମୁନା ବାଗଙ୍କୁ ଗବେଷଣା କେନ୍ଦ୍ର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ଅଧିକାରୀ ଓ ଅଗ୍ରଣୀ ଚାଷୀମାନେ କୃଷି ଓ କୃଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରି ସେସବୁର ସମାଧାନ ନିମନ୍ତେ ଆଗାମୀ ବର୍ଷର ଗବେଷଣା କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଗବେହଣ କେନ୍ଦ୍ର କନିଷ୍ଠ ବୈଜ୍ଞାନିକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# ଦୁଃସାହସିକ ଶିବିର ଉଦ୍‌ଘାଟିତ

ଭବାନୀପାଟଣା,୨୮।୪ (ଡି.ଏନ.ଏ.)

ସ୍ଥାନୀୟ ବିକାଶ ଆବାସିକ ବିଦ୍ୟାଳୟଠାରେ ଦୁଇଦିନିଆ ଦୁଃସାହସିକ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଅନୁଷ୍ଠାନିକ ଭାବେ ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍ ଭବାନୀପାଟଣା ମଣ୍ଡଳ ସଦସ୍ୟ ଡି.ଶ୍ୟାମ, ବିକାଶ ଗ୍ରୁପ ଅଫ୍ ଇଷ୍ଟିଚ୍ୟୁସନ୍ ଯକ୍ତ ୩ ର ନିର୍ଦ୍ଦେଶକ ଡି.ରାମକୁମାର,ବିକାଶ ଗ୍ରୁପ ଅଫ ଇଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶିକା ଡି.ବିଜୟା, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷ ରମେଶ ବାଡିପାଲି ଏବଂ ବିକାଶ ଗ୍ରୁପ ଅଫ ଇଷ୍ଟିଚ୍ୟୁସନ୍ ଯକ୍ତ ୨ ରଅଧକ୍ଷ ଯୁବରାଜ ନାୟକ ଉପସ୍ଥିତ ରହି ଏହି ଦୁଃସାହସିକ ଶିବିରକୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିପୁଳ ସଂଖ୍ୟାରେ ଜିପଲାଇନ ଟାୟାର ଟ୍ରମ୍ଭଲ, ମଙ୍କିଙ୍ଗ୍ ଓ ୱାଲକ୍, ସ୍କାଏ ୱାଲକ ଓ ବୋର୍ମାବ୍ରିଜ ଭଳି ବିଭାଗରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମହମ୍ମଦ ରିଆଜ ପ୍ରଶିକ୍ଷକ ଓ ସମ୍ବଲପୁର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।



ଜଣେ ଛାତ୍ର ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି ।

■ କେବିକେ ମୁଖ୍ୟ ପ୍ରଶାସକଙ୍କ ଜିଲା ପ୍ରଶାସନକୁ ନିର୍ଦ୍ଦେଶ

# ଇନ୍ଦ୍ରାବତୀ ଜଳବନ୍ଦୀ ୧୬ ଗ୍ରାମ ପାଇଁ ସ୍ୱତନ୍ତ୍ର ଯୋଜନା କର

ଭବାନୀପାଟଣା,୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ପାଇଁ ଜଳବନ୍ଦୀ ଭାବେ ରହିଥିବା ୧୬ଟି ଗ୍ରାମର ଜନସାଧାରଣଙ୍କ ପାଖରେ କିଭଳି ସରକାରୀ ଯୋଜନା ପହଞ୍ଚି ପାରିବ ସେଥିପ୍ରତି ସ୍ୱତନ୍ତ୍ର ଧାନ ଦେଇ ଜଳବନ୍ଦୀ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ତଥ୍ୟ ସର୍ଭେ କରି ଉପସ୍ଥାପନ କରିବା ପାଇଁ କେବିକେ ମୁଖ୍ୟ ପ୍ରଶାସକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଜିଲା ଯୋଗାଣ ଅଧିକାରୀ, ବନବିଭାଗ, ଶ୍ରମ ବିଭାଗ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ଏହି ଜଳବନ୍ଦୀ ଅଞ୍ଚଳର ଗ୍ରାମବାସୀଙ୍କ ଉନ୍ନତି ପାଇଁ କ'ଣ କରାଯାଇ ପାରିବ ସର୍ଭେ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଭାବେ ଥିବା ୧୬ଟି ଗ୍ରାମ ଲିଟିମିସ୍କା, ପୋଡାପଦର, କାରୁଆଡି, ଟେମରା, ତଳଟେମରା, ତଳଗୁଞ୍ଜିମାଲି, ଉପରଗୁଞ୍ଜିମାଲି, ସରପାସ, କଳାଟି, ଉପରପୋଙ୍ଗା, କେ.ଚେପଟାଘାଟ, ତେନ୍ତୁଳିପଦର, ଭିତରପଙ୍ଗା, ଝରିଗାଁ, ଘୁଟୁଖାଲରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସର୍ଭେ କରି ଏହି ଗ୍ରାମବାସୀଙ୍କ କ'ଣ ସବୁ ଅସୁବିଧା ରହିଛି ଏବଂ ସେମାନଙ୍କ ପାଇଁ କ'ଣ କରାଯାଇ ପାରିବ ତାହାର ରିପୋର୍ଟ ତୁରନ୍ତ ପ୍ରଦାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ରିପୋର୍ଟ ଆସିବା ପରେ ଏହି ଜଳବନ୍ଦୀ ୧୬ଟି ଗ୍ରାମ ପାଇଁ ଏକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ଆବଶ୍ୟକ ଅନୁଦାନ ପାଇଁ କେବିକେ ପ୍ରଶାସକଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ବହୁମୁଖି ପ୍ରକଳ୍ପ ଯୋଗୁ ଲକ୍ଷାଧିକ ହେକ୍ଟର ଜମିରେ ନିଶ୍ଚିତ ଜଳସେଚନ ସୁବିଧା ଉପଲବ୍ଧ ହେବା ଦ୍ୱାରା କଳାହାଣ୍ଡି ଗତ କିଛି ବର୍ଷ ହେଲା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାର ମାନ୍ୟତା ପାଇଛି। ତେବେ ବୃହତ୍ତର ସ୍ୱାର୍ଥ ପାଇଁ ନିଜର ଭିଟାମାଟି ଓ ଚାଷଜମି ଛାଡିଦେଇ ଥିବା ବିସ୍ଥାପିତ ଏବଂ ଜଳବନ୍ଦୀ ଅଞ୍ଚଳର ୧୬ଟି ଗ୍ରାମର ପ୍ରାୟ ୧୫ ହଜାର ଅଧିବାସୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ସରକାରୀସ୍ତରରେ ହୋଇନାହିଁ। ବିଳମ୍ବରେ ହେଲେ ମଧ କେବିକେ ମୁଖ୍ୟ ପ୍ରଶାସକ ଏ ଦିଗରେ ବିର୍ଦ୍ଦେଶ ଦେବା ଏବଂ ଏହାକୁ ନେଇ ଜିଲା ପ୍ରଶାସନ ଚଳଚଞ୍ଚଳ ହେବା ଘଟଣାକୁ ସାଧାରଣରେ ସ୍ୱାଗତ କରାଯାଇଛି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଏହି ସବୁ ଜଳବନ୍ଦୀ ୧୬ଟି ଗ୍ରାମ ସର୍ଭେ କରାଯାଇ ଠିକ୍ ଭାବରେ ସରକାରଙ୍କଠାରେ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ବୁଡି ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କେବିକେ ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କ ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏହା କେବଳ ସରକାରୀ ନିର୍ଦ୍ଦେଶ ନାମାରେ ସିମିତ ନ ରହି ଜିଲାପ୍ରଶାସନର ଅଧିକାରୀମାନେ ଜଳବନ୍ଦୀ ଅଞ୍ଚଳର ୧୬ଟି ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରି ସେଠାକର ବାସ୍ତବ ଚିତ୍ର ଓ ରିପୋର୍ଟ ପ୍ରଦାନ କଲେ ଏହି ଅଞ୍ଚଳର ବିକାଶ ପାଇଁ ସରକାରୀସ୍ତରରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରିବ। ଜିଲାପାଳ ଏ ଦିଗରେ ଯତ୍ନବାନ୍ ହୋଇ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରକୃତ ତଥ୍ୟ ଉପସ୍ଥାପନ ନିମନ୍ତେ ତାଗିଦ୍ କରିବାର ଆବଶ୍ୟକତା ରହିଛି। ଅଞ୍ଚଳର ପ୍ରକୃତ ତଥ୍ୟ ସର୍ଭେ ଦ୍ୱାରା ପ୍ରତିଫଳିତ ହେଲେ ଏହି ବୁଡି ଅଞ୍ଚଳବାସୀଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତିରେ ସହାୟକ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବିଦ୍ୟୁତ, ପାଣି ସମସ୍ୟା ସମାଧାନ ଲାଗି ନାଗରିକ କମିଟିର ଆଲୋଚନା

**ବଲାଙ୍ଗୀର ଅଫିସ, ୨୮।୪:** ପ୍ରଚଣ୍ଡ ଗ୍ରୀଷ୍ମରେ ଏବେ ବଲାଙ୍ଗୀର ସହରରେ ଅଘୋଷିତ ବିଦ୍ୟୁତ୍ କାଟ ଓ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଭଳି ସମୟରେ ଲୋକେ ହଇରାଣ ହରକତ ହେଉଛନ୍ତି। ପରିସ୍ଥିତିକୁ ଆଖି ଆଗରେ ରଖି ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟୁତ୍ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଆଲୋଚନା କରିଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ପାଢୀଯୋଷୀଙ୍କ ପ୍ରକୋଷ୍ଠରେ ହୋଇଥିବା ଏକ ଆଲୋଚନାରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡା, ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକ ଓ ସୋନପୁର ସହକାରୀ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ ଉପସ୍ଥିତ ଥିଲେ। ବଲାଙ୍ଗୀର ସହରକୁ ପାନୀୟ ଜଳଯୋଗାଣ ତଥା ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ନାଗରିକ କମିଟି ତରଫରୁ ଏହି ଦାବି ଉଠାଯାଇ ଏଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏହି ଆଲୋଚନାରେ ବିଦ୍ୟୁତ୍ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ ପ୍ରେସ ବିବୃତିରେ ଜଣାଇଛନ୍ତି। ଏହି ଆଲୋଚନାରେ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ବିଦ୍ୟୁତ ବିଭାଗ ଆବାହକ ସଲିମ ଖାନ, କୋଷାଧକ୍ଷ ବୃନ୍ଦାବନ ବରାଳ ଓ କାର୍ଯ୍ୟକାରୀ କମିଟି ସଭ୍ୟ ଜୟରାମ ମିଶ୍ର ଭାଗ ନେଇଥିଲେ।

### ସେଣ୍ଟଭେଲି ସ୍କୁଲରେ ମଧୁବାବୁ ଜୟନ୍ତୀ

**ବିନିକା, ୨୮।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସିରେ ଥିବା ସେଣ୍ଟଭେଲି ସ୍କୁଲରେ ରବିବାର ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ବାଲଗୋପାଳ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଜିଲା ଓଷ୍ଟା ସମ୍ପାଦକ ପ୍ରମୋଦ ପଣ୍ଡା। ମୁଖ୍ୟ ଅତିଥି ବିନିକା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଏବଂ ମୁଖ୍ୟବକ୍ତା ଭାବେ ଧିରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅତିଥିମାନେ ମଧୁବାବୁଙ୍କ ଓଡିଆ ଭାଷା ପ୍ରତି ଥିବା ଅନୁରାଗ ଓ ସମାଜ ସଂସ୍କାର ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାର୍ଥୀମାନେ ମଧୁବାବୁଙ୍କ ଜୀବନୀ ବିଷୟରେ ଅଧ୍ୟୟନ କରି ଅନୁସରଣ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ।

### ଅଭିଯୋଗ ପରେ ଯୌତୁକ ସାମଗ୍ରୀ ଜବତ କଲା ପୋଲିସ

**ବିନିକା, ୨୮।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ଜଣେ ମହିଳାଙ୍କ ଅଭିଯୋଗକ୍ରମେ ତାଙ୍କ ସ୍ୱାମୀଙ୍କ ଘରୁ ଯୌତୁକ ସାମଗ୍ରୀ ଉଦ୍ଧାର କରିଛି। ବିନିକା ଥାନା ଆଇଆଇସି ରାଜେନ୍ଦ୍ର ସାମରିଆ, ଏସ୍ଆଇ କେ.ଏମ୍.ସେଠୀ ପୋଲିସ୍ ଫୋର୍ସ ସହ ଏହି ଚଢାଉ କରାଯାଇଥିଲା। ସୂଚନା ମତେ, ବିନିକା ବ୍ଲକ୍ ମହାଦେବପାଲିରେ ମୋହିନୀ ତାଣ୍ଡି ଅଢେଇ ବର୍ଷ ତଳେ ଅସୁରଗଡ ଗ୍ରାମର ଯୁଧିଷ୍ଠିର ହରିପାଲଙ୍କ ଦ୍ୱିତୀୟ ପୁତ୍ର ଜଗଦୀଶ(୨୫)ଙ୍କୁ ବିବାହ କରିଥିଲେ। ବିବାହର ଏକବର୍ଷ ପରେ ସେମାନଙ୍କର ଏକ ପୁଅ ଜନ୍ମ ହୋଇଥିଲା। ମାତ୍ର କୌଣସି କାରଣକୁ ନେଇ ଉଭୟଙ୍କ ମଧରେ ବିବାଦ ଦେଖାଦେଇଥିଲା। ଏହାପରଠାରୁ ମୋହିନୀ ତାଙ୍କ ବାପା ବିପିନ ତାଣ୍ଡି ରହୁଥିବା ରାଉରକେଲା ବନ୍ଦମୁଣ୍ଡାକୁ ପୁଅ ସହିତ ଚାଲି ଯାଇ ସେଠାରେ ରହିଥିଲେ। ବର୍ତ୍ତମାନ ଅଢେଇ ବର୍ଷର ପୁଅକୁ ଧରି ମୋହିନୀ ସେଠାରେ ରହୁଛନ୍ତି। ଏଣୁ ବିବାହ ବେଳେ ଆଣିଥିବା ଯୌତୁକ ସାମଗ୍ରୀ ଆଉ ଶଶୁର ଘରେ ରହିବାର ଆବଶ୍ୟକତା ନାହିଁ ବୋଲି ଉଲ୍ଲେଖ କରି ଶନିବାର ସେ ବିନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିନିକା ଥାନାରେ ଏକ ମାମଲା ରୁଜୁ କରିଛି।

### କଇଁତଲା ରାମଲୀଳା: ଇନ୍ଦ୍ରଜିତ ବଧ

**ବିନିକା, ୨୮।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା କଇଁତରା ରଘୁନାଥ ମନ୍ଦିରରେ ଚାଲିଥିବା ରାମଲୀଳାର ତ୍ରୟୋଦଶ ସନ୍ଧ୍ୟାରେ ରବିବାର ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଛି। ତରଣୀସେନ ବଧ ପରେ ରାବଣ ଚିନ୍ତିତ ହୋଇ ପଡିଛନ୍ତି। ରାମ-ଲକ୍ଷ୍ମଣ ବେନି ଭାଇଙ୍କୁ ମାରିବା ପାଇଁ ନିଜ ପୁଅ ଇନ୍ଦ୍ରଜିତକୁ ଯୁଦ୍ଧ କରିବାକୁ ପଠାଇଛନ୍ତି। ଇନ୍ଦ୍ରଜିତଙ୍କ ସହ ପ୍ରଭୁ ରାମ ଓ ଲକ୍ଷ୍ମଣଙ୍କର ସମର ହୋଇଥିଲା। ଶେଷରେ ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତ ବଧ ହୋଇଥିଲେ।

ମଧୁବାବୁ ଜୟନ୍ତୀ ଓ ଅଧିବକ୍ତା ଦିବସ

# ‘ନିଷ୍ଠା, ପରାକାଷ୍ଠାର ଅନ୍ୟ ନାମ ମଧୁ ବାରିଷ୍ଟର’

**ବଲାଙ୍ଗୀର ଅଫିସ, ୨୮।୪**

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆଧୁନିକ ରୂପକାର ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ତାଙ୍କ ନିଷ୍ଠା ଓ ପରାକାଷ୍ଠାର ତୁଳନା କରିହେବ ନାହିଁ। ଓଡ଼ିଆ ଜାତି, ସଂସ୍କୃତିକୁ ଭଲ ପାଇବା ଏବଂ ଓଡ଼ିଆଙ୍କ ବିଶ୍ୱସ୍ତରୀୟ ପରିଚୟ ପାଇଁ ଆପ୍ରାଣ ଉଦ୍ୟମ କରି ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରିବାର ମହାମାନ୍ୟ ବ୍ୟକ୍ତି ହେଉଛନ୍ତି ମଧୁସୂଦନ ଦାସ। ତାଙ୍କ ଭଳି ଜଣେ ମହାନ ଓଡ଼ିଆଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ହେଲେ ଓଡ଼ିଆ ଜାତିକୁ ସମ୍ମାନ ଦେବାକୁ ହେବ ବୋଲି ଅତିଥିମାନେ ମଧୁବାବୁ ଜୟନ୍ତୀରେ କହିଛନ୍ତି।

ବଲାଙ୍ଗୀର ସିଭିଲ କୋର୍ଟ ପରିସରସ୍ଥ ବାର୍ ହଲଠାରେ ଜିଲା ଓକିଲ ସଂଘ ଓ ମଧୁସୂଦନ ଦାସ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଅଧିବକ୍ତା ଦିବସ ପାଳନ କରାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ପରିବାର ଅଦାଲତ ଜଜ୍ ଲଲାଟେନ୍ଦୁ ଜେନା, ମଧୁସୂଦନ ଦାସ ସ୍ମୃତିକମିଟି ଅଧ୍ୟକ୍ଷ ଆଡଭୋକେଟ ନିରଞ୍ଜନ ଗୁରୁ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଡଭେକେଟ ପ୍ରହ୍ଲାଦ ଅଗ୍ରୱାଲ, ଭବାନୀ ଶଙ୍କର ଶତପଥୀ, ଜୟକୃଷ୍ଣ ସାହୁ, ଶୁଭ୍ରାଂଶୁ ଶେଖର ପଣ୍ଡା ବକ୍ତବ୍ୟ ରଖି ମଧୁବାବୁଙ୍କ ଜୀବନୀ ଓ ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ଆଇନ୍ ପରମ୍ପରାକୁ ମଧୁବାବୁ ହିଁ ବିଶ୍ୱସ୍ତରରେ ସ୍ୱୀକୃତ କରିଥିଲେ ବୋଲି ଆଡଭୋକେଟ ଅଗ୍ରୱାଲ କହିଥିଲେ। ଆଡଭୋକେଟ୍ ଶତପଥୀ ତୁରନ୍ତ ବଲାଙ୍ଗୀରରେ ଏକ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଅନ୍ୟତମ ବକ୍ତା ସାହୁ ମଧୁବାବୁ ଓଡ଼ିଆ ଜାତିର ସମ୍ମାନ ଦିଗରେ କେତେ ଯତ୍ନଶୀଳ ଓ ସଚେତନ ଥିଲେ କହି ବିଭିନ୍ନ ମକଦ୍ଦମା ସମ୍ପର୍କରେ ଉଲ୍ଲେଖ କରିଥିଲେ। ମଧୁବାବୁଙ୍କ ସ୍ୱାଭିମାନ ସମ୍ପର୍କରେ ବକ୍ତା ପଣ୍ଡା କହିଥିଲେ। ମୁଖ୍ୟବକ୍ତା ପରିବାର ଅଦାଲତ ଜଜ୍ ଜେନା ମଧୁବାବୁଙ୍କ ଜୀବନୀର ବିସ୍ତୃତ ଆଲୋଚନା କରି ପାଟଣା ହାଇକୋର୍ଟରେ ମହିଳାମାନଙ୍କ ଅଧିକାରର ଲଢ଼େଇରେ କିଭଳି ସକ୍ରିୟ ଅଂଶଗ୍ରହଣ କରି ପରାଧୀନ ଭାରତବର୍ଷରେ ସମସ୍ତ ସଚେତନ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସେନେଇ କହିଥିଲେ। ମୁଖ୍ୟଅତିଥି ଜିଲା ଦୌରାଜଜ୍ ମହାପାତ୍ର ବର୍ତ୍ତମାନର ଷ୍ଟାର୍ଟ ଅପ୍ ଓଡ଼ିଆ, ମେକ୍ ଇନ୍ ଇଣ୍ଡିଆ କଥା ଉଲ୍ଲେଖ କରି ମଧୁବାବୁଙ୍କୁ ଏହାର ପ୍ରଥ ପ୍ରଦର୍ଶକ କହି ଉତ୍କଳ ଟେନେରୀ କଥା ମନେ ପକାଇଥିଲେ। ସଭାରେ ବରିଷ୍ଠ ଦେୱାନୀ ଜଜ୍ ପ୍ରଭାକର ଗଣ୍ଡିଆ, ସୁମିତା ଜେନା, ସ୍ଥାୟୀ ଲୋକ ଅଦାଲତ ଚେୟାରମେନ୍ ଧୀରେନ୍ ପଟ୍ଟନାୟକ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଶାପୂର୍ଣ୍ଣା ମହାପାତ୍ର, ରେଜିଷ୍ଟ୍ରାର ସନ୍ତୋଷ କୁମାର ଦାସ, ଆଡିଶନାଲ ସିଭିଲ ଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ୍ ସସ୍ମିତା ନାୟକ, ଜେଏମ୍ଏଫ୍‌ସି ଦିଲୀପ ବାରିକ, ଜଜ୍ ରମେଶଚନ୍ଦ୍ର ରାୟଗୁରୁ, ତ୍ରିଜୀବ ନନ୍ଦ, ବରିଷ୍ଠ ଆଡଭୋକେଟ୍ ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳ ପାଣିଗ୍ରାହୀ, ଶ୍ରୀକାନ୍ତ ପଟ୍ଟନାୟକ, ଅମରେନ୍ଦ୍ର ମିଶ୍ର, ଅରବିନ୍ଦାକ୍ଷ ପୂଜାରୀ, ସନ୍ତୋଷ କୁମାର ପାଢ଼ୀ, ଦେବେନ୍ଦ୍ର ପାଣିଗ୍ରାହୀ, ସରୋଜ ଗୁପ୍ତା, ଉମାଶଙ୍କର ସାହୁ, ରବି ବହିଦାର, ରାଘବ ପୁରୋହିତ, ବାସୁଦେବ ରଥ, ସଂଗ୍ରାମ ବହିଦାର, ସୁରେଶ ପାଠୀ, ଅଶୋକ ରାଉତ୍, ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।






ଉପସ୍ଥିତ ଆଡଭୋକେଟ୍ ଏବଂ ସହରର ବୁଦ୍ଧିଜୀବୀ (ବାମ)। ବଲାଙ୍ଗୀର ସିଭିଲ କୋର୍ଟ ପରିସରସ୍ଥ ବାର ହଲ ଠାରେ ଅନୁଷ୍ଠିତ ମଧୁବାବୁ ଜୟନ୍ତୀ ଓ ଅଧିବକ୍ତା ଦିବସରେ ମଞ୍ଚାସୀନ ଅତିଥି।



### ତୁଷୁରାରେ ମଧୁବାବୁ ଜୟନ୍ତୀ

**ଗୁଡ଼ଭେଲା, ୨୮।୪(ଡି.ଏନ୍.ଏ.)**

ତୁଷୁରା ବାରଆସୋସିଏଶନ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିଷରରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ମଧୁବାବୁଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବକ୍ତାମାନେ ମଧୁବାବୁଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ମତ ପ୍ରକାଶ କରିଥିଲେ। ସଭାପତି ଆର୍ତ୍ତତ୍ରାଣ ପୁରୋହିତଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡି ଯୁବା ମଞ୍ଚର ସଭାପତି ମନୋଜ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ବୈରାଗୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସୁମିତ ମିଶ୍ର, ପ୍ରଦୀପ ମହାପାତ୍ର, ଗୁରୁଦେବ ଷଡଙ୍ଗୀ, ଦିବ୍ୟସିଂ ଦେବ ମେହେର, ବୈଷ୍ଣବ ସାହୁଙ୍କ ସହ ବହୁ ଆଇନଜୀବୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସଇଁତଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

**ସଇଁତଲା, ୨୮।୪(ଡି.ଏନ୍.ଏ.)**

ସଇଁତଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ କୋର୍ଟ ପରିସର ବାରହଲ୍‌ରେ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଦାମୋଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ହିଜକ୍ଷ ତାଣ୍ଡି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ଓକିଲ ସଂଘର ସଦସ୍ୟମାନେ ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ବେହେରା ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କରିଥିଲେ। ମନୋରଞ୍ଜନ ପୃଷ୍ଟେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବେହେରା ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗରିବଙ୍କ ପାଇଁ ସେ କିଭଳି ଭାବେ ସମର୍ପିତ ଥିଲେ, ଠିକ୍ ସେହିପରି ଭାବରେ କାର୍ଯ୍ୟକଲେ ଆଇନଜୀବୀମାନେ ଲୋକଙ୍କ ଆସ୍ଥା ଭାଜନ ହେବା ସହ ଆଇନଜୀବୀଙ୍କ ଉପରେ ଅଧିକ ବିଶ୍ୱାସ କରିବେ ବୋଲି ମତ ବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ମଧୁବାବୁଙ୍କ ସ୍ୱାଭିମାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ହିମାଂଶୁ ଶେଖର ଦାସ, ସହସମ୍ପାଦକ ପ୍ରଦୀପ ମାଝି, କୋଷାଧକ୍ଷ ଆନନ୍ଦ କୁମାର ସାହୁ, ଆଇନଜୀବୀ ଦେବରାଜ ପଣ୍ଡା, ସୁବୋଧ ମିଶ୍ର, ସତ୍ୟନାରାୟଣ ସାହୁ, ଫିରୋଜ ବଗର୍ତ୍ତୀ, ମାନଭଞ୍ଜନ ପାଣିଗ୍ରାହୀ, ଗୌର ରାଜପାଲିଆ, ମନୋଜ ପୃଷ୍ଟେଠ, ଯୁବରାଜ ରଣା, ଗୁନୁ ରାଜପାଲିଆ, ମାନସ ରଞ୍ଜନ ପୃଷ୍ଟେଠ, ରାମଗୋପାଳ ନାୟକଙ୍କ ସହ ସଇଁତଲା ଓକିଲ ସଂଘ ସଦସ୍ୟ ଉପସ୍ଥିତ ଥିଲେ।



ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଉଛି।

### ତୁଷୁରା ରାମଲୀଳା: ହନୁମାନ ଲଙ୍କେଶ୍ୱରୀଙ୍କ ଭେଟ ମଞ୍ଚସ୍ଥ

**ଗୁଡ଼ଭେଲା, ୨୮।୪(ଡି.ଏନ୍.ଏ.)**

ତୁଷୁରା ଜଗନ୍ନାଥ ମନ୍ଦିର ପରିସରରେ ରାମନବମୀରୁ ଆରମ୍ଭ ହେଇଥିବା ରାମଲୀଳା ନାଟକ ଶନିବାର ଥିଲା ୧୪ ଦିନ। ଏହି ଅବସରରେ ମା’ ସୀତାଙ୍କୁ ଖୋଜିବା ପାଇଁ ହନୁମାନ ସମୁଦ୍ର ପାରି ହେବା ବେଳେ ବାଟରେ ରାହୁମାତା ଏବଂ ନାଗମାତାଙ୍କ ସହ ଭେଟ ହୋଇଥିଲା। ପରେ ହନୁମାନ ଲଙ୍କା ଅଭିମୁଖେ ବାହାରିଥିଲେ। ହନୁମାନ ଲଙ୍କାରେ ପହଞ୍ଚିବା ପରେ ଅଧିଷ୍ଠାତ୍ରୀ ଦେବୀ ଲଙ୍କେଶ୍ୱରୀ ତାଙ୍କୁ ଲାଙ୍କାରେ ପ୍ରବେଶ କରିବାକୁ ବାରଣ କରିଥିଲେ। ଏନେଇ ଦୁହିଁଙ୍କ ମଧରେ ଯୁଦ୍ଧ ହୋଇଥିଲା। କଳାକାରଙ୍କ ଏହି ନିଖଣ କାଳ ପ୍ରଦର୍ଶନ ଦର୍ଶକଙ୍କୁ ବାନ୍ଧିରଖିଥିଲା। ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହାର ମଜା ଉଠାଇଥିଲେ। ରାମ ଭୂମିକାରେ ମାନସ ସାହୁ ଅଭିନୟ କରିଥିବା ବେଳେ ଲକ୍ଷ୍ମଣ-ସଞ୍ଜୟ ସାହୁ, ସୀତା-ଲକ୍ଷ୍ମୀନାରାୟଣ ଦାସ, ହନୁମାନ-ଜଗନ୍ନାଥ ଦାସ, ଲଙ୍କେଶ୍ୱରୀ-ଶ୍ରୀକାନ୍ତ ବାଗ, ରାହୁମାତା-ଭିକାରୀ ଚରଣ ସାହୁ, ନାଗମାତା-ବିକାଶ ବେହେରା ଅଭିନୟ କରିଥିଲେ। ସୁଧାକର ପ୍ରଧାନ ପୂରାଣ ପାଠ କରିଥିଲେ। ରାହସ ପ୍ରଧାନ, ଶୁଭ୍ରାଂଶୁ ପ୍ରଧାନ, ରାଜେଶ ସରାଫ, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଟିଟିଲାଗଡ଼ରେ ଓକିଲ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଟିଟିଲାଗଡ଼ରେ ଓକିଲ ଦିବସ

**ଟିଟିଲାଗଡ଼, ୨୮।୪(ଡି.ଏନ୍.ଏ.)**

ବାରିଷ୍ଟର ମଧୁ ସୂଧନ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ଟିଟିଲାଗଡ଼ ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ବାରହଲ୍ ପରିସରରେ ଓକିଲ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ ଆର୍.କେ. ନାୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁ ଜଣେ ସମ୍ପୂର୍ଣ୍ଣ ଆଇନଜ୍ଞ ଭାବେ ଦେଶ ତଥା ରାଜ୍ୟରେ ସୁନାମ ଆଣିଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଦେବତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସମସ୍ୟା ନେଇ ଆଇଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇବା ସ୍ୱାଗତ ଯୋଗ୍ୟ, ତେବେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ନିଷ୍ପତି କେତେଦୂର ଯୁକ୍ତିଯୁକ୍ତ ସେ ନେଇ ତର୍ଜମା କରିବା ଆବଶ୍ୟକ ବୋଲି କହିଥିଲେ। ବାର ସଭାପତି ସାହୁ କାର୍ଯ୍ୟ ବନ୍ଦର ବିକଳ୍ପ ଅନ୍ୱେଷଣ ପ୍ରସ୍ତାବରେ ଯଥାର୍ଥତା ରହିଥିବା କହିଥିଲେ। ଏହି ଅବସରରେ ସବ୍‌ଜଜ ବିଷ୍ଣୁଦେବ ଜେନା, ଏସ୍‌ଡିଜେଏମ୍ ସୁଚିତ୍ରା ପରମଗୁରୁ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, ମୋହନଲାଲ ଜୈନ, କିଶୋର ଚନ୍ଦ୍ର ପଣ୍ଡା, ଏଲ୍. ମେହେଟ୍ଟୋ, କାଳୀପ୍ରସାଦ ମୁଖାର୍ଜୀ, ଉପସଭାପତି ଜୟରାଜ ସାହୁ, ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ପୋଢ, ସୁଧୀର ମିଶ୍ର, ବୀର କିଶୋର କର୍ଣ୍ଣ, ଦେବେନ୍ଦ୍ର ମିଶ୍ର, ଆଲୋକ ନାୟକ, ମନୋଜ ହାତୀ, କିଶୋର ମହାପାତ୍ର, କମଳାକାନ୍ତ ପୁରୋହିତ, ରାଜେଶ ବାବୁ, ବିକାଶ ଭୋଇ, ସନ୍ତୋଷ ପ୍ରଧାନ, ପଥ୍ୱୀରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମଧୁବାବୁଙ୍କ ଜୟନ୍ତୀ ଅବସରରେ ସ୍କୁଲସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଯୁଗ୍ମ ଭାବେ ପ୍ରଥମ ରୋହନ ବେହେରା, ପ୍ରିୟଙ୍କା ବିଭାର, ଦ୍ୱିତୀୟ ଶ୍ୱେତାଲିନା ଷଡଙ୍ଗୀ, ଯୁଗ୍ମ ଭାବେ ତୃତୀୟ ଶ୍ରାବଣୀ ପଣ୍ଡା ଏବଂ ଆକାଂକ୍ଷା ନାୟକଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଆଇନଜୀବୀ ରଘୁନାଥ ରଥ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର ସମ୍ପାଦକ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଶୋକଙ୍କୁ ଉଧାର କଲା ସ୍ୱାସ୍ଥ୍ୟ ବିଭାଗ

**ଲାଠୋର, ୨୮।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଁଚେତ୍‌ର ସାନଗୁର୍ଜିଭଟା ଗାଁର ପାଲିପଡ଼ାର ଅଶୋକ ବର୍ଗେ(୩୦)। ଗଲା ୫ ବଛର ହେଲା ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଥିଲେ। ସେ ଟଁକା ପଏସା ଅଭାବୁ ଚିକିତ୍ସା ନାଇଁ ହେଇପାରି ଘରେ ପଡ଼ିରହିଥିଲେ।

ସୂଚନା ହିସାବେ ମାଏକିନା ଅଞ୍ଜନା ଆର ପୁଓ ଯୁଗେଶ୍ୱରକୁଁ ନେଇ ଅଶୋକର୍କର ପରିବାର। ବାପାର ନାଁରେ ଥିବାର ଦୁଇ ଏକର ଜମିରେ ଦୁଇ ଭାଇ ଚାଷବାସ ସଂଗେ କୁଲି ମଜୁରି କରି ପରିବାର ଚଲଉଥିଲେ। ହେଲେ ଆଏଜ୍‌କେ ୫ ବଛର ତଲେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ଲେ ଅଶୋକ। ଗୁଟାମୁଟା ଶରୀର ଦରଦ୍ ହେବାର ଲାଗି ସେ ଆର ଚାଲିବୁଲି ନାଇଁପାରଲେ। ପରିବାର ଲୋକ୍ ଯାହା ସଁଚିଥିଲେ ତାକର ଚିକିତ୍ସାରେ ଖରଚ୍ କରି ନିରାଶ ହେଲେ। ଶେଷେ ପରିବାର ଲୋକ୍ ଉପେ ଶୁଣନ୍ ହେଇ ଥାନୀୟ ଧରିତ୍ରୀ ପରତିନିଧିକୁଁ ଭେଟି ଦୁଖ୍ ବଖାନିଥିଲେ। ଥାନୀୟ ଧରିତ୍ରୀ ପରତିନିଧି ଜିଲା ଚିକିତ୍ସା ଅଧିକାରୀକୁଁ ଯୋଗାଯୋଗ କରି ଘଟନା ବାବ୍‌ଦେ କହିଥିଲେ। ଗଲା ୨୮.୪.୨୦୧୯, ରଏବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଚିକିତ୍ସା ଲାଗି ଟଁକା ବାଧକ୍, ଅଜନା ରୋଗ୍‌ରେ ପୀଡ଼ିତ ଅଶୋକ’ ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ସଂଗେ ସଂଗେ ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଡା.ସଞ୍ଜୁକ୍ତା ସାହୁ ଗୁଟେ ଡାକ୍ତରି ଦଲ୍ ରୁଗୀକଁର ଘରକେ ପଠେଇଥିଲେ। ଡାକ୍ତରି ଦଲ୍ ଦୁଇପହରର ୩ ବଜେ ରୁଗୀକଁର ଘରେ ପୁହୁଁଚି ୱାର୍ଡମେମ୍ବର ଗୌରୀ ଛତ୍ରିଆ ଆର ସୁଶାନ୍ତି ନାଗକର ଉପସ୍ଥିତିରେ ଚିକିତ୍ସା ଲାଗି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ନେଇଥିଲେ। ରୁଗୀ ଅଶୋକ ବର୍ଗେକଁର ସଂଗେ ତାକର ଭାଇ ଆନନ୍ଦ ଆର ପଡ଼ିଶା ଘରର ଜାମଧର ଯାଇଥିବାର ଜନାଯାଇଛେ। ଇ ସାହାଯ୍ ଲାଗି ରୁଗୀକଁର ପରିବାର ଲୋକ୍ ଧରିତ୍ରୀ ଖବର କାଗଜକେ ଧଏନ୍‌ବାଦ ଦେଇଛନ୍।

**ଧରିତ୍ରୀ ପ୍ରଭାବ**

ପୁଡ଼ିଗଲା ଘର

## ଭଗବାନ ଭରସାରେ ଦିବ୍ୟାଙ୍ଗ ମା’ପୁଓ

**ପାଟଣାଗଡ଼, ୨୮।୪(ଡି.ଏନ.ଏ.)**

ପାଟଣଗଡ଼ ବ୍ଲକ ଅଧୀନ ଯୋଗୀମୁଣ୍ଡା ପଁଚେତ୍ ନେହେନାବନ୍ଧ ଗାଁର ଦିବ୍ୟାଙ୍ଗ ହେମ ପରାଭୁଏକଁର ଘର ଗଲା ରଏବାର ନିଆଁ ଲାଗି ପୁଡ଼ିଯାଇଛେ। ସେଥି ତାକର ସବୁ ଜିନିଷପାତି ପୁଡ଼ି ଖାର ହେଇଯାଇଥିବାର ଜନାପଡ଼ିଛେ।

ସୂଚନା ହିସାବେ ହେମ ସଖାଲୁ ପାନି ଆନବାକେ ଯାଇଥିଲେ। ସେ ପାନି ଧରି ଘରକେ ଫିରଲା ବେଲେ ଘରେ ନିଆଁ ଲାଗିଥିବାର ଦେଖି ପାଖିପଡ଼ିଶା ଲୁକ୍‌କୁ ଡାକ୍ ପକେଇଥିଲେ। ପଡ଼ିଶା ଲୋକ୍‌ମାନେ ଘଟନା ଥଲରେ ପୁହୁଁଚି ହେମର ଦିବ୍ୟାଙ୍ଗ ପୁଓ ଚଉବନ ପରାଭୁଏକୁଁ ଘରୁ ଉଧାର କରିଥିଲେ। ହେଲେ ନିଆଁରେ ଘରର ସବୁ ଜିନିଷପାତି, ନଗଦ ୩ ହଜାର ଟଁକା, ଆଧାର କାର୍ଡ, ଭୋଟର କାର୍ଡ, ରାଶନ କାର୍ଡ ପୁଡ଼ି ଖାର ହେଇଯାଇଛେ। ହେମର ଘର ପୁଡ଼ବାର ଦେଖି ଥାନୀୟ ଲୋକ ୧୦୧ ନମ୍ବରରେ ଦମକଲ କେନ୍ଦ୍ରକେ ଫୋନ କରିଥିଲେ, ହେଲେ କେହେନ୍‌ସି କାରନ୍‌ରୁ ଫୋନ୍ ନାଇଁ ଲାଗ୍‌ଲା। ହେମ ପରାଭୁଏ ଝନେ ମାନସିକ୍ ଭିନ୍ନକ୍ଷମ ହେଇଥିଲାବେଲେ ତାକର ପୁଓ ଚଉବନ ବି ମାନସିକ୍ ଭିନ୍ନକ୍ଷମ ଆଏ। ଅଭାବ ଅନାଟନ ଲାଗି ଆଏଜ୍‌କେ ୬ ମାସ ହେଲା ତାକର ଆପ୍‌ନେ ବିଶ୍ୱାମିତ୍ର ପରାଭୁଏ ହାଇଦ୍ରାବାଦକେ ଦାଦନ ଖଟିଯାଇଛନ୍। ଏନ୍‌ତାଥି ହେମ ଗାଁରେ ଭିଖ୍‌ମାଗି, ପାଖିପଡ଼ିଶାକର ଘରର କାମବୁତା କରି ପୁଓକେ ନେଇ ବଡ଼ା ଦୁଖେ ଜୀବନ୍ ବିତଉଛନ୍। ଏହେଦେ ଘରଟା ବି ପୁଡ଼ିଯିବାର ଲାଗି ମା’ପୁଓ ନିଆଁସି ହେଇଯାଇଛନ୍। ହେମର ପାସେ ଖାଲି ବିପିଏଲ୍ କାର୍ଡ ଖଁଡ଼େ ଥିଲା, ହେଲେ ସେଟା ବି ନିଆଁରେ ପୁଡ଼ିଯାଇଛେ। ବିପିଏଲ୍ କାର୍ଡ ଛଡ଼ା ସେ ଉନିଆଁ କିଛି ସରକାରୀ ସୁବିଧା ସୁଯୋଗ ନାଇଁ ପାଉଥିବାର ଜନାଯାଇଛେ। ନେହେନାବନ୍ଧ ଗାଁବାସୀ ଦିବ୍ୟାଙ୍ଗ ମା’ପୁଓକେ ଯେତେ ଜଲଦି ହେବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକାଘର ଖଁଡ଼େ ଯୁଗେଇ ଦେବାକେ ଦାବି କରିଛନ୍।



ପୁଡ଼ି ଯାଇଥିବାର ନିଜର ଘରଆଘେ ଦିବ୍ୟାଙ୍ଗ ମା’ପୁଓ।

**ପାଟଣାଗଡ଼ ବ୍ଲକ**

- ମା’ପୁଓ ଦୁହେ ମାନସିକ୍ ଭିନ୍ନକ୍ଷମ
- ଆପ୍‌ନେ ୬ ମାସ ହେଲା ଦାଦନ ଖଟି ଯାଇଛନ୍
- ନଗଦ୍ ୩ ହଜାର, ଜିନିଷପାତି ସବୁ ପୁଡ଼ିଯାଇଛେ
- ବିପିଏଲ୍ କାର୍ଡ ଛାଡ଼ି, ସବୁ ସରକାରୀ ସୁବିଧାରୁ ବଁଚିତ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ଏପ୍ରିଲ, ୨୦୧୯



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



# ପିଆଜ ଚାଷୀ ଅଭାବୀ ବିକ୍ରିର ଶିକାର

## ■ କମ୍ ଦରରେ କିଣି ବ୍ୟବସାୟୀ ମାଲାମାଲ

ସଞ୍ଜୀବ କୁମାର ଯୋଷୀ
ଭବାନୀପାଟଣା,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଅଭାବ ବିକ୍ରି ଚାଷୀଙ୍କ ପିଛା ଛାଡୁନାହିଁ । ଧାନ, ମକା, କପା ପରେ ଏବେ ପିଆଜ ଚାଷୀଙ୍କ ପାଳି ପଡିଛି । ପିଆଜ ଦର ଅନେକ ସମୟରେ ଗ୍ରାହକଙ୍କୁ କନ୍ଦାଉ ଥିବା ବେଳେ ଏବେ ଅଭାବୀ ବିକ୍ରି ଚାଷୀଙ୍କୁ କନ୍ଦାଉଛି । ପିଆଜକୁ କମ୍ ଦରରେ କିଣି ବ୍ୟବସାୟୀମାନେ ମାଲମାଲ ହେଉଥିବା ବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି। କଳାହାଣ୍ଡି ଜିଲାରେ ଧାନ ଚାଷ ମୁଖ୍ୟ ଫସଲ ହୋଇଥିବା ବେଳେ କପା ଓ ମକା ଚାଷ ସହିତ ପିଆଜ ଚାଷ କରି କିଛି ଅର୍ଥ ଉପାର୍ଜନ କରିଥାନ୍ତି। ଜିଲାରେ ଗତ କିଛି ବର୍ଷ ହେବ ପିଆଜ ଚାଷକୁ ଚାଷୀମାନେ ଅର୍ଥକାରୀ ଫସଲ ଭାବେ ଚାଷୀ ଆପଣାଇଛନ୍ତି। ଜିଲା ଓ ରାଜ୍ୟ ବାହାର ବ୍ୟବସାୟୀ ଓ ତାଙ୍କ ଦ୍ୱାରା ନିଯୁକ୍ତ ଦଲାଲମାନେ ମାଲମାଲ ହେଉଥିବା ବେଳେ ଚାଷୀ ମୁଣ୍ଡ ଝାଳ ତୁଣ୍ଡରେ ମାରି ଓ ଋଣ ଗ୍ରସ୍ତ ହୋଇ ଚାଷ କରି ମଧ୍ୟ ଭୋକରେ ରହିବାକୁ ପଡୁଛି । ଏହି ଅଭାବି ବିକ୍ରି ରୋକିବା ପାଇଁ ନାଁ ସରକାର ବ୍ୟବସ୍ଥା କରୁଛନ୍ତି ନାଁ ଲୋକ ପ୍ରତିନିଧି, ନାଁ ପ୍ରଶାସନ । ପିଆଜ ବିକ୍ରି କିମ୍ବା ସଂଗ୍ରହ କରି ରଖିବା ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ କୌଣସି ବ୍ୟବସ୍ଥା ନାହିଁ । ଫଳରେ ଚାଷୀ ବାଧ ହୋଇ ଅନ୍ୟ ଉପାୟ ନ ପାଇ ଦଲାଲ ଓ ବାହାର ବ୍ୟବସାୟୀମାନଙ୍କୁ କମ ଦାମରେ ବିକ୍ରି କରୁଛନ୍ତି । ସଂରକ୍ଷଣ ସୁବିଧା ପାଇଁ ଉଦ୍ୟାନ ବିଭାଗ ତରଫରୁ ୩୦୪ ପିଆଜ ସଂରକ୍ଷଣ ଗୃହ ନିର୍ମାଣ ପାଇଁ ପ୍ରୋତ୍ସାହନ କରାଯାଇଥିଲା । କିନ୍ତୁ ବହୁ ସ୍ଥାନରେ ପିଆଜ ଘର ଠିକ୍ ଭାବେ ନିର୍ମାଣ କରାଯାଇ ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ଅମଳ କରିବା ପରେ ତୁରନ୍ତ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏପରି ପିଆଜର ଅଭାବି ବିକ୍ରି ଚାଲୁ ରହେ ବାଧ ହୋଇ ପିଆଜ ଚାଷୀ ଅତ୍ମହତ୍ୟା କରିବା ଛଡା ଅନ୍ୟ ଉପାୟ ନାହିଁ।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତବର୍ଷ ଭବାନୀପାଟଣା ଉପଖଣ୍ଡର ଭବାନୀପାଟଣା ବ୍ଲକରେ ୭୦୫ ହେକ୍ଟର ପିଆଜ ଚାଷ ହୋଇଛି। ସେହିପରି କେସିଙ୍ଗା ବ୍ଲକରେ ୬୭୦ ହେକ୍ଟର, ଥୁ.ରାମପୁର ବ୍ଲକରେ ୨୨୦, ନର୍ଲା ବ୍ଲକରେ ୫୬, ମ. ରାମପୁର ବ୍ଲକରେ ୧୦୨, କର୍ଲାମୁଣ୍ଡା ବ୍ଲକରେ ୨୦୦, ଲାଞ୍ଜିଗଡ ବ୍ଲକରେ ୧୦୪ ହେକ୍ଟର ପିଆଜ ଚାଷ ହୋଇଛି। ଧର୍ମଗଡ ଉପଖଣ୍ଡର ଧର୍ମଗଡ ବ୍ଲକରେ ୭୮୦ହେକ୍ଟର, କୋକସରା ବ୍ଲକରେ ୧୩୦, ଗୋଲାମୁଣ୍ଡା ବ୍ଲକରେ ୬୨୦, ଜୁନାଗଡ ବ୍ଲକରେ ୨୩୦, ଜୟପାଟଣା ବ୍ଲକରେ ୧୪୫ ହେକ୍ଟର ଏବଂ କଲମପୁର ବ୍ଲକର ୮୫ ହେକ୍ଟର ପିଆଜ ଚାଷ ହୋଇଛି। ଯାହା ମୋଟ ୫୨୦୫ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୪୦୪୭ ହେକ୍ଟର ପିଆଜ ଚାଷ ହୋଇଛି। ଅଦିନିଆବର୍ଷା ପରେ ରୋଗ ପୋକ, କୋହଲା ପାଗ ଏବଂ ହଠାତ୍ ଗରମ ହେବା ଯୋଗୁ ପିଆଜ ଚାଷକୁ ପ୍ରଭାବିତ କରିଛି। ଫଳରେ ଚଳିତବର୍ଷ ପିଆଜ ଉତ୍ପାଦନ ପୂର୍ବବର୍ଷ ଅପେକ୍ଷା ୧୩୩୮ ହେକ୍ଟର କମ୍ ଚାଷ ହୋଇଛି।

ଯଦି ଆମ ପାଖରେ ପିଆଜ ଉତ୍ପାଦନ କରିବା ପରେ ରଖିବା ପାଇଁ ଷ୍ଟୋରେଜ୍ ବ୍ୟବସ୍ଥା ଥାଆନ୍ତା କିମ୍ବା ସରକାର ଧାନ ଓ କପା ପରି ମଣ୍ଡି ମାଧ୍ୟମରେ ପିଆଜ ଉଚିତ୍ ଦର ଦେଇ କିଣି ନେଉଥାନ୍ତେ ତେବେ ଆଜି ଆମକୁ ଅଭାବୀ ବିକ୍ରିର ଶୀକାର ହେବାକୁ ପଡି ନ ଥାନ୍ତା କିମ୍ବା ଅଦିନିଆ ବର୍ଷାରେ ଆଜି ପିଆଜ ଓଦା ହୋଇ ନଷ୍ଟ ହୋଇ ନ ଥାନ୍ତା । ସରକାର ଓ ଜିଲା ପ୍ରଶାସନ ଚାଷୀମାନଙ୍କ ପାଖରେ ଥିବା ପିଆଜକୁ ଆରଏମସି, ଉଦ୍ୟାନ ବିଭାଗ, କୃଷୀ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ କ୍ରୟ କଲେ ଉପକୃତ ହୋଇଥାନ୍ତେ ବୋଲି ଚାଷୀମାନେ କହିଛନ୍ତି ।

ଏ ସମ୍ପର୍କରେ ଡେପୁଟି ଡାଇରେକ୍ଟର ହର୍ଟିକଲଚର ଭବାନୀପାଟଣା ଏସଆର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ୫୧ କୁଇଣ୍ଟାଲ ବିହନ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଇଛି, ଏହା ସହ ୩୦୪ ଜଣ ପିଆଜ ଚାଷୀଙ୍କୁ ନାସିକ୍ ଢଙ୍ଗରେ ସଂରକ୍ଷଣ ଗୃହ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୫ ହଜାର ହୋଇଥିବା ବେଳେ, ୫୦ ଭାଗ ସବସିଡି ଆକାରରେ ପ୍ରଦାନ କରାଯାଇଛି । ଏହା ଛଡା ଚାଷୀମାନେ ଘରୋଇ ଭାବରେ ବିହନ କିଣି ମଧ୍ୟ ପିଆଜ ଚାଷ କରିଛନ୍ତି। କିନ୍ତୁ ଉତ୍ପାଦିତ ପିଆଜକୁ ଚାଷୀମାନେ ଘରେ ସଂରକ୍ଷିତ କରି ରଖି କିଛି ମାସ ପରେ ବିକ୍ରି କଲେ ଅଧିକ ଦାମ୍‌ରେ ବିକ୍ରି କରି ପାରନ୍ତେ । କିନ୍ତୁ ଚାଷୀମାନେ ତାହା ନ କରି ତରବରିଆ ଭାବେ କମ୍ ଦାମରେ ବିକ୍ରି କରିଦେଉଛନ୍ତି। କାଳବୈଶାଖି ବର୍ଷାରେ ବହୁ ପରିମାଣରେ ପିଆଜ ନଷ୍ଟ ହେଉଛି । କିନ୍ତୁ ତାହା ଠିକ ଆକଳନ କରାଗଲା ପରେ ଯାଇ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ ବୋଲି ପ୍ରକାଶ କରିଥିଲେ ।



୨ଜଣ ଚାଷୀ ପିଆଜ ସଂଗ୍ରହ କରୁଛନ୍ତି ।

- ■ ପିଆଜ ସଂଗ୍ରହ କରି ରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ
- ■ କୁଇଣ୍ଟାଲ ୩୫୦ରୁ ୫ ଶହ ଟଙ୍କାରେ ନେଉଛନ୍ତି ଦଲାଲ, ବେପାରୀ

## ମଦଭାଟି କର୍ମଚାରୀଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ, ଟଙ୍କା ଲୁଟ୍

ସେରଗଡ,୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗୋଟିଏ ପରେ ଗୋଟିଏ ସରକାରୀ ଦେଶୀ ମଦଭାଟି କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ଟଙ୍କା ଲୁଟ କରି ଚାଲିଛନ୍ତି । ପ୍ରଥମେ ବାଦଲି, ପାଷ୍ଟିକୁଡି, ରୁପ୍ରା ପରେ ଏବେ ନର୍ଲା ବ୍ଲକ ତୁଲାପଡା ମଦଭାଟିରେ ଏଭଳି ଘଟଣା ଘଟିଛି । ଶନିବାର ରାତି ପ୍ରାୟ ସାଢେ ଗୋଟାଏ ବେଳେ ୫ରୁ ଊର୍ଦ୍ଧ୍ୱ ଏକ ଡକାୟତି ଦଳ ତୁଲାପଡା ମଦ ଦୋକାନକୁ ଯାଇ ମଦ ପାଇଁ କର୍ମଚାରୀଙ୍କୁ ଉଠାଇ ଥିଲେ । କର୍ମଚାରୀମାନେ ବିଳମ୍ବିତ ରାତିରେ ମଦ ବିକ୍ରି ହୋଇପାରିବନି ବୋଲି କହି ମନା କରିଥିଲେ। ଡକାୟତିମାନେ ଜୋରଜବରଦସ୍ତ ପାଚେରି ଡେଇଁ ଭିତରକୁ ପଶି ବାହାରେ ଖଟ ପକାଇ ଶୋଇଥିବା ୩ଜଣ କର୍ମଚାରୀ ପହିଲମାନ୍ ସୁନୀଲ ସିଂ, ଗଦି ସୁରେଶ ପ୍ରସାଦ ଓ ହାମାର ଗୋପାଳ ପ୍ରସାଦଙ୍କୁ ଦୋକାନ ଭିତରେ ପୁରାଇ ନିସ୍ତୁକ ମାଡ ମାରିଥିଲେ । ପରେ ଟଙ୍କା ଲୁଟ କରିବା ମଦ ପାଉଚକୁ ଫିଙ୍ଗା ଫୋପଡା କରିଥିଲେ। ଆକ୍ରମଣରେ ୨ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଗଦି ସୁନୀଲ ଗୁରୁତର ହୋଇଥିବା ଜଣାପଡିଛି। ଡକାୟତିମାନେ ଗାମୁଛାରେ ମୁହଁରେ ବାନ୍ଧି ଥିବା କର୍ମଚାରୀମାନେ କହିଛନ୍ତି । ଗୁରୁତରଙ୍କୁ ପ୍ରଥମେ ନର୍ଲା ଓ ପରେ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ଘଟଣାର ଅନୁସନ୍ଧାନ କରୁଛି ।

## ସଂକ୍ଷେପରେ



### ନାମଯଜ୍ଞ ପାଇଁ କଳସଯାତ୍ରା

ଜୁନାଗଡ,୨୮।୪(ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ବନ୍ଦପଡାରେ ରବିବାର ଅପରାହ୍ନରେ ୧୬ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା, ପୁରୁଷ କଳସ ଯାତ୍ରାରେ ସାମିଲ ହୋଇ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ନିକଟସ୍ଥ ଇନ୍ଦ୍ରାବତୀ କେନାଲରୁ ମାନସିକ ଜଳ ଆଣି ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ପରେ ରୀତିନୀତୀ ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନକଟିଗୁଡା ବନ୍ଦପଡା ମହାଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ନାମଯଜ୍ଞ ଆୟୋଜନ କରାଯାଉଛି। ଏଥିରେ କର୍ତ୍ତା ଭାବେ ଉଦୟ ନାଥ ମେହେର ଓ ଭୂମିସୁତା ମେହେର, ପୂଜକ ଭାବେ ସତ୍ୟ ନାରାୟଣ ହୋତା, ନୀଳମଣି ମିଶ୍ର, ସଭାପତି ଭାବେ ହରିହର ମେହେର, ସମ୍ପାଦକ ଫକୀର ମେହେର, ଉପଦେଷ୍ଟା ଭାବେ ପୂର୍ବତନ ସରପଞ୍ଚ ପ୍ରଭାସ ଚନ୍ଦ୍ର ମେହେର, ସମିତି ସଭ୍ୟ ବିକାଶ ରଞ୍ଜନ ସରାଫ, ଚିତ୍ତରଞ୍ଜନ ପଣ୍ଡା, କ୍ଷିରୋଦ ମେହେର, ଅଚ୍ୟୁତ ମେହେର, କର୍ଣ୍ଣରଥି ମେହେର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

### ଟେମରାରେ କଳାହାଣ୍ଡି ଭତରା ମହୋତ୍ସବ

ଭବାନୀପାଟଣା/କୋକସରା,୨୮।୪ (ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ବଜାର ପଡିଆରେ ଜିଲା ଆଦିବାସୀ ଭତାର ସମାଜ ଅନୁକୂଲ୍ୟରେ ସମାଜର ଭୈରବ ଦେବଙ୍କ ବାର୍ଷିକ ଯାତ୍ରା ଓ ତଥା କଳାହାଣ୍ଡି ଭତରା ମହୋତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପର୍ଶୁରାମ ମାଝି ମୁଖ୍ୟଅତିଥି, ଦୟାନିଧି ମାଝି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଗଡ ବ୍ଲକ ଅଧକ୍ଷ ବଳରାମ ପୂଝାରୀ, ପ୍ରଦୀପ ଦିସାରୀ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୋକସରା ବ୍ଲକ ସମେତ ପଡୋଶୀ ନବରଙ୍ଗପୁର ଜିଲା ତଥା ଛତିଶଗଡ ଅଞ୍ଚଳର ଭତରା ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଦଯାପନୀରେ ଭତରା ସମାଜ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ବନମାଳୀ ମାଝି, ଭତରା ସମାଜ ଜିଲା ସମ୍ପାଦକ ସୁଶାନ୍ତ ନାଏକ, ସହସମ୍ପାଦକ କୈଳାସଚନ୍ଦ୍ର ମାଝି, ଟେମରା ସରପଞ୍ଚ ଗୌରି ଦଳପତି, ଭତରା ସମାଜର ପୂର୍ବତନ ସଭାପତି ଗରୁଡଧ୍ୱଜ ମାଝି, କାଶିବାହାଲ ସରପଞ୍ଚ କଲ୍ୟାଣି ପାତ୍ର, ସମ୍ପାଦକ ନୀଳକଣ୍ଠ ମାଝି, ଘନଶ୍ୟାମ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୨ ଦିନ ଆୟୋଜିତ ଉତ୍ସବରେ ଜନ୍ମେଜୟ ଦଳପତି, ସୁଧିର ପାତ୍ର, କୁମୁଦ ପାତ୍ର, ସୁଦାମ ପାତ୍ର, ଲୋକନାଥ ପାଥ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ମହୋତ୍ସବରେ ମହିଳାମାନଙ୍କ ମଧ୍ୟରେ ଝୋଟି, ହୁଳହୁଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଡ୍ରେନ୍ ସଫା ନ ହୋଇ ପଡ଼ିଛି ।

## ଲଡୁଗାଁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା/କୋକସରା, ୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ପଡାରେ ଥିବା ଡ୍ରେନରେ ମଇଳା ଜମା ହୋଇ ରହିଛି । ଫଳରେ ପରିବେଷ ଦୁର୍ଗନ୍ଧ ହୋଇପଡୁଛି । ଏହା ଛଡା ମଶାଙ୍କ ଉତ୍ପାତରେ ଲୋକେ ଅତିଷ୍ଟ ହୋଇ ପଡିଲେଣି । ଲଡୁଗାଁ ପଞ୍ଚାୟତ ୨୦ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ମୁଟ୍ରାବାହାଲି, ସୁନାମାଲ, ସୁପାଡ, ଆଇଁଲି, ପୀତବାସପୁର ଆଦି ଗ୍ରାମ ରହିଛି । ବର୍ତ୍ତମାନ ଲଡୁଗାଁର ଭିର୍କାପଡା, ଶିଶୁମନ୍ଦିର ପଡା, ବଡପଡା, ବାବା ସାହେବ ଆମ୍ବେଡକରପଡା, ଛେଲିଆପଡା, ମାଝି ପଡା ଆଦି ଅଞ୍ଚଳର ଡ୍ରେପ ଗୁଡିକ ସଫା କରାଯାଉ ନ ଥିବାରୁ ଅଳିଆ ଆବର୍ଜନ ଭର୍ତ୍ତି ହୋଇ ରହିଛି । ଅନ୍ୟପକ୍ଷେ ସ୍ଥାନୀୟ ବସଷ୍ଟାଣ୍ଡରୁ ମକର ପାନ ଦୋକାନ ପର୍ଯ୍ୟନ୍ତ ଡ୍ରେନ ଜାମ ହୋଇ ରହିଥିବା ବେଳେ ଷ୍ଟେଟବ୍ୟାଙ୍କ ଛକ, ଶିଶୁ ମନ୍ଦିର ଗଳି, ବଡପଡା, ନାଏକପଡା, ଆଦି ସ୍ଥାନରେ ମଇଳା ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ରାଜେଶ ନାଏକ ଓ ଆଚାରୀ ଘର ସମ୍ମୁଖରେ ପାଣି ଜମି ରହୁଛି । ଏଥିଯୋଗୁ ସଂକ୍ରମଣ ରୋଗ ହେବାର ଆଶଙ୍କା ରହିଛି । ଏହି କାରଣରୁ ଗତବର୍ଷ ଅଗଷ୍ଟରେ ଲଡୁଗାଁରେ ଡେଙ୍ଗୁ ଜ୍ୱର ବ୍ୟାପୀଥିଲା । ଏଥିରେ ୫ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୨ ଜଣଙ୍କ ଡେଙ୍ଗୁ ରୋଗରେ ମୃତ୍ୟୁ ହୋଇଥିଲା । ଆଗକୁ ବର୍ଷା ଦିନ ଆସୁଛି । ତା' ପୂର୍ବରୁ ଉକ୍ତ ଡ୍ରେନ୍ ସଫା କରା ନ ଗଲେ ପୁଣି ଡେଙ୍ଗୁ ଜ୍ୱର ହେବାର ଆଶଙ୍କା ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏ ନେଇ ଏଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସଙ୍କୁ ପଚାରିବାରୁ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ ଡ୍ରେନ୍ ସବୁ ସଫା କରାଯିବ ବୋଲି କହିଥିଲେ ।

## ସପ୍ତାହ ବ୍ୟାପୀ ଅଗ୍ନି ସୁରକ୍ଷା ଅଭିଯାନ

ଭବାନୀପାଟଣା/ଲାଞ୍ଜିଗଡ଼, ୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ୟୁନିଟ୍ ପକ୍ଷରୁ ଏକ ସପ୍ତାହ ବ୍ୟାପି ଜାତୀୟ ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଶିକ୍ଷାର୍ଥୀ, କର୍ମଚାରୀ, ଅଂଶୀଦାର ଆଦି ପ୍ରାୟ ୧୦୦୦ରୁ ଅଧିକ ଅଂଶ ଗ୍ରହଣକାରୀ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ସର୍ବାଧିକ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରାଯାଇ ଶୂନ୍ୟ କ୍ଷତି ପଲିସି ଗ୍ରହଣ କରାଯାଇଛି। ଏହା ସହିତ କର୍ମଚାରୀଙ୍କ ମରେ ଜାଗରୁକତାକୁ ଗୁରୁତ୍ୱ ଦିଆଯାଉଛି। କର୍ମକ୍ଷେତ୍ରରେ ସୁରକ୍ଷାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହା ଆମର ପ୍ରଧାନ ଲକ୍ଷ୍ୟ ବୋଲି ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ୟୁନିଟ୍ ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ କହିଥିଲେ। ଆଶ୍ରମପଡା, ବସନ୍ତପଡା ଏବଂ ଲାଞ୍ଜିଗଡ଼ ଏସଏସଡି ହାଇ ସ୍କୁଲରେ ପ୍ରାୟ ୫୦୦ ଜଣ ଶିକ୍ଷାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଅଗ୍ନିଶମରେ ପାରଦର୍ଶିତା ଲାଭ କରିଥିବା ୬୦୦ରୁ ଅଧିକ କର୍ମଚାରୀ ଏବଂ ଅଂଶୀଦାର ଏଥିରେ ଯୋଗଦେଇ ସୁରକ୍ଷା ପଦକ୍ଷେପ, ତାଲିମ୍ ଏବଂ ସଚେତନତା ଆଦି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଇଥିଲେ। ଏହି ଅବସରରେ ଅଗ୍ନିଶମ ସମ୍ପର୍କିତ ବିବିଧ ବ୍ୟବସ୍ଥା ତଥା କାର୍ଯ୍ୟପ୍ରଣାଳୀ ଉପରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଏଥିରେ କମ୍ପାନୀର ସୁରକ୍ଷା ଅଧିକାରୀ ମଧ୍ୟ ସାମିଲ୍ ହୋଇଥିଲେ।




ଜୁନାଗଡ ଓକିଲ ସଂଘ ପକ୍ଷରୁ ଆୟୋଜିତ ମଧୁବାବୁ ଜୟନ୍ତୀ

### ଜୁନାଗଡ଼ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

## ଗରିବଙ୍କ ସେବାରେ ଆଇନଜୀବୀ ବ୍ରତୀ ହେବା ଉଚିତ

ଜୁନାଗଡ, ୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଜେଏମ୍ଏଫସି କୋର୍ଟ ପରିସରରେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ରବିବାର ମଧୁବାବୁ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଜୁନାଗଡ ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ବରାଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ କୁମାର ଚାନ୍ଦ ଯୋଗଦେଇ ମଧୁବାବୁଙ୍କ ପରି ସ୍ୱାଭୀମାନି ହୋଇ ଗରିବଙ୍କ ସେବାରେ ଆଇନଜୀବୀମାନେ ବ୍ରତୀ ହେବା କଥା ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ଅଜିତ କୁମାର ସାହୁ, ନବ କିଶୋର ବେହେରା, ବାଳକୃଷ୍ଣ ଆଚାରୀ, ବିଶ୍ୱନାଥ କର, ଦିଗାମ୍ବର ନାଏକ, ନରେନ୍ଦ୍ର କ୍ଷିତୀ, ଜୟଦେବ ସୁନାନୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନୀଳକଣ୍ଠ ମିଶ୍ର, ପ୍ରମୋଦ ପୂଝାରୀ, କୋଷାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ଫିରୋଜ ବାରିକ, ଶିଶିର ପଟ୍ଟନାୟକ, ତାପସ ସାହୁ, ସୁଶୀଲ ପାଢି, ମନୀଷ ପଣ୍ଡା, ଦୀପକ ଅଗ୍ରୱାଲ, ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୋର୍ଟ ପକ୍ଷରୁ ମୁଖ୍ୟ କିରାଣୀ ପ୍ରଦୀପ ନାଏକ ଓ ଦୈତାରୀ ହରପାଲ ସହଯୋଗ କରିଥିଲେ। ଓକିଲ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

## ଡିଏଭି ବେଦାନ୍ତ ସ୍କୁଲର ୧୨ତମ ବାର୍ଷିକୋତ୍ସବ

ଲାଞ୍ଜିଗଡ,୨୮।୪ (ଡି.ଏନ.ଏ.)

ଲାଞ୍ଜିଗଡସ୍ଥିତ ଡିଏଭି ବେଦାନ୍ତ ସ୍କୁଲର ୧୨ତମ ବାର୍ଷିକୋତ୍ସବ ଭିଶିତା-୨୦୧୯ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେଦାନ୍ତ ସିଓଓ ରାକେଶ ମୋହନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଞ୍ଚଳରେ ଡିଏଭି ବେଦାନ୍ତ ଇଣ୍ଟର ନ୍ୟାଶନାଲ୍ ସ୍କୁଲର ଉପଯୋଗିତାକୁ ପ୍ରଶଂସା କରିବା ସହ ଅନ୍ଧାରରୁ ବାହାରି ଆଲୋକ ଅନ୍ୱେଷଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଉପଦେଶ ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଦର୍ଶାଇ ମାତ୍ର ଚାରି ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୧୨୦୦ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ଏକ ଉଲ୍ଲେଖନୀୟ ବିଷୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବେଦାନ୍ତର ଅର୍ଥ ବିଭାଗ ମୁଖ୍ୟ ବିକାଶ ବିନାନି, ପ୍ରାଦ୍ୟୋଗିକ ନିର୍ଦ୍ଦେଶକ ଫିଲିପ୍ କେମ୍ବେଲ୍, ମାନବ ସମ୍ବଳ ମୁଖ୍ୟ ହେମନ୍ତ କୁମାର ଭାଟିଆ, ପ୍ରକଳ୍ପ ମୁଖ୍ୟ ସଞ୍ଜୟ ଅଗ୍ରୱାଲ, ପ୍ରେରଣା ରାକେଶ ମୋହନ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା 'ବର୍ତ୍ତିକା' ଉନ୍ମୋଚନ କରାଯାଇଥିଲା। ସ୍କୁଲର ଅଧକ୍ଷା ଶୁକ୍ଲା ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବହୁ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ରୁବି ଚୌଧୁରୀ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିବେଶ ସଚେତନତା ଓ ବର୍ଜ୍ୟବସ୍ତୁକୁ ନେଇ ନିର୍ମାଣ କରାଯାଇଥିବା ମଞ୍ଚଟି ଦର୍ଶକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ଥିଲା।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

### ଦୁର୍ଘଟଣା ଆହତ ଯୁବକଙ୍କ ମୃତ୍ୟୁ

ଧର୍ମଗଡ,୨୮।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିୟନ ସାଗର ସମ୍ମୁଖ ଛତିଶଗଡ ମୁଖ୍ୟ ରାସ୍ତାରେ ଗତ ବୁଧବାର ରାତିରେ ଏକ ବୋଲେରୋ ସହ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆହତ ଜଣେ ବିବାହିତ ଯୁବକଙ୍କ ବୁର୍ଲାଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ନିଳାଞ୍ଚଳ ବାଗ (୨୪) । ଏହାକୁ ନେଇ ଗ୍ରାମବାସୀ ତରଫରୁ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି ନେଇ ଧର୍ମଗଡ-ଛତିଶଗଡ ମୁଖରାସ୍ତାରେ ଶବ ରଖି ରାସ୍ତା ଅବରୋଧ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଧର୍ମଗଡ ଥାନା ପିପିଲା ଗ୍ରାମର ନିଳାଞ୍ଚଳ ବାଗ ରାଜମିସ୍ତ୍ରୀ କାମ କରିବା ପାଇଁ ଧର୍ମଗଡ ଆସିଥିଲେ। କାମ ଶେଷ କରି ନିଳାଞ୍ଚଳ ତାଙ୍କ ମୋଟରସାଇକେଲ (ନଂ.ଓଡି୦୮କେ-୭୦୮୮) ଯୋଗେ ନିଜ ଗାଁକୁ ଯାଉଥିଲେ। ଧର୍ମଗଡ ନିୟନ ସାଗରଠାରେ ଛତିଶଗଡ ରାସ୍ତା ଦେଇ ଆସୁଥିବା ଏକ ବୋଲେରୋ ମୋଟରସାଇକେଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ନିଳାଞ୍ଚଳଙ୍କୁ ପ୍ରଥମେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ନିଳାଞ୍ଚଳଙ୍କ ମୃତ୍ୟୁ ହୋଇଯାଇଥିଲା । ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଧର୍ମଗଡ ପହଞ୍ଚିବା ପରେ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ମୃତକଙ୍କ ଦେଢ ବର୍ଷର ପୁଅ ରାଜ ଓ ସ୍ତ୍ରୀ ଦମୟନ୍ତୀ ବାଗ ମଧ୍ୟ ରାସ୍ତା ଅବରୋଧ ସମୟରେ ଉପସ୍ଥିତ ଥିଲେ । ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଧର୍ମଗଡ ଥାନା ଅଧିକାରୀ ଡମ୍ବୁ ପରଜା ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଚିନ୍ମୟ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ପ୍ରଶାସନ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାତି ୮ଟା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ ଯେ, ଧର୍ମଗଡ ପୋଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ଡ୍ରାଇଭରଙ୍କୁ ଧର୍ମଗଡ ଥାନାରେ ଅଟକ ରଖିଛି ।



କ୍ଷତିପୂରଣ ଦାବିରେ ଗ୍ରାମବାସୀ ଏବଂ ପରିବାରବର୍ଗ ରାସ୍ତା ଅବରୋଧ କରିଛନ୍ତି ।





## ସଂକ୍ଷେପରେ




### ବରଗଡ଼ରେ ଆଇନଜୀବୀ ଦିବସ

ବରଗଡ଼ ଅଫିସ୍,୨୮।୪
ବରଗଡ଼ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ରବିବାର ମଧୁବାବୁ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ବେଲାଳସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଏସ. କେ ଜହୀର ଅହମଦ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୩୫ ବର୍ଷ ଓକିଲାତି ପୂର୍ତ୍ତି ଅବସରରେ ଓକିଲ ଅଶୋକ ଦାଶ ଏବଂ ହରିବନ୍ଧୁ ଦେବତାଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ସଂଘର ଉପସଭାପତି ସରୋଜ ତ୍ରିପାଠୀ, ସମ୍ପାଦକ ହେମନ୍ତ କୁମାର ପୁରୋହିତ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସଂଘର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।



### ୧୬୧୭ଜଣ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଦେଲେ

ସରଣ୍ଡା,୨୮।୪(ଡି.ଏନ.ଏ)
ବରଗଡ଼ ଜିଲା ଅତାବିରା ବ୍ଲକ ବାବେବିରା ଜୟନ୍ତୀ ଯୁବକ ସଂଘ ପକ୍ଷରୁ ବ୍ରହ୍ମଗୁପ୍ତ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୧ଟି ବ୍ଲକର ୧୬୧୭ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ । ସେଥିମଧରୁ ୮୦୧ଜଣ ଚତୁର୍ଥ ଶ୍ରେଣୀ ଏବଂ ୮୧୬ଜଣ ଷଷ୍ଠ ଶ୍ରେଣୀ ବର୍ଗର ଛାତ୍ରାଛାତ୍ର ଥିଲେ । ସଂଘର ସଭାପତି ଡା. ଅଜିତ କୁମାର ବାରିକ, ସୁଦର୍ଶନ ସାହୁ, ବିକ୍ରମ କେଶରୀ ସାହୁ, ଧନଞ୍ଜୟ ପାତ୍ର, ଅମୃତ କୁମାର ବାରିକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

### ଗଞ୍ଜେଇ ଜବତ, ୪ ଯୁବକ ଗିରଫ

ବାଉଁଶୁଣି,୨୮।୪ (ଡି.ଏନ୍.ଏ.)
ବୌଦ୍ଧ ବ୍ଲକ ଜଙ୍ଗାଖୋଲରୁ ଉଦ୍‌ମିଲ୍‌କା ଯିବା ମଧରେ ଦୁମ୍‌ଦୁମା ମନ୍ଦିର ସାମ୍ନାରେ ଚଢାଉ କରି ୯୦କିଲୋ ୬୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୪ଜଣ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶ୍ୱିନୀ ପ୍ରଧାନ (୩୮), ନିରଧ ପ୍ରଧାନ (୨୭), ରଚିତ ପ୍ରଧାନ (୪୦), କେଦାରଗୌରୀ ମେହେର (୩୩) । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (.ନଂ ୫୭/୧୯ ) ରୁଜୁ ହୋଇଛି ।

# ତାପମାତ୍ରା ବୃଦ୍ଧି ଏବେ ସଭିଙ୍କ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୮।୪

ବିଶ୍ୱ ତାପାୟନ(ଗ୍ଲୋବାଲ ୱାର୍ମିଂ)କୁ ନେଇ ଏବେ ସବୁଠି ଚିନ୍ତା । ତାତି କମିବାର ନାଁ ନେଉନି । ବରଂ ଦିନକୁ ଦିନ ଏହା ବଢ଼ି ଚାଲିଛି । ଗ୍ରୀଷ୍ମରେ ଯେଉଁଠି ତାପମାତ୍ରା ୩୦ରୁ ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିଲା, ଏବେ ସେଠାରେ ତାହା ୪୦ ଡିଗ୍ରୀ ଟପି ଗଲାଣି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି। ଛତା, ଓଢ଼ଣୀ, ପଗଡ଼ି, ଗ୍ଲୋଭ୍‌ସ ବିନା ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଜିଲାରେ ପାରଦ ୪୦ ଡିଗ୍ରୀ ତଳକୁ ଖସୁନାହିଁ ବରଂ ଏହାକୁ ଅତିକ୍ରମ କରି ସାରିଲାଣି । ଶନିବାର ଜିଲାର ତାପମାତ୍ରା ୪୨ ଡିଗ୍ରୀ ରହିଥିଲା । ଏଭଳି ସ୍ଥଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଜିଲାରେ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଅଘୋଷିତ ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଜିଲାବାସୀଙ୍କୁ ଆହୁରି ଅସ୍ତବ୍ୟସ୍ତ କରି ପକାଇଛି । ଗତ ୪ବର୍ଷ ମଧ୍ୟରେ ଜିଲାରେ ୧୦ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ କହୁଛି । ମାତ୍ର ଯେଭଳି ତାତି ବଢ଼ି ଚାଲିଛି, ଅଂଶୁଘାତ ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି। ଜିଲାରେ ଏଭଳି ତାପମାତ୍ରା ବୃଦ୍ଧିର କାରଣ ନେଇ ଆମେ କିଛି ପରିବେଶବିତ୍‌ଙ୍କୁ ଭେଟିଥିଲୁ । ବିଭିନ୍ନ କାରଣ ଯୋଗୁ ତାପମାତ୍ରା ବଢୁଥିବା ସେମାନେ କହିଥିଲେ ।



ବରଗଡ଼ ସହରରେ ମୁହଁରେ ଓଢ଼ଣି ଘୋଡ଼ାଇ ଯୁବତୀମାନେ ଯାତାୟାତ କରୁଛନ୍ତି ।

## ସେମାନେ ଯାହା କୁହନ୍ତି...



"ଆଗରୁ ଜିଲାରେ ଅନେକ କଚା ରାସ୍ତା ଥିଲା । ଏବେ ପ୍ରାୟତଃ ସବୁରାସ୍ତା ପିଚୁ କିମ୍ବା କଂକ୍ରିଟକରଣ ହେଲାଣି । ଯାନବାହନ ସଂଖ୍ୟା ବଢୁଥିବାବେଳେ ଜଙ୍ଗଲ କ୍ଷୟ ହେଉଛି । ଜଳ ପୁନଃ ସଂରକ୍ଷଣ ହୋଇପାରୁ ନ ଥିବାବେଳେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ମାଟିକୁ ଅମ୍ଳ କରୁଛି । ସେହିପରି କଳକାରଖାନାରୁ ନିର୍ଗତ ଧୂଆଁ, ବର୍ଜ୍ୟବସ୍ତୁ ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି । ଏହା ହିଁ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ । **-ଜେଠୁ ଭୋଇ**, ବରଗଡ଼



"ଜନସଂଖ୍ୟା ବୃଦ୍ଧି ତାପମାତ୍ରା ବଢ଼ିବାର ମୂଳ କାରଣ । ଜନସଂଖ୍ୟା ବୃଦ୍ଧି ଯୋଗୁ ଲୋକଙ୍କ ଚାହିଦା ବଢୁଛି । ଏଥିପାଇଁ ଖାଦ୍ୟ ଉତ୍ପାଦନ ବଢ଼ାଇବାର ଆବଶ୍ୟକତା ପଡୁଛି। ଫଳରେ କଳକାରଖାନା ବହୁସଂଖ୍ୟାରେ ସ୍ଥାପନ କରାଯାଉଛି। କଳାକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, ଯବକ୍ଷାରଜାନ ଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ ପୃଥିବୀ ପୃଷ୍ଠର ବିକିରିତ ତାପକୁ ଧରି ରଖୁଥିବାବେଳେ ଏସି, ଶୀତଳଭଣ୍ଡାର, ବିମାନ ଚଳାଚଳରୁ ନିର୍ଗତ କ୍ଲୋରୋଫୋରୋକାର୍ବନ ତାପ ଶୋଷଣ କରୁଛି ଏବଂ ଧରାପୃଷ୍ଠର ତାପମାତ୍ରା ବୃଦ୍ଧି କରୁଛି ।

**-ବୈଲୋଚନ ପ୍ରଧାନ**, ବରଗଡ଼



"ବିଶ୍ୱ ତାପାୟନ ଏବେ ଚିନ୍ତାର ବିଷୟ ପାଲଟିଛି । ଦ୍ରୁତ ଶିଳ୍ପାୟନ, କଂକ୍ରିଟ କୋଠାବାଡ଼ି ନିର୍ମାଣ, ଯାନବାହନ ଚଳାଚଳ ବୃଦ୍ଧି ଯୋଗୁ ତାତି ବଢ଼ି ଚାଲିଛି। ଅନ୍ୟପଟେ ଗଛ କଟାଯିବାରୁ ଜଙ୍ଗଲ କ୍ଷୟ ହେବା ମଧ୍ୟ ଏହାର ଏକ ମୁଖ୍ୟ କାରଣ। ବରଗଡ଼ ଜିଲା ସୋହେଲା-ଲୁହୁରାଚଟିରୁ ସମ୍ବଲପୁର ପର୍ଯ୍ୟନ୍ତ ଫୋର୍ ଲେନ୍ ରାସ୍ତା ନିର୍ମାଣବେଳେ ୧୩ହଜାର ଗଛ କଟାଗଲା । ହେଲେ ଏପର୍ଯ୍ୟନ୍ତ ସେଠାରେ ଆଉ ଗଛର ଦେଖାନାହିଁ।

**-ଡଃ ଡୋଲାମଣି ଶତପଥୀ**, ବରଗଡ଼



"ଜଙ୍ଗଲକ୍ଷୟ ହିଁ ବିଶ୍ୱ ତାପାୟନର ମୁଖ୍ୟକାରଣ । ଫଳରେ ବୃକ୍ଷରୋପଣ ସହିତ ଜଙ୍ଗଲ ରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ଜରୁରୀ ହୋଇ ପଡ଼ିଛି । କୋଠାବାଡ଼ି, କଳକାରଖାନା, ରାସ୍ତାଘାଟ ନିର୍ମାଣରେ ଯେଭଳି ବହୁଳ ମାତ୍ରାରେ ଗଛ କଟାଯାଉଛି, ସେଭଳି ଭାବେ ବୃକ୍ଷରୋପଣ କରାଯାଉନାହିଁ । ଏହାଦ୍ୱାରା ପରିବେଶ ସନ୍ତୁଳନ ରହୁନାହିଁ ଏବଂ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିପାଇଁ ସଚେତନତା ସୃଷ୍ଟି ସହିତ ଆମେ ସମସ୍ତେ ବୃକ୍ଷରୋପଣ ପାଇଁ ଆଗେଇ ଆସିବା ଉଚିତ୍।

**-ମୀନକେତନ ସାହୁ**, ପଦ୍ମପୁର

# ଅବିବାହିତ ଯୁବତୀ ଜନ୍ମ ଦେଲେ ଶିଶୁକନ୍ୟା

ଅତାବିରା, ୨୮।୪ (ଡି.ଏନ୍.ଏ.)

ବରଗଡ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନ ଟାମ୍ପରସରା ପଞ୍ଚାୟତ ଅଏଲାପାଲି ଝୁମ୍ପୁଡ଼ିପଡ଼ାର ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖୁଥିଲେ । ରବିବାର ଯୁବତୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ଏବଂ ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିବା ପରିବାର ଲୋକଙ୍କୁ କହିଥିଲେ । ପରେ ଯୁବତୀଙ୍କ ମାତା ପିତା ଗୋଡ଼ଭଗା ଫାଣ୍ଡି ପୋଲିସ୍‌ର ଦ୍ୱାରସ୍ଥ ହେଲେ । ପୋଲିସ ତଦନ୍ତ କରି ଉଭୟ ପକ୍ଷଙ୍କୁ ଥାନାକୁ ଡାକିଥିଲା ଏବଂ ଶିଶୁ କନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେବା ପାଇଁ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପରାମର୍ଶ ଦେଇଥିଲା । ଉଭୟେ ଭିନ୍ନ ଜାତିର ହୋଇଥିଲେ ମଧ ଯୁବକଙ୍କ ପରିବାର ଲୋକେ ନବଜାତ ଶିଶୁକନ୍ୟା ଓ ଯୁବତୀଙ୍କୁ ନିଜ ଘରକୁ ନେଇଥିଲେ । ଉଭୟ ଯୁବତୀ ଯୁବକ କୋର୍ଟକୁ ଯାଇ ବିବାହ କରିବା ପାଇଁ ପରିବାର ଲୋକେ ସମ୍ମତି ପ୍ରକାଶ କରିଥିବା ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ କହିଛନ୍ତି ।

# ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି



ପର୍ଶୁରାମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଚାଲିଛି ।

ବରପାଲି,୨୮।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଲୋଚନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ବ୍ରାହ୍ମଣ ସମାଜର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ପାଇଁ ଶୋକସଭା କରାଯାଇଥିଲା। କୋଷାଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ପୂର୍ବବର୍ଷ ପର୍ଶୁରାମ ଜୟନ୍ତୀ ପାଳନର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଆସନ୍ତା ମେ ମାସ ୭ତାରିଖରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ସଭାରେ ପର୍ଶୁରାମ ବାହିନୀର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଭାରେ ପଣ୍ଡିତ ହେମନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ଦେବତା, ପିନାକୀ ଦାଶ, ମନୋରଞ୍ଜନ ତ୍ରିପାଠୀ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ ଜିଲା ଓକିଲ ସଂଘ ପାଳିଲା ଲୟର୍ସ ଡେ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ରବିବାର ଲୟର୍ସ ଡେ ପାଳିତ ହୋଇଛି । ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମଧୁବାବୁ ଥିଲେ ଜଣେ ପ୍ରକୃତ ଓଡିଆ ଦାୟଦ । ଆଜିର ଦିନରେ ତାଙ୍କର ସ୍ମୃତିଚାରଣ କରିବା ସମସ୍ତ ଓଡିଆ ଜାତିର କର୍ତ୍ତବ୍ୟ । ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ । ଏହାପରେ ଜିଲା ଓକିଲ ସଂଘ ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ସହ ଧୂପ ପ୍ରଦାନ କରିଥିଲେ । ସଭାରେ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ଅଶୋକ କୁମାର ସାହୁ, ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ, ପରମେଶ୍ୱର ବିଶି, ସୋମେଶ ଦତ୍ତ ବିଶ୍ୱାଳ ଓ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ ।



ଶୀତଳପଡ଼ା ଡମ୍ପିଂ ୟାର୍ଡରୁ ବିପଦପୂର୍ଣ୍ଣ ଅବସ୍ଥାରେ ମଳ ଲୁହା ସଂଗ୍ରହ କରୁଛନ୍ତି ସ୍ଥାନୀୟ ବାସିନ୍ଦା ।

# କଂଗ୍ରେସ ଭବନରେ ମଧୁବାବୁ ଜୟନ୍ତୀ

ରାଉରକେଲା ଅଫିସ,୨୮।୪

ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ସଭାପତି ରବି ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ରାୟ କହିଥିଲେ, ଓଡ଼ିଶା ଗଠନରେ ମଧୁବାବୁଙ୍କ ଭୂମିକା ଥିଲା ବହୁ ଗୁରୁତ୍ୱପୂର୍ଣ୍ଣ। ବହୁମୁଖୀ ପ୍ରତିଭାର ଅଧିକାରୀ ମଧୁବାବୁଙ୍କ ସ୍ମୃତି ଓ କୃତିତ୍ୱକୁ ଏ ଜାତି କେବେ ଭୁଲିପାରିବ ନାହିଁ। ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧୁବାବୁ କେବେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ। ଋଣ ଯନ୍ତାରେ ପଡ଼ି ସେ ଛଟପଟ ହେଉଥିବା ବେଳେ କେବେ ନିଜ ସ୍ୱାଭିମାନକୁ ବଳି ଦେଇ ନ ଥିଲେ। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସେ ଚିନ୍ତିତ ଥିଲେ ବୋଲି ରାୟ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବାସୁ ବାନାର୍ଜୀ, ଲତା ନାୟକ, ଗଜେନ୍ଦ୍ର ତନ୍ତୀ, ପୁରୁଷୋତ୍ତମ ପାତ୍ର, ରମେଶ ଗୁପ୍ତା, ହିତେଶ ଦେହୁରୀ, ମାନସ ସୂତାର, ଛବି ଦାସ, ରାହୁଲ ଜୟସ୍ୱାଲ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣ୍ୟ ତିଥିରେ ଧୂଳେଶ୍ୱର ବସ୍ତିଆଙ୍କୁ ଶ୍ରଦ୍ଧାଞ୍ଜଳି




ଧୂଳେଶ୍ୱର ବସ୍ତିଆଙ୍କ ପୁଣ୍ୟ ତିଥି ପାଳନ ଅବସରରେ ଆର୍‌ଏମ୍‌ଏସ୍ ପକ୍ଷରୁ ହମିରପୁର ସମାଧି ପୀଠକୁ ପଦଯାତ୍ରା କରାଯାଉଛି।

ରାଉରକେଲା ଅଫିସ,୨୮।୪

ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍) ଓ ଏହାର ସହଯୋଗୀ ଶ୍ରମିକ ସଂଗଠନ ଏନ୍‌ଏସ୍‌ପିସିଏଲ୍ କର୍ମଚାରୀ ସଂଗଠନ ପକ୍ଷରୁ ଶ୍ରମିକ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ରାଉରକେଲା ମଜଦୁର ସଭାର ପୂର୍ବତନ ସାଧାରଣ ସମ୍ପାଦକ ଧୂଳେଶ୍ୱର ବସ୍ତିଆଙ୍କ ୫୩ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଶନିବାର ସକାଳେ ହିନ୍ଦ୍ ମଜଦୁର ସଭା ସହବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନ ନେତୃମଣ୍ଡଳୀ ଆମ୍ବାଗାନ ଛକରୁ ଶୋଭାଯାତ୍ରାରେ ଆସି ହମିରପୁରଠାରେ ଥିବା ସ୍ୱର୍ଗତ ବସ୍ତିଆଙ୍କ ସମାଧି ପୀଠରେ ପହଞ୍ଚିଥିଲେ। ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତିଳତର୍ପଣ ପରେ ବସ୍ତିଆଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଡି.ଏନ୍. ଆଚାର୍ଯ୍ୟ, ଶଶଧର ନାୟକ, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଅସୀତ ଦାସ, ନିରଞ୍ଜନ ସାମଲ, ଖଗେନ୍ଦ୍ର ବେହେରା, ଯୁଧିଷ୍ଠିର ସାହୁ, ଅକ୍ଷୟ ନାୟକ, ପ୍ରମୋଦ ଦାସ, ଆଦିକନ୍ଦ ଭୋଲ, ହରେକୃଷ୍ଣ ପାଢ଼ୀ, କେଦାର ଦାସ, ସୁବାସ ସାହୁ, ସମୀର ମହାନ୍ତି ଓ ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କାଗଜ କଲମରେ ଚାଲିଛି ଜଳଛତ୍ର: ପଥଚାରୀ ହନ୍ତସନ୍ତ

ବୌଦ୍ଧ,୨୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବହୁ ପଞ୍ଚାୟତରେ ଜଳାଭାବା ଲାଗିରହିଛି । ଏପ୍ରିଲ ମାସ ସରିବାକୁ ବସିଲାଣି ହେଲେ ଆଜି ପର୍ଯ୍ୟନ୍ତ ଗାଁ ଛକ, ହାଟ କିମ୍ବା ଜଳଗହଳି ସ୍ଥାନରେ ଜଳଛତ୍ର ଖୋଲା ଯାଇପାରିନାହିଁ । ସେପେଟ ବିଭାଗୀୟ ଅଧିକାରୀ ମେ ମାସରେ କିଛି ଦିନ ପାଇଁ ନାମକୁ ମାତ୍ର ମାଠିଆ, କିଛି ଗ୍ଲାସ ରଖି ବ୍ୟାନର ମାରି ଦେଇ ଦୁଇ ମାସର ବିଲ୍ କରିବା ।ଇଁ ମସୁଧା କରୁଥବବା ଅଭିଯୋଗ ହେଉଛି। ତଳଗାଁ ପଞ୍ଚାୟତର ବହୁ ଗ୍ରାମରେ ପାଣି ସମସ୍ୟା ଥିବାବେଳେ ଗଣ୍ଡାପାଲୁ ଓ ପାଣ୍ଡାମାସ୍କା ଗ୍ରାମରେ ନଳକୂପ ନ ଥିବାରୁ ୭ଟି ପରିବାର ନାଳତୁଆ ପାଣି ବ୍ୟବହାର କରୁଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ୪୦ ବଛର ହେଲା ଝୁପଡ଼ି ଘରେ ବିତୁଛେ ଜୀବନ

# ଆବାସ ଯୋଜନାରୁ ବଁଚିତ୍ ୧୨ ପରିବାର

ଅତାବିରା, ୨୮।୪ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ ସରକାର ଗରିବ୍ ଦୁଖିକୁ ପକା ଘର ଯୁଗେଇ ଦେବାର ଲାଗି ଭିନେ ଭିନେ ଯୋଜନା କରି ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଥିବାର ଦେଖବାକେ ମିଳୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଅଏଁଲାପାଲି ଝୁପଡ଼ିପଡ଼ାରେ।

ସୂଚନା ହିସାବେ ଟାମ୍ପରସରା ଆର ଅଏଁଲାପାଲିର ମଝିରେ ରହିଛେ ଝୁପଡ଼ିପଡ଼ା। ରାସ୍‌ତାର ଦୁଇଫାଲେ ଝୁପଡ଼ିପଡ଼ାରେ ୧୨ ଗରିବ୍ ପରିବାର ପାଖାପାଖି ୬୦ ଲୋକ୍ ବାସ୍ କରୁଛନ୍। ଇ ପରିବାରମାନେ ନିହାତି ଗରିବ୍ ହେଇଥିଲାବେଲେ ଆଏଜ୍‌କେ ପାଖାପାଖି ୪୦ ବଛର ହେଲା ସଭେ ନଡ଼ାଛପରର କୁରିଆଟେ ଲେଖେଁ କରି ରହୁଛନ୍। ପଡ଼ାର ସବୁ ପରିବାର ଭୂମିହୀନ ଆଏ। ହେଲେ ଇମାନେ ସରକାରକଁର ତରଫୁ ଭୂମିହୀନମାନକୁ ମିଲୁଥିବାର ୪ ଡିସିମିଲ ଘରଡିହ ପାଏବାରୁ ବି ବଁଚିତ୍ ହେଇ ରହିଛନ୍। ସେନ୍‌ତା ପଡ଼ାରେ ବଛରକୁତା ପାଏନ୍ ସମସିଆ ଲାଗି ରହୁଥିଲାବେଲେ ଖରାଦିନେ ସେ ଦୁଖ୍ ଦୁଇଗୁନା ହେଇଯାଉଛେ। ପଡ଼ାର ଲୁକ୍‌କର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଲ୍‌ତୁଆଁ ରହିଛେ, ହେଲେ ସେଥିରୁ ଦୂଷିତ୍ ପାଏନ୍ ବାହାରୁଛେ। ଉପେ ଶୂଇନ୍ ହେଇ ପଡ଼ାବାସୀ ସେ ଦୂଷିତ୍ ପାଏନ୍‌କେ ବେଭାର କରୁଛନ୍। ପଡ଼ାବାସୀ ପିଇଲା ପାଏନ୍ ଆର ଆବାସ ଘର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ହେଲେ ଦୁଖର କଥା ଇ ପଡ଼ା ଉପରେ ଆଏଜ୍‌ତକ କେହେନ୍‌ସି ପରଶାସନିକ ଅଧିକାରୀକଁର ଦୁରୁଷ୍ଟି ନାଇଁପଡ଼ି। ଇନ୍ଦ୍ରଜିତ ଭୋଇ, ସଂସାର ଭୋଇ, ଶ୍ରୀରାମ ଭୋଇ, ସୁବାଷ ଭୋଇ, ଅକ୍ଷୟ ଭୋଇ, ନାନବଟିଆ ଲୁହା, ରାଜକୁମାର ଭୋଇ, ସୀତାରାମ ଭୋଇ, ଦେବେନ୍ଦ୍ର ଭୋଇ, ମହନ ସିକ୍‌ଦାର, ଜଗବନ୍ଧୁ ସିକ୍‌ଦାର ଏନ୍‌ଥେଇ ମୋଟ ୧୨ଟା ପରିବାର ଦୁଖେସୁଖେ ଝୁପଡ଼ିପଡ଼ାରେ ରହିଆସୁଛନ୍। ଇ ବାବ୍‌ଦେ ଟାମ୍ପରସରା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ସାଗରିଆକୁଁ ପଚରାଲାରୁ ପଡ଼ାକେ ଯାଇ ତଦଁତ୍ କରି ପରିବାରମାନକୁ ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ଯଦି ଝୁପଡ଼ିପଡ଼ାବାସୀ ଆବାସ ଘର ପାଏବାରୁ ବଁଚିତ୍ ହେଇଛନ୍, ଘଟନାର ତଦଁତ୍ କରି ଆବାସ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଝୁପଡ଼ିପଡ଼ାବାସୀ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୯ ଏପ୍ରିଲ ୨୦୧୯



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଦୋକାନ ଶର୍ଟର ଭାଙ୍ଗି ଲାପ୍‌ଟପ୍, ଟଙ୍କା ଚୋରି

**ନୂଆଗାଁ, ୨୮।୪ (ଡି.ଏନ୍.ଏ.)-** ନୂଆଗାଁ ବ୍ଲକ ସଦର ନୂଆଗାଁ କଲେଜ ଛକ ନିକଟରେ ଥିବା ସତୀଶ ଟ୍ରେଡର୍ସ ନାମକ ଏକ ସାଇକେଲ୍ ଦୋକାନରୁ ଚୋରି ହୋଇଛି। ଦୋକାନ ସର୍ଟର ଭାଙ୍ଗି କେହି ଦୁର୍ବୃତ୍ତ ସେଠାରେ ଥିବା ଏକ ଲାପ୍‌ଟପ୍ ଓ କିଛି ଟଙ୍କା ନେଇଥିବା ନୂଆଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୨୮/୨୦୧୯) ରୁଜୁ କରି ପୋଲିସ୍ ଘଟଣାର ତଦନ୍ତ କରୁଛି। ତେବେ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ ଚୋରଙ୍କ ଫଟୋ କଏଦ୍ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ସୂଚନା ମୁତାବକ ଶନିବାର ରାତିରେ ସତୀଶ ଟ୍ରେଡର୍ସ ଦୋକାନର ମାଲିକ ସତୀଶ ଗୁପ୍ତା ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ସେ ନିଜ ଦୋକାନ ଖୋଲିବାକୁ ଆସିବାରୁ ଦେଖିଲେ ତାଙ୍କ ଦୋକାନର ସର୍ଟରରୁ ତାଲା ଭଙ୍ଗାଯାଇଛି। ପରେ ସେ ଦୋକାନ ଭିତରେ ଯାଇ ଦେଖିଲେ ଜିନିଷପତ୍ର ଏଣେତେଣେ ଫିଙ୍ଗାଯାଇଛି। ତାଙ୍କ ଲାପ୍‌ଟପ୍ ଚୋରି ହୋଇଯାଇଛି। ଦୋକାନରେ ଥିବା କିଛି ଟଙ୍କା ମଧ ଚୋରି ହୋଇଥିବା ଦେଖିଥିଲେ। ଏହା ପରେ ସେ ନୂଆଗାଁ ଫାଣ୍ଡିକୁ ଯାଇ ଏତଲା ଦେଇଥିଲେ। ପରେ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାଶ ଚନ୍ଦ୍ର ନାଏକ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ଶର୍ଟ ସର୍କିଟରେ ଜଳିଗଲା ଘର

**ଟେନ୍‌ସା, ୨୮।୪(ଡି.ଏନ.ଏ.)-** କୋଇଡା ବ୍ଲକର କାଲାଟା ଗ୍ରାମ ପଞ୍ଚାୟତ କୁଲା ଗ୍ରାମରେ ଶନିବାର ରାତି ୧୦ଟା ୩୦ ରେ ସର୍ଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। କୀର୍ତ୍ତନ ବାରିକଙ୍କ ଘର ସମ୍ପୂର୍ଣ୍ଣ ପୋଡି ଧ୍ୱଂସ ହୋଇଯାଇଛି। ରାତି ୧୦ଟା ୩୦ରେ ଘର ଲୋକେ ଏକତ୍ର ବସି ଖାଉଥିବାବେଳେ ହଠାତ୍ ଘର ଭିତରେ ନିଆଁ ଜଳିବାର ଦେଖିବାକୁ ପାଇଥିଲେ। ତୁରନ୍ତ ଘର ଲୋକେ ଜୀବନ ବଞ୍ଚାଇବାକୁ ପଦାକୁ ଦୌଡି ଆସିଥିଲେ। ପାଟି କରିବାରୁ ଗାଁଲୋକ ଦୌଡି ଆସି ପାଣି ପକାଇଥିଲେ ମଧ ନିଆଁକୁ ଆୟତ୍ତ କରିବା ସମ୍ଭବପର ହୋଇ ନ ଥିଲା। ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘରର ଆସବାବପତ୍ରଠାରୁ ଆରମ୍ଭ କରି ଧାନ ଚାଉଳ, ଟଙ୍କା, ପଇସା ଜଳି ପୋଡି ପାଉଁଶ ହୋଇଯାଇଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବାର ଆକଳନ କରାଯାଇଛି।

### ମଦ ଜବତ: ୩ ଗିରଫ

**ବଡ଼ଗାଁ, ୨୮।୪ (ଡି.ଏନ.ଏ.):** ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମର ପ୍ରକାଶ ସାରପଟିଆ ଘରେ ଶନିବାର ସନ୍ଧ୍ୟାରେ ବଡ଼ଗାଁ ଥାନା ପୋଲିସ ଚଢାଉ କରି ମଦ ଜବତ କରିଥିଲା। ରବିବାର ମଧାହ୍ନରେ ପାମରା ଗ୍ରାମର ଅମିତ ଖୁଣ୍ଟିଆ ଓ ଅଜିତ ଖିଲାରୀ ବାଇକ୍‌ରେ ମଦ ବୋତଲ ନେଉଥିବାବେଳେ ତୁଡ଼ାଲଗା ବସଷ୍ଟାଣ୍ଡଠାରେ ପୋଲିସ ଅଟକାଇ ମଦ ଜବତ କରିଛି। ଉକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଛି।

ଜିଲା ଓକିଲସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ, ଆଇନଜୀବୀ ଦିବସ ପାଳିତ

# ନ୍ୟାୟିକ ବ୍ୟବସ୍ଥାରେ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁନ୍ଦରଗଡ଼, ୨୮।୪ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଓକିଲସଂଘ ତରଫରୁ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଶିଶୁ କଳାକାରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରେ ଅତିଥିମାନଙ୍କ ଦ୍ୱାରା ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ତଥା ଭିଜିଲାନ୍ସ ଜଜ୍ ପ୍ରଦୀପ ପଟ୍ଟନାୟକ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଓକିଲମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଣୁ ଓକିଲମାନେ ନିଷ୍ଠାପର ଭାବେ ନିଜର ପେଶାକୁ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଜଜ୍ ପାର୍ଥସାରଥୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓକିଲମାନେ କିପରି ଆଗକୁ ଯାଇ ଦେଶର ମଙ୍ଗଳ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଓକିଲସଂଘର ସଭାପତି ଦୁଷ୍ମନ୍ତ କୁମାର ନାଏକ ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଅଶୋକ କୁମାର ଦାଶ, ଯୁଗଳ କିଶୋର ଠାକୁର, ତାରାକାନ୍ତ ରକ୍ସା, ଗିରିଶ ଚନ୍ଦ୍ର ସାହୁ, ଧର୍ମେଶ ପଟେଲ, ନରେଶ ଚନ୍ଦ୍ର ନାଏକ, ସମୀତା ମହାପାତ୍ର, ପ୍ରଦୀ ପ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି ମଧୁବାବୁଙ୍କ ନିଷ୍ଠାପର ଓକିଲାତି ଓ ଓଡିଆଜାତିର ଉନ୍ନତି ପାଇଁ ତାଙ୍କର ବଳିଷ୍ଠ ଅବଦାନ ସମ୍ପର୍କରେ କହିଥିଲେ। ଉପସଭାପତି ସୁରେନ୍ଦ୍ର ନାରାୟଣ ନାଏକ ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଶୋକ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ କେଶବ ଚନ୍ଦ୍ର ନାଏକଙ୍କୁ ଜିଲା ଓକିଲ ସଂଘ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗିରିଶ ଚନ୍ଦ୍ର ସାହୁ, ପ୍ରଦୀପ ମହାନ୍ତି, ପ୍ରଶାନ୍ତ ପଟେଲ, କିଶୋର ନାଏକ, ପ୍ରେମକୁମାର, ପ୍ରଣବ ସିଂ, ପ୍ରଣବ ହାତୀ, ପ୍ରୀତିଶ ମିଶ୍ର, ରାଜେଶ ଟପ୍ପୋ, ଲଳିତା ବାର୍ଲା, ସୁପ୍ରଭା ପଟେଲ, ପ୍ରତିମା ମିଶ୍ର, ନମିତା କାନୁନଗୋ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।



ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଉଛି।

## ଗାଡ଼ି ଧକ୍କାରେ ୭ ମଇଁଷି ମୃତ, ଦୁଇ ଆହତ

**ଲହୁଣୀପଡ଼ା, ୨୮।୪ (ଡି.ଏନ୍.ଏ.)**

ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲହୁଣୀପଡ଼ା କଲେଇପୋଷ ରାସ୍ତା କେନ୍ଦୁଡିହି ନିକଟରେ ଶନିବାର ଭୋର ଅଜଣା ଗାଡ଼ି ଧକ୍କାରେ ୭ଟି ମଇଁଷିର ମୃତ୍ୟୁ ଘଟିଥିବାବେଳେ ଦୁଇଟି ମଇଷି ଗୁରୁତର ଆହତ ହୋଇଥିବା ଜଣାଯାଇଛି। ମୃତ ମଇଁଷିଗୁଡ଼ିକର କେହି ଦାବିଦାର ବାହାରି ନ ଥିବାବେଳେ ଅନେକ ସମୟ ରାସ୍ତା ଜାମ ହୋଇଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାଘାତ ସୃଷ୍ଟି ହୋଇଥିଲା। ପ୍ରାପ୍ତ ସୂଚନା ଅନୁସାରେ କେନ୍ଦୁଡିହି ନିକଟରେ ମଇଁଷିଗୁଡିକ ରାସ୍ତାପାରି ହେଉଥିଲେ କିମ୍ବା ରାସ୍ତାରେ ଶୋଇଥିଲେ ତାହା ସ୍ପଷ୍ଟ ଜଣାପଡିନାହିଁ। ତେବେ ଏକ ଅଜଣା ଗାଡ଼ି ଧକ୍କାଦେବା ଫଳରେ ରାସ୍ତା ଉପରେ ୭ମଇଁଷି ମରି ପଡିଥିବାବେଳେ ଦୁଇଟି ମଇଁଷି ଗୁରୁତର ଆହତ ହୋଇଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ମରି ପଡିଥିବା ମଇଷିଗୁଡିକୁ ରାସ୍ତାକଡ଼କୁ ନେବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପରୀକ୍ଷା ଦେବାରୁ ବଞ୍ଚିତ: ଥାନାରେ ଅଭିଯୋଗ କଲେ ଛାତ୍ରୀଛାତ୍ର

**ରାଜଗାଙ୍ଗପୁର,୨୮।୪ (ଡି.ଏନ.ଏ.)**

ରାଜଗାଙ୍ଗପୁର ସହରର ଜାମପାଲିଠାରେ ଥିବା କାଲାମ ମେମୋରିଆଲ ଆଇଡ଼ଲ କଲେଜର ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବା ପରେ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ପ୍ରଶାସନର ଜାଣତରେ ବିଭିନ୍ନ ବେସରକାରୀ କଲେଜ ଓ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଯୋଗ ହେଲେ ମଧ ପ୍ରଶାସନ ଜାଣି ଅଜଣା ପରି ରହୁଥିବା ଅଭିଯୋଗ ହେଉଛି। ରାଜଗାଙ୍ଗପୁର ଜାମପାଲିଠାରେ ଧରମଜିତ ସିଂ ନାମକ ଜଣେ ବ୍ୟକ୍ତି ଗତବର୍ଷ କାଲାମ ମେମୋରିଆଲ ଆଇଡଲ କଲେଜ ନାମକ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲି ପାଖାପାଖି ୧୫୬ଜଣ ଛାତ୍ରୀଛାତ୍ରଙ୍କଠାରୁ ୨୦ ହଜାର କରି ନାମଲେଖା ଫି ନେଇ କଲେଜ ଚଳାଉଥିଲେ। ଏହାଛଡ଼ା ସେ ମାସିକ ଫି ମଧ ନେଉଥିଲେ। ଏ ବର୍ଷ ପରୀକ୍ଷା ଆଗରୁ ଛାତ୍ରୀଛାତ୍ରଙ୍କଠାରୁ ପରୀକ୍ଷା ବାବଦରେ ୪ହଜାର ଲେଖାଏଁ କରି ନେଇ ପିଲାଙ୍କୁ ହିନ୍ଦୀରେ ଲେଖା ଥିବା ତିହାରମୁକ୍ତ ବିଦ୍ୟାଳୟ ଶିକ୍ଷଣ ଏବଂ ପରୀକ୍ଷା ବୋର୍ଡ଼, ପାଟନା ନାମକ ପରୀକ୍ଷା କେନ୍ଦ୍ର ପାଇଁ ଆଡମିଟ୍ କାର୍ଡ ପ୍ରଦାନ କରିଥିଲେ। ଯେଉଁ ଆଡମିଟ୍ କାର୍ଡ ସମ୍ପୂର୍ଣ୍ଣ ଭାବେ ଜାଲିଆତି ଥିଲା। ପିଲାମାନେ ଦୌଡ଼ାଦୌଡ଼ି କରି ପରୀକ୍ଷା ଦେବାରୁ ବଞ୍ଚିତ ହେବା ପରେ ସେମାନେ ଠକାମିର ଶିକାର ହୋଇଥିବା ଜାଣିପାରି ଶନିବାର ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ବାବଦରେ ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଆସିଥିବା ପ୍ରକାଶ କରିଥିଲେ। କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କୁ ଆଗକୁ ଡକାଇ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।




ଜାମପାଲିଠାରେ ଥିବା କାଲାମ ମେମୋରିଆଲ ଆଇଡଲ କଲେଜ।

## କୂଅ, ପୋଖରୀ ଶୁଖିଲା: ବାଲିଶଙ୍କରା ବ୍ଲକରେ ଉତ୍କଟ ଜଳାଭାବ

**ବାଲିଶଙ୍କରା,୨୮।୪(ଡି.ଏନ.ଏ.)**

ପ୍ରଚଣ୍ଡ ଖରା ଯୋଗୁ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ବାଲିଶଙ୍କରା ବ୍ଲକର ଉପାନ୍ତ ଓ ନଦୀ ତଟବର୍ତ୍ତୀ ଗ୍ରାମରେ ଉତ୍କଟ ଜଳାଭାବ ଦେଖାଦେଲାଣି। ଲୁଲକିଡ଼ିହ, ବନଡେଗା, ସାଠାବାହାଲ, ତଲସରା, ବିରକାଲଡିହ, ଦେଓ ଭୁବନପୁର ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ନଦୀ ତଟ ବାଲିଶଙ୍କରା ପଞ୍ଚାୟତ, ଘୁଘର, ତେଲିପୋର, କୁସୁମୁରା, କଇଁତରା କରୁଆବାହାଲ, ବନ୍ଧବାହାଲରେ ମଧ୍ୟ ଉତ୍କଟ ଜଳାଭାବ ଦେଖାଦେଲାଣି। ବାଲିତୁଆରୁ ୨କିଲୋମିଟର ଦୂରକୁ ପାଣି ନେବାକୁ ପଡୁଛି। ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ ଗ୍ରାମରେ ଥିବା ନଳକୂପଗୁଡ଼ିକରୁ ଆବଶ୍ୟକ ପାଣି ବାହାରୁନାହିଁ। ଅନେକ ନଳକୂପରୁ ଗାଧୋଇବା ବା ପାନୀୟ ଅନୁପଯୋଗୀ ପାଣି ବାହାରୁଛି। ଅନେକ ନଳକୂପ ସମ୍ପୂର୍ଣ୍ଣ ଖରାପ ହୋଇ ଯାଇଛି। ଜଳସ୍ତର ନିମ୍ନଗାମୀ ହେଉଥିବାରୁ ନଳକୂପ ଅଚଳ ହୋଇପଡୁଛି। ନଦୀ, ନାଳ ସମ୍ପୂର୍ଣ୍ଣ ଶୁଖିଲା ରହିଥିବାରୁ ଜଳସ୍ତର କମିକମି ଯାଉଛି। ଗ୍ରାମରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖୋଳା ହୋଇଥିବା ପୋଖରୀ ଶୁଖିଯାଇଛି। ଅନେକ ଗ୍ରାମରେ ସରକାରୀ ପୁରୁଣା ପୋଖରୀ ହୁଡ଼ାରେ ମାଛ ଚାଷ କରି ମାଛ ମାରୁଥିବାରୁ ଗାଧୋଇବା ଅନୁପଯୋଗୀ ଦେଖାଯାଉଛି।




ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବରସୁଆଁ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

## ଶିକ୍ଷା ଶିଶୁର ସର୍ବାଙ୍ଗୀନ ବିକାଶ କରେ

**ଲହୁଣୀପଡ଼ା, ୨୮।୪(ଡି.ଏନ.ଏ)**

ବରସୁଆଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବକ୍ତା ଓ ଅତିଥିମାନେ ଛାତ୍ରୀଛାତ୍ର, ଉପସ୍ଥିତ ଦର୍ଶକଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଶିଶୁର ସର୍ବାଙ୍ଗୀନ ବିକାଶ କରେ ବୋଲି ମତଦେଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପ୍ରମୁଖ ଡ଼ାକ୍ତର ସନାତନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ସରସ୍ୱତୀଙ୍କ ନିକଟରେ ଆଳତୀ ଓ ବନ୍ଦନା କରାଯାଇ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶଶୀଭୂଷଣ ମହାନ୍ତ ଅତିଥି ପରିଚୟ ଓ ବିଗତ ଶିକ୍ଷା ବର୍ଷର ବିବରଣୀ ପଠନ କରିଥିଲେ। ଶସ୍ୟକଳା ପଞ୍ଚାୟତର ସରପଞ୍ଚ ପ୍ରିୟା କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଡାକ୍ତର ପ୍ରଧାନ ତାଙ୍କ ଅଭିଭାଷଣରେ ଶିଶୁ ମନ୍ଦିର ପାଠ୍ୟ ଯୋଜନାକୁ ଏକ ଆଦର୍ଶ ପାଠ୍ୟ ଯୋଜନା ବୋଲି କହିଥିଲେ। ଏହି ଶିକ୍ଷା ଦ୍ୱାରା ଜଣେ ଶିଶୁର ଶାରିରୀକ, ମାନସିକ, ବୌଦ୍ଧିକ, ଆଧାତ୍ମିକ ତଥା ସର୍ବାଙ୍ଗୀନ ବିକାଶ ହୋଇଥାଏ ବୋଲି ଡାକ୍ତର ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଟେନ୍‌ସାର ମ୍ୟାନେଜର ରମାକାନ୍ତ ବେହେରା, ଡେପୁଟି ମ୍ୟାନେଜର ସୁଦାମ ମହାକୁଡ଼, ବରସୁଆ ଭ୍ୟାଲିର ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ନାରାୟଣ ପଣ୍ଡା, ବରସୁଆଁ ଭ୍ୟାଲିର ମୁଖ୍ୟ ମେଡ଼ିକାଲ ଅଫିସର ଡାକ୍ତର ସଞ୍ଜୟ କୁମାର, ସବ୍‌ଇନିସପେକ୍ଟର ଟେନ୍‌ସା ବଳରାମ ସେଠୀ ଓ ବିଦ୍ୟାଳୟ ସଂସ୍ଥାପକ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ମହାନ୍ତ, ଉପସଭାପତି ପ୍ରତାପଚନ୍ଦ୍ର ଦାସ, ସମ୍ପାଦକ ସୁବ୍ରତ କର, ସହସମ୍ପାଦକ ରମେଶ ରାମ, କୋଷାଧକ୍ଷ ପ୍ରଦୀପ ପରିଡ଼ା, ସଦସ୍ୟା ଉର୍ମିଳା ଦାସ, ପଦ୍ମିନୀ ପ୍ରଧାନି ମଧ୍ୟ ଉପସ୍ଥିତ ଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ସୁବ୍ରତ କର ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଦେ ମାତରମ ଗାନ କରାଯାଇଥିଲା। ଆଚାର୍ଯ୍ୟା ଫୁଲେଶ୍ୱରୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ନୃତ୍ୟ ଓ ଗୀତ ପରିବେଷଣ କରାଯାଇ ଦର୍ଶକଙ୍କ ମନୋରଞ୍ଜନ କରାଯାଇଥିଲା।

## କର୍ମସ୍ଥଳ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ଟେନ୍‌ସା, ୨୮।୪(ଡି.ଏନ.ଏ.)**

ରବିବାର ଏସ୍.ଆର୍ ରୁଙ୍ଗ୍‌ଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା କୋଇଡାଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ତେଜେରୋଇ ଖଣିର ପରିଚାଳକ ବିମଳେଶ ଶ୍ରୀବାସ୍ତବ, କଣ୍ଟର କୋଇଡା ମାଙ୍ଗାନିଜ ଖଣିର ଆଶିଷ କୁମାର ବେହେରା, ସାରକୁଣ୍ଡା ଖଣିର ରଞ୍ଜନ ସିଂ, କମଣ୍ଡୋ ଖଣିର ରାକେଶ କୁମାର, କୁସୁମୁଡିହି ଖଣିର ଅଭିନନ୍ଦନ ପ୍ରସାଦ, ତେହେରାଇ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାଷିଷ୍ଟ ପ୍ରଦୀପ୍ତ ଭାନୁ ପଟ୍ଟନାୟକ ଯୋଗଦେଇ ସଚେତନତା ଉପରେ ଲୋକଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ତେହେରେଇ ଖଣିର ପ୍ରଶାସନ ବିଭାଗର ଅଜୟ କୁମାର କର, ସିଏସ୍‌ଆର ବିଭାଗର ପରିଚାଳକ ଗୌରୀଶଙ୍କର ଆଚାରି ପରିଚାଳନା କରିଥିଲେ।

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢିଚାଲିଛି। ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ବିଶେଷକରି କୋଇଡା ଖଣି ଅଞ୍ଚଳର ତାପମାତ୍ରା ଏତେ ବଢିଯାଇଛି ଯେ, ଦିନ ୧୦ଟା ପରଠାରୁ ଲୋକେ ଘରୁ ବାହାରିପାରୁ ନାହାନ୍ତି। ଦୋକାନ ବଜାର ବନ୍ଦ ହୋଇଯାଇଛି। ଖଣି କର୍ତ୍ତୃପକ୍ଷ ଖଣି ଖନନ ନାମରେ ହଜାର ହଜାର ଗଛ କାଟୁଛନ୍ତି । ଗୋଟିଏ ବି ହେଲେ ଗଛ ରୋପଣ କରୁନାହାନ୍ତି। ଯାହାର ପରିଣାମ ଆଜି କାଇଡା ଅଞ୍ଚଳବାସୀ ଭୋଗ କରୁଛନ୍ତି। ଏହାର କିପରି ପ୍ରତିକାର କରାଯାଇ ପାରିବ, ଅଧିକ ଗଛ ରୋପଣ ହୋଇବ। ଲୋକମାନେ ଖରାର ଉତ୍ତାପ କମ୍ ଉପଭୋଗ କରିବେ। ଖରାରେ ଗଲାବେଳେ କିଭଳି ସାବଧାନତା ଅବଲମ୍ବନ କରିବେ। ଯେପରି ଅଂଶୁଘାତ ହେବ ନାହିଁ। ଏହାକୁ ନେଇ ରୁଙ୍ଗ୍‌ଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ହୋଇଥିଲା। କର୍ମଶାଳାରେ ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଇଥିଲେ।



କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳାରେ ଶପଥ ପାଠ।

## ଶବ ବାହକ ଯାନ, ଆମ୍ବୁଲାନ୍ସ ନ ଥିବାରୁ ସମସ୍ୟା

**ବଡ଼ଗାଁ, ୨୮।୪ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ବଡ଼ଗାଁସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଶବ ବାହକ ଯାନ ଓ ଆବଶ୍ୟକ ଆମ୍ବୁଲାନ୍ସ ନାହିଁ। ଫଳରେ ବିଭିନ୍ନ ସମୟରେ ନାନା ସମସ୍ୟା ଉପୁଜୁଛି। ପୋଲିସ କର୍ମଚାରୀ, ଲୋକପ୍ରତିନିଧି, ଜନସାଧାରଣ ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବଡ଼ଗାଁ ଥାନା ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଜରଙ୍ଗଲୋଇଠାରୁ ଖୁଣ୍ଟମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ୩୦ କି.ମି. ରାଜପଥ ପାର୍ଶ୍ୱରେ ୧୩ଟି ଗ୍ରାମ ଅବସ୍ଥିତ। ପ୍ରତିବର୍ଷ ଛୋଟବଡ଼ ୩୫ରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟି ୫ରୁ ୧୫ ଜଣଙ୍କ ମୃତ୍ୟୁ ଘଟିଥାଏ। ଏହା ବ୍ୟତୀତ ଅପମୃତ୍ୟୁ, ହତ୍ୟା ଆଦି ଘଟଣା ଘଟିଥାଏ। ଦୁର୍ଘଟଣାରେ ମୃତ, ଆତ୍ମହତ୍ୟାରେ ମୃତ ଓ ଅନ୍ୟ ସ୍ଥାନରେ ହତ୍ୟାକରି ରାଜପଥ ପାର୍ଶ୍ୱ ଜଙ୍ଗଲରେ ଫିଙ୍ଗାଯାଇଥିବା ମୃତଦେହକୁ ଆଣି ବଡ଼ଗାଁ ଡାକ୍ତରଖାନା ପରିସରରେ ଥିବା ବ୍ୟବଚ୍ଛେଦ ଗୃହରେ ରଖାଯାଇଥାଏ। ଦୁର୍ଗନ୍ଧ ହେଉଥିବା ମୃତଦେହକୁ ଆଣିବାକୁ କୌଣସି ଗାଡ଼ି ମାଲିକ ରାଜି ହୁଅନ୍ତି ନାହିଁ। ଅପରପକ୍ଷେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଶବ ବାହକ ଯାନ ନ ଥିବାରୁ ଅନେକ ସମୟରେ ମୃତଦେହ ପୋଲିସ ଗାଡ଼ିରେ ଅଣାଯାଇଥାଏ। ବଡ଼ଗାଁରେ ଶବ ବାହକ ଯାନ ନ ଥିବାବେଳେ ମାତ୍ର ଗୋଟିଏ ପୁରୁଣା ଆମ୍ବୁଲାନ୍ସ ଅଛି। ପୋଲିସ ଅଜଣା ମୃତଦେହ ଉଦ୍ଧାର କଲେ ୭୨ଘଣ୍ଟା ପର୍ଯ୍ୟନ୍ତ ରଖିବା ନିୟମ ଅଛି। ହେଲେ ମୃତଦେହକୁ ଠିକ୍ ଭାବେ ରଖିବା ପାଇଁ ମର୍ଗ ହାଉସ୍ ମଧ ନାହିଁ। ଫଳରେ ଦୁର୍ଗନ୍ଧ ହେଉଥିବା ମୃତଦେହ ପୋଲିସ ଉଦ୍ଧାର କରି ଆଣିଲେ ଡାକ୍ତରଖାନା ରୋଗୀଗୃହ ପାର୍ଶ୍ୱରେ ନିର୍ମିତ ବ୍ୟବଚ୍ଛେଦ ଗୃହରେ ରଖାଯାଇଥାଏ। ବ୍ୟବଚ୍ଛେଦ ଗୃହ ନିକଟରେ ରାଜପଥ, ଜନବସତି ଓ ଦୋକାନବଜାର ଥିବାରୁ ଦୁର୍ଗନ୍ଧ ହେଲେ ୩ଦିନ ପର୍ଯ୍ୟନ୍ତ ଲୋକେ ଅସୁସ୍ଥ ପରିବେଶ ଯୋଗୁ ହଇରାଣ ହୋଇଥାନ୍ତି। ଦୁର୍ଘଟଣା ଘଟିଲେ ବେଳେବେଳେ ୧୦୮ ଆମ୍ବୁଲାନ୍ସ କାର୍ଯ୍ୟବ୍ୟସ୍ତତା ଯୋଗୁ ବିଳମ୍ବ ହୋଇଥାଏ। ଡାକ୍ତରଖାନାରେ ଥିବା ଏକମାତ୍ର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତଙ୍କୁ ଆଣୁ ନ ଥିବାରୁ ବିଭିନ୍ନ ସମୟରେ ଘୋର ହଇରାଣ ହେବାକୁ ପଡ଼ିଥାଏ। ଶବ ବାହକ ଯାନ ନ ଥିବାରୁ ବିଶେଷକରି ପୋଲିସ ହଇରାଣ ହୋଇଥାଏ। ଏସବୁକୁ ଦୃଷ୍ଟିଦେଲେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଏକ ଆମ୍ବୁଲାନ୍ସ, ଶବ ବାହକ ଯାନ ଓ ଡାକ୍ତରଖାନାର ରୋଗୀ ଗୃହ, ଜନବସତିଠାରୁ କିଛି ଦୂରରେ ବ୍ୟବଚ୍ଛେଦ ଗୃହ ନିର୍ମାଣ ଅତ୍ୟନ୍ତ ଆବଶ୍ୟକ। ଏହି ଆବଶ୍ୟକତା ପୂରଣ କରିବା ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

**ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଅନେକ ସମୟରେ ମୃତଦେହ ପୋଲିସ ଗାଡ଼ିରେ ଅଣାଯାଇଥାଏ
- ମର୍ଗ ହାଉସ୍ ନ ଥିବାରୁ ବ୍ୟବଚ୍ଛେଦ ଗୃହରେ ରଖାଯାଇଥାଏ ମୃତଦେହ
- ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି

### ଏମାନେ ଯାହା କୁହନ୍ତି...



"ବର୍ଷର ଅଧିକାଂଶ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୧୦୮ ଆମ୍ବୁଲାନ୍ସ ନିୟୋଜିତ ଥିଲେ ଆହତଙ୍କୁ ଶୀଘ୍ର ଡାକ୍ତରଖାନା ଆଣି ଚିକିତ୍ସା ସେବା ଯୋଗାଇ ଦିଆଯାଇପାରୁନି। ଅଞ୍ଚଳର ଜଙ୍ଗଲ, ରାସ୍ତା ପାର୍ଶ୍ୱରେ ମିଳୁଥିବା ମୃତଦେହ ଉଦ୍ଧାର କରି ନେବାକୁ ଶବ ବାହକ ଯାନ ନିହାତି ଜରୁରି। କାରଣ ଦୁର୍ଗନ୍ଧ ହେଉଥିବା ମୃତଦେହକୁ କୌଣସି ଗାଡ଼ି ନେଇ ନ ଥାନ୍ତି। ବ୍ୟବଚ୍ଛେଦ ଗୃହର ଉନ୍ନତିକରଣ କରି ତାକୁ ମର୍ଗ ହାଉସ କରିବାର ଆବଶ୍ୟକତା ରହିଛି।

**-ପୁଷ୍ପାଞ୍ଜଳି ମିଞ୍ଜ, ବଡ଼ଗାଁ ବ୍ଲକ ଅଧକ୍ଷା**



"ବଡ଼ଗାଁ ସିଏଚସିରେ ଶବ ବାହକ ଯାନ, ଆଉ ଗୋଟିଏ ଆମ୍ବୁଲାନ୍ସ ଅତି ଆବଶ୍ୟକ। ମୁଖ୍ୟତଃ ଛୁଟିଦିନଗୁଡ଼ିକରେ ମୃତକଙ୍କୁ ବ୍ୟବଚ୍ଛେଦ ଗୃହକୁ ଆଣିବାକୁ ସମସ୍ୟା ହୋଇଥାଏ। ସୁନ୍ଦରଗଡ଼ରୁ ଶବ ବାହକ ମଗାଇଲେ ବିଳମ୍ବ ହୋଇଥାଏ। ଫଳରେ ବାଧହୋଇ ପୋଲିସ ପିସିଆର ଗାଡ଼ିରେ ଆଣିଥାଏ। ପୋଲିସ ଓ ପ୍ରଶାସନର ସୁବିଧା ପାଇଁ ଶବ ବାହକ ନିହାତି ଜରୁରି। ଏହାଦ୍ୱାରା ମୃତକଙ୍କ ପରିବାର ଲୋକେ ମଧ ସୁବିଧା ପାଇପାରିବେ।

**-ସୂର୍ଯ୍ୟକାନ୍ତି ଦାସ, ବଡ଼ଗାଁ ଥାନା ଆଇଆଇସି**



"ଆମ ଅଞ୍ଚଳରେ ଦୁର୍ଘଟଣା ଏକ ସାଧାରଣ କଥା। ଅନେକ ସମୟରେ ଆହତଙ୍କୁ ଡାକ୍ତରଖାନା ଆଣିବାରେ ସମସ୍ୟା ଦେଖାଦେଇଥାଏ। ଶବ ବାହକ ନ ଥିବାରୁ ପୋଲିସକୁ ହଇରାଣ ହେବାକୁ ପଡ଼େ। ମୃତଦେହକୁ ୩ଦିନ ବ୍ୟବଚ୍ଛେଦ ଗୃହରେ ରଖିଲେ ପରିବେଶ ଦୁର୍ଗନ୍ଧମୟ ହେଉଛି। ତେଣୁ ବ୍ୟବଚ୍ଛେଦ ଗୃହ ଅନ୍ୟତ୍ର କରାଯିବା କଥା। ମର୍ଗ ହାଉସର ଆବଶ୍ୟକତା ମଧ ରହିଛି। ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବା ଉଚିତ।

**-ସୁଶିଳା ଡନସନା, ବଡ଼ଗାଁ ସରପଞ୍ଚ**



"ବଡ଼ଗାଁରେ ମର୍ଗ ହାଉସ୍ ଜରୁରି। ଦୁର୍ଗନ୍ଧ ହେଉଥିବା ମୃତଦେହ ଆଣି ଡାକ୍ତରଖାନାର ରୋଗୀ ଗୃହ ପାର୍ଶ୍ୱ ବ୍ୟବଚ୍ଛେଦ ଗୃହରେ ରଖାଯାଏ। ୩ଦିନ ପର୍ଯ୍ୟନ୍ତ ଦୁର୍ଗନ୍ଧମୟ ପରିବେଶରେ ଆମେ ଘୋର ହଇରାଣ ହୋଇଥାଉ। ବ୍ୟବଚ୍ଛେଦ ଗୃହ ଅନ୍ୟତ୍ର କରାଯାଉ କିମ୍ବା ସେଠାରେ ମର୍ଗ ହାଉସ କରାଯାଉ। ଏଥିପାଇଁ ଆବଶ୍ୟକ ଶବ ବାହକ ହେଲେ ମୃତକଙ୍କ ପରିବାର ଲୋକେ ମଧ ମୃତଦେହକୁ ଘରକୁ ନେଇପାରିବେ।

**-ବସନ୍ତ ଦାସ, ବଡ଼ଗାଁ ଗ୍ରାମବାସୀ**



ସଂସାରରେ ପିମ୍ପୁଡି ଭଳି ରୁହ। ବାଲିଚିନି ମିଶିଥିଲେ ପିମ୍ପୁଡି ଯେପରି ଚିନିକୁ ଅଲଗା କରିନିଏ, ସେହିପରି ସଂସାର ନିତ୍ୟ ଓ ଅନିତ୍ୟ ବସ୍ତୁ ମଧ୍ୟରୁ ନିତ୍ୟ ବସ୍ତୁକୁ ଗ୍ରହଣ କର।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଇଟା କାରଖାନାରୁ ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ/ଲଖନପୁର,୨୮।୪ (ଡି.ଏନ୍.ଏ.)- ଝାରସୁଗୁଡ଼ା ବଡ଼ମାଲ ଥାନା ବେହେରାପାଲି ନିକଟ ଇଟା କାରଖାନାରୁ ଚୋରି ହୋଇଥିବା ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବନହରପାଲି ଥାନା ଖଡ଼ାମ ଗ୍ରାମର ରବିରତନ ବେହେରା (୨୬)। ଅନ୍ୟ ଜଣେ ଫେରାର ଥିବା ପୋଲିସ କହିଛି। ଇଟା କାରଖାନାରୁ ଚୋରି ସମ୍ପର୍କରେ ମାଲିକ ବିକାଶ ଅଗ୍ରୱାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୬/୧୮) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏକ ବାଇକ୍‌ରେ ୨ ଜଣ ଯୁବକ କାରଖାନାରେ ପ୍ରବେଶ କରି କେତେକ ସାମଗ୍ରୀ ଧରି ପଳାଉଥିଲେ। କାରଖାନା ସୁରକ୍ଷାକର୍ମୀ ବାଇକ୍ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଯୁବକ ଦ୍ୱୟ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଏତିକିବେଳେ ସୁରକ୍ଷାକର୍ମୀ ବାଇକ୍ ନମ୍ବର (ଓଡି୨୩-ଏଫ୍୯୬୪୪) ନୋଟ୍ କରିନେଇଥିଲେ। ବାଇକ୍ ନମ୍ବର ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି।

# ଷ୍ଟିଲ୍ ସିଟିରେ ଅସହ୍ୟ ତାତି

## ■ ବୁଲା ଜୀବଜନ୍ତୁଙ୍କ ଅବସ୍ଥା ବେହାଲ, ମିଳୁନି ପାନୀୟଜଳ

ରାଉରକେଲା ଅଫିସ,୨୮।୪

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଲାଣି। ଇସ୍ପାତ ସହରରେ ଗତ ଦୁଇଦିନ ହେବ ପ୍ରବଳ ତାତି ଯୋଗୁ ଲୋକେ ଡହଳବିକଳ ହେଉଛନ୍ତି। କ୍ରମାଗତ ତାପମାତ୍ର ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। ଏମିତି ଅବସ୍ଥାରେ ପାଣି ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ବୁଲା ଜୀବଜନ୍ତୁଙ୍କ ଅବସ୍ଥା ବେହାଲ ହୋଇପଡ଼ିଛି। ପଥଚାରୀଙ୍କ ପାଇଁ ସହରର ପ୍ରମୁଖ ଛକ ବଜାରରେ ଜଳଛତ୍ର ଖୋଲାଯାଉଛି। ଏପରି ଅବସ୍ଥାରେ ପଶୁପକ୍ଷୀଙ୍କ ଅବସ୍ଥା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ପଦକ୍ଷେପ ନିଆଯାଉନି। ପଶୁପକ୍ଷୀଙ୍କ ପାଇଁ ଏସ୍‌ପିସିଏ ଯୋଜନାରେ ପାଣିକୁଣ୍ଡ ବସାଯିବା କଥା। ଏ ନେଇ ତତ୍ପରତା ପ୍ରକାଶ ନ ପାଇବା ପ୍ରାଣୀ ପ୍ରେମୀଙ୍କୁ ନିରାଶ କରିଛି। ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ଥିବା ଜଳଉତ୍ସ ଏବେ ଶୁଖିବାରେ ଲାଗିଛି। ଏପରି ଅବସ୍ଥାରେ ପଶୁପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଷ୍ଟିଲ ସିଟିରେ ୭୦ ହଜାରରୁ ଅଧିକ ପ୍ରାଣୀସମ୍ପଦ ରହିଥିବାବେଳେ ଏମାନଙ୍କ ମଧ୍ୟରୁ ୩୫ହଜାର ହେଉଛନ୍ତି ଗୃହପାଳିତ।



ଶୋଷରେ ଡହଳବିକଳ ଏକ ଗାଇକୁ ସେକ୍ଟର-୩ ବଲାଙ୍ଗୀର ବସ୍ତିର ଜଣେ ମହିଳା ପାଣି ଦେଉଛନ୍ତି।

ଅବଶିଷ୍ଟ ୩୫ ହଜାରରୁ ଅଧିକ ବୁଲା ଗାଇଗୋରୁ, କୁକୁର ଓ ଅନ୍ୟ ପ୍ରାଣୀ ରହିଥିବା ଆକଳନ କରାଯାଇଛି। ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ବିଶେଷ ସମସ୍ୟା ନ ଥିବା ବେଳେ ବୁଲା ଗାଇଗୋରୁଙ୍କ ଡହଳ ବିକଳ ଅବସ୍ଥା ଦେଖାଯାଇଛି। ପାଣି ଟୋପେ ପିଇବାକୁ ଅନେକ ବୁଲାଗାଇ ଆର୍‌ଏସ୍‌ପି ମୁଖ୍ୟ ନାଳ ପାର୍ଶ୍ୱରେ ଠିଆହୋଇ ରହୁଛନ୍ତି। ସ୍ଥଳବିଶେଷରେ ଦେଖାଯାଇଛି ଯେ ଏହି ଶୋଷିଲା ଗାଇ ନାଳକୁ ପଶିଲେ ଆଉ ଉପରକୁ ଉଠି ପାରୁନାହାନ୍ତି। ଏପରି ଅବସ୍ଥାରେ ସମସ୍ୟା ଦ୍ୱିଗୁଣିତ ହୋଇପଡୁଛି। ମାତ୍ରାଧିକ ଗ୍ରୀଷ୍ମପ୍ରବାହ ଯୋଗୁ ପାଣି ବ୍ୟବହାର ବଢ଼ିବା ସ୍ୱାଭାବିକ ପ୍ରକ୍ରିୟା। ଏପରି ଅବସ୍ଥାରେ ସହରରେ ଯେତିକି ଜଳ ଯୋଗାଣ ହେଉଛି ସେତିକିରେ ଆବଶ୍ୟକତା ମେଣ୍ଟିପାରୁନି। ନିଜ ଅବଶ୍ୟକତାରୁ କାଣ୍ଟଛାଣ୍ଟ କରି ଲୋକେ ଗୃହପାଳିତ ପଶୁଙ୍କ ନିମନ୍ତେ ଜଳ ରଖିବାକୁ ବାଧ ହେଉଛନ୍ତି। ଯାହାକୁ ପର୍ଯ୍ୟାପ୍ତ କୁହାଯାଇ ପାରିବନି। ନିୟାନୁସାରେ ସୋସାଇଟି ଫର ପ୍ରିଭେନସନ କ୍ରୁଏଲିଟି ଟୁ ଆନିମଲ (ଏସ୍‌ପିସିଏ) ଯୋଜନାରେ ପଶୁପକ୍ଷୀଙ୍କ ନିମନ୍ତେ ଜଳଛତ୍ର ଖୋଲାଯାଇ ପାରନ୍ତା। ଏମାନେ ଯାତାୟାତ କରୁଥିବା ରାସ୍ତା, ଛକ କିମ୍ବା ଏଭଳି ସ୍ଥାନରେ ଜଳକୁଣ୍ଡ ସ୍ଥାପନ କରାଗଲେ ସମସ୍ୟା ସମାଧାନ ବାଟ ଫିଟନ୍ତା। ଯେଉଁଠିକୁ ନିୟମିତ ଜଳ ଯୋଗାଇ ଦିଆଗଲେ ବୁଲା ଗାଈଗୋରୁ ଗ୍ରୀଷ୍ମ ଦାଉରୁ ସୁରକ୍ଷିତ ରହିପାରନ୍ତେ। ଏନେଇ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ନ ଥିଲେବି ପ୍ରଶାସନ ଚାହିଁଲେ ଏହି ଅସୁବିଧାକୁ ଦୂର କରାଯାଇ ପାରିବ। ଅତୀତରେ ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲେ ବି ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି। ପଥଚାରୀଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଉଥିବା ବେଳେ ବୁଲା ଗାଈଙ୍କ ପାଇଁ ପାଣି କୁଣ୍ଡ ସ୍ଥାପନ କରିବା ଅତି ଜରୁରୀ ବୋଲି କହିଛନ୍ତି ପଶୁ କଲ୍ୟାଣ ସଂଗଠନ କର୍ମକର୍ତ୍ତା ସଂଗ୍ରାମ ପରିଡ଼ା, ପଶୁପ୍ରେମୀ ମହେଶ ରାଜଗନ୍ଧା ଓ ସାମାଜିକ କର୍ମୀ ଶାନ୍ତନୁ କୁସୁମ।

# ବଢ଼ୁଛେ ପନିପରିବାର ଦରଦାମ୍, ଚିନ୍ତାରେ ଖାଉଟି

ବେଲପାହାଡ଼,୨୮।୪ (ଡି.ଏନ୍.ଏ):

ଖରା ତାତି ବଢ଼ବାର ସଂଗେ ଏହେଦେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଂଚଲରେ ଆଲୁ, ଉଲିର ଦାମ୍ ବଢ଼ିଯାଇଛେ। ଯେନ୍‌ଥିରଲାଗି ଖାଉଟିମାନେ ଚିନ୍ତାରେ ପଡ଼ିଯାଇଛନ୍। ହାଟ୍ ହଟଲିରେ ବେଉସାୟୀମାନେ ଆଲୁ, ଉଲି କେ.ଜି. ୨୦ ଟଁକାରେ ବିକୁଛନ୍, ଯେନ୍‌ଟା ଆଗରୁ ୧୦ରୁ ୧୫ ଟଁକାରେ ବିକୁଥିଲେ। ବେଉସାୟୀମାନକୁ ପଚରାଲେ ପାଇକାରି ଦାମ୍ ବଢ଼ବାର ଲାଗି ଖୁଚରା ବିକ୍‌ରିରେ ବଢ଼ିଛେ ବଲି କହୁଛନ୍। ହେଲେ ଇତାର ପରଭାବ ସିଧା ଖାଉଟିମାନକର ଉପରେ ପଡୁଥିଲେ ବି ଲୋକ୍ ମୁଡ଼କାନ ସୁଆଁଲି ପରିବା ଘିନୁଛନ୍। ଏହେଦେ ଖରା ତାତି ବଢ଼ବାର ଲାଗି ପଡ଼ିଶା ରାଏଜ୍ ଛତିଶଗଡ଼ରୁ ବି କମ୍ ହିସାବେ ପନିପରିବା ଆମଦାନି ହେଉଛେ। ଇଆଡ଼େ ପାଏନ୍ ଅଭାବୁ ଥାନୀୟ ଚାଷୀ ବି ପୁଟଲ, ବାଇଗନ, ପାତଲଘଁଟା ଆଦି ପରିବା ଅମଲ ଠିକ୍‌ହିସାବେ ନାଇଁ କରିପାରୁଥିବାର କହିଛନ୍। କମ୍ ଅମଲ ଆର କମ୍ ଆମଦାନି ଲାଗି ବଜାରରେ ପରିବା ଦାମ୍ ବଢ଼ିଯାଇଛେ ବଲି ବେଉସାୟୀମାନେ ଖାଉଟିମାନକୁ ସଫେଇ ଦେଉଛନ୍। ଗଲା ଦୁଇ ହପ୍ତା ଭିତରେ ବଜାରରେ ପାତଲଘଁଟା, ବାଇଗନର ଦାମ୍ ଦୁଇଗୁନା ବଢ଼ିଛେ। ବେଉସାୟୀମାନେ ପାତଲଘଁଟା, ବାଇଗନ, କରଲା, ଭେଣ୍ଡି, ଗୁଆଁର ଆର କୁଁଦ୍‌ରୁ କେ.ଜି ୪୦ ଟଁକାରେ ବିକୁଛନ୍। ସେନ୍‌ତା ପୁଟଲ କେ.ଜି. ୬୦ରୁ ୮୦, ମାଖନ୍, କାଁକେର କେ.ଜି. ୨୦ରୁ ୨୫ ଟଁକା ରହିଛେ। ଶିମଲା ମିରଚା, ଗାଜର, ବିନ୍ ଲେଖେଁ ବାହାରୁ ଆମଦାନି ହେଉଥିବାର ପରିବା କେ.ଜି. ୬୦ରୁ ୮୦ ଟଁକାରେ ବିକ୍‌ରି ହେଉଛେ।

# ବରଯାତ୍ରୀ ଗାଡ଼ି ଓଲଟି ୧୦ ଆହତ

ଲଇକେରା,୨୮।୪ (ଡି.ଏନ୍.ଏ.)

ପାନପାଲି ବୁଲାଣିରେ ଭାରସାମ୍ୟ ହରାଇ ଏକ ବରଯାତ୍ରୀ ଗାଡ଼ି ଓଲଟି ପଡ଼ିବାରୁ ଏଥିରେ ଥିବା ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସୂଚନା ଅନୁସାରେ, ସମ୍ବଲପୁର ଜିଲା ଭୋଜପୁର ଲାଦୋରପାଲରୁ ଝାରସୁଗୁଡ଼ା ଜିଲା ଡେଙ୍ଗୁରଯୋରକୁ ଓଡି୧୪-ଜେ୩୯୨୩ନଂ ଭ୍ୟାନ୍‌ରେ ୨୫ରୁ ୩୦ ଜଣ ବରଯାତ୍ରୀ ଆସୁଥିଲେ। ପାନପାଲି ବୁଲାଣିରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ୧୦୮ ଆମ୍ବୁଲାନ୍ସ ଯୋଗେ ୧୦ରୁ ଅଧିକ ଆହତଙ୍କୁ ଝାରସୁଗୁଡ଼ା ଡାକ୍ତରଖାନା ପଠାଇଛି। ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଗାଡ଼ି ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।



ପ୍ରଗତି ଉତ୍କଳ ସଂଘ ହୀରକ ଜୟନ୍ତୀ ଆଲୋଚନାଚକ୍ରରେ ଉପସ୍ଥିତ ଶ୍ରୋତା।

# ପ୍ରଗତି ଉତ୍କଳ ସଂଘ ହୀରକ ଜୟନ୍ତୀ

ରାଉରକେଲା ଅଫିସ,୨୮।୪

ପରିବର୍ତ୍ତିତ ପରିସ୍ଥିତିରେ ପାରମ୍ପରିକ ପୁସ୍ତକ ନୂଆ ରୂପରେ ଇ-ପୁସ୍ତକ ଭାବେ ଆଦୃତି ଲାଭ କରିଛି। ଏହାର ଆବଶ୍ୟକତା ଓ ଗୁରୁତ୍ୱ ମଧ୍ୟ ଗ୍ରହଣୀୟ ହୋଇପାରିଛି। ସମୟର ଆହ୍ୱାନ ଓ ପ୍ରଗତିର ଧାରା ବୋଧହୁଏ ଏହି ନୂତନତାକୁ ଜନ୍ମ ଦେଇଛି ବୋଲି ପ୍ରାବନ୍ଧିକ ଡ. ଅସୀତ ମହାନ୍ତି ମତ ପ୍ରକାଶ କରିଛନ୍ତି। ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଆୟୋଜିତ ଏହାର ଦୁଇଦିନିଆ ହୀରକ ଜୟନ୍ତୀ ସମାରୋହ ଆଲୋଚନାଚକ୍ରରେ ଯୋଗଦେଇ ଶନିବାର ମହାନ୍ତି ଏହା କହିଥିଲେ। ଇ-ପୁସ୍ତକ ଓ ଇ-ପାଠାଗାର ସମ୍ପ୍ରତି ଆଦୃତି ଲାଭ କରିଥିବା ବେଳେ ଏହାର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ବିଶ୍ୱରେ ବଢ଼ିବାରେ ଲାଗିଛି। ଏହାର ଇତିବୃତ୍ତି ନେଇ ମହାନ୍ତି ଆଲୋଚନା କରିବା ସହ ଆଗାମୀ ଦିନରେ ଇ-ପୁସ୍ତକ ଓ ଲାଇବ୍ରେରିର ଢାଞ୍ଚାଗତ ଦିଗ କିପରି ମୋଡ଼ ବଦଳାଉଛି ସେ ନେଇ ସମୟକୁ ଅପେକ୍ଷା କରାଯିବା ଆବଶ୍ୟକ ବୋଲି ମହାନ୍ତି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ଏନ୍‌ଆଇଟି ରାଉରକେଲାର ସହକାରୀ ଗ୍ରାନ୍ଥାଗାରିକ ଦିବ୍ୟକିଶୋର ପ୍ରଧାନ ଇ-ପୁସ୍ତକ ପ୍ରକାଶନ, ଆବଶ୍ୟକତା, ସମସ୍ୟା ଓ ଏହାର ସମାଧନ ନେଇ ସବିଶେଷ ଆଲୋଚନା କରିଥିଲେ। ବୈଷୟିକ ଦୃଷ୍ଟିରୁ ଇ-ପୁସ୍ତକ କିମ୍ବା ପାଠାଗାର କେତେ ଗ୍ରହଣୀୟତା ବଜାୟ ରଖିପାରିବ ସେ ନେଇ ପ୍ରଧାନ ଆଲୋକପାତ କରିଥିଲେ। ଅଧକ୍ଷ ଡ. ଗୌରାଙ୍ଗ ଚରଣ ଦାସ ନିଜ ବକ୍ତବ୍ୟରେ ଇ-ପୁସ୍ତକର ଉପାଦେୟତା ଏବଂ ଏହାର ବ୍ୟବହାରିକ ସହଜତା ନେଇ ଆଲୋଚନା କରିଥିଲେ। ନିଷ୍ଠା ଓ ଆଗ୍ରହ ରହିଲେ ଏ ଦିଗରେ ଅଧିକ ଉନ୍ନତି ସାଧିତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ଆର୍‌ଏସ୍‌ପି ଅଧିକାରୀ ନିରୋଦ ସାମାନ୍ତରାୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ବିଭିନ୍ନ ସମୟରେ କରାଯାଇଥିବା ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଆଲୋଚନା ଶେଷ ପର୍ଯ୍ୟାୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବରିଷ୍ଠ ଲେଖକ ତଥା ପ୍ରଫେସର ଦେବେନ୍ଦ୍ର ଦାସ ସଂଯୋଜନା କରିଥିଲେ। ସଂଗଠନ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଧନ୍ୟବାଦ ପ୍ରଦାନ କରିଥିଲେ। ଭାରତଭୂଷଣ ମହାନ୍ତି, ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଶ୍ରୀଚରଣ ମହାନ୍ତି, ବିଶ୍ୱନାଥ ବେହେରା, ଜ୍ଞାନରଞ୍ଜନ ଗିରି, ଦିବାକର ମହାନ୍ତି, ଅଜୟ ନାୟକ, ଲକ୍ଷ୍ମଣ ଦାସ, କିଶୋରୀମୋହନ କର ଓ ସତ୍ୟନାରାୟଣ ଦାସ ପ୍ରମୁଖ ପଉସ୍ଥିତ ଥିଲେ।

# ଗଛରେ ପିଟିହେଲା ବାଇକ୍, ଆରୋହୀ ମୃତ

ଲଇକେରା,୨୮।୪(ଡି.ଏନ୍.ଏ.)

ଅଇତାପାଲିରୁ ଲଇକେରା ଆସୁଥିବା ଓଆର୍୧୫-ଏସ୍୩୬୫୨ନଂ ବାଇକ୍ ଗଛରେ ପିଟି ହୋଇଯିବାରୁ ଏହାର ଚାଳକ ବରଗଡ଼ ଜିଲା ଦେଶଭଟଲିର ଆକାଶ ବେହେରା (୨୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଆକାଶ ବାଇକ୍‌ରେ ଦ୍ରୁତଗତିରେ ଆସୁଥିବାବେଳେ ଭାରସମ୍ୟ ହରାଇ ରେଙ୍ଗାଲବେଡ଼ା କହବଣିଆଠାରେ ଏକ ଗଛରେ ପିଟି ହୋଇଯାଇଥିଲେ। ତାଙ୍କ କାନ ଓ ନାକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଲଇକେରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକାଶ ଏକ ଠିକାସଂସ୍ଥାରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଏସ୍‌ଆଇ ଉଦୟଭାନୁ ଦେବ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅର୍ବାନ ବ୍ୟାଙ୍କ ଏଜେଣ୍ଟ ଆସୋସିଏଶନ ବୈଠକ

ରାଉରକେଲା ଅଫିସ,୨୮।୪

ଅର୍ବାନ ବ୍ୟାଙ୍କ ଏଜେଣ୍ଟ ଆସୋସିଏଶନର ସାଧାରଣ ପରିଷଦ ବୈଠକ ରବିବାର ଅପରାହ୍ଣ ଗୋଟାଏରେ ଅନୁଷ୍ଠିତ ହୋଇଛି। ଅର୍ବାନ ବ୍ୟାଙ୍କ ମୁଖ୍ୟଶାଖା ଉଦିତନଗରଠାରେ ଅନୁଷ୍ଠିତ ଏହି ବୈଠକରେ ଆସୋସିଏଶନ ଉପସଭାପତି ନିରଞ୍ଜନ ପଲାଉରି ଅଧକ୍ଷତା କରିଥିଲେ। ଏହି ଅବସରରେ ଆସୋସିଏଶନର ବିଗତ ଦିନର କାର୍ଯ୍ୟାବଳୀ ଓ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ ନେଇ ଆଲୋଚନା କରାଯାଇଥିଲା। ପୂର୍ବରୁ ଆସୋସିଏଶନ ସଭାପତି ରହି ଆସିଥିବା ମୁରଲୀଧର



ଅର୍ବାନ ବ୍ୟାଙ୍କ ଏଜେଣ୍ଟ ଆସୋସିଏଶନ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ପରିଜାଙ୍କ ଅକାଳ ବିୟୋଗ ପରେ ଏହି ପଦରେ ଆଇନଜୀବୀ ଅରିନ୍ଦମ ଦତ୍ତଙ୍କୁ ମନୋନୀତ କରାଯାଇଥିବା ଏଥିରେ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ନୂଆ ସଭାପତିଙ୍କ ନେତୃତ୍ୱରେ ଆସୋସିଏଶନ ତା'ର କାର୍ଯ୍ୟକ୍ରମ ଆବ୍ୟାହତ ରଖିବ ବୋଲି କୁହାଯାଇଥିଲା। ଶେଷରେ ଆସୋସିଏଶନ ସମ୍ପାଦକ ଅଶୋକ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# କୋଲାବିରା ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁ ଜୟନ୍ତୀ

କୋଲାବିରା,୨୮।୪ (ଡି.ଏନ୍.ଏ.)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ର ମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ଓଡ଼ିଆମାନେ ତାଙ୍କ ଜନ୍ମଦିବସକୁ ଆଇନଜୀବୀ ଦିବସରେ ସୀମିତ ନ ରଖି ରାଷ୍ଟ୍ରଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସଦର ସ୍ଥାୟୀ ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର ଯୋଗଦେଇ କହିଥିଲେ, ମଧୁବାବୁ ବି ଜଣେ ସୁସାମ୍ବାଦିକ ଥିଲେ। ତାଙ୍କ ସମ୍ପାଦନାରେ ଓଡ଼ିଆ ନାମକ ଏକ ଇଂଲିଶ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା। ବିଶେଷକରି ମହିଳାମାନଙ୍କୁ କୋର୍ଟ କଚେରିରେ ସାହାଯ୍ୟ କରିବା ପାଇଁ ଶୈଳବାଳାଙ୍କ ସାନଭଉଣୀ ସୁଧାଂସୁବାଳାଙ୍କୁ ମଧୁବାବୁ ଆଇନ ପଢ଼ାଇଥିଲେ। ପରିବେଶବିତ୍ ହରିବଂଶ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ, ମଧୁବାବୁ ଭାଷାଭିତ୍ତିକ ପ୍ରଦେଶ ଗଠନର ଆଦ୍ୟ ପ୍ରବର୍ତ୍ତକ ଥିଲେ। ସମସ୍ତେ ସେହି ସ୍ୱାଭିମାନୀ ମହାପୁରୁଷଙ୍କ ଦେଶପ୍ରେମକୁ ମନେ ପକାଇ ନିଜ ମା' ମାଟିର ଟେକ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବୀରେନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିବାବେଳେ ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ସଦସ୍ୟା ଓ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଲବଣୀ ମରାଇ, ସୁରେନ୍ଦ୍ର ଟଣକାର, ସରୋଜ ଟଣକାର, ଲଳିନ୍ଦ୍ର ଗୋଖରା, ତୁଲାରାମ ସେନାପତି, ଭୀଷ୍ମଦେବ ପଟେଲ, ଦିଲୀପ ସେନାପତି, ଚିତ୍ରସେନ ସମର୍ଥା, ପ୍ରବୀଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ସମାସିଂହାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ

କୋଲାବିରା,୨୮।୪ (ଡି.ଏନ୍.ଏ.)

ସମାସିଂହା ପଞ୍ଚାୟତ ସମାସିଂହା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଗ୍ରାମର ଗୌରଭକ୍ତବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଛି। ଶୁକ୍ରବାର କଳସ ଶୋଭାଯାତ୍ରା କରାଯାଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ରୂପେ ରୂପାନନ୍ଦ ପଟେଲ ଓ ତାଙ୍କ ସ୍ତ୍ରୀ ସୁବର୍ଣ୍ଣ ପଟେଲ ଦାୟିତ୍ୱ ତୁଲାଇଥିଲେ। ନୀତି ଅନୁଯାୟୀ କାର୍ଯ୍ୟାରମ୍ଭ ହୋଇ ଦେବଦେବୀଙ୍କୁ ଯଜ୍ଞ ମଣ୍ଡପରେ ସ୍ଥାପନ ସହ ହୋମଯଜ୍ଞ ଘୃତାହୁତି ପର୍ବ ଆରମ୍ଭ କରାଯାଇଥିଲା। ପରେ ବେଲମୁଣ୍ଡା, ତରେଇକେଲା, ରଘୁନାଥପାଲି, ନଗରାବାହାଲ, ଲରିଆପାଲି, ଯୁଗିଆଡିହି, ଧୁବେନବୁଡ଼, ସୋଡ଼ାମାଲ, କୁଲିତା ସମାସିଂହା ଏବଂ ସମାସିଂହା ଗ୍ରାମର କୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରବିବାର ଅପରାହ୍ନରେ ନାମ ସମାପନ, ନଗର ଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ମହାପ୍ରସାଦ ସେବନ ଓ ଭକ୍ତମହନ୍ତ ବିଦାୟ ସହ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ସୁପରଫାଷ୍ଟ କ୍ଲବ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂଜକ କ୍ଷୀରୋଦ ପୂଜାରୀ ପୂଜାକାର୍ଯ୍ୟ ତୁଲାଇଥିଲେ।



ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞରେ ନାମସଂକୀର୍ତ୍ତନ ପରିବେଷଣ କରାଯାଉଛି।

# ଆର୍ଟ ଅଫ୍ ଲିଭିଂ ପକ୍ଷରୁ ନବଚେତନା ଶିବିର

ରାଉରକେଲା ଅଫିସ,୨୮।୪

ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରାଧାକୃଷ୍ଣ ଲାଠିକଟା ଦୃଷ୍ଟିହୀନ ବିଦ୍ୟାଳୟଠାରେ ଗତ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ନବଚେତନା ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଆର୍ଟ ଅଫ୍ ଲିଭିଂର ଦକ୍ଷ ପ୍ରଶିକ୍ଷିକା ବବଲି ବଲବିନ୍ଦରଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ସ୍ୱେଚ୍ଛାସେବୀ ଟିମ୍ ପିଲାଙ୍କୁ ଧ୍ୟାନ, ପ୍ରାଣାୟାମ ସମେତ ଗୁରୁ ରବି ଶଙ୍କରଙ୍କ ଦ୍ୱାରା ପ୍ରଣିତ କେତେକ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରିଥିଲେ। ପ୍ରଜ୍ଞା ଚକ୍ଷୁ ପିଲାଙ୍କ ଦ୍ୱାରା ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ କୁମାରୀ ରଶ୍ମିଙ୍କ ଭଜନ ପରିବେଷଣ ଓ ବାଦ୍ୟଯନ୍ତ୍ର ଧ୍ୱନି ଦ୍ୱାରା ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ କୁହାଯାଇଥିଲା ଯେ ପ୍ରଜ୍ଞା ଯୋଗର ପ୍ରଶିକ୍ଷିକା ଡା. ଶୈଳଜା ଚନ୍ଦ୍ରାଙ୍କ ଦ୍ୱାରା ଆସନ୍ତା ଏପ୍ରିଲ ୩୦ ଓ ମେ ୧ରେ ବିଦ୍ୟାଳୟ ପିଲାଙ୍କୁ ସ୍ୱତନ୍ତ୍ର



ନବଚେତନା ଶିବିରରେ ପିଲାଙ୍କୁ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ଦ୍ୱାରା ସେମାନଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଂ ସ୍ୱେଚ୍ଛାସେବୀଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।